R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୭୩
ତିଥି : ତ୍ରୟୋଦଶୀ
୧୭ ଡିସେମ୍ବର ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 73
17 December 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur


## ଲୋକସଭାରେ ଭିବି-ଜି-ରାମ୍-ଜି ବିଲ୍

# ଗାନ୍ଧିଙ୍କ ନାଁ କଟାଯିବା ନେଇ ବିରୋଧୀଙ୍କ ହଙ୍ଗାମା




- ବିଲ୍‌କୁ ତୁରନ୍ତ ପ୍ରତ୍ୟାହାର କରାଯାଉ : ବିରୋଧୀ
- ଶ୍ରମ ଦିବସ ୧୨୫କୁ ବୃଦ୍ଧି ହୋଇଛି : ବିଜେପି
- ବିଲ୍‌କୁ ନେଇ ଟିଡିପିର ଆପତ୍ତି

ନୂଆଦିଲ୍ଲୀ, ୧୬ ।୧୨ : ମହାତ୍ମା ଗାନ୍ଧି ଜାତୀୟ ନିଶ୍ଚିତ ନିଯୁକ୍ତି ଯୋଜନା ଆଇନ୍‌କୁ ପ୍ରତିବଦଳରେ ବିକଶିତ ଭାରତ, ନିଯୁକ୍ତି ଗ୍ୟାରେଣ୍ଟି ଓ ଜୀବିକା ମିଶନ (ଗ୍ରାମିଣ) (ଭିବି-ଜି-ରାମ୍-ଜି) କୁ ଆଜି ଲୋକସଭାରେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂଚୌହାନ ଆଗତ କରିଥିଲେ । ୟୁପିଏ ସରକାର ସମୟରୁ ମହାତ୍ମା ଗାନ୍ଧିଙ୍କ ନାମରେ ଥିବା ଏହି ଗ୍ରାମିଣ ନିଯୁକ୍ତି ଯୋଜନାର ପରିବର୍ତ୍ତନ ପାଇଁ ଏହାକୁ ଆଗତ କରାଯାଇଛି । ବିଲ୍‌ଟି ଆଗତ ହେବାପରେ ବିରୋଧୀ ସାଂସଦମାନେ ଏହାକୁ ତୀବ୍ର ବିରୋଧ କରିଛନ୍ତି । କେବଳ ବିରୋଧୀ ଦଳ ସାଂସଦ ନୁହଁନ୍ତି ଏନ୍‌ଡିଏର ବଡ ଅଂଶୀଦାର ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମଧ୍ୟ ଏହି ବିଲ୍‌କୁ ନେଇ ଚିନ୍ତା ପ୍ରକଟ କରିଛି । କଗ୍ରେସ ସମେତ ବିରୋଧୀ ସାଂସଦମାନେ ସଂସଦ ପରିସରରେ ପ୍ଲାକାର୍ଡ ଧରି ବିଲ୍ ବିରୋଧରେ ଜୋରଦାର ବିକ୍ଷୋଭ କରିଛନ୍ତି । ମହାତ୍ମା ଗାନ୍ଧିଙ୍କ ନାଁ କଟିବାକୁ ନେଇ ସେମାନେ ଆପତ୍ତି ଦର୍ଶାଇଛନ୍ତି । ତୁରନ୍ତ ଏହାକୁ ପ୍ରତ୍ୟାହାର କରାଯାଉ ବୋଲି ଦାବି କରିଛନ୍ତି ।

ବିଲ୍‌ଟି ଆଗତ ହେବାମାତ୍ରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ଏହା ବିରୋଧରେ ତାଙ୍କ ମତ ରଖିଥିଲେ । କେନ୍ଦ୍ର ସରକାର (୯ ପୃଷ୍ଠାରେ)

# ପ.ବଙ୍ଗରେ ଚିଠା ଭୋଟର ତାଲିକାରୁ ୫୮ ଲକ୍ଷ ବାଦ୍

ନୂଆଦିଲ୍ଲୀ, ୧୬ ।୧୨ : ବିଧାନସଭା ନିର୍ବାଚନ ହେବାକୁଥିବା ପଶ୍ଚିମବଙ୍ଗରେ ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର) ଆରମ୍ଭ ହୋଇଛି । ଏହି ପ୍ରକ୍ରିୟାରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି । ଚିଠା ଭୋଟର ତାଲିକାରେ ୫୮ ଲକ୍ଷଙ୍କ ନାମ ବାଦ୍ ପଡ଼ିଛି । ଯେଉଁଥିରେ ୨୪ ଲକ୍ଷ ମୃତ ଭୋଟର, ୧୯ ସ୍ଥାନାନ୍ତର ଓ ୧୨ ଲକ୍ଷ ନିଖୋଜ ଅଛନ୍ତି ।

ପ୍ରଥମ ପର୍ଯ୍ୟାୟର ଏସ୍‌ଆଇଆରର ଚିଠା ତାକିକା ଉପରେ ଯେଉଁ ଭୋଟରଙ୍କ ନାମ ନଥିବ ସେମାନେ ଏହାର ସଂଶୋଧନ ପାଇଁ ଆପତ୍ତି କରିପାରିବେ । ଆସନ୍ତାବର୍ଷ ଫେବୃଆରୀରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ଘୋଷଣା ହୋଇପାରେ । ୨୦୦୨ରେ ପଶ୍ଚିମବଙ୍ଗରେ ଏସ୍‌ଆଇଆର କରାଯାଇଥିଲା । ତୃଣମୂଳ ସାଂସଦ ସ୍ୱାଗତ ରାୟ ୫୮ ଲକ୍ଷଙ୍କ ନାମ କଟିବାକୁ ଅନ୍ୟାୟ ବୋଲି ଦର୍ଶାଇଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ପଶ୍ଚିମବଙ୍ଗର ପ୍ରକୃତ ମତଦାତାଙ୍କ ନାମ ଭୋଟର ତାଲିକାରୁ କାଟିବା ପାଇଁ ବିଜେପିର ଏହା ଏକ ଷଡ଼ଯନ୍ତ୍ର । ଦଳ ପକ୍ଷରୁ ପ୍ରତି ବୁଥ୍ ନିକଟରେ ଭୋଟର ସହାୟତା କେନ୍ଦ୍ର କରାଯାଇଛି ଏବଂ ସେମାନଙ୍କୁ ସେମାନଙ୍କ ନାଁ ତାଲିକାଭୁକ୍ତ କରିବାକୁ ସାହାଯ୍ୟ କରାଯିବ । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କଂଗ୍ରେସ ପକ୍ଷରୁ ନିର୍ବାଚନ କମିଶନଙ୍କର ଏସ୍‌ଆଇଆରକୁ ବିରୋଧ କରାଯାଇଛି । କିଛିଦିନ ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ କ୍ରିଷ୍ଣା ନଗରରେ ଏକ ରାଲି କରି ଯେଉଁ ଭୋଟରଙ୍କ ନାମ କଟିବ ରାସ୍ତାକୁ ଓହ୍ଲାଇବାକୁ ଆହ୍ୱାନ ଦେଇଥିଲେ । ଏସ୍‌ଆଇଆର ନାଁରେ ଆମ ମା' ଓ (୯ ପୃଷ୍ଠାରେ)

## ଭାରତ-ଜୋର୍ଡାନ ବ୍ୟବସାୟିକ ଫୋରମ

# ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଯୋଗୁଁ ନୂଆ ଆର୍ଥିକ କରିଡର



ନୂଆଦିଲ୍ଲୀ, ୧୬ ।୧୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜୋର୍ଡାନର ରାଜା ଅବଦୁଲ୍ଲା ଦ୍ୱିତୀୟ ଆଜି ଅମ୍ମାନରେ ଭାରତ-ଜୋର୍ଡାନ ବ୍ୟବସାୟିକ ଫୋରମକୁ ସମ୍ବୋଧିତ କରିଥିଲେ । ଏହି ବୈଠକରେ ଜୋର୍ଡାନର କ୍ରାଉନ ପ୍ରିନ୍ସ ହୁସେନ ଏବଂ ସେଠାକାର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ତଥା ନିବେଶ ମନ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ । ରାଜା ଅବଦୁଲ୍ଲା ଦ୍ୱିତୀୟ ଏବଂ ପ୍ରଧାନମନ୍ତ୍ରୀ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କକୁ ସୁଦୃଢ଼ କରିବାର ଗୁରୁତ୍ୱକୁ ସ୍ୱୀକାର କରିଥିଲେ । ଉଭୟ ନେତା ପ୍ରଗତି ଏବଂ ସମୃଦ୍ଧି ହାସଲ କରିବା ପାଇଁ ଏହି କ୍ଷେତ୍ରରେ ସମ୍ଭାବନା ଏବଂ ସୁଯୋଗକୁ ଉପଯୋଗ କରିବାକୁ ଉଭୟ ପକ୍ଷର ଶିଳ୍ପପତିମାନଙ୍କୁ ଆହ୍ୱାନ କରିଛନ୍ତି । ରାଜା ଅବଦୁଲ୍ଲା ଦ୍ୱିତୀୟ କହିଛନ୍ତି ଯେ, ଜୋର୍ଡାନର ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଏବଂ ଭାରତର ଆର୍ଥିକ ଶକ୍ତିକୁ ମିଶ୍ରଣ କରି ଦକ୍ଷିଣ ଏସିଆ ଏବଂ ପଶ୍ଚିମ ଏସିଆ ତଥା ଅନ୍ୟ (୯ ପୃଷ୍ଠାରେ)

# ସୋନିଆ, ରାହୁଲଙ୍କୁ ନ୍ୟାସନାଲ ହେରାଲ୍ଡ ମାମଲାରେ ଆଶ୍ୱସ୍ତି




ନୂଆଦିଲ୍ଲୀ, ୧୬ ।୧୨ : ନ୍ୟାସନାଲ ହାରାଲ୍ଡ ମାମଲାରେ କଂଗ୍ରେସ ନେତା ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କୁ ବଡ ଆଶ୍ୱସ୍ତି ମିଳିଛି । ଦିଲ୍ଲୀର ଏକ କୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟ୍‌କୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି । ରୋଜଆଭିନ୍ୟୁ କୋର୍ଟର ସ୍ୱତନ୍ତ୍ର ଜଜ୍ ବିଶାଲ ଗୋଗ୍ନେ ଏହି ନିଷ୍ପତ୍ତି ନେଇଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଇଡି ଯାହା ଅଭିଯୋଗ ଆଣିଛି ତାହା ଆଇନକୁ ସିଦ୍ଧହସ୍ତ କରୁନାହିଁ । ଏତଲାରେ ପିଏମ୍‌ଏଲ୍‌ଏର ଥିବା ଧାରାକୁ ମଧ୍ୟ ଅନୁସରଣ କରାଯାଇନାହିଁ ।

ଅଦାଲତ ସ୍ପଷ୍ଟ କରିଥିଲେ ଯେ ଇଓଡବ୍ଲ୍ୟୁ (୯ ପୃଷ୍ଠାରେ)

# ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫ : ୪୫ ଏମ୍‌ଓୟୁ ସ୍ୱାକ୍ଷର




ଭୁବନେଶ୍ୱର, ୧୬ ।୧୨ (ସବ୍ୟୁ) : ଗୁଣାତ୍ମକ ଔଷଧ ଉତ୍ପାଦନ ଏବଂ ଚିକିତ୍ସା ପାଇଁ ଉନ୍ନତ ମାନର ଡ଼ିଭାଇସ ପ୍ରସ୍ତୁତ କରି ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଫାର୍ମା କେନ୍ଦ୍ର ଭାବରେ ଉଭା ହେବା ପାଇଁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ସ୍ଥିତ ହୋଟେଲ ତାଜ ଭିଭାନ୍ତା ଠାରେ ଆୟୋଜିତ ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫କୁ ସମ୍ବୋଧନ କରି କହିଛନ୍ତି ।

ସୂଚନା ଯୋଗ୍ୟଯେ ଉକ୍ତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସମୁଦାୟ ୬,୨୬୩ କୋଟି ଟଙ୍କାର ୪୫ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି, ଯାହା ରାଜ୍ୟରେ ସମୁଦାୟ ୩୮,୪୦୬ ନିଯୁକ୍ତି ସୃଷ୍ଟି କରିବ । ସେଥି ମଧ୍ୟରୁ ଫର୍ମାସ୍ୟୁଟିକାଲସ ପାଇଁ ୩୨ଟି ବୁଝାମଣାପତ୍ର, ମେଡିକାଲ ଉପକରଣ ପାଇଁ ୧୨ଟି ବୁଝାମଣାପତ୍ର ଏବଂ ଏକ ଲ୍ୟାଣ୍ଡମାର୍କ ଶିଳ୍ପ ପାର୍କ ପ୍ରସ୍ତାବ ପାଇଁ ଆଉ ଗୋଟିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ, ଓଡ଼ିଶା ଫର୍ମାସ୍ୟୁଟିକାଲ ଏବଂ ମେଡିକାଲ ଡ଼ିଭାଇସ ନୀତି ୨୦୨୫ର ଶୁଭାରମ୍ଭ କରିବା ସହିତ ଖୋର୍ଦ୍ଧା ଠାରେ ଗୋଟିଏ ଉତ୍ସର୍ଗୀକୃତ ଫାର୍ମା ପାର୍କ ତଥା ଏକ ମେଡିକାଲ ଡ଼ିଭାଇସେସ୍ ପାର୍କ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାକୁ ନିବେଶକ ମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ କରିବାକୁ ସରକାର ସମସ୍ତ ପ୍ରକାର ଆବଶ୍ୟକତାକୁ (୯ ପୃଷ୍ଠାରେ)

# ଅସୁରକ୍ଷିତ ହେଉଛି ପର୍ଯ୍ୟଟନସ୍ଥଳୀ

ଭୁବନେଶ୍ୱର, ୧୬ ।୧୨ (ସବ୍ୟୁ) : ରାଜ୍ୟରେ ଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକ ଦିନକୁ ଦିନ ଅସୁରକ୍ଷିତ ହୋଇପଡୁଛି । ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ଘଟଣା କିଛିଦିନ ତଳେ

### ଧଉଳି ଗଣଦୁଷ୍କର୍ମ ଘଟଣାରେ ଦୁଇ ଗିରଫ, ୩ ଫେରାର

ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଗତକାଲି ଧଉଳିରେ ସମାନ ଘଟଣାର ପୁନରାବୃତ୍ତି ଘଟିଛି । ସନ୍ଧ୍ୟା ସମୟରେ ପର୍ଯ୍ୟଟନସ୍ଥଳୀରେ ଆଉ ରହିବାକୁ ପର୍ଯ୍ୟଟକ ଉଚିତ ମଣୁନାହାନ୍ତି ।

ଶୀତଦିନେ ପର୍ଯ୍ୟଟକମାନଙ୍କ ଗହଳି ଜମୁଥିବାବେଳେ ପୋଲିସ ନିଷ୍କ୍ରିୟତା ପରିଲକ୍ଷିତ ହେଉଛି । ପାଟ୍ରୋଲିଂ ହେଉନାହିଁ କିମ୍ବା ପର୍ଯ୍ୟଟନସ୍ଥଳୀରେ ପୋଲିସ ସେପରି ମୁତୟନ ହେଉନାହାନ୍ତି । ୧୦ ତାରିଖ ଦିନ ପର୍ଯ୍ୟଟନସ୍ଥଳୀ ଧଉଳିରୁ ଫେରୁଥିବା ନାବାଳିକା ଗଣଦୁଷ୍କର୍ମ ଶିକାର ହୋଇଛନ୍ତି । ତାଙ୍କ ପୁରୁଷ ବନ୍ଧୁଙ୍କୁ ବାନ୍ଧି ଜଣକ ପରେ ଜଣେ ଦୁଷ୍କର୍ମ କରି ଭିଡ଼ିଓ ସୁଟିଂ କରିଥିଲେ ।

ପୋଲିସ ସେହି ମାମଲାରେ (୯ ପୃଷ୍ଠାରେ)

### ଘଟଣା ଘଟିବା ପୂର୍ବରୁ ରୋକାଯାଉ : ନବୀନ

ଭୁବନେଶ୍ୱର, ୧୬ ।୧୨ (ସବ୍ୟୁ) : ଭୁବନେଶ୍ୱରରେ ନାବାଳିକା ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସ୍ପର୍ଶକାତର ଓ ବିଚଳିତ କରିଦେବାଭଳି ବିଷୟ । ବର୍ବରତା ଓ ଅରାଜକତା ସୀମା ଟପୁଛି ଓ ରାଜଧାନୀ ଅସୁରକ୍ଷିତ ହୋଇପଡୁଛି ବୋଲି ବିରୋଧୀ ଦଳ ନେତା ନବୀନ (୯ ପୃଷ୍ଠାରେ)


# ଖୋଲା ବଜାରରେ ଚାଷୀ ବିକିଲେ ଧାନ



ସମ୍ବଲପୁର, ୧୬ ।୧୨ (ସବ୍ୟୁ): ସମ୍ବଲପୁର ଜିଲ୍ଲାରେ ଟୋକନ ସମସ୍ୟା ଦେଖା ଦେଇଛି। ଏଥିଯୋଗୁଁ ଚାଷୀ ନିଜର କଷ୍ଟ ଉପାର୍ଜିତ ଧାନ ବିକ୍ରି କରିପାରୁ ନାହିଁ । ଫଳରେ ଖଳା ଓ ମଣ୍ଡିରେ ଧାନ ପଡି ରହିଛି। ଏହାକୁ ବିରୋଧ କରି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଅଭିନବ ପ୍ରତିବାଦ କରାଯାଇଛି ।

ମଙ୍ଗଳବାର ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀ ଖୋଲା ବଜାରରେ ଧାନ ବିକ୍ରି କରିଛି। ଏହାକୁ ନେଇ ବିଜେପି ଓ ବିଜେଡି ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଥିଲା। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀ ତାଙ୍କ ସମର୍ଥକଙ୍କ ସହ ପ୍ରତିବାଦ ସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ମିଶି ଧାନ ବିକ୍ରି କରିଥିଲେ। ଦୀର୍ଘ ସମୟ ପ୍ରତିବାଦ ପରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ତାଙ୍କ ସମର୍ଥକଙ୍କ ସହ ଆସି ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ (୯ ପୃଷ୍ଠାରେ)




## ଆଜି ଜନ୍ମଦିନ

# ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ବାରିପଦାଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲେ । ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ ଥିଲେ । ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ । ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ୧୭ ଡିସେମ୍ବର ୧୮୭୦ରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଏକ ରାଜ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା କୃଷ୍ଣଚନ୍ଦ୍ର ଭଞ୍ଜ । ମହାରାଜାଙ୍କ ବାଲ୍ୟଶିକ୍ଷା ବାରିପଦାରେ ସମାପ୍ତ ହୋଇଥିଲା । ମାତ୍ର ୯ ବର୍ଷ ବୟସରେ ସେ ପିତୃହରା ହୋଇଥିଲେ । ପିତାଙ୍କ ମୃତ୍ୟୁ ପରେ ତତ୍କାଳୀନ ମୟୂରଭଞ୍ଜ ରାଜ୍ୟର ଛୋଟ ଲାଲ୍‌ସାହେବଙ୍କ ସହାୟତାରେ ସେ ବିଦ୍ୟା ଅଧ୍ୟୟନ କରିଥିଲେ । ଶ୍ରୀରାମଚନ୍ଦ୍ର ଏହାପରେ ମୟୂରଭଞ୍ଜରୁ ଯାଇ କଟକରେ ଥିବା ମୟୂରଭଞ୍ଜ ଭବନରେ ଗୁରୁ ବ୍ରେଟାମ୍ କିଡ଼େଲ୍ ସାହାବଙ୍କ ପାଖରେ ଦୀର୍ଘ ୧୨ବର୍ଷ କାଳ ରହି ବିଦ୍ୟା ଅଧ୍ୟୟନ କରିଥିଲେ । ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଖୁବ୍ ଭଲଭାବେ ଜଣାଥିଲା । ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ । ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା । ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ । ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତା ଥିଲେ । ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁଙ୍କ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲାଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ । ତାଙ୍କ ନାମ ଅନୁସାରେ କଟକରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ସ୍ଥାପନା କରାଯାଇଅଛି । ଓଡ଼ିଶାର ଉନ୍ନତି ପାଇଁ ସେ ଅନେକ କାର୍ଯ୍ୟ କରିଛନ୍ତି ଯାହା ତାଙ୍କୁ ଆଜି ବି ଲୋକଙ୍କ ସ୍ମୃତିରେ ଜୀବନ୍ତ ରଖିଛି । ତେବେ ଏହି ବିଶିଷ୍ଟ ବ୍ୟକ୍ତିଙ୍କର ୧୯୧୨ ମସିହା ଫେବୃଆରୀ ମାସ ୨୨ତାରିଖରେ ଦେହାନ୍ତ ହୋଇଥିଲା ।

୧୬୪୫– ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ପତ୍ନୀ ନୁରଜହାଁ ବେଗମଙ୍କ ଦେହାନ୍ତ ।
୧୭୧୫– ପ୍ରମୁଖ ଶିଖ୍ ବ୍ୟକ୍ତିତ୍ୱ ବାହାଦୂର ବୈରାଗୀ ଗୁରୁଦାସପୁରରେ ମୋଗଲଙ୍କ ସମ୍ମୁଖରେ ଆତ୍ମସମର୍ପଣ କଲେ ।
୧୮୦୩– ଓଡ଼ିଶା ଉପରେ ଇଷ୍ଟ ଇଣ୍ଡିଆ କମ୍ପାନୀର କବ୍‌ଜା ।
୧୯୦୨–ଇଟାଲୀର ପ୍ରସିଦ୍ଧ ଆବିଷ୍କାରକ ମାର୍କୋନୀ ପ୍ରଥମ ରେଡ଼ିଓ ଷ୍ଟେସନ ନିର୍ମାଣ କଲେ ।
୧୯୦୩– ରାଇଟ୍ ଫ୍ରେଣ୍ଡ୍ସ ପ୍ରଥମ ଥର ପାଇଁ ଦି ଫ୍ଲାୟର ନାମକ ଏକ କାନ୍ତିକାରୀ ବିମାନ ଉଡ଼ାଇଲେ ।
୧୯୨୭– ପ୍ରମୁଖ ଭାରତୀୟ କ୍ରାନ୍ତିକାରୀ ରାଜେନ୍ଦ୍ରନାଥ ଲୋହିଡ଼ିଙ୍କୁ ନିର୍ଦ୍ଧାରିତ ସମୟର ଦୁଇଦିନ ପୂର୍ବରୁ ବ୍ରିଟିଶ ସରକାରଙ୍କ ଦ୍ୱାରା ଫାଶି ଦିଆଗଲା ।
୧୯୨୮– ଭଗତ ସିଂହ, ରାଜଗୁରୁ ଓ ସୁଖଦେବ ଲାଲା ଲଜପତ ରାୟଙ୍କ ହତ୍ୟାର ପ୍ରତିଶୋଧ ନେଲେ ।
୧୯୩୧– କୋଲକାତାରେ ଭାରତୀୟ ପରିସଂଖ୍ୟାନ ସଂସ୍ଥାର ସ୍ଥାପନା କରାଗଲା ।
୧୯୪୦– ମହାତ୍ମା ଗାନ୍ଧିଙ୍କ ଦ୍ୱାରା ସତ୍ୟାଗ୍ରହ ଆନ୍ଦୋଳନ ସ୍ଥଗିତ କରାଗଲା ।
୧୯୭୧– ଭାରତ–ପାକିସ୍ତାନ ଯୁଦ୍ଧ ସମାପ୍ତ ।
୧୯୯୬– ନ୍ୟାସସାଲ ଫୁଟବଲ ଲିଗ୍‌ର ଶୁଭାରମ୍ଭ ହେଲା ।

## ଶିରା ସଫା କରିବ ରୋବଟ



ଆଜିକାଲି ରୋବଟକୁ ଶିକ୍ଷା, ସ୍ୱାସ୍ଥ୍ୟ, କାର୍ଯ୍ୟାଳୟ, ଶିଳ୍ପ ଭଳି ଅନକ କ୍ଷେତ୍ରରେ ବ୍ୟବହାର କରାଯାଉଛି । ବିଭିନ୍ନ କାର୍ଯ୍ୟକୁ ରୋବଟ ସହାୟତାରେ ସମ୍ପାଦନ କରାଯାଉଛି । ସେହିଭଳି ଏକ ରୋବଟ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । ସୁଇଜରଲାଣ୍ଡର ବୈଜ୍ଞାନିକମାନେ ଏକ ମିନି ରୋବଟର ଉଦ୍ଭାବନ କରିଛନ୍ତି, ଯିଏ ମଣିଷର ଶିରା ପ୍ରସିରାକୁ ସଫା କରି ବ୍ଲକେଜ ହଟାଇବାରେ ସକ୍ଷମ । ଏହି ମିନି ରୋବଟ ରକ୍ତ ସହାୟତାରେ ଶରୀରରେ ପ୍ରବାହିତ ହୋଇ ବ୍ଲକେଜ ହୋଇଥିବା ସ୍ଥାନରେ ପହଞ୍ଚିବ, ଏବଂ ସଠିକ ଚିକିତ୍ସା କରିବାରେ ସକ୍ଷମ ହେବ । ଏହି ମନକୁ ମନ ଚାଲିବ ନାହିଁ ଏହାକୁ ଚିକିତ୍ସକମାନେ ଚୁମ୍ବକ ସହାୟତାରେ ନିୟନ୍ତ୍ରଣ କରିବେ । ଏହି ରୋବଟରେ ଔଷଧ ମଧ୍ୟ ପୂର୍ବରୁ ରଖାଯିବ । ଏହାର ସ୍ୱତନ୍ତ୍ରତା ଏହା କି ଏହି ରୋବଟଟି ଶରୀରର ସ୍ଥାନରେ ପହଞ୍ଚିବା ପରେ ମନକୁ ମନ ତରଳିଯିବ । ଏହା ରକ୍ତର ବୀପରିତ ଦିଗରେ ମଧ୍ୟ ପହଁରି ପାରିବ, ତେଣୁ ଏହା ଶରୀରର ସମସ୍ତ ଭାଗରେ ପହଞ୍ଚିବାରେ ସକ୍ଷମ ହେବ । ଏହା ଗୋଟିଏ ସେକେଣ୍ଡରେ ୨୦ ସେଣ୍ଟିମିଟର ପହଁରିବାରେ ସକ୍ଷମ । ଏହି ରୋବଟର ବ୍ୟବହାରରେ କିଛି ଇଞ୍ଜେକସନ୍‌ର ବ୍ୟବହାର କମିବ ବୋଲି ବୈଜ୍ଞାନିକ ଆଶା ରଖିଛନ୍ତି । ଘୁଷୁରୀ ଉପରେ କରାଯାଇଥିବା ପରୀକ୍ଷାରେ ଜଣା ପଡିଛି କି ଏହା ୯୫ ପ୍ରତିଶତ ସଠିକ ଭାବେ କାମ କରିବ । ଆଗକୁ ଏହାକୁ ମନୁଷ୍ୟଙ୍କ ଉପରେ ମଧ୍ୟ ପରୀକ୍ଷଣ କରାଯିବ ବୋଲି ସୂଚନା ରହିଛି ।

## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

# କବିଶେଖର ଚିନ୍ତାମଣି ମହାନ୍ତି



ଜଣେ ବିଶିଷ୍ଟ ଓଡ଼ିଆ କବି, ଲେଖକ ଓ ଶିକ୍ଷକ ଭାବେ ପ୍ରସିଦ୍ଧି ଲାଭ କରିଥିଲେ କବିଶେଖର ଚିନ୍ତାମଣି ମହାନ୍ତି । ତାଙ୍କ ଜନ୍ମ ୧୬ ମାର୍ଚ୍ଚ ୧୮୬୭ ମସିହାରେ ଭଦ୍ରକ ଭଦ୍ରକ ଅନ୍ତର୍ଗତ ଅସ୍ତୁଳଠାରେ ହୋଇଥିଲା । ସର୍ବଦା ତାଙ୍କର କାବ୍ୟକବିତାର ଆଧାର ରହୁଥିଲା ଉତ୍କଳର ପ୍ରକୃତି । ୧୯୩୫ ମସିହାରେ ମହାରାଜା ବିକ୍ରମଦେବ ବର୍ମାଙ୍କ ଉଦ୍ୟମରେ ବିଶାଖାପାଟଣା ଅନ୍ତର୍ଗତ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ 'କବିଶେଖର' ଉପାଧି ମିଳିଥିଲା । ତାଙ୍କ ସାହିତ୍ୟରେ ରାଧାନାଥ ରାୟଙ୍କ ପ୍ରଭାବ ଅନେକାଂଶରେ ଦେଖିବାକୁ ମିଳିଥାଏ । ତାଙ୍କ ବିଶିଷ୍ଟ ରଚନାଗୁଡ଼ିକ ମଧ୍ୟରୁ 'ମହେନ୍ଦ୍ରଗିରି' ଅନ୍ୟତମ ଏବଂ ସେଥିରେ ରାଧାନାଥଙ୍କ ଚିଲିକା ଖଣ୍ଡକାବ୍ୟର ପ୍ରଭାବ ରହିଥିବାର ନଜିର ଅଛି । ଏହାସହ ସେ ସୁରଙ୍ଗୀ, ଉଦ୍ୟାନଖଣ୍ଡ, ବିକ୍ରମାଦିତ୍ୟ, ମୁକୁନ୍ଦଦେବ ଓ ସୁଭଦ୍ରା ଆଦି କାବ୍ୟଗ୍ରନ୍ଥ, ପତ୍ର–ପୁଷ୍ପ ଛୋଟ କବିତାସଂଗ୍ରହ, ଏବଂ ଓଡ଼ିଶାର ସାମାଜିକ ସଂସ୍କାର ଉପରେ ଆଧାରିତ ଶନିସପ୍ତା ଓ ଟଙ୍କାଗଛ ଆଦି ଉପନ୍ୟାସ ରଚନା କରିଛନ୍ତି । ତାଙ୍କର ପୁତ୍ର ଉପେନ୍ଦ୍ର ପ୍ରସାଦ ମହାନ୍ତି ଭଦ୍ରକ ହାଇସ୍କୁଲରେ ପ୍ରଧାନଶିକ୍ଷକ ଥିଲେ ଏବଂ ଜଣେ କବି ଭାବେ ସୁପରିଚିତ । ତାଙ୍କ କାବ୍ୟ 'ଦୀଲିପ' ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରଥମ କାବ୍ୟ ଓ କବିତା ବିଭାଗରେ ପୁରସ୍କାର ଲାଭ କରିଥିଲା । ୧୯୪୩ ମସିହା ଡିସେମ୍ବର ୧୭ରେ ଏହି ମହାନ କବିଙ୍କର ଦେହାନ୍ତ ହୋଇଥିଲା ।

## ସୋସିଆଲ କୋଟ୍ସ



"ଧୁରନ୍ଧର ଫିଲ୍ମ ଖୁବ ଭଲ ହୋଇଛି । ଖୁବଶୀଘ୍ର ଏହାର ଦ୍ୱିତୀୟ ଭାଗ ରିଲିଜ କରନ୍ତୁ । ଏହାକୁ ଦେଖିବାକୁ ମୁଁ ଅପେକ୍ଷା କରିଛି । ଧୁରନ୍ଧର ବାରମ୍ବାର ବାରମ୍ବାର ଦେଖିବାକୁ ଇଚ୍ଛା ।
ଶ୍ରଦ୍ଧା କପୁର, ଅଭିନେତ୍ରୀ



"ସ୍କ୍ରିପ୍ଟ ଯେତେବେଳେ ପଢିଥିଲି, ସେତେବେଳେ ମୋତେ ଏହା ଖୁବ ଗମ୍ଭୀର, ଟେନସନରେ ଭରପୂର ଲାଗିଥିଲା । କମେଡି ନଥିଲା । ସେଥିପାଇଁ ମୁଁ ଏଥିରେ କିଛି କମେଡି ଆଡ କରିଥିଲି ।
ରାକେଶ ବେଦି, ଅଭିନେତା



"ତାମିଲ ଇଣ୍ଡଷ୍ଟ୍ରୀରେ କାମ ପାଇବା ମୋ ପାଇଁ ଖୁବ ସଂଘର୍ଷପୂର୍ଣ୍ଣ ଥିଲା । ଏଠାରେ କାମକୁ ନେଇ ଖୁବ ଅଧିକ ଏକତା ରହିଛି, ଯାହା ମୋତେ ତେଲୁଗୁ ଇଣ୍ଡଷ୍ଟ୍ରୀରେ ହଜିଲା ପରି ଲାଗିଥାଏ ।
ଥାମନ ଏସ୍, ସିଙ୍ଗର



## ଫ୍ୟାନଙ୍କ ପାଇଁ ଖୁସି ଖବର

ଅଭିନେତ୍ରୀ ବିଦ୍ୟା ବାଲାନ ନିଜ ଫ୍ୟାନଙ୍କ ପାଇଁ ଏକ ଖୁସି ଖବର ନେଇ କି ଆସିଛନ୍ତି । ଖୁବଶୀଘ୍ର ତାଙ୍କୁ ଏକ ନୂଆପ୍ରୋଜେକ୍ଟରେ ଦେଖିବାକୁ ମିଳିବ । ତାଙ୍କୁ ଆଗକୁ ଫିଲ୍ମ ଜେଲରର ସିକୁଏଲରେ ଦର୍ଶକ ଦେଖିବାକୁ ପାଇବେ । ଜେଲରର ପ୍ରଥମ ଭାଗକୁ ଦର୍ଶକ ଖୁବ ଭଲପାଇବା ଦେଇଥିଲେ, ଏହାର ବକ୍ସ ଅଫିସ କଲେକ୍ସନ ୬୦୦ କୋଟିରୁ ଅଧିକ ହୋଇଥିଲା । ବିଦ୍ୟାଙ୍କ କାଷ୍ଟିଂ ନେଇ ଔପଚାରିକ ଭାବେ ଘୋଷଣା ମଧ୍ୟ ସରିଛି । ଏହି ଫିଲ୍ମରେ ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ମିଳିବ । ବିଦ୍ୟା ଏଥିରେ ସାଉଥ ସୁପର ଷ୍ଟାର ରଜନୀକାନ୍ତଙ୍କ ସହିତ ସ୍କ୍ରିନ ସେୟାର କରିବେ । ଫିଲ୍ମଟି ୨୦୨୬ ଅଗଷ୍ଟ ମାସରେ ପରଦାକୁ ଆସିବ ବୋଲି ସୂଚନା ମିଳିଛି । ଏହାର ନିର୍ଦ୍ଦେଶନା ନେଲସନ ଦୀପକ କୁମାର ଦେଇଥିବାବେଳେ ପ୍ରଯୋଜନା ସନ୍ ପିକ୍‌ଚର୍ସ କରିଛନ୍ତି । ଏଥିରେ ରଜନୀକାନ୍ତଙ୍କୁ ତାଙ୍କ ଆଇକନିକ ଚରିତ୍ର ଟାଇଗର ମୁଥୁଭେଲ ପାଣ୍ଡିଆନରେ ଦେଖିବାକୁ ମିଳିବ । ମୁଖ୍ୟ ଚରିତ୍ର ଛଡା କେମିଓରେ ଦର୍ଶକ ମୋହନଲାଲ, ଶିବ ରାଜକୁମାର, ନନ୍ଦମୁରୀ ବାଲାକ୍ରିଷ୍ଣା ଓ ମିଥୁନ ଚକ୍ରବର୍ତ୍ତୀଙ୍କୁ ଦେଖିବେ । ଫିଲ୍ମଟି ଖୁବ ବଡ ହେବ ଏବଂ ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି ।

## ୨୬ ଫୁଟ ଲମ୍ବର ସାର୍କ

ବୈଜ୍ଞାନିକଙ୍କୁ ଅନେକ ସମୟରେ ଏଭଳି ପଶୁ କିମ୍ବା ପୁରୁଣା ସାମଗ୍ରୀର ସନ୍ଧାନ ମିଳିଥାଏ ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ସେହିଭଳି ଏକ ସାର୍କ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏହାକୁ ସର୍ବପୁରାତନ ସାର୍କଭାବେ ପରିଗଣିତ କରାଯାଉଛି, ଯାହା ୧୧୫ ମିଲିଅନ ବର୍ଷପୂର୍ବେ ପୃଥିବୀରେ ବାସ କରୁଥିଲା । ବୈଜ୍ଞାନିକଙ୍କ ମତରେ ଏହି ସାର୍କଟି ପାଖାପାଖି ୨୬ ଫୁଟ ଲମ୍ବା ପର୍ଯ୍ୟନ୍ତ ବଢିପାରୁଥିଲା । ହେଲେ ବର୍ତ୍ତମାନର ଗ୍ରେଟ ହ୍ୱାଇଟ୍ ସାର୍କମାନେ ୨୦ ଫୁଟ ପର୍ଯ୍ୟନ୍ତ ବଢିପାରୁଛନ୍ତି । ସୂଚନା ଅନୁସାରେ ୪୦୦ ମିଲିଅନ ବର୍ଷରୁ ପୃଥିବୀରେ ସାର୍କ ରହୁଛନ୍ତି । ସେହିଭଳି ଜୀବାଶ୍ମ ରେକର୍ଡ ଅନୁସାରେ ୧୩୫ ମିଲିଅନ ବର୍ଷ ପୂର୍ବେ ଗ୍ରେଟ ହ୍ୱାଇଟ ସାର୍କ ଦେଖିବାକୁ ମିଳିଥିଲେ । ସେହି ସମୟରେ ଏହି ସାର୍କ ମାନେ ଆକାରରେ ଛୋଟ ଥିଲେ, ଧୀରେଧୀରେ ଏମାନଙ୍କର ଆକାର ବଢିବାରେ ଲାଗିଥିଲା । ତେଣୁ ସେତେବେଳେ ପୃଥିବୀରେ ୨୬ ଫୁଟର ସାର୍କ ରହୁଥିଲେ ବୋଲି ଏହି ଗବେଷଣାରେ ଜଣା ପଡିଛି ।





## ଆଜିର ପଞ୍ଜିକା

ପୌଷମାସ କୃଷ୍ଣପକ୍ଷ ତ୍ରୟୋଦଶୀ
ତା–୧୭–୧୨–୨୦୨୫ ବୁଧବାର



ପଣ୍ଡିତ– ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

**ମେଷ –** ଆର୍ଥିକ ଲାଭ, କର୍ମକ୍ଷେତ୍ରେ ବିଷାଦ, ବ୍ୟବସାୟ ମଧ୍ୟମ, ଶତ୍ରୁ ବୃଦ୍ଧି, ପାରିବାରିକ ସହଯୋଗ, କିଛି କିଣାକିଣି କରିବେ, କାର୍ଯ୍ୟରେ ବିଳମ୍ବ, ଶରୀର ସୁସ୍ଥ, ଉତ୍ସବରେ ଅତିଥି ଆଗମନ, ପିଲାଙ୍କ କାର୍ଯ୍ୟେ ଖୁସି, କୃତ୍ତିକା ନକ୍ଷତ୍ର ସତର୍କ ରହିବେ, ଶୁଭ ରଙ୍ଗ–ନାଲି, ସଂଖ୍ୟା–୫, ଆରାଧନା ହନୁମାନ ।

**ବୃଷ–** ବନ୍ଧୁଗୃହେ ଯାତ୍ରା, ତୀର୍ଥାଟନ, ବାଣିଜ୍ୟରେ ମନାନ୍ତର, ନୂତନ ଲାଭ ଆଶା, ପରିଶ୍ରମ ଅଧିକ, ପାରିବାରିକ ସୁଖ, କ୍ଷମତାସୀନ ବ୍ୟକ୍ତିଙ୍କ ସହଯୋଗ, ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ, ପୁରାତନ ଦ୍ରବ୍ୟ ଲାଭ, କର୍ମକ୍ଷେତ୍ରେ ସମାଧାନ, ରୋହିଣୀ ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଧଳା, ସଂଖ୍ୟା–୪, ଆରାଧନା ଉଗ୍ରତାରା ।

**ମିଥୁନ–** ଅର୍ଥହାନି, ବ୍ୟବସାୟରେ ସ୍ୱଳ୍ପ ସନ୍ତୁଷ୍ଟ, ପାରିବାରିକ ଖୁସି, ଦ୍ରବ୍ୟନଷ୍ଟ, ଅଭିଳାଷ ପୂର୍ଣ୍ଣ, ଲୋକସମ୍ପର୍କ ବୃଦ୍ଧି, ନ୍ୟାୟିକ ବ୍ୟବସ୍ଥାରେ ଅସନ୍ତୁଷ୍ଟ, ନୂତନ ନିଯୁକ୍ତି, ତୀର୍ଥାଟନ, ଶରୀର ସୁସ୍ଥ, ସ୍ୱାଦିଷ୍ଟ ଭୋଜନ, ଭାତୃ ଭଗ୍ନୀଙ୍କ ସହ ମନାନ୍ତର, ଆଦ୍ରା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ– ହଳଦୀ, ସଂଖ୍ୟା–୨, ଆରାଧନା– ବଗବାନ ରୁଦ୍ର ।

**କର୍କଟ–** କଳହ, ମନସ୍ତାପ, ସମ୍ପର୍କହାନି, ଅର୍ଥ ସମସ୍ୟା ରହିବ, ବନ୍ଧୁ ସହଯୋଗ, ବ୍ୟବସାୟରେ ଅଯଥା ଖର୍ଚ୍ଚ, ସ୍ୱାସ୍ଥ୍ୟ ସମସ୍ୟା, ଦ୍ରବ୍ୟଲାଭ, ମନରେ ଅସ୍ଥିତରତା, ଗୃହଶତ୍ରୁ, ଗାଡ଼ିଚାଳନାରେ ସାବଧାନ, ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ, ଅଶ୍ଳେଷା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ– ସିଲଭର, ସଂଖ୍ୟା–୫, ଆରାଧନା– ମା ବଗଳାମୁଖୀ ।

**ସିଂହ–** ବ୍ୟବସାୟ ଓ କାର୍ଯ୍ୟରେ ସତର୍କ, ଶତ୍ରୁ ପରାଭବ, ବନ୍ଧୁମିଳନ, ବଡ଼ ଦାୟିତ୍ୱ ନିର୍ବାହ, ଶୁଭ ଆଲୋଚନା, ଶରୀର ସୁସ୍ଥ, ନ୍ୟାୟିକ ବ୍ୟବସ୍ଥାରେ ଖୁସି, ଅଳ୍ପ ଆୟ, ବ୍ୟୟ ବହୁତ, କ୍ରୋଧ ତ୍ୟାଗ କରନ୍ତୁ, ପୂର୍ବାଫାଲ୍‌ଗୁନି ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ– ଧଳା, ସଂଖ୍ୟା–୩, ଆରାଧନା– କୁବେର ଭଗବାନ ।

**କନ୍ୟା–** ଅର୍ଥବ୍ୟୟ, ଅଯଥା ଖର୍ଚ୍ଚାନ୍ତ, ସମସ୍ୟା ସମାଧାନରେ ବିଳମ୍ବ, ସ୍ୱାଦିଷ୍ଟ ଭୋଜନ, ବନ୍ଧୁଗୃହକୁ ଯାତ୍ରା, ନ୍ୟାୟିକ ବ୍ୟବସ୍ଥାରେ ଦୁଃଖ, କର୍ମକ୍ଷେତ୍ରେ ଖୁସି, ଅତିଥିସତ୍କାର, ଦେଖିଚାହିଁ ଅର୍ଥ ଖର୍ଚ୍ଚ କରନ୍ତୁ, ହସ୍ତା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଚକୋଲେଟ କଲର, ସଂଖ୍ୟା–୮, ଆରାଧନା–ବୀର ହନୁମାନ ।

**ତୁଳା–** ଅର୍ଥକ୍ଷେତ୍ରେ ସାମାନ୍ୟ ଲାଭ, ପାରିବାରିକ ଖୁସି, ଯାତ୍ରା ସଫଳ, ତୀର୍ଥାଟନ, ଅତିଥିଆଗମନ, ଜମିଜମା ଗଣ୍ଡଗୋଳ ରହିପାରେ, କର୍ମକ୍ଷେତ୍ରେ ବିବାଦ, ମନରେ ପ୍ରସନ୍ନତା, ସନ୍ଥକୃପା, ପିଲାଙ୍କ ସହ ଖୁସି ରହିବେ, ସ୍ୱାତୀ ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଗୋଲାପି, ସଂଖ୍ୟା–୧୧, ଆରାଧନା– ଶଙ୍କର ଭଗବାନ ।

**ବିଛା–** ଯାତ୍ରାରେ ସତର୍କ, ଲାଭ କମ୍ ରହିବ, ସମ୍ମାନହାନି, ଖୁସି ଖବର ମିଳିବ, ଶୁଭ ଆଲୋଚନା, ପାରିବାରିକ ଖୁସି, ବ୍ୟବସାୟରେ ଉନ୍ନତି, ସୁମିଷ୍ଟ ପ୍ରାପ୍ତି, ପିଲାଙ୍କ ଚିନ୍ତା ରହିବ, ସତର୍କ ଆବଶ୍ୟକ, ଅନୁରାଧା ନକ୍ଷତ୍ର, ଶୁଭରଙ୍ଗ–ହଳଦୀ, ସଂଖ୍ୟା–୮, ଆରାଧନା ପ୍ରଭୁ ଜଗନ୍ନାଥ ।

**ଧନୁ–** ସୁସମାଚାର ମିଳିବ, ନୂତନ କର୍ମ ପ୍ରାପ୍ତି, ଶରୀର ସୁସ୍ଥ, ପରିବାରରେ ସହଯୋଗ, ବନ୍ଧୁମିଳନ, ଉଚ୍ଚଆଶା ପୂର୍ଣ୍ଣ, ମନ ଅସ୍ଥିର ରହିବ, ବ୍ୟବସାୟରେ ମଧ୍ୟମଫଳ, ଶତ୍ରୁ ଦେଖାଦେବେ, ତୀର୍ଥାଟନ, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହଯୋଗ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ହଳଦୀ, ସଂଖ୍ୟା–୯, ଆରାଧନା– ପିତାମାତାଙ୍କ ସେବା ।

**ମକର–** ଧନଲାଭ, ଦୂରସ୍ଥାନ ଯାତ୍ରା, ପୁରାତନ ଦ୍ରବ୍ୟ ପ୍ରାପ୍ତି, ବ୍ୟବସାୟରେ କଷ୍ଟ, ପେଟଜନିତ କଷ୍ଟ ଦେଖାଦେବ, ପଡ଼ୋଶୀ କଳହ, ସ୍ୱାଦିଷ୍ଟ ଭୋଜନ, ତୀର୍ଥାଟନ, ଉଚ୍ଚ ଆଶାରେ ବିଳମ୍ବ, ପରିବାର ସହଯୋଗ, ନୂଆ କର୍ମ ପ୍ରତି ଆଗ୍ରହ ରହିବ, ଶ୍ରବଣା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ– ବାଇଗଣୀ, ସଂଖ୍ୟା–୧, ଆରାଧନା– ମା ବିମଳା ।

**କୁମ୍ଭ–** ଖର୍ଚ୍ଚ ଅଧିକ ରହିବ, ବ୍ୟବସାୟରେ ଲାଭ, ଶତ୍ରୁ ପରାଜିତ, ନୂତନ କାର୍ଯ୍ୟଲାଭ, ପାରିବାରିକ ଶାନ୍ତି, ଦୂରଯାତ୍ରା, ଗୃହରେ ଉତ୍ସବ, ଶାରୀରିକ ଅସୁସ୍ଥତା, ବିବାଦିତ ହେବେ, ବନ୍ଧୁ ସାହାଯ୍ୟ, ଅଯଥା କଳହ, ବୃଥା ଭ୍ରମଣ, ଶତଭିଷା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ନିଳ, ସଂଖ୍ୟା–୫, ଆରାଧନା–ଗାଈକୁ ଖାଇବାକୁ ଦିଅନ୍ତୁ ।

**ମୀନ–** ସ୍ୱାସ୍ଥ୍ୟହାନି, ଦୂରଯାତ୍ରା, ଗାଡ଼ିମୋଟରରେ ସାବଧାନ, ଶତ୍ରୁ ରହିବେ, ସହଯୋଗ ମିଳିବ, କିଛି କାର୍ଯ୍ୟରେ ବିବାଦିତ ହେବେ, ବ୍ୟବସାୟରେ କ୍ଷତି, ମାନସିକ ଅଶାନ୍ତି, ବନ୍ଧୁ ସାହାଯ୍ୟ, କର୍ମକ୍ଷେତ୍ରେ କଷ୍ଟ, ଉତ୍ସବରେ ଯୋଗଦେବେ, ପୂର୍ବାଭାଦ୍ର ନକ୍ଷତ୍ର ସାବଧାନ ରହିବେ, ଶୁଭରଙ୍ଗ–ଲାଲ୍, ସଂଖ୍ୟା–୫, ଆରାଧନା– ପ୍ରଭୁ ରାଧାବଲ୍ଲଭ ।

# କୃଷ୍ଣା ମହାନ୍ତି, ଶୈଳବାଳା ଓ ସୁଧାଂଶୁବାଳା କ'ଣ ସ୍ୱାଧୀନତା ସଂଗ୍ରାମୀ ?

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାର ସର୍ବବୃହତ ପୁସ୍ତକ ଉତ୍ସବରେ ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାପନ କରାଯାଇଥିବା ରାଜ୍ୟର ମହିଳା ସ୍ୱାଧୀନତା ସଂଗ୍ରାମ ମଣ୍ଡପ ଘେନି ଐତିହାସିକ ଓ ବୁଦ୍ଧିଜୀବୀମାନେ ପ୍ରଶ୍ନବାଚୀ ଉଠାଉଛନ୍ତି । ଏମିତିକି ଏହି ମଣ୍ଡପରେ ଯେଉଁମାନଙ୍କୁ ମହିଳା ସ୍ୱାଧୀନତା ସଂଗ୍ରାମୀ ଭାବେ ଦର୍ଶାଯାଇ ସେମାନଙ୍କ ଫଟୋଚିତ୍ର ସ୍ଥାନିତ କରାଯାଇଛି ସେମାନଙ୍କ ଭିତରୁ ପରଲୋକ ଗମନ କରିସାରିଛନ୍ତି ।

କୃଷ୍ଣା ମହାନ୍ତିଙ୍କ ଜନ୍ମ ୧୯୩୯ ମସିହାରେ । ମାଳତୀ ଚୌଧୁରୀ ଓ ନବକୃଷ୍ଣ ଚୌଧୁରୀଙ୍କ ସେ ସାନ ଝିଅ। ତାଙ୍କ ପରିବାରର ଗୋପବନ୍ଧୁ ଚୌଧୁରୀ, ମା'ରମାଦେବୀ, ଉରା ଦେଶାଇ, ମନମୋହନ ଚୌଧୁରୀ, ଅନ୍ନପୂର୍ଣ୍ଣା ମହାରଣା, ଶରତ ଚନ୍ଦ୍ର ମହାରାଣାଙ୍କ ସମେତ ବହୁ ଜ୍ଞାତି କୁଟୁମ୍ବ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି ବାରମ୍ବାର ଭାବେ, ଜୟପ୍ରକାଶ ନାରାୟଣଙ୍କ ଭଳି ଜାତୀୟ ନେତାମାନଙ୍କୁ ଖୁବ ପାଖରୁ ଦେଖିଛନ୍ତି ।

ଓଡ଼ିଶା ପୁସ୍ତକ ମହୋତ୍ସବ ପରିସରରେ ଥିବା ମହିଳା ସ୍ୱାଧୀନତା ସଂଗ୍ରାମୀ ମଣ୍ଡପ ବେଶ ଆକର୍ଷଣୀୟ ହୋଇଥିବାରୁ ପ୍ରତିଦିନ ହଜାର ହଜାର ଦର୍ଶକ ଏଠାକୁ ଆସି ଫଟୋ ଓ ଭିଡିଓ ସୁଟିଂ କରୁଛନ୍ତି । ଓଡ଼ିଶାରେ ଶତାଧିକ ମହିଳା ସ୍ୱାଧୀନତା ଆନ୍ଦୋଳନ କାଳରେ ବିଭିନ୍ନ



ପର୍ଯ୍ୟାୟରେ କାରାବରଣ କରିଛନ୍ତି । ସେମାନଙ୍କୁ ଉପେକ୍ଷା କରି ଶ୍ରୀମତୀ ମହାନ୍ତିଙ୍କ ସମେତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପାଳିତା କନ୍ୟା ଶୈଳାବାଳା ଦାସ ଓ ତାଙ୍କ ସାନ ଭଉଣୀ ସୁଧାଂଶୁବାଳା ହାଜରାଙ୍କୁ ମଧ୍ୟ ଏହି ମଣ୍ଡପରେ ମହିଳା ସ୍ୱାଧୀନତା ସଂଗ୍ରାମୀ ଭାବେ ଦର୍ଶାଯାଇଛି । ଶୈଳାବାଳା

ଜଣେ ଏହାର ପ୍ରତିବାଦ କରି ସେ ସ୍ୱାଧୀନତା ସଂଗ୍ରାମୀ ହୋଇନଥିଲେ ମଧ୍ୟ ତାଙ୍କ ଫଟୋଚିତ୍ର କିଭଳି ସ୍ଥାନ ପାଇଲା ସେଥିଘେନି ବିସ୍ମୟ ପ୍ରକାଶ କରିଛନ୍ତି । ଓଡ଼ିଶା ମହିଳା ସ୍ୱାଧୀନତା ସଂଗ୍ରାମୀ ମଣ୍ଡପରେ କିଶୋରୀ ମଣି ଦେବୀ, ଅନ୍ନପୂର୍ଣ୍ଣା ମହାରାଣା, ରମାଦେବୀ, ଜମ୍ବୁବତୀ ପଟ୍ଟନାୟକ, ଶହୀଦ ପରି ବେଓ୍ୱା, ଡାକ୍ତର କୁନ୍ତଳା କୁମାରୀ ସାବତ, ଶୈଳବାଳା ଦାସ, ମାଲତୀ ଚୌଧୁରୀ, କୃଷ୍ଣା ମହାନ୍ତି, ସୁଧାଂଶବାଳା ହାଜରା, ଶହୀଦ ଗୁରୁବାରୀ ମେହେର, ସରଳା ଦେବୀ, ପାର୍ବତୀ ଗିରି ଆଦିଙ୍କ ଫଟୋଚିତ୍ର ରଖାଯାଇଛି । ଏମାନଙ୍କ ଭିତରୁ କୃଷ୍ଣା ମହାନ୍ତିଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ କାରାବରଣ କରିଛନ୍ତି । ଦେଶ ସ୍ୱାଧୀନ ହେବା ବେଳକୁ କୃଷ୍ଣା ମହାନ୍ତିଙ୍କ ବୟସ ମାତ୍ର ୮ବର୍ଷ । ଏ ପରିପ୍ରେକ୍ଷୀରେ ଓଡ଼ିଶା ସରକାର କେଉଁ ତଥ୍ୟ ପ୍ରମାଣ ଆଧାରରେ ତାଙ୍କୁ ସ୍ୱାଧୀନତା ସଂଗ୍ରାମୀ ଭାବେ ପୁସ୍ତକ ମହୋତ୍ସବରେ ସ୍ଥାନିତ କରିଛନ୍ତି ତାହା ସେ ନିଜେ ବୁଝିପାରୁ ନାହାନ୍ତି କିମ୍ବା ଏ ସଂକ୍ରାନ୍ତରେ ତାଙ୍କ ସହ କେହି ଆଲୋଚନା କରିନାହାନ୍ତି ବୋଲି ସେ କହିଛନ୍ତି । ମହାନ୍ତି କହିଛନ୍ତି ଯେ ସେ ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରର ଦାୟଦ, କିନ୍ତୁ ନିଜେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣକରିନାହାନ୍ତି । ଅବଶ ତାଙ୍କ ଜୀବଦଶାରେ ସେ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହରୁ, ବିନୋବା ଓ ସୁଧାଂଶୁବାଳାଙ୍କର ମଧୁବାବୁଙ୍କ ସହିତ ସଂପର୍କ ଦୃଷ୍ଟିରୁ ସେମାନେ ଓଡ଼ିଶାରେ ନାରୀ ଶିକ୍ଷାର ପ୍ରସାର, ମହିଳାମାନଙ୍କୁ ଓକିଲାତି କରିବାର ଅଧିକାର ଏବଂ ସର୍ବୋପରି ଉତ୍କଳ ସମ୍ମିଳନୀ କାର୍ଯ୍ୟରେ ସହଯୋଗ କ୍ଷେତ୍ରରେ କାମ କରିଛନ୍ତି । ତେବେ ଏହି ଦୁଇ ଭଉଣୀ ମଧ୍ୟ କୌଣସି ସମୟରେ ସ୍ୱାଧୀନତା ଆନ୍ଦୋଳନ କାଳରେ କାରାବରଣ କରିନାହାନ୍ତି କିମ୍ବା ସତ୍ୟାଗ୍ରହ ସଂଗ୍ରାମରେ ବି ସାମିଲ ହୋଇନାହାନ୍ତି । ସଂସ୍କୃତି ବିଭାଗ କର୍ତ୍ତୃପକ୍ଷ ତ୍ରୁଟି ସଂଶୋଧନ କରି ଏ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ଦେବା ପାଇଁ ବହୁ ଦର୍ଶକ ଓ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।

## ପହିଲି ଭୋଗ ଆରମ୍ଭ

ସାକ୍ଷୀଗୋପାଳ , (ସବ୍ୟୁ): ପବିତ୍ର ଧନୁସଂକ୍ରାନ୍ତି ଠାରୁ ଏକ ମାସ ବ୍ୟାପି ସାକ୍ଷୀଗୋପାଳ ଠାକୁରଙ୍କ ପହିଲି ଭୋଗ ନୀତି ଆରମ୍ଭ ହୋଇଛି । ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ନୀତି ନିର୍ଘଣ୍ଟ କ୍ରମେ ଭୋର ୪ଟାରୁ ଦ୍ୱାର ଉନ୍ମୋଚନ, ମଙ୍ଗଳ ଆଳତି, ବେଶମଇଲମ, ମର୍ଦ୍ଦନ, ଅବକାଶ ଓ ଘୋଡଲାଗି ବେଶ ସକାଳ ୬ଟାରେ ଶେଷ ହୋଇଥିଲା । ପରେପରେ ସୂର୍ଯ୍ୟ ପୂଜା, ଦ୍ୱରପାଳ ପୂଜା, ବଲ୍ଲଭ, ପହିଲି ଭୋଗ ସହିତ ସକାଳଧୂପ, ମଦନମୋହନ ଙ୍କ ଭୋଗ ସମାପନ ହୋଇଥିଲା । ବୀରକେଶରୀ ବଲ୍ଲଭ ଶେଷ କରାଯାଇ ଦ୍ୱୀପ୍ରହର ଧୂପରେ ସ୍ୱତନ୍ତ୍ର ଦୁଇଟି ଧନୁମୁଆଁ ଠାକୁରଙ୍କୁ ଅର୍ପଣ କରାଯାଇଥିଲା । ଏକମାସ ବ୍ୟାପି ପ୍ରତ୍ୟହ ମଧ୍ୟାହ୍ନ ୧ ଘଣ୍ଟା ସମୟରେ ଠାକୁରଙ୍କ ପହୁଡ ଅନୁଷ୍ଠିତ ହେଇ ଅପରାହ୍ନ ୩ ଟାରେ ଦ୍ୱାର ଉନ୍ମୋଚନ କରାଯାଇ ସନ୍ଧ୍ୟା ଆଳତି ଅନୁଷ୍ଠିତ ହେବ । ଗୋଧନାହୁଡା ଭୋଗ, ସନ୍ଧ୍ୟା ଧୂପ ଓ ବଡସିଂହାର ପରେ ରାତି ୧୦ ଟା ସୁଦ୍ଧା ଠାକୁରଙ୍କ ରାତ୍ର ପହୁଡ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଠାକୁରଙ୍କ ର ଦୈନନ୍ଦିନ ଦେନୀତି ଅନୁଷ୍ଠିତ ହେବା ସହିତ ପହିଲି ଭୋଗରେ ପୁରୀ, ମାଣ୍ଡୁଅ ପିଠା, କେଳୀ, ଖୁରୁମା, ଗଇଁଠା, ଖଇ, କୋରା, ମୁଆଁ, କମଳା ଓ ଚୁଡାଭଜା ସହ ଖୁରୁଡି ନଡିଆ ପାତି ସ୍ୱତନ୍ତ୍ର ଭୋଗ ଲାଗି କରାଯାଇଛି । ଅନୁରୁପ ଭାବରେ ବିଭିନ୍ନ ଗ୍ରାମର ଦୋଦେବୀ ମନ୍ଦିର ଓ ମଠାଡି ରେ ପହିଲି ଭୋଗଲାଗି ଆରମ୍ଭ ହୋଇଅଛି । ଧନୁସଂକ୍ରାନ୍ତି ଉପଲକ୍ଷେ ଶ୍ରଦ୍ଧାଳୁମାନେ ବିଭିନ୍ନ ମନ୍ଦିର ରେ ଠାକୁରଙ୍କୁ ଧନୁମୁଆଁ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ ।

# ପୋଲିସ ଏନକାଉଣ୍ଟର : ଦୁର୍ଦ୍ଧାନ୍ତ ଅପରାଧୀ ଗୁରୁତର

ଭଦ୍ରକ,(ସବ୍ୟୁ):ଡକାୟଟି ଉଦ୍ୟମ ବିଫଳ । ପୋଲିସ ଏନକାଉଣ୍ଟରରେ ଦୁର୍ଦ୍ଧାନ୍ତ ଅପରାଧୀ ଗୁରୁତର ହୋଇଛି । ଗୁରୁତର ଅପରାଧିକୁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏନକାଉଣ୍ଟର ଶିକାର ହୋଇଥିବା ଅପରାଧୀ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ସୋର ଡୁଡ଼ିଗଡିଆ ଅଂଚଳର ବୁଦ୍ଧିଆ ଓରଫ କମଳାକାନ୍ତ ଦାସ । ଭଦ୍ରକ ଟାଉନ ଥାନା ଅଧିନସ୍ଥ ଚରମ୍ପା ମାଲଗୋଦାମ ଅଂଚଳରେ ବଡ଼ ଧରଣର ଡକାୟତି ଉଦ୍ୟମ ପାଇଁ କମଳାକାନ୍ତ ଓ ତାର ସହଯୋଗୀ ବିଭିନ୍ନ ମରଣାସ୍ତ୍ର ଓ ବନ୍ଧୁକ ଧରି ପ୍ରସ୍ତୁତ ହୋଇ ଯୋଜନା କରୁଥିଲେ । ଏହି ଖବର ଭଦ୍ରକ ଟାଉନ ଥାନା ଅଧିକାରୀ ପ୍ରଭାଂଶୁ ମିଶ୍ର ଖବରପାଇ ଏକ ପୋଲସି ଟିମ ନେଇ ମାଲଗୋଦାମ ରୋଡ଼ରେ ପହଂଚିଥିଲେ । ତେବେ ପୋଲିସକୁ ଦେଖି କମଳାକାନ୍ତ ହଠାତ ଅତର୍କିତ ଭାବେ ୪ରାଉଣ୍ଡ ଗୁଳି ମାରିଥିଲା । ତେବେ ବାଧ ହୋଇ ପୋଲିସ କମଳାକାନ୍ତ ଉପରକୁ ପାଲଟା ଗୁଳି ମାରିଥିଲା । ଏହି ଗୁଳି କମଳାକାନ୍ତଙ୍କ ଡାହାଣ ଗୋଡ଼ରେ ବାଜିବାରୁ ସେ



ତଳେ ପଡିଯାଇଥିଲା । କିନ୍ତୁ ତାର ସହଯୋଗୀ ସେଠାରୁ କୌଶଳକ୍ରମେ ଫେରାର ହୋଇଯାଇଛି । ପୋଲିସ ଘଟଣାସ୍ଥଳରୁ କମଳାକାନ୍ତ ଗୁଳି ଚଳାଇଥିବା ବନ୍ଧୁକ ଏବଂ ୪ରାଉଣ୍ଡ ଗୁଳିକୁ ଜବତ କରିଛି । କଡା ସୁରକ୍ଷା ମଧ୍ୟରେ କମଳାକାନ୍ତଙ୍କ ଚିକିତ୍ସା କରାଯାଉଛି । ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇବାରେ ବ୍ୟବସ୍ଥା ହେଉଛି । ତେବେ ଦୁର୍ଦ୍ଧାନ୍ତ ଅପରାଧୀ କମଳାକାନ୍ତ ନାମରେ ବାଲେଶ୍ୱର,ସୋର,ଭଦ୍ରକ ଆଦି ଥାନାରେ ୧୪ରୁ ଅଧିକ ଡକାୟତି,ଚିନ୍ତାଇ ଓ ଆକ୍ରମଣ ଆଦି ଘଟଣାର ମାମଲା ରହିଥିବା ଭଦ୍ରକ ଟାଉନ ପୋଲିସ ସୂଚନା ଦେଇଛନ୍ତି । ଭଦ୍ରକରେ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଏନକାଉଣ୍ଟର ଘଟଣାକୁ ନେଇ ଭଦ୍ରକ ଏସପି ମନୋଜ କୁମାର ରାଉତଙ୍କ ପ୍ରତିକ୍ରିୟା ଦେଇଛନ୍ତି । ଦୁର୍ଦ୍ଧାନ୍ତ ଅପରାଧୀ ବୁଦ୍ଧିଆ ନାମରେ ଭଦ୍ରକ,ବାଲେଶ୍ୱର ମୟୂରଭଞ୍ଜ ଓ କଟକ ଆଦି ସ୍ଥାନରେ ୫୦ରୁ ଅଧିକ ମାମଲା ରହିଛି । ସେ ସବୁ ସ୍ଥାନରେ କେବଳ ବନ୍ଧୁକ ମୁନରେ ଡକାୟତି କରିଥିବାର ମାମଲା ରହିଛି । ସେ ଭଦ୍ରକରେ ବଡ଼ ଧାରଣରେ ସୁନା ଦୋକାନରେ ଡକାୟତି କରିବାର ଯୋଜନା କରିଥିଲା ବୋଲି ଭଦ୍ରକ ଏସପି ସୂଚନା ଦେବା ସହିତ ଏହି ଘଟଣାର ଅଧିକ ତଦନ୍ତ ଚାଲିଛି । ତେବେ ଏକ କଳା ପଲସରରେ ତାର ସହଯୋଗୀ ଫେରାର ହୋଇଯାଇଛି । ତାକୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି । ତେବେ ତାକୁ କାବୁ କରିବା ପାଇଁ ଭଦ୍ରକ ଟାଉନ ପୋଲିସ ଯାଇଥିଲାବେଳେ ସେ ପୋଲିସ ଉପରକୁ ପ୍ରଥମେ ୪ରାଉଣ୍ଡ ଗୁଳି କରିଥିଲା ତେଣୁ ପୋଲିସ ବାଧ ହୋଇ ଏନକାଉଣ୍ଟର କରିଥିଲା ବୋଲି ଭଦ୍ରକ ଏସପି ମନୋଜ ରାଉତ କହିଛନ୍ତି ।

# ଲୋକ ପ୍ରତିନିଧି ଜନ ହିତକର ମାମଲା ରୁଜୁ କରିପାରିବେନି :ହାଇକୋର୍ଟ

କଟକ,(ସବ୍ୟୁ): ଜଣେ ସରପଞ୍ଚ ହେଉଛନ୍ତି ଲୋକଙ୍କ ପ୍ରତିନିଧି । ସେ ନିର୍ବାଚିତ ହୋଇ ଆସୁଛନ୍ତି । ସେ ସମ୍ବିଧାନର ବିଧି ବ୍ୟବସ୍ଥା ମଧ୍ୟରେ ରହିଛନ୍ତି । ଯେତେବେଳେ ଜଣେ ସାଧାରଣ ଲୋକ ସରକାରୀ ବ୍ୟବସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ହୁଅନ୍ତି ସେ କ୍ଷେତ୍ରରେ ସେ ଅଦାଲତରେ ଜନସ୍ୱାର୍ଥ ମାମଲା ରୁଜୁ କରିପାରିବେ । କିନ୍ତୁ ଜଣେ ଲୋକ ପ୍ରତିନିଧି ଭାବେ ସରପଞ୍ଚ ଏହି ମାମଲା ରୁଜୁ କରିପାରିବେ ନାହିଁ ବୋଲି ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଜଣେ ସରପଞ୍ଚଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାରେ ଅବଗତ କରାଯାଇଥିଲା । ଏହି ଜବାବକୁ ହାଇକୋର୍ଟ ଗ୍ରହଣ କରି ସରପଞ୍ଚ ଜନସ୍ୱାର୍ଥ ମାମଲା ରୁଜୁ କରିପାରିବେ ନାହିଁ ବୋଲି ଆଦେଶରେ ସ୍ପଷ୍ଟ କରି ଦେଇଥିଲେ । ଏହି ମତ ଫଳରେ ହାଇକୋର୍ଟକୁ ଆସିଥିବା କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଜୁଆଣିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ସୁବ୍ରତ ନାୟକ ନିଜ ଆଡୁ କରିଥିବା ଏକ ଜନସ୍ୱାର୍ଥ ମାମଲାକୁ ପ୍ରତ୍ୟାହାର କରି ନେଇଛନ୍ତି । ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା । ଆବେଦନକାରୀ ସରପଞ୍ଚ ତାଙ୍କ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ତାଙ୍କ ପଞ୍ଚାୟତରେ ଥିବା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଦ୍ୱାରା ପ୍ରାୟ ୧୦ କୋଟି ଟଙ୍କାର ସରକାରୀ ଧନ ଆତ୍ମସାତ୍ ହୋଇଛି । ୨୦୧୭ ମସିହାରେ ଏହି ପାକ୍ସ ଜରିଆରେ ୬କୋଟି ଟଙ୍କାର ଦୁର୍ନୀତି ହୋଇଥିଲା । ପୁନର୍ବାର ୨୦୧୯ରେ ମଧ୍ୟ ୪କୋଟିରୁ ଅଧିକ ଟଙ୍କାର ଦୁର୍ନୀତି ହୋଇଥିଲା । ଏହି ପାକ୍ସର ପ୍ରେସିଡେଣ୍ଟ ନିଜ ଘରେ ସୋସାଇଟି ଖୋଲି ଚଳାଉଛନ୍ତି । ଯାହାକି ବେଆଇନ । ଏହି ଦୁର୍ନୀତି ଘଟଣାର ତଦନ୍ତ ଲାଗି ସେ ରାଜ୍ୟ ସରକାରଙ୍କ ନିକଟରେ ଆବେଦନ କରିଥିଲେ । କିନ୍ତୁ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

### ଓଡ଼ିଶା ବିକାଶ କନ୍‌କ୍ଲେଭ ୨୦୨୫ର ଫଳାଫଳ

# ରାଜ୍ୟ ସରକାରଙ୍କୁ ଅବଗତ କଲେ ସମାବେଶ ଆୟୋଜକ ଅଂଶୀଦାର ପ୍ରତିନିଧି ଦଳ



ଭୁବନେଶ୍ୱର, (ସବ୍ୟୁ): ଜଳବାୟୁ-ସହନଶୀଳ ଏବଂ ଲୋକକେନ୍ଦ୍ରିକ ବିକାଶ ପାଇଁ ପଥ " ଶୀର୍ଷକ ଓଡ଼ିଶା ବିକାଶ କନ୍‌କ୍ଲେଭ୍ ୨୦୨୫ର ଫଳାଫଳଗୁଡ଼ିକୁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ଯୋଜନାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଚିତ୍ରା ଆରୁମୁଗମ ଏବଂ ଯୋଜନା ଓ ସଂଯୋଜନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଓଡ଼ିଶା ସରକାରଙ୍କୁ ପ୍ରଦାନ ଉଦ୍ଦେଶ୍ୟରେ ଉପସ୍ଥାପିତ କରାଯାଇଥିଲା । ଓଡ଼ିଶା ଡେଭଲପମେଣ୍ଟ ଇନିସିଏଟିଭ ( ଓଡିଆଇ)ର ଏକ ପ୍ରତିନିଧିମଣ୍ଡଳୀ ଓଡ଼ିଶା ବିକାଶ କନକ୍ଲେଭର ସମାବେଶର ଆବାହକ ତଥା ସିୱାଇଏସଡିକର ସହ ପ୍ରତିଷ୍ଠାତା ଡଃ. ଜଗଦାନନ୍ଦଙ୍କ ସହିତ ଯୋଗଦେଇ ଓଡ଼ିଶା ଭିଜନ୍ ୨୦୩୬ ଏବଂ ବିକଶିତ ଭାରତ ୪୨୦୪୭ ଦୃଷ୍ଟିକୋଣକୁ ଲକ୍ଷ୍ୟ ରଖି କ୍ଷେତ୍ର-ନିର୍ଦ୍ଦିଷ୍ଟ ପ୍ରାଥମିକତା, ସଂସ୍ଥାଗତ ଭୂମିକା ଏବଂ କାର୍ଯ୍ୟାନୁଷ୍ଠାନଯୋଗ୍ୟ ପଥଚିହ୍ନଗୁଡ଼ିକୁ ଆଲୋକପାତ କରୁଥିବା ମୁଖ୍ୟ ଫଳାଫଳଗୁଡ଼ିକ ଉପସ୍ଥାପନ କରିଥିଲେ । ଲୋକସେବା ଭବନସ୍ଥିତ ସମ୍ମିଳନୀରେ ସୋମବାର ଅନୁଷ୍ଠିତ ଏହି ଉପସ୍ଥାପନାରେ ନିରନ୍ତରତା ଭିତ୍ତିରେ ସମାବେଶୀ ବିକାଶ ପାଇଁ ବହୁ ଅଂଶୀଦାରୀମାନଙ୍କ ସହଯୋଗର ଆବଶ୍ୟକତା ସଂପର୍କରେ ବିବରଣୀ ଓ ଆଲୋଚନାରେ ବିଶେଷ ଗୁରୁତ୍ୱ ଦିଆଯାଇଛି ।

ଏହି ପାରସ୍ପରିକ ଆଲୋଚନା ଓଡ଼ିଶା ବିକାଶ କନକ୍ଲେଭକୁ ଏକ ବିଶ୍ୱସନୀୟ ଏବଂ ସହଯୋଗମୂଳକ ମଞ୍ଚ ଭାବେ ପୁନଃନିଶ୍ଚିତ କରିଛି, ଯାହା ନୀତି ଓ କାର୍ଯ୍ୟାନ୍ୱୟନ ମଧ୍ୟରେ କାର୍ଯ୍ୟକାରୀ ସେତୁ ସୃଷ୍ଟି କରି ଓଡ଼ିଶାର ଉନ୍ନତି ଏଜେଣ୍ଡାକୁ ୨୦୩୬ ପରେ ମଧ ଆଗକୁ ନେଇଯାଉଛି । ସରକାରୀ ଅଧିକାରୀମାନେ ହୋଇଥିବା ସମାବେଶରେ ଯୋଗଦେଇ ଗଭୀର ଆଲୋଚନା-ବିମର୍ଶକୁ ଓ ସୁପାରିଶଗୁଡ଼ିକୁ ଉଚ୍ଚ ମୂଲ୍ୟାଙ୍କନ କରିଥିଲେ । ୨୬-୨୭ ନଭେମ୍ବର, ୨୦୨୫ରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ବିକାଶ ସମାବେଶରେ ନାଗରିକ ସମାଜ, ସରକାରୀ ଅଧିକାରୀ, ଶିକ୍ଷାଜଗତ, କର୍ପୋରେଟ୍ କ୍ଷେତ୍ର , ନିର୍ବାଚିତ ପଞ୍ଚାୟତିରାଜ ସଂସ୍ଥାର ଜନ ପ୍ରତିନିଧି, ଗୋଷ୍ଠୀ ସମୁଦାୟ ନେତୃତ୍ୱ ଏବଂ ସମସ୍ୟା ସମାଧାନକାରୀମାନଙ୍କ ସମେତ ୭୦୦ରୁ ଅଧିକ ବିଭିନ୍ନ ଅଂଶୀଦାରୀ ଅନୁଷ୍ଠାନର କର୍ମକର୍ତ୍ତା ଓ ପ୍ରତିନିଧିମାନେ ଏକତ୍ର ହୋଇଥିଲେ । ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ କହିଲେଯେ, ବିକାଶ ସମାବେଶରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ବିକାଶର ପଥ ସଂପର୍କରେ ମତାମତ ଆଲୋଚନା ହୋଇଛି । ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଆରୁମୁଗମ ଯୋଗଦେଇ କହିଲେ ଯେ, ରାଜ୍ୟ ସରକାର ଜନକୈନ୍ଦ୍ରିକ ଶାସନ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଗ୍ରାମ ପଂଚାୟତ ଏବଂ ବ୍ଲକ ସ୍ତରରେ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରି ବିକାଶମୂଳକ ପ୍ରକ୍ରିୟାରେ ତଦାରଖ ବ୍ୟବସ୍ଥାକୁ ଉନ୍ନତ କରୁଛନ୍ତି । ଏ ଦିଗରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା, ନାଗରିକ ସମାଜ ଓ ସହଭାଗୀ ଅନୁଷ୍ଠାନମାନେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁ ସଦୃଶ କାର୍ଯ୍ୟ କରି ଉଦ୍ଦିଷ୍ଟ ସେବା ଯୋଗାଇଦେବାରେ ଉଲ୍ଲେଖନୀୟ ଯୋଗଦାନ କରିପାରିବେ ବୋଲି ମତ ରଖିଥିଲେ ।

### ହାଇକୋର୍ଟରେ ସରକାର ଦେଲେ ସତ୍ୟପାଠ

# ୭୫ବାଂଲାଦେଶୀ ଚିହ୍ନଟ, ୪୯ଙ୍କୁ ରାଜ୍ୟରୁ ତଡ଼ିପାର୍

କଟକ,(ସବ୍ୟୁ): ସମଗ୍ର ଦେଶରେ ବାଂଲାଦେଶୀଙ୍କ ଅନୁପ୍ରବେଶକୁ ନେଇ ଧରପଗଡ଼ ହେବାପରେ ଓଡ଼ିଶା ସରକାର ମଧ୍ଯ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଇତି ମଧ୍ୟରେ ରାଜ୍ୟରେ ୨ ହଜାର ୨୫୯ଜଣ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କର ସମସ୍ତ କାଗଜପତ୍ର ଯାଞ୍ଚ ପରେ ଏଥିରୁ ୨ ହଜାର ୧୭୬ଜଣଙ୍କୁ ଦେଶରେ ରହିବା ପାଇଁ ଅନୁମତି ଦିଆଯାଇଛି । ୮ଜଣଙ୍କର କାଗଜପତ୍ର ଯାଞ୍ଚ ଚାଲୁ ରହିଛି । ୭୫ଜଣ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଛି । ସେଥିରୁ ୪୯ଜଣଙ୍କୁ ରାଜ୍ୟରୁ ତଡ଼ିପାର୍ କରାଯାଇଛି । ଆଉ ୨୪ଜଣ ବଂଲାଦେଶୀଙ୍କୁ ତଡ଼ିପାର୍ ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ । ତେବେ ଏହି ଚିହ୍ନଟ ପ୍ରକ୍ରିୟା ବେଳେ ୩ ହଜାର ୭୩୮ ଜଣ ହିନ୍ଦୁ ବାଂଲାଦେଶୀ ଚିହ୍ନଟ ହୋଇଥିଲାବେଳେ ସେମାନଙ୍କୁ ଦେଶାନ୍ତରିରୁ କ୍ଷାନ୍ତ କରାଯାଇଛି ବୋଲି ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ ସତ୍ୟପାଠରେ ଏହା ଉଲ୍ଲେଖ କରାଯାଇଛି । ଏହି ଜବାବ ପରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଜାନୁଆରୀ ୨କୁ ଧାର୍ଯ୍ୟ କରାଯାଇଛି । ଆଇନଜୀବୀ ତଥା ସମାଜସେବୀ ଶିବ ଶଙ୍କର ମହାନ୍ତି ଏହି ମାମଲା ରୁଜୁ କରିଥିଲେ । ବଂଲାଦେଶୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ତଡ଼ିପାର ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଥିଲେ । ଏହି ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ କେତେକ ପ୍ରଶ୍ନର ଜବାବ ଲୋଡ଼ିଥିଲେ । ବର୍ଷବର୍ଷ ଧରି ବେଆଇନ ଭାବେ ହଜାର ହଜାର ସଂଖ୍ୟାରେ ରହି ଆସୁଥିବା ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ରାଜ୍ୟ ସରକାର କି' ପଦକ୍ଷେପ ଗ୍ରହଣ କରିଛନ୍ତି ? ପ୍ରତ୍ୟେକ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଛି କି' ? ପ୍ରତିମାସରେ କେନ୍ଦ୍ର ଗୃହ ମନ୍ତ୍ରାଳୟକୁ ବାଂଲାଦେଶୀଙ୍କ ସବିଶେଷ ତଥ୍ୟ ଦିଆଯାଉଛି କି' ନାହିଁ, ଏସବୁ ସଂକ୍ରାନ୍ତରେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ଗୁଇନ୍ଦା ବିଭାଗ ନିର୍ଦ୍ଦେଶକ ଆର.ପି. କୋଚେ ଏହି ସତ୍ୟପାଠ ଦାଖଲ କରିଛନ୍ତି । ଏଥିରେ ସେ ବାଂଲାଦେଶୀଙ୍କ ଉପରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ବିସ୍ତୃତ ତଥ୍ୟ ରଖିଛନ୍ତି । ସେ ସତ୍ୟପାଠରେ ଜଣାଇଛନ୍ତି ଯେ, ବାଂଲାଦେଶୀଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ତଡ଼ିପାର୍ ପାଇଁ ପଦକ୍ଷେପ ନେବା ଲାଗି ପ୍ରତ୍ୟେକ ଜିଲ୍ଲାସ୍ତରରେ ଏକ ' ସ୍ୱତନ୍ତ୍ର ଟାସ୍କଫୋର୍ସ' ଗଠନ କରାଯାଇଛି । କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ୍ ଆଧାରରେ ରାଜ୍ୟରେ ୨୧ଟି ହୋଲଡିଂ କେନ୍ଦ୍ର ଗଠନ କରାଯାଇଛି । ଏଥିରୁ ୨ଟି ରାଜ୍ୟସ୍ତରୀୟ ଥିଲାବେଳେ ୧୯ଟି ଜିଲ୍ଲାସ୍ତରୀୟ ସେଣ୍ଟର ରହିଛି । ଭୁବନେଶ୍ୱରରେ ୨୪ଜଣ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଥିଲାବେଳେ କଟକରେ ୧୫ଜଣ, ବ୍ରହ୍ମପୁରରେ ୬ଜଣ, କେନ୍ଦ୍ରାପଡ଼ାରେ ୩ଜଣ, ଗଞ୍ଜାମରେ ଜଣେ, ଜଗତସିଂହପୁରରେ ୨୧ଜଣ, କନ୍ଧମାଳରେ ୪ଜଣଙ୍କୁ ଚିହ୍ନଟ କରାଯାଇଛି ।

### କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ବିଜେପି ପ୍ରତିନିଧି ଦଳ

# ଉଷୁନା ଚାଉଳ ଉଠାଣ ପରିମାଣ ୨୦ରୁ ୨୫ ଲକ୍ଷ ମେଟ୍ରିକ ଟନ ବୃଦ୍ଧି ହେଉ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ସାଂସଦ, ବିଧାୟକ ତଥା ବିଜେପିର ଏକ



ପ୍ରତିନିଧି ଦଳ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଭେଟିଛନ୍ତି । ଓଡ଼ିଶାର ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରେ ଉଷୁନା ଚାଉଳ ଉଠାଣ ପରିମାଣ ୨୦ ଲକ୍ଷ ମେଟ୍ରିକ ଟନରୁ ବଢାଇ ୨୫ ଲକ୍ଷ ମେଟ୍ରିକ ଟନ କରିବା ପାଇଁ ଅନୁରୋଧ କରିଛନ୍ତି । ଏ ସମ୍ପର୍କିତ ଏକ ପତ୍ର ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି, ଯେଉଁଥିରେ ଉଲ୍ଲେଖ ରହିଛି ୨୦୨୪-୨୫ ବର୍ଷ ପାଇଁ ଖରିଫ ଓ ରବି ଋତୁ ପାଇଁ ଓଡ଼ିଶାର ଧାନ ସଂଗ୍ରହ ପରିମାଣକୁ ୫୦ ଲକ୍ଷ ମେଟ୍ରିକ ଟନରୁ ୫୮ ଲକ୍ଷ ମେଟ୍ରିକ ଟନ ବୃଦ୍ଧି କରାଯାଇଛି । ଏଥିପାଇଁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଏହି ଧାନ ସଂଗ୍ରହ ପରିମାଣ ବୃଦ୍ଧି ରାଜ୍ୟର ଚାଷୀ ସମାଜର ଆତ୍ମବିଶ୍ୱାସକୁ ବଢାଇବା ସହ ସୁରୁଖୁରୁରେ ସଂଗ୍ରହ କାର୍ଯ୍ୟକୁ ସୁନିଶ୍ଚିତ କରିଛି । ତେବେ ଓଡ଼ିଶାରେ ବିଶେଷ ଭାବରେ ଉଷୁନା ଚାଉଳ ଅଧିକ ଉତ୍ପାଦନ ହେଉଥିବା ବେଳେ ୨୦୨୫-୨୬ ଖରିଫ ଋତୁ ପାଇଁ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଯାଇଥିବାରୁ ଉଷୁନା ଚାଉଳର ତୁରନ୍ତ ଉଠାଣ ନିତ୍ୟାନ୍ତ ଜରୁରୀ । ଏହି ପରିପ୍ରେକ୍ଷୀରେ, କେନ୍ଦ୍ରୀୟ ପୁଲ ଅଧୀନରେ ଉଭୟ ଖରିଫ ଓ ରବି ଋତୁ ପାଇଁ ଓଡ଼ିଶାର ଉଷୁନା ଚାଉଳ ଉଠାଣ ପରିମାଣକୁ ବର୍ତ୍ତମାନର ୨୦ ଲକ୍ଷ ମେଟ୍ରିକ୍ ଟନକୁ ବଢାଇ ୨୫ ଲକ୍ଷ ମେଟ୍ରିକ୍ ଟନ କରିବା ପାଇଁ ଅନୁରୋଧ କରିଛନ୍ତି । ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଦ୍ୱାରା ବଳକା ଥିବା ଏହି ଉଷୁନା ଚାଉଳର ଶୀଘ୍ର ଉଠାଣ ହେଲେ ଓଡ଼ିଶାର ଚାଷୀମାନେ ବିଶେଷ ଭାବରେ ଲାଭବାନ ହେବେ ଏବଂ ଜାତୀୟ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ଆହୁରି ମଜବୁତ୍ ହେବ ।

### ବଟି ମାଗିବାକୁ କେନ୍ଦ୍ରକରି ଗଣ୍ଡଗୋଳ

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ଖଣ୍ଡାରେ ହାଣି ଦୁର୍ବୃତ୍ତ ଫେରାର

କଟକ,(ସବ୍ୟୁ): ସଦର ଥାନା ଅନ୍ତର୍ଗତ ଶଙ୍ଖତ୍ରାସ ରାସ୍ତାରେ ଆଜି ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରି ଫେରାର୍ ହୋଇଯାଇଛନ୍ତି । ଯୁବକ ଜଣକ ରାସ୍ତା କଡ଼ରେ ପଡ଼ି ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୁଲିସ ପହଞ୍ଚି ଗୁରୁତର ଅବସ୍ଥାରେ ଯୁବକକୁ ଉଦ୍ଧାର କରି ଏସ୍‌ସିବି ମେଡ଼ିକାଲକୁ ପଠାଇଥିଲା । ଆକ୍ରମଣର ଶିକାର ହୋଇଥିବା ଯୁବକର ନାଁ ଲକି ରାଉତ(୨୮) ହୋଇଥିବା ବେଳେ ତା'ଘର ବାଦାମବାଡ଼ି ଥାନା ଅନ୍ତର୍ଗତ ଶଙ୍କରପୁରରେ ବୋଲି ଜଣାପଡ଼ିଛି । ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ଆକ୍ରମଣ କରିଥିବା ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ଚଢ଼ଉ ଜାରି ରଖିଛି । ଦିନ ଦ୍ୱିପ୍ରହରରେ ବିଚ୍ ରାସ୍ତାରେ ଲକିକୁ ଗୋଡ଼ାଇ ଗୋଡ଼ାଇ ହାଣିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି । ଘଟଣାସ୍ଥଳରେ ସଦର ଥାନା ପୁଲିସ ଛାନଭିନ୍ କରିବା ସହିତ ତଦନ୍ତ ଜାରି ରଖିଛି । ହେଲେ ଦୁର୍ବୃତ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇ ପାରିନାହିଁ ।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ବାଦାମବାଡ଼ି ଥାନା ଅନ୍ତର୍ଗତ ଶଙ୍କରପୁରେ ଲକିର ଘର । ସେ ବିଭିନ୍ନ ସମୟରେ ମଦ୍ୟପାନ କରି ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଥିଲା । ସୋମବାର ବିଳମ୍ବିତ ରାତିରେ ସ୍ଥାନୀୟ ଅଞ୍ଚଳର ଉପନ୍ଦ୍ରେ ଦେବତାଙ୍କ ଘରେ ପଶି ଆକ୍ରମଣ କରିବା ସହିତ ତାଙ୍କ ଘର ବାହାରେ ରହିଥିବା ଏକ ବୁଲେଟ୍‌କୁ ନିଆଁ ଲଗାଇ ଜାଳି ଦେଇଥିଲା । ଏହାପରେ ଉପେନ୍ଦ୍ର ଲକି ନାଁରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସେହିପରି ମଙ୍ଗଳବାର ସକାଳ ୮ଟାରେ ଲକି ଛତ୍ରବଜାର ପରିବା ହାଟରେ ଜଣେ ପରିବା ଦୋକାନୀଙ୍କୁ ଦାଦାବଟି ମାଗିଥିଲା । ସେ ବଟି ନଦେବାରୁ ଲକି ଉତ୍‌କ୍ଷିପ୍ତ ହୋଇ ତାଙ୍କ ପରିବା ଗୁଡ଼ିକୁ ଆଣି ତାଳଦଣ୍ଡା କେନାଲ୍‌ରେ ଫୋପାଡ଼ି ଦେବା ସହ ୩ହଜାର ଟଙ୍କା ଛଡ଼ାଇ ନେଇଥିଲା । ଉକ୍ତ ପରିବା ଦୋକାନୀ ବାଦାମବାଡ଼ି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାପରେ ଆଉ ୩ଜଣ ପରିବା ଦୋକାନୀଙ୍କୁ ବଟି ନଦେଲେ ଜୀବନରୁ ମାରି ଦେବାକୁ ଲକି ଧମକ ଦେଇଥିଲା । ଦିନ ୧୨ଟା ପରେ ଲକି ଘରକୁ ନଫେରି ୨ଜଣ ସାଙ୍ଗଙ୍କ ସହ ଓଏମ୍‌ପିର ଏକ ମଦ ଦୋକାନରେ ମଦ୍ୟପାନ କରିଥିଲା । ଏହାପରେ ଶଙ୍ଖତ୍ରାସ ରାସ୍ତା ଦେଇ ଉରାଳି ଅଞ୍ଚଳକୁ ଯାଇଥିଲା । ସେଠାରେ ୩ଜଣ ଯୁବକଙ୍କ ସହିତ ତା'ର କଥା କଟାକଟି ଓ ବଚସା ହୋଇଥିଲା । ସେ ଫେରିବା ସମୟରେ ଶଙ୍ଖତ୍ରାସ ରାସ୍ତାରେ ତାକୁ ଦୁର୍ବୃତ୍ତମାନେ ଏକ ଖଣ୍ଡାରେ ଆକ୍ରମଣ କରିଥିଲେ । ପ୍ରଥମେ ତା' ପିଠିକୁ ହାଣିବା ପରେ ତା' ବେକ ଓ ମୁଣ୍ଡକୁ ହାଣି ଦେଇଥିଲେ । ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବା ସହ ସେ ଅଚେତ ଅବସ୍ଥାରେ ରାସ୍ତା କଡ଼ରେ ପଡ଼ି ରହିଥିଲା । ତା' ସହିତ ଯାଇଥିବା ୨ଜଣ ସାଙ୍ଗ ମଧ ସେଠାରୁ ଫେରାର୍ ହୋଇଯାଇଥିଲା । ସ୍ଥାନୀୟ ଲୋକ ତୁରନ୍ତ ସଦର ଥାନା ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ପଡ଼ିଥିବା ଲକିକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ପଠାଇଥିଲା । ଏଠାରେ ସୂଚନାଯୋଗ୍ୟ, ଉରାଳି, ଜରିପଡ଼ା ଏବଂ ଶଙ୍ଖତ୍ରାସ ଅଞ୍ଚଳରୁ ପରିବା ବେପାରିମାନେ ଛତ୍ରବଜାରରେ ପରିବା ବ୍ୟବସାୟ କରନ୍ତି । ପ୍ରତ୍ୟେକ ଦିନ ଲକି ଉକ୍ତ ପରିବା ଦୋକାନୀଙ୍କୁ ଦାଦାବଟି ମାଗି ହଇରାଣ କରିଥାଏ । ଆଜି ୩ଜଣ ପରିବା ଦୋକାନୀଙ୍କ ସହିତ ଦାଦାବଟିକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟିଥିଲା । ଏହାପରେ ସେମାନେ ଲକିକୁ ବଟି ଦେବା ପାଇଁ ଶଙ୍ଖତ୍ରାସ ଅଞ୍ଚଳକୁ ଡାକିଥିଲେ । ଲକି ସେଠାରେ ବଟି ପାଇଁ ପହଞ୍ଚିବା ପରେ ତାକୁ ମାଡ଼ ମାରିବା ସହିତ ଖଣ୍ଡାରେ ଆକ୍ରମଣ କରିଥିବା ପୁଲିସ ଅନୁମାନ କରୁଛି । ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଏବଂ ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକଙ୍କ ବୟାନକୁ ଆଧାର କରି ପୁଲିସ ତଦନ୍ତ ଜାରି ରଖିଛି ।

'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ - ୨୦୨୫' ଉପରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରେସମିଟ୍

# ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱାୟତ୍ତତା ପ୍ରଦାନ କରିବା ସହ ସଶକ୍ତ କରିବ



ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଲୋକସଭାରେ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ - ୨୦୨୫' ଉପସ୍ଥାପନ କରିବା ପରେ ଆଜି ନୂଆଦିଲ୍ଲୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି । ସେ ଏହି ବିଲ୍ ଉପରେ କହିଛନ୍ତି, ଦେଶରେ ଶିକ୍ଷା କ୍ଷେତ୍ରରେ ଅନେକ ସଂସ୍କାର ଅଣାଯାଉଥିବା ବେଳେ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ - ୨୦୨୫' ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱାୟତ୍ତତା ପ୍ରଦାନ କରିବା ସହ ସଶକ୍ତ କରିବ । ଏହି ବିଲ୍ ର ଉଦ୍ଦେଶ୍ୟ ହେଉଛି ପ୍ରଭାବଶାଳୀ ସମନ୍ୱୟ ଏବଂ ମାନଦଣ୍ଡର ନିର୍ଦ୍ଧାରଣ ମାଧ୍ୟମରେ ଭାରତର ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗୁଡ଼ିକୁ ଉତ୍କର୍ଷତା ହାସଲ କରିବା ପାଇଁ ସଶକ୍ତ କରିବା । ଜାତୀୟ ଶିକ୍ଷା ନୀତି - ୨୦୨୦ ଆଧାରରେ ଏହି ବିଲ୍ ପ୍ରସ୍ତୁତ କରାଯାଇଛି । ଏହି ବିଧେୟକର ମୁଖ୍ୟ ଲକ୍ଷ୍ୟ ହେଉଛି ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ଶିକ୍ଷାଦାନ, ଶିକ୍ଷଣ, ଗବେଷଣା ତଥା ଉଦ୍ଭାବନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ପାଇଁ ଶକ୍ତିଶାଳୀ କରିବା ଏବଂ ଏକ ସୁଦୃଢ଼ ଓ ସ୍ୱଚ୍ଛ ମାନ୍ୟତା ତଥା ସ୍ୱୟଂଶାସନ ବ୍ୟବସ୍ଥା ମାଧ୍ୟମରେ ଉତ୍କର୍ଷକୁ ପ୍ରୋତ୍ସାହିତ କରିବା । ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ମାନଦଣ୍ଡ ସ୍ଥିର କରିବା, ନିୟମାବଳୀରେ ସମନ୍ୱୟ ରକ୍ଷା କରିବା ଏବଂ ଉତ୍କର୍ଷତା, ସ୍ୱୟଂଶାସନ ଓ ସ୍ୱଚ୍ଛ ମାନ୍ୟତାକୁ ପ୍ରୋତ୍ସାହିତ କରିବା ପାଇଁ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ' ପ୍ରତିଷ୍ଠା କରିବା । ସେ କହିଛନ୍ତି ଯେ ଏହି ଆଇନ "ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱାଧୀନ ସ୍ୱ-ପରିଚାଳିତ ଅନୁଷ୍ଠାନ ହେବା ପାଇଁ ସୁବିଧା ଯୋଗାଇବାକୁ" ଚେଷ୍ଟା କରିବ ।

ଡିସେମ୍ବର ୧୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ସଂସଦରେ ଉପସ୍ଥାପନ ପାଇଁ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍, ୨୦୨୫ କୁ ଅନୁମୋଦନ କରିଥିଲେ । ଏହି ବିଲ୍ ତିନୋଟି ପରିଷଦ ସହିତ ଏକ ଶୀର୍ଷ ସଂସ୍ଥା ଭାବରେ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରେ ଯଥା - ବିକଶିତ ଭାରତ ଶିକ୍ଷା ବିନିୟମନ ପରିଷଦ (ରେଗୁଲେଟରୀ କାଉନସିଲ), ବିକଶିତ ଭାରତ ଶିକ୍ଷା ଗୁଣବତ୍ତା ପରିଷଦ (ଆକ୍ରିଡେସନ କାଉନସିଲ), ଏବଂ ବିକଶିତ ଭାରତ ଶିକ୍ଷା ମାନକ ପରିଷଦ (ଷ୍ଟାଣ୍ଡାର୍ଡ କାଉନସିଲ) । ଏହି ବିଲ୍ ମ୍ୟୁଚୁଆଲ ରେକଗନାଇଜେସନ, ମଲଟି ଡିସିପ୍ଲିନାରୀ, ଇଣ୍ଟର ଡିସିପ୍ଲିନାରୀ, ସହ ଦକ୍ଷତା ଓ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବ । ଶିକ୍ଷା ମନ୍ତ୍ରଣାଳୟ, ୟୁଜିସି, ଏଆଇସିଟିଇ ଏବଂ ଏନସିଟିଇ ଅଧୀନରେ ଥିବା ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ମାନଦଣ୍ଡ ନିର୍ଦ୍ଧାରଣ ପାଇଁ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନର ଅଧୀନରେ ରହିବେ । ଜାତୀୟ ଶିକ୍ଷା ନୀତି, ୨୦୨୦ ରେ ପରିକଳ୍ପିତ ହୋଇଥିବା କାଉନସିଲ୍ ଅଫ୍ ଆର୍କିଟେକ୍ଚର (ସିଓଏ) ଏକ ବୃତ୍ତିଗତ ମାନକ ସେଟିଂ ସଂସ୍ଥା (ପିଏସଏସବି) ଭାବରେ କାର୍ଯ୍ୟ କରିବ । ଏହି ବିଲ୍ ଜାତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରାଯାଇଥିବା ସ୍ୱୟଂଶାସନର ବର୍ତ୍ତମାନର ସ୍ତରକୁ ବଜାୟ ରଖିବା ସୁନିଶ୍ଚିତ କରୁଛି ।

ଇଚ୍ଛା ମୃତ୍ୟୁ' ସଂକ୍ରାନ୍ତ ମାମଲା

# ଗାଇଡଲାଇନ୍ ପ୍ରସ୍ତୁତ କରନ୍ତୁ ସରକାର: ହାଇକୋର୍ଟ

କଟକ,(ସବ୍ୟୁ): 'ଇଚ୍ଛା ମୃତ୍ୟୁ' ସଂକ୍ରାନ୍ତ ମାମଲାରେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଜବାବ ରଖାଯାଇଥିଲା । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ରାଜ୍ୟ ସରକାର ଏନେଇ ୧୦ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ଏହି କମିଟି 'ଇଚ୍ଛା ମୃତ୍ୟୁ' ସଂକ୍ରାନ୍ତରେ ଏକ ନିଷ୍ପତ୍ତି ଗ୍ରହଣ କରିଛି । ତେବେ ଏହି ନିଷ୍ପତ୍ତି ଉପରେ ପୁନର୍ବିଚାର ପାଇଁ ଆଇନ ବିଭାଗକୁ ପଠାଯାଇଛି । ଆଇନ ବିଭାଗ ଏହା ଉପରେ ବିଚାର ବିମର୍ଷ କରୁଛି । ଏହି ଜବାବ ପରେ ହାଇକୋର୍ଟ ଆସନ୍ତା ଜାନୁଆରୀ ୧୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଛନ୍ତି । ସେହିଦିନ ରାଜ୍ୟ ସରକାର ଇଚ୍ଛା ମୃତ୍ୟୁ ସଂକ୍ରାନ୍ତରେ ତାଙ୍କ ନିଷ୍ପତ୍ତି ଜଣାଇବେ । ଆଇନଜୀବୀ ତଥା ସଂସ୍କାରବାଦୀ କହ୍ନେୟାଲାଲ ଶର୍ମାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ପିଟିସନ୍‌ରେ ଉଲ୍ଲେଖ କରିଥିଲେ ଯେ, ଅନେକ ସମୟରେ କିଛି ରୋଗୀଙ୍କୁ ଆରୋଗ୍ୟ କରିବାରେ ଡାକ୍ତରମାନେ ବିଫଳ ହୋଇଥାନ୍ତି । ସବୁ ଭଗବାନଙ୍କ ଉପରେ ଛାଡ଼ି ଦିଆଯାଏ । ଏଭଳି କ୍ଷେତ୍ରରେ ଯନ୍ତ୍ରଣାରେ ଛଟପଟ ହେଉଥିବା ସମ୍ପୃକ୍ତ ରୋଗୀଙ୍କୁ ମୃତ୍ୟୁକୁ ଅପେକ୍ଷା କରିବାକୁ ପଡ଼େ । ଏହି ବ୍ୟକ୍ତିମାନେ ଯେତେଦିନ ପଡ଼ିରହନ୍ତି ସେମାନଙ୍କ ଯନ୍ତ୍ରଣା ଦିନକୁଦିନ ସେତିକି ବଢ଼ିଚାଲେ । ଏହିଭଳି କିଛି ଲୋକ ଯନ୍ତ୍ରଣାରେ ଛଟପଟ ହେବା ଅପେକ୍ଷା ଇଚ୍ଛା ମୃତ୍ୟୁ ଲୋଡ଼ନ୍ତି । ଏନେଇ ସୁପ୍ରିମ୍‌କୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । ସୁପ୍ରିମ୍‌କୋର୍ଟ ଏଭଳି କ୍ଷେତ୍ରରେ ଇଚ୍ଛା ମୃତ୍ୟୁକୁ ଆଇନଗତ ଭାବେ ବୈଧ ବୋଲି ଦର୍ଶାଇବା ସହ ପ୍ରତ୍ୟେକ ରାଜ୍ୟ ସରକାରଙ୍କୁ ଏହି ମର୍ମରେ ଏକ ଗାଇଡ୍‌ଲାଇନ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଗାଇଡ୍‌ଲାଇନ୍‌କୁ ସବୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ ଲାଗି ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ସୁପ୍ରିମ୍‌କୋର୍ଟଙ୍କ ଏହି ନିର୍ଦ୍ଦେଶନାମା ଆଧାରରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏକ ଗାଇଡ୍‌ଲାଇନ୍ ଜାରି କରିବା କଥା । କର୍ଣ୍ଣାଟକ ରାଜ୍ୟ ସରକାର ଗାଇଡ୍‌ଲାଇନ୍ ଜାରି କରିଥିଲାବେଳେ ଓଡ଼ିଶା ସରକାର ଆଜି ପର୍ଯ୍ୟନ୍ତ କୌଣସି ଗାଇଡ୍‌ଲାଇନ୍ ଜାରି କରିନାହାନ୍ତି । ଏ ସଂକ୍ରାନ୍ତରେ ଜବାବ ରଖିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଭାରତ ବିକାଶ ପରିଷଦ ପକ୍ଷରୁ ବିଜୟ ଦିବସ ପାଳିତ

ଭୁବନେଶ୍ୱର,(ସବ୍ୟୁ): ଯେ କୌଣସି ଯୁଦ୍ଧ ଆରମ୍ଭ ହେଲେ ତାର ପରିସମାପ୍ତି ଘଟିଥାଏ । ଏହାର ପରିଣାମ ନିଶ୍ଚିତ ଭାବେ ଧର୍ମର ଜୟ, ସତ୍ୟର ଜୟ ଓ ମାନବିକତାର ଜୟରେ ସମାପ୍ତି ଘଟିଥାଏ । ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ବୁଦ୍ଧ ମନ୍ଦିରରେ ଭାରତ ବିକାଶ ପରିଷଦ ସେଣ୍ଟ୍ରାଲ ଶାଖା, ଭୁବନେଶ୍ୱର ପକ୍ଷରୁ ୧୯୭୧ରେ ହୋଇଥିବା ଭାରତ-ପାକିସ୍ଥାନ ଯୁଦ୍ଧର ପରିସମାପ୍ତି ଭାରତର ବିଜୟକୁ ନେଇ ୫୫ତମ ବିଜୟ ଦିବସ ପାଳନ କରାଯାଇଥିଲା । ଆୟୋଜକ କମିଟିର ଆବାହକ କଲୋନେଲ ସୋଭିତ୍ କୁମାର ଦାଶଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏୟାର ମାର୍ଶଲ ପୂର୍ବତନ ଏୟାର ଅଫିସର କମାଣ୍ଡିଙ୍ଗ -ଇନ୍-ଚିଫ ଇଷ୍ଟର୍ଣ୍ଣ ଏୟାର - କମାଣ୍ଡ ଡ଼ି.କେ. ପଟ୍ଟନାୟକ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଲେଫଟନାଣ୍ଟ ଜେନେରାଲ ଡ଼. ନାରାୟଣ ମହାନ୍ତି ନିଜ ଅଭିଭାଷଣରେ ୧୯୭୧ ଭାରତ -ପାକିସ୍ଥାନ ଯୁଦ୍ଧ ଓ ସେହି ସମୟର ଅନେକ ଘଟଣା ବଳୀ ଉପରେ ସୂଚନା ରଖିଥିଲେ । ସେହି ସମୟରେ ପାକିସ୍ଥାନ ଯୁଦ୍ଧରେ ପରାସ୍ତ ହୋଇ କିପରି ୯୩ ହଜାର ବୀରତ୍ୱପୂର୍ଣ୍ଣ ବିଜୟ ହୋଇଥିବା ବେଳେ ଅନେକ ସେନା ଦେଶ ମାତୃକାର ଲାଗି ସହୀଦ ମଧ୍ୟ ହୋଇଥିଲେ । ସେହି ମୁହୂର୍ତ୍ତକୁ ମନେପକାଇବା ପାଇଁ ପ୍ରତିବର୍ଷ ଡ଼ିସେମ୍ବର ୧୬କୁ ବିଜୟ ଦିବସ ଭାବେ ପାଳନ କରାଯାଉଛି । ଏହି ଅବସରରେ ଆଜି ଦୁଇ ଜଣ ବୀରାଙ୍ଗନା ନାରୀ ଅସୀମା




ପାକିସ୍ତାନୀ ସୈନିକ ପ୍ରିଜନର ଅଫ ଓ୍ୱାର ହୋଇଥିଲେ ସେହି ଘଟଣାକୁ ଅବତାରଣା କରିଥିଲେ । ଏହି ଯୁଦ୍ଧରେ ଭାରତ ଜିତିବା ପରେ ବଙ୍ଗଳାଦେଶର ମୁକ୍ତି ଆନ୍ଦୋଳନ ସଫଳ ହୋଇ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଜନ୍ମ ନେଇଥିଲା । ଅନୁଷ୍ଠାନର ସଭାପତି ଡ଼. ଏମ.ପି ରାଉତ ସଭାକୁ ସଭାପତିତ୍ୱ କରିଥିଲେ । ସଭାରେ ସ୍ୱାଗତ ଅଭିଭାଷଣ ରଖି ଆବାହକ କଲୋନେଲ ଶ୍ରୀ ଏସ.କେ. ଦାଶ କହିଲେ ଯେ ଭାରତ -ପାକିସ୍ଥାନ ମଧ୍ୟରେ ୧୯୭୧ରେ ୧୪ ଦିନ ଧରି ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ ଭାରତର ପଣ୍ଡା, ( ସ୍ୱର୍ଗତ କଲୋନେଲ ସି.ଆର. ପଣ୍ଡା ) ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ବିଗ୍ରେଡ଼ିୟର ଡ଼. ଏସ.କେ. ରଥ ଓ ଇଞ୍ଜିନିୟର ବନବୀର ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ନିବେଦିତା ମଲ୍ଲିକ ( ସ୍ୱର୍ଗତ ନାଏକ ସଚ୍ଚିଦାନ୍ଦ ମଲ୍ଲିକ) ଅତିଥି ବକ୍ତା ଭାବେ ଗୀତା ପଟ୍ଟନାୟକ ମଞ୍ଚାସୀନ ଥିଲେ । ଆୟୋଜିତ ସଭାକୁ ଚନ୍ଦନା ତ୍ରିପାଠୀ ପରିଚାଳନା କରିଥିଲେ । ସଭା ଶେଷରେ କଲୋନେଲ ପି.କେ. ଦାସ ଙ୍କ ଦ୍ୱାରା ଅପରେସନ ସିନ୍ଦୁର ଉପରେ ଅଡ଼ିଓ ଭିଜୁଆଲ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା ।

# ଜିଲ୍ଲାସ୍ତରୀୟ ନିର୍ବାଚନ ସଂସ୍କାର (ଏସ୍ଆଇଆର) ସମ୍ବନ୍ଧୀୟ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ମୃତ୍ୟୁ ହେଲେ କିମ୍ବା ଦୁଇଟି ସ୍ଥାନରେ ଭୋଟର ହେବା ପରେ ନାମ ବାଦ୍ ଦେବା, ୧୮ ବର୍ଷ ବୟସ ହେବା




ପରେ ନାମ ଯୋଡିବା ଏବଂ ବାଛି ବାଛି ଅନୁପ୍ରବେଶକାରୀଙ୍କୁ ବାଦ୍ ଦେବା ହେଉଛି ଏସ୍ଆଇଆର । ଭୋଟର ତାଲିକାର ଶୁଦ୍ଧିକରଣ ଅତ୍ୟାବଶ୍ୟକ, କାରଣ ଦେଶର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଚୟନ କରି ଦେଶକୁ ଅସୁରକ୍ଷିତ କରିବାକୁ ପ୍ରୟାସ କରୁଥିବା ଅନୁପ୍ରବେଶକାରୀଙ୍କୁ ରୋକିବା ନିମନ୍ତେ ଏସ୍ଆଇଆର ଜରୁରୀ । ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା, ଭୋଟର ତାଲିକାରୁ ବାଦ୍ ଦେବା ଏବଂ ସେମାନଙ୍କୁ ଦେଶାନ୍ତର କରିବା ହେଉଛି ବିଜେପିର ସ୍ପଷ୍ଟ ନୀତି । ଅନ୍ୟପଟେ କଂଗ୍ରେସ ସମେତ ଇଣ୍ଡି ମେଣ୍ଟର ନେତୃବୃନ୍ଦ ବିବାଦୀୟ ବୟାନବାଜି କରି ବିଭ୍ରାନ୍ତ କରୁଛନ୍ତି । ଏସ୍ଆଇଆର ପ୍ରସଙ୍ଗରେ ସତ୍ୟାସତ୍ୟ ଜାଣିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟ ସମ୍ପାଦକ ସରୋଜ କର କହିଛନ୍ତି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ତରଫରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ରାଜ୍ୟ ସମ୍ପାଦକ ତଥା ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ପ୍ରଭାରୀ ସରୋଜ କର, ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି, ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ, ମଣ୍ଡଳ ସଭାପତି, ଶକ୍ତିକେନ୍ଦ୍ର ସଭାପତି ମାନେ ଉପସ୍ଥିତ ଥିଲେ । ଏହାକୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଗୃହ ମନ୍ତ୍ରୀ ଅମିତ ଶାହ ପାର୍ଲିଆମେଣ୍ଟରେ ଦେଇଥିବା ଏସ୍ଆଇଆର ବିବୃତି ଉପରେ ଆଲୋଚନା ହୋଇଥିଲା । ଆସନ୍ତାକାଲି ଜିଲ୍ଲାର ସମସ୍ତ ମଣ୍ଡଳରେ ଏସ୍ଆଇଆର ଉପରେ କର୍ମଶାଳା ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି ।

ସ୍ୱାଭିମାନୀ ନେତାଙ୍କ ସ୍ମୃତିସଭା

# ଲଢୁଆ ନେତା ଥିଲେ ପ୍ରଶାନ୍ତ ମହାପାତ୍ର

ଭୁବନେଶ୍ୱର, (ସବ୍ୟୁ): ପ୍ରଶାନ୍ତ ମହାପାତ୍ର ଥିଲେ ଜଣେ ସ୍ୱାଭିମାନୀ ନେତା । ଜଣେ ସଚ୍ଚୋଟ, କର୍ମଠ ଯୁବ ନେତା ଭାବେ ପରିଚିତ । ପୁରୁଣା ଭୁବନେଶ୍ୱରର ଏହି ଯୁବ ନେତା ପ୍ରଶାନ୍ତ ମହାପାତ୍ର ପ୍ରବାଦ ପୁରୁଷ ବିଜୁ ବାବୁଙ୍କର ଅତି ନିକଟତରଥିଲେ । ବିଜୁବାବୁ ଯେଉଁ ସମୟରେ ଯେଉଁ ଦାୟିତ୍ୱ ଦେଉଥିଲେ ସେ ତାହାକୁ ସଠିକ୍ ଭାବେ ନିର୍ବାହ କରୁଥିଲେ । ସେ କେବେ ହେଲେ ନିଜ ସ୍ୱାର୍ଥପ୍ରତି ଧ୍ୟାନ ଦେଉ ନ ଥିଲେ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ମଙ୍ଗଳବାର ସ୍ଥାନିୟ ଗୀତ ଗୋବିନ୍ଦ ସଦନରେ ପ୍ରଶାନ୍ତ ମହାପାତ୍ର ସ୍ମୃତି କମିଟି ପକ୍ଷରୁ ଆୟୋଜିତ ତୃତୀୟ ଶ୍ରାଦ୍ଧ ବାର୍ଷିକୀରେ ମୁଖ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ମୁଖ୍ୟ




ଅତିଥି ଭାବେ ଯୋଗ ଦେଇ ପ୍ରଶାନ୍ତ ମହାପାତ୍ରଙ୍କ ନିଷ୍ଠା କର୍ତ୍ତବ୍ୟ ଯୋଗୁ ଆଜି ବି ସମସ୍ତଙ୍କ ମନରେ ରହିଛନ୍ତି । ସେତେବେଳେ ପୁରୁଣା ଭୁବନେଶ୍ୱର କହିଲେ ପ୍ରଶାନ୍ତ ଭାଇନାକୁ ବୁଝାଏ । ବିଶିଷ୍ଟ ଅତିଥିଭାବେ ବିଜେଡି ନେତା ଅରୂପ ପଟ୍ଟନାୟକ ଯୋଗଦେଇ କହିଥିଲେ ସମସ୍ତେ ଫାଇଟର ଯାହାଙ୍କୁ ରଶ୍ମୀ ମହାପାତ୍ର ଏହି ମଞ୍ଚରେ ଏକାଠି କରିପାରିଛି । ୧୯୮୦-୯୦ ଦଶକର କାଳ ଖଣ୍ଡନକୁ ଆଲୋଚନା କଲେ ପ୍ରଶାନ୍ତ ମହାପାତ୍ରଙ୍କ କଥା ନ କହିଲେ ଭୁବନେଶ୍ୱର ବିକାଶ ସେତେବେଳେ ଅଧୁରା ରହିଯିବ ବୋଲି ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠି କହିଥିଲେ । ସମ୍ମାନିତ ଅତିଥି ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ଯୋଗଦେଇ କହିଥିଲେ ଏକାମ୍ର ଭୁବନେଶ୍ୱରର ଶେଷ ନେତୃତ୍ୱ ଥିଲେ । ମୋତେ ଯଦି କିଏ ରାଜନୈତିକ ନେତା ଭାବେ ଗଢିଥାଏ ସେ ହେଲେ ପ୍ରଶାନ୍ତ ଭାଇନା ବୋଲି ସିଂ କହିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବିଜେପି ନେତା ଜଗନ୍ନାଥ ପ୍ରଧାନ, ସମାଜସେବୀ ହରପ୍ରିୟା ପାଣିଗ୍ରାହୀ ପ୍ରମୁଖ ଅତିଥିମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଜନତା ଦଳର ପୂର୍ବତନ ଛାତ୍ରନେତା ସମରେନ୍ଦ୍ର ସାହୁ ସଂଯୋଜନା କରିଥିବାବେଳେ ଅଧକ୍ଷତା କରିଥିଲେ କମିଟିର ଆବାହକ ଶ୍ରୀହର୍ଷ ହୋତା । ସ୍ୱର୍ଗତ ପ୍ରଶାନ୍ତ ମହାପାତ୍ରଙ୍କ ଧର୍ମପତ୍ନୀ ତଥା ବିଜେପି ନେତ୍ରୀ ରଶ୍ମୀ ମହାପାତ୍ର କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି ଅବସରରେ ସାମାଜସେବା, ସାମ୍ବାଦିକତା, ଶିଳ୍ପ, ଓ ଆଇନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୫ଜଣଙ୍କୁ ପ୍ରଶାନ୍ତ ମହାପାତ୍ର ସ୍ମୃତି କମିଟି ତରଫରୁ ସାମ୍ମାନିତ କରାଯାଇଥିଲା । ଶେଷରେ ସରୋଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାଳିଦେଲେ ଚାଷୀର ୧୫ ଗୁଣ୍ଠ ଧାନ ବିଲ

ବାଲିପାଟଣା, (ସବ୍ୟୁ): ବାଲିପାଟଣା ଥାନା ଅନ୍ତର୍ଗତ ପମ୍ପାଲୋ ଗ୍ରାମ ପଞ୍ଚାୟତ କୁଳନ୍ତିରା ଗ୍ରାମ ଗହିରରେ ଜଣେ ଚାଷୀ ନିଜର କୁଟାକୁ ନିଆଁ ଲଗାଇ ପଡୁଥିବା ସମୟରେ ହଠାତ ଏକ ଧାନ ଫସଲ ବିଲରେ ନିଆଁ ଲାଗି ସବୁ ଧାନ ପୋଡ଼ି ଯାଇଛି ।ଯାହାକୁ ନେଇ ବିବାଦ ସୃଷ୍ଟି ହୋଇ ଥାନାରେ ଅଭିଯୋଗ ହୋଇଛି । ଦରଡା ଗ୍ରାମର କବିରାଜ ଭୋଇଙ୍କ ପୁଅ ସର୍ବେଶର ଭୋଇଙ୍କ ଜମି ନିକଟରେ ଥିବା ବନା ବେହେରାଙ୍କ ଜମି । ମଙ୍ଗଳବାର ଦିନ ବିଲରେ କଟା ହୋଇ ପଡିଥିବା କୁଟାକୁ ନିଆଁ ଲଗାଇ ଦେଇଥିଲେ । ଚାହୁଁ ଚାହୁଁ ନିଆଁ ଚାରିଆଡ଼େ ବ୍ୟାପି ଯାଇଥିଲା ।ପାଖରେ ଥିବା ସର୍ବେଶରଙ୍କ ୧୫ ଗୁଣ୍ଠ ଧାନ ଫସଲରେ ନିଆଁ ଲାଗିଯାଇଥିଲା ।ଖବର ପାଇ ନିକଟରେ ଧାନ କଟୁ ଥିବା ସର୍ବେଶର ପରିବାର ଲୋକେ ପାଣି ପକାଇ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିବା ସହ ଅଗ୍ନୀଶ୍ରମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶ୍ରମ ବାହିନୀ ପହଁଚିବା ବେଳକୁ ନିଆଁ ଆୟତ ହୋଇଯାଇଥିଲା । ନିଆଁ ଲଗାଇ ଥିବା ବନା ବେହେରା କ୍ଷତି ପୂରଣ ଦେବାକୁ ରାଜି ହୋଇଥିଲେ ମଧ୍ୟ ବନାଙ୍କ ଗ୍ରାମର କିଛି ଯୁବକ ବିରୋଧ କରିବା ସହ ସର୍ବେଶରକୁ ଆକ୍ରମଣ କରିଥିଲେ । ଯାହାକୁ ନେଇ ବାଲିପାଟଣା ଥାନାରେ ଅଭିଯୋଗ ହୋଇଛି ।

ଧର୍ମଶାଳାରେ ରାଜନୈତିକ ହିଂସା ଓ ଗୋଷ୍ଠୀ ସଂଘର୍ଷ ଘଟଣା

# ୪ ଅଭିଯୁକ୍ତ ଗିରଫ ପରେ ଉଭୟ ଗୋଷ୍ଠୀଙ୍କ ଧାରଣା ପ୍ରତ୍ୟାହୃତ, ଶାନ୍ତି ଫେରୁଛି

ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଧୁପୁରଗଡ ପଞ୍ଚାୟତରେ ଗତ ରବିବାର ଅପରାହ୍ନରେ ଘଟିଥିବା ରାଜନୈତିକ ହିଂସା ଓ ଗୋଷ୍ଠୀ ସଂଘର୍ଷକୁ ନେଇ ଧର୍ମଶାଳାରେ ଛକାପଞ୍ଝା ରାଜନୀତି ଓ ବୟାନବାଜୀ ଏବେବି ଜାରୀ ରହିଛି । ଧର୍ମଶାଳାର ବିଜେଡି ଯୁବ ଓ ଛାତ୍ର ସଂଗଠନର କେତେକ କର୍ମୀ ଓ ସୋସିଆଲ ମିଡିଆ ସେଲର ସଦସ୍ୟମାନେ ପ୍ରାକ୍ତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ମଧୁପୁରଗଡ ପଞ୍ଚାୟତର ପନ୍ତୁରୀ ସ୍ଥିତ ଫାର୍ମ ହାଉସରେ ବୈଠକ ଓ ବଣଭୋଜି କରୁଥିଲା ବେଳେ ସ୍ୱାଧିନ ବିଧାୟକ ହିମାଂଶୁଶେଖର ସାହୁଙ୍କ ଶତାଧିକ କର୍ମୀ ହଠାତ ସେଠାରେ ପହଞ୍ଚି ଅତର୍କିତ ଆକ୍ରମଣ କରିଥିଲେ । ଫଳରେ ସେଠାରେ ଭୟଙ୍କର ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହୋଇଥିଲା ।ଏହି ଗୋଷ୍ଠୀ ସଂଘର୍ଷରେ ୧୫ଜଣରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଥିଲା ବେଳେ ୬ଜଣଙ୍କ ଅବସ୍ଥା ସଂକଟାପର୍ଣ ହୋଇଥିଲା । ଏଥିସହ ଗଣ୍ଡଗୋଳରେ କାର ଓ ଅନେକ ଗୁଡିଏ ମୋଟର ସାଇକେଲ ସହ ପୂର୍ବତନ ବିଧାୟକ ପ୍ରଣବଙ୍କ ଘର ଭଙ୍ଗାରୁଜା ହୋଇଥିଲା । ଘଟଣା ପରେ ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି ହେବା ସହ ରବିବାର ରାତିରୁ ସମଗ୍ର ଧର୍ମଶାଳା ଅଶାନ୍ତ ହୋଇପଡିଥିଲା । ଏହି ଘଟଣାର ପ୍ରତିବିଦ ଓ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ରବିବାର ରାତିରୁ ପ୍ରାକ୍ତନ ବିଧାୟକ ପ୍ରଣବକୁମାର ବଳବନ୍ତରାୟ ଓ ତାଙ୍କ ସମର୍ଥକ ମାନେ ଭୁବନେଶ୍ୱର ସ୍ଥିତ ରାଜ୍ୟ ପୋଲିସ ଡିଜିଙ୍କ କ୍ୟାମ୍ପ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲା ବେଳେ ସୋମବାର ସକାଳୁ ପାଲଟା ଅଭିଯୋଗ କରି ସ୍ୱାଧୀନ ବିଧାୟକ ହିମାଂଶୁଶେଖର ସାହୁଙ୍କ ସମର୍ଥକ ମାନେ ଯାଜପୁର ଜିଲ୍ଲାର ଜେନାପୁର ଥାନା ସମ୍ମୁଖରେ ଧାରଣା ଦେଇଥିଲେ । ଯାହାକୁ ନେଇ ଏଠାରେ ଏକ ବିଚିତ୍ର ସ୍ଥିତି ସୃଷ୍ଟି ହେବା ସହ ପ୍ରକୃତରେ କିଏ ଏହି ସଂଘର୍ଷ ଘଟାଇଛି ଓ ଏଥିରେ କେଉଁମାନେ ସଂପୃକ୍ତ ତାକୁନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଥିଲା ।ତେବେ ଏହି ଘଟଣାରେ ସଂପୃକ୍ତ ଥିବା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ପୁରୁଣାବଡଳମାଳ ପଞ୍ଚାୟତ ବରମୁଣ୍ଡୁଳି ଗ୍ରାମର ଦୁର୍ଗାଦତ୍ତ ଦଳାଇ,ଜେନାପୁର ପଞ୍ଚାୟତର ପ୍ରକାଶ ବରାଳ,ବୃନ୍ଦାଦେଇପୁର ପଞ୍ଚାୟତର ଶୁରେସ ରାଉତ ଓ ମହିଶରା ପଞ୍ଚାୟତର ଚନ୍ଦନ ଜେନା ପ୍ରମୁଖ ୪ ଜଣ ଅଭିଯୁକ୍ତଙ୍କୁ ସୋମବାର ରାତିରେ ପୋଲିସ ଗିରଫ କରିବା ପରେ ଘଟଣାରେ କିଏ ଯଡିତ ଓ ପ୍ରକୃତରେ ଏହାର ରଚୟିତା କିଏ ତାହା ଧିରେଧିରେ ସ୍ପଷ୍ଟ ହେବାରେ ଲାଗିଛି । ଯାଜପୁର ଏସପିଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ପୋଲିସ ଟିମ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଜେନାପୁର ଥାନା ଓ ଭୁବନେଶ୍ୱର ଡିଜିପିଙ୍କ କ୍ୟାମ୍ପ ଅଫିସ ସମ୍ମୁଖରେ ଚାଲିଥିବା ଧାରଣା ପ୍ରତ୍ୟାହୃତ ହୋଇଛି ଓ ଧର୍ମଶାଳାରେ ସାମୁହିକଭାବେ ଶାନ୍ତି ଫେରୁଛି । ଏପରି ସ୍ପର୍ଶକାତର ଘଟଣାକୁ ନେଇ ସାରା ରାଜ୍ୟରେ ରାଜନୈତିକ ମହଲରେ ଚର୍ଚ୍ଚା ଯୋର ଧରିଥିବାରୁ ଓ ପୋଲିସର ନିରପେକ୍ଷତା ନେଇ ପ୍ରଶ୍ନ ହେବାପରେ ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ଏହି ଘଟଣାକୁ ଅତି ଗୁରୁତର ବିଚାରକରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଯାଜପୁର ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ପୋଲିସ ନିଜଆଡ଼ୁ ଏକ ମାମଲା ରୁଜୁକରି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା । ଗିରଫ ୪ଜଣଙ୍କୁ ପୋଲିସ ମଙ୍ଗଳବାର ଦିନ କୋର୍ଟ ଚାଲାଣ କରିଥିବା ବେଳେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଜାମିନ ମଞ୍ଜୁର କରିଥିବା ଜଣାପଡ଼ିଛି । ଗିରଫ ଏହି ୪ଜଣଯାକ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମର୍ଥକ ବୋଲି ଆଲୋଚନା ହେଉଛି । ଏହି ଘଟଣାରେ ଜେନାପୁର ଥାନାରେ ମୋଟ ୬ଟି ମାମଲା ପଞ୍ଜିକୃତ ହୋଇଛି । ତେବେ ଗଣ୍ଡଗୋଳରେ ବିଧାୟକ ହିମାଂଶୁଙ୍କର ଜଣେ ସମର୍ଥକ ଗୁରୁତର ଆହତ ହୋଇଥିବାରୁ ତାଙ୍କ ଏତଲାରେ ଅଭିଯୁକ୍ତ ଦର୍ଶା ଯାଇଥିବା ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ମଧ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଗତ ନିର୍ବାଚନ ପରେ ଧର୍ମଶାଳାରେ ବାରମ୍ବାର ଏପରି ରାଜନୈତିକ ହିଂସା, ଅରାଜକତା, ସଂଘର୍ଷ ଓ ଆତଙ୍କରାଜ ଲାଗିରହିଥିବାରୁ ଏହାକୁକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯିବା ସହ ଧର୍ମଶାଳାର ସାମଗ୍ରୀକ ବିକାଶ ପାଇଁ ସମସ୍ତେ ସଚେତନ ହୋଇ ଶାନ୍ତି ବଜାୟ ରଖନ୍ତୁ ବୋଲି ଅପିଲ କରାଯାଇଛି ।

## ଚୋରା ବାଲି, ମୋରମ ମାଫିଆଙ୍କ ଉପରେ ପୋଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟରେ ଚୋରା ବାଲି, ମୋରମ, ମାଙ୍କଡା ପଥର ମାଫିଆ ତଥା ବେଆଇନ ଗୋ-ଚାଲାଣକାରୀଙ୍କ ବିରୋଧରେ ଓଡିଶା ପୋଲିସ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି କ୍ରମରେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଓ ଗୋ ଚାଲାଣ ଉପରେ ରୋକ ଲଗାଇବା ପାଇଁ କିଛି ଦିନ ଧରି ପୋଲିସ ତରଫରୁ "ଅପରେସନ୍ ଧରପଗଡ" ଅଭିଯାନ କରାଯାଇଥିଲା । ରାଜ୍ୟ ତମାମ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇୱାକୁ ଜବତ କରାଯାଇଛି । ଅଦ୍ୟାବଧି ସାରା ରାଜ୍ୟରେ ବାଲି, ମୋରମ ଏବଂ ମାଙ୍କଡା ପଥର ମାଫିଆଙ୍କ ବିରୋଧରେ ୧୩୪ ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୬୩ ଟି ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇୱାକୁ ଜବତ କରାଯାଇଛି । ଏହା ସହ ୧୪ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ୯୨ରୁ ଅଧିକ ଲୋକଙ୍କୁ ନୋଟିସ ଦିଆଯାଇଛି ।

## ଜାତୀୟ ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା : ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ, ରାସ୍ତା ଅବରୋଧ

ଚଣ୍ଡିଖୋଲ, (ସବ୍ୟୁ) ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ଯାଜପୁର ଜିଲ୍ଲା ଅନ୍ତର୍ଗତ କଇଥାନାଳ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ସ୍ୱାମୀ ସ୍ତ୍ରୀ ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ଜଣେ ଶିଶୁପୁତ୍ର ଗୁରୁତର ଆହତ ହୋଇ ଅଳ୍ପକେ ବଞ୍ଚିଯାଇଥିବା ଜଣାପଡିଛି । ୭ ମାସର ଶିଶୁପୁତ୍ରର ଦେହ ଖରାପ ଥିବାରୁ କଳିଙ୍ଗନଗ ଥାନା ପଙ୍କପାଳ ଗ୍ରାମର ଜନ୍ମେଜୟ ଦଳାଇ ଓ ତାଙ୍କ ସ୍ତ୍ରୀ ବୈଶାଖୀ ଏକ ମୋଟର ସାଇକେଲରେ ସ୍ଥାନୀୟ କବାଟବନ୍ଧ ଡାକ୍ତରଖାନାକୁ ଆସିଥିଲେ । ସେମାନେ କଇଥାନାଳ ପାର ହେଉଥିଲା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା । ଘଟଣା ସ୍ଥଳରେ ଜନ୍ମେଜୟ ଓ ବୈଶାଖୀ ଙ୍କର ମୃତ୍ୟୁ ଘଟି ଯାଇଥିଲା ବେଳେ ୭ ମାସର ଶିଶୁପୁତ୍ରଟି ମୋଟର ସାଇକେଲରୁ କିଛି ଦୂରକୁ ଛିଟିକି ପଡିବାରୁ ଗୁରୁତର ଆହତ ହୋଇଥିଲେ ମଧ୍ୟ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲା । ତେବେ ବାପା ମାନଙ୍କୁ ହରାଇଥିବା ଶିଶୁଟିକୁ କଟକ ଶିଶୁଭବନକୁ ଚିକିତ୍ସା ପାଇଁ ପଠାଯାଇଥିବା ଜଣାପଡିଛି । ଦୁର୍ଘଟଣା ଖବର ପାଇ ସ୍ଥାନୀୟ ଲୋକେ ଟାୟାରଜାଳି କିଛି ସମୟ ପାଇଁ ରାସ୍ତା ଅବରୋଧ ଅରିଥିଲେ । କଳିଙ୍ଗ ନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛି । ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଦୁର୍ଘଟଣା ସ୍ଥଳରେ ଉତ୍ତେଜନା ଲାଗିରହିଥିଲା ।

## ପୀତବାସ ହତ୍ୟା ମାମଲା

# ବିକ୍ରମଙ୍କ ସମେତ ୫ ଅଭିଯୁକ୍ତଙ୍କ ଜାମିନ ଖାରଜ୍

ବ୍ରହ୍ମପୁର, (ସବ୍ୟୁ): ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଦିନ କରୁଥିବା ୫ ଅଭିଯୁକ୍ତ ତଥା ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁ, ଆଇନଜୀବୀ ତଥା ବିଜେଡି ନେତା ମଦନ ମୋହନ ଦଳାଇ, ବ୍ୟବସାୟୀ ସୁନିଲ ହୋତା ଓ ଶୂନ୍ୟ ଦାସଙ୍କ ଜାମିନ ଆବେଦନ ଖାରଜ୍ ହୋଇଯାଇଛି ।

ବ୍ରହ୍ମପୁର ସ୍ଥିତ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲା ଜଜ୍-୩ୟ ବିବସ୍ୱତ ଗୌତମ ଆଜି ଏହି ମାମଲାର ଚୁଡାନ୍ତ ରାୟ ପ୍ରକାଶ କରିଥିଲେ । ପୂର୍ବରୁ ଉପରୋକ୍ତ ୫ ଅଭିଯୁକ୍ତ ନିଜ ଓକିଲଙ୍କ ଜରିଆରେ ଖଲାସ ପିଟିସନ ଓ ଜାମିନ ଆବେଦନ କରିଥିଲେ । ଗତ ୧୨ ତାରିଖରେ ଏହି ଜାମିନ ଆବେଦନ ଶୁଣାଣି ହୋଇଥିଲା । ଉଭୟ ପକ୍ଷଙ୍କ ଓକିଲ ମଧ୍ୟରେ ଜବାବ ସୁଆଲ ହୋଇଥିଲା । ସରକାରୀ ଓକିଲ ଅଭିଯୁକ୍ତଙ୍କ ଜମିନକୁ ଦୃଢ଼ ବିରୋଧ କରିଥିଲେ । ସେହି ଦିନ ଅଦାଲତରେ ଜାମିନ ଶୁଣାଣି ହୋଇଥିଲେ ମଧ୍ୟ ଜଜ୍ ନିଜ ରାୟ ସଂରକ୍ଷିତ ରଖିଥିଲେ । ଆଜି ସମସ୍ତ ୫ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ କରାଯାଇଥିବା ସ୍ୱତନ୍ତ୍ର ପିପି କାଳୀ ପ୍ରସାଦ ମିଶ୍ରଙ୍କ ଠାରୁ ସୂଚନା ମିଳିଛି । ସୂଚନା ଥାଉକି, ଚଳିତ ବର୍ଷ କୁମାର ପୂର୍ଣ୍ଣିମା ରାତିରେ ରାଜ୍ୟ ଆଇନଜୀବୀ ପରିଷଦ ପିତବାସ ପଣ୍ଡାଙ୍କୁ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଥିଲା । ଏହି ମାମଲାରେ ପୁଲିସ ବିକ୍ରମ ଓ ପିଣ୍ଟୁ ସମେତ ମୋଟ ୧୬ ଜଣଙ୍କୁ ଗିରଫ କରିଥିଲା । ବର୍ତ୍ତମାନ ସମସ୍ତ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଛନ୍ତି ।

# ବାରିପଦା ବ୍ଲକସ୍ତରୀୟ ମାସିକ ସମୀକ୍ଷା ବୈଠକ



ବାରିପଦା, (ସବ୍ୟୁ) : ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାରିପଦା ବ୍ଲକସ୍ତରୀୟ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ବୈଠକରେ ଡାଏଟ, ମୟୂରଭଞ୍ଜର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଓ ଏଫଏଲଏନ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଯୋଗେଶ୍ୱର ଘୋଷ ମହାପାତ୍ର ଯୋଗଦେଇ ୧ମ ରୁ ୩ୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମୌଳିକ ସଂଖ୍ୟା ଓ ଭାଷା ଜ୍ଞାନ ଦକ୍ଷତା ବୃଦ୍ଧି ଉପରେ ଆଲୋକପାତ କରିଥିଲେ।

ବିଆରସିସି ତପସ୍ୱିନୀ ଦାଶ ଛାତ୍ରଛାତ୍ରୀଙ୍କ ନିରନ୍ତର ଶୈକ୍ଷିକ ସ୍ତରର ମୂଲ୍ୟାୟନ, ଲାଇବ୍ରେରୀ ପୁସ୍ତକ ପଠନ, ସ୍କୁଲରେ ନାମ ଲେଖାଇନଥିବା ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରଜମୋହନ ମୁର୍ମୁ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟରେ ନିୟମିତ ଉପସ୍ଥାନ ଉପରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ଶିକ୍ଷକ ମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଏହି ବୈଠକରେ ବାରିପଦା ବ୍ଲକର ସମସ୍ତ ସିଆରସିସି, ପ୍ରଧାନ ଶିକ୍ଷକ/ଶିକ୍ଷୟତ୍ରୀ ଓ ଏଫଏଲଏନ ଶିକ୍ଷକ/ଶିକ୍ଷୟତ୍ରୀ ଉପସ୍ଥିତ ରହି ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଓ ତା'ର ସମାଧାନ ଉପରେ ନିଜନିଜର ମତ ରଖିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ କାର୍ଯ୍ୟକ୍ରମ



ବ୍ରହ୍ମପୁର, (ସବ୍ୟୁ): ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଦିନ ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ । ବ୍ରହ୍ମପୁର ସହରର ରାସ୍ତା ଘାଟ ନଷ୍ଟ ହୋଇ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଏହି ରାସ୍ତା ଗୁଡିକୁ ମହାନଗର ନିଗମ ପକ୍ଷରୁ ତାଳିପକା କାର୍ଯ୍ୟ କରାଯାଉଛି । ଯାହାକୁ ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ବହୁ ସହର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ନାଳ ନର୍ଦ୍ଦମା ସଠିକ ଭାବେ ସଫେଇ କରାଯାଉ ନାହିଁ କି ସେଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ । ସଫେଇ କାର୍ଯ୍ୟ କରିବା କର୍ମଚାରୀ ମାନଙ୍କୁ ନେଇ ଫୋଟ ଉଠାଇ ଛଡ଼ା ଯାଉଛି । ଯାହା କେତେ କର୍ମଚାରୀ ଉପସ୍ଥିତ ରହିଲେ ଓ କେତେ ଖର୍ଚ୍ଚ ହେବ ତାର ହିସାବ ରହିବ ।

ଏହାରି ଉପରେ ତଦନ୍ତ କଲେ କେତେ ଟଙ୍କା ଖର୍ଚ୍ଚ ହେଉଛି ତାର ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବା ଜରୁରୀ ବୋଲି ଅଭିଯୋଗ ଉଠିଛି । ଆସନ୍ତାକାଲି ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଏହି ଭଳି କାର୍ଯ୍ୟ କରାଯାଉଛି ବୋଲି ଆଲୋଚନାର ବିଷୟ ହୋଇଛି ।

ଗସ୍ତକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଛି । ନିଳକଣ୍ଠନଗର ଶିଶୁ ମନ୍ଦିର ଉତ୍ସବରେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି । ସେହି କାର୍ଯ୍ୟକ୍ରମ ସମୟରେ ହଳଦିଆ ପଦର ପଟୁ ଭାରିଯାନ ଅନ୍ଧପସରା ରାସ୍ତା ଦେଇ ଯାଇ ପାରିବ ନାହିଁ । ସେହିପରି ସହରର ଗିରିଜା ଛକ ପଟୁ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ଆଡକୁ ନଯାଇ କର୍ପୋରେସନ ରୋଡ ଯିବ । ଜ୍ୟୋତି ପେଟ୍ରୋଲ ପମ୍ପ ପଟୁ ଆସୁଥିବା ଯାନବାହାନ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ପଟକୁ କଟକଣା ଜାରି କରାଯାଇଛି ।

ଗାନ୍ଧୀନଗର ପଟୁ ଯାନବାହାନ ରାମଲିଙ୍ଗେଶ୍ୱର ପଟୁ ପମ୍ପ ନିକଟରୁ ମହାତ୍ମାଗାନ୍ଧୀ ଷ୍ଟାଡିୟମ ଉପର ରାସ୍ତା ଦେଇ ଯିବାକୁ ହେବ ।

ସେହିପରି ଧର୍ମନଗର ପଟୁ ଆସୁଥିବା ଯାନବାହାନ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ଅଭିମୁଖେ ଯାଇପାରିବ ନାହିଁ ବୁଢ଼ୀଠାକୁରାଣୀ ମନ୍ଦିର, ଡାଇମଣ୍ଡ ଟ୍ୟାଙ୍କ ରୋଡ, ଭେଙ୍କଟେଶ୍ୱର ମନ୍ଦିର ଏବଂ ପାକଲାବାରି ସାହି ପଟୁ କୌଣସି ଯାନବାହାନ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ଅଭିମୁଖେ ଯାଇପାରିବ ନାହିଁ । ବଡବଜାର ପଟୁ ବିଏମସି କାର୍ଯ୍ୟାଳୟ ପାଶ୍ୱର୍ଦେଇ କୌଣସି ପଟୁ ଯାନବାହାନ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ଅଭିମୁଖେ ଯାତ୍ରାୟତ କରିବା ଉପରେ ମଧ କଟକଣା ରହିଛି । ହରିଡାଖଣ୍ଡି ପଟୁ ଆସୁଥିବା ଯାନବାହାନଗୁଡିକ ଆସ୍କାରେ ରୋଡ ଦେଇ ସହର ଭିତରକୁ ପ୍ରବେଶ କରିପାରିବେ କିମ୍ବା ମେଣ୍ଟୁ ଛକ ଠାରୁ ସହର ଭିତରକୁ ପ୍ରବେଶ କରିପାରିବେ । କିନ୍ତୁ ଆମ୍ବବଜାର ଅଭିମୁଖେ ଯାତାୟତ କରିପାରିବେ ନାହିଁ । ପୋଲିସ ପକ୍ଷରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଟ୍ରାଫିକ ବ୍ୟବସ୍ଥା କରାଯାଇଛି ।

## ଏନ୍‌ବିସି କଲେଜରେ ରକ୍ତଦାନ ଶିବିର, ୪୦ ୟୁନିଟ୍ ସଂଗ୍ରହ




ଆସିକା, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ଆସିକା ବ୍ଲକ ଅନ୍ତର୍ଗତ କେନ୍ଦୁପଦର ସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଏନ୍‌ସିସି, ଯୁବ ରେଡ୍ କ୍ରସ, ଜାତୀୟ ସେବା ଯୋଜନା, ସ୍କାଉଟ ଗାଇଡ, ବାଲିସିରା ଏସବିଆଇ ଶାଖା ଓ ବ୍ରହ୍ମପୁର ଏମକେସିଜିର ମିଳିତ ଆନୁକୁଲ୍ୟରେ ମେଗା ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ସଂଯୋଜନା ତଥା ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଫୁଲ୍ଲ କାଣ୍ଡଗରି, କୁନା ସୁନା, ଆଲୋକ ପଧାନ, ଉପେନ୍ଦ୍ର ମାଝି, ରଘୁନାଥ ପ୍ରଧାନ, ଅଜିତ କୁମାର ପଟ୍ଟନାୟକ, ବିକାଶ ଦିଗାଳ, ଶିଲୁ ସେଠୀ, ସଚିନ ଜେନା ପ୍ରଥମେ ରକ୍ତଦାନ କରିଥିଲେ । ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ରକ୍ତଦାନ ଶିବିରରେ ପ୍ରାୟ ୪୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । ମହାବିଦ୍ୟାଳୟର ଏନ୍‌ସିସିର କାର୍ଯ୍ୟକାରୀ ଅଧିକାରୀ ଯୁବ ରେଡ୍ କ୍ରସ ସଂଯୋଜକ ଡ. କୁନା ସୁନା, ସହ ସଂଯୋଜିକା ଶୁଭଶ୍ରୀ ସାହୁ, ଜାତୀୟ ସେବା ଯୋଜନାର ସଂଯୋଜକ ଶିଲୁ ସେଠୀ, ସ୍କାଉଟ ଗାଇଡର ସଂଯୋଜକ ଉପେନ୍ଦ୍ର ମାଝି, ସଂଯୋଜିକା ସୁଜାତା ଟେଟେଙ୍କ ତତ୍ତ୍ୱାବଧାନରେ ଓ ଅନୁଷ୍ଠାନର ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ ।

## ଜୁନିଅର ରେଡ଼କ୍ରସ ପକ୍ଷରୁ ଜିଲ୍ଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବାଲିପଦର ହାଇସ୍କୁଲଠାରେ ଜୁନିଅର ରେଡ଼କ୍ରସ ପକ୍ଷରୁ ୫୩ତମ ଜିଲ୍ଲା ସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ତ୍ରିଦିବସୀୟ ଶିବିରରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲା ବେଳେ ଏଥିରେ ମୁଖ୍ୟବକ୍ତା ଭାବେ ଓଡିଶା ଜୁନିଅର ରେଡ଼କ୍ରସ ଅଫିସର ଲକ୍ଷ୍ମଣ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଭାତୀ କୁମାରୀ ମହାପାତ୍ର, ବୁଗୁଡ଼ା ବିଇଓ ଚିନ୍ମୟ ମହାପାତ୍ର, ପିପୁଲ୍ଲି ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା, ଗଞ୍ଜାମ ଜିଲ୍ଲା ଜୁନିଅର ରେଡ଼କ୍ରସ ଅଫିସର ସ୍ନେହଲତା ପଣ୍ଡା, ବାଲିପଦର ହାଇସ୍କୁଲ ପ୍ରଧାନ ଶିକ୍ଷକ ଇ.ନୀଳାଞ୍ଚଳ ପାତ୍ର, ବ୍ଲକ ଅଧକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ ପ୍ରମୁଖ ଯୋଗଦେଇ କ୍ୟାଡେଟମାନଙ୍କୁ ମାର୍ଗ ଦର୍ଶନ କରିଥିଲେ ।

## ଝାଡ଼ବନ୍ଧ ପଞ୍ଚାୟତରେ ଜନ ଶୁଣାଣି

ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକର ଜନଶୁଣାଣି କାର୍ଯ୍ୟକ୍ରମ ଝାଡବନ୍ଧ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି । ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ବିଡିଓ ସଂଗ୍ରାମ କେଶରୀ ଜେନା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଏବିଡ଼ିଓ ସୁଶୀଲ ପଟ୍ଟନାୟକ, ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ, ଗୌର ହରି ଗୌଡ଼, ଭିଏଏସ ଡାକ୍ତର ମାନସ ରଞ୍ଜନ ପଲେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ପ୍ରେମ ରଞ୍ଜନ ମହାପାତ୍ର, ବିଏସଏସ ଓ ସଚିନ ପାତ୍ର, କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରାକେଶ ମାଝୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ବିରୁପାକ୍ଷ ପଟନାୟକ, ଜିପିଇଓ ଦେବରାଜ ନାୟକ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ରାଜସ୍ୱ ନୀରିକ୍ଷକ ପିଣ୍ଟୁ ବେହେରାଙ୍କ ସମେତ ସମସ୍ତ ଲାଇନ୍ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ଆଜିର ଜନଶୁଣାଣୀ ରେ ମୋଟ ୩୪ ଜଣ ନିଜର ଲିଖିତ ଅଭିଯୋଗ ଦାଖଲ କରିଥିଲେ ।

## ତକତପୁର ଉପ-ଡାକଘର ରାଜ୍ୟର ପ୍ରଥମ

# ଜେନ୍ ଜେଡ୍ ଡାକଘର ରୂପେ ଉଦ୍‌ଘାଟିତ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଡାକମଣ୍ଡଳ ଅଧିନସ୍ଥ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ଅବସ୍ଥିତ ତକତପୁର ଉପ-ଡ଼ାକଘରକୁ ରାଜ୍ୟର ପ୍ରଥମ "ଜେନ୍ ଜେଡ୍ ଡାକଘର ରୂପେ ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ମହାଡ଼ାକପାଳ ନିର୍ମଳଜୀତ୍ ସିଂ ଆଜି ଉଦଘାଟନ କରିଛନ୍ତି । ଡାକଘରକୁ ଆଧୁନିକୀକରଣ କରିବା ସହ ଯୁବପିଢ଼ିଙ୍କୁ ଆକର୍ଷିତ କରିବାପାଇଁ ଭାରତ ସରକାର ଡାକଘରର ଆଧୁନିକକରଣ କରିବା ସହ ଯୁବପିଢିଙ୍କ ବିଚାର ଓ ଛାତ୍ର ଅନୁକୂଳ ପରିବେଶ ଡାକଘରରେ ସୃଷ୍ଟି କରିବାକୁ ଆଗଭର ହୋଇଛନ୍ତି। ତକତପୁର ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପରିସର ମଧ୍ୟରେ ଅବସ୍ଥିତ ଏହି ଉପ-ଡାକଘର ମୟୂରଭଞ୍ଜ ଜିଲ୍ଲାର ସଂସ୍କୃତି, ଐତିହ୍ୟ, ଛଉ, ଝୁମର, ଟେରାକୋଟା, ସବାଇ ଘାସ ସହ ଆଧୁନିକତା ଓ ଶୈକ୍ଷିକ ଆଧାରିତ ବିଭିନ୍ନ ବିଷୟକୁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସୁନ୍ଦର ଭାବରେ ଡାକଘର କାନ'ରେ ପ୍ରତିଫଳନ କରିଛନ୍ତି। ସମସ୍ତଙ୍କ ପାଇଁ ଡାକଘର ପରିସରକୁ ମାଗଣା ଓ୍ୱାଇ-ଫାଇ ଜୋନରେ ପରିଣତ କରିବା ସହିତ ବିଭିନ୍ନ ଅତ୍ୟାଧୁନିକ ସୁବିଧା ସୁଯୋଗ ଯଥା କ୍ୟୁଆର କୋଡ୍ ମାଧ୍ୟମରେ ପାର୍ସଲ୍ ବୁକିଙ୍ଗ ଓ ସ୍ପିଡ୍ ପୋଷ୍ଟ କରିବାର ବ୍ୟବସ୍ଥା କରାଯାଇଛି । ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଡାକଘରେ ଚା' କଫିର ବ୍ୟବସ୍ଥା ସହ ଖବରକାଗଜ ଓ ମ୍ୟାଗାଜିନ ଉପଲବ୍ଧ ରହିଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି ଯୋଗଦେଇ ଡାକ ବିଭାଗର ଏତାଦୃଶ ଆଧୁନୀକ ଜେନ୍ ଜେଡ୍ ବିଷୟ ଆଧାରିତ ଡାକଘର ରୂପାନ୍ତିକରଣର ପ୍ରଶଂସା କରିବା ସହ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ତକତପୁର ଉପ ଡାକଘରଟି ରାଜ୍ୟର ପ୍ରଥମ ଜେନ ଜେଡ' ଡାକଘର ରୂପେ ଘୋଷିତ ହୋଇଥିବାରୁ ମୁଖ୍ୟ ମହା ଡାକପାଳଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଉପ ଡାକଘରକୁ ଏକ ଆଧୁନିକ ଓ କଳାତ୍ମକ ରୂପରେଖ ଦେଇଥିବା ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ମୁଖ୍ୟଅତିଥି ଓ ବିଶିଷ୍ଟ ଅତିଥି ପୁରସ୍କୃତ କରିଥିଲେ। ମୟୂରଭଞ୍ଜ ଡାକ ମଣ୍ଡଳର ଅଧିକ୍ଷକ ଭାଗ୍ୟଧର ଦାସ, ଉପ-ଅଧିକ୍ଷକ ପ୍ରଣବ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଡାକମଣ୍ଡଳର ସମସ୍ତ ଉପମଣ୍ଡଳ ଅଧିକାରୀ, ଡାକମଣ୍ଡଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଆସନ୍ତା ୨୦ ଓ ୨୧ରେ ବାରିପଦା ବ୍ରହ୍ମ ମନ୍ଦିରର ଶତବାର୍ଷିକୀ ପାଳନ

ବାରିପଦା, (ସବ୍ୟୁ) : ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୦ନଂ ଓ୍ୱାର୍ଡରେ ସ୍ଥିତ ଐତିହ୍ୟ ସମ୍ପନ୍ନ ବ୍ରହ୍ମ ମନ୍ଦିରର ଶତବାର୍ଷିକୀ ପାଳନ ଚଳିତ ମାସ ୨୦ ଓ ୨୧ ତାରିଖରେ ପାଳିତ ହେବାକୁ ଯାଉଅଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚି ସାରିଛି ବୋଲି ବ୍ରହ୍ମ ସମାଜ ଟ୍ରଷ୍ଟିର ଅଧକ୍ଷ ତଥା ଆବାହକ ରଞ୍ଜନ ବାନାର୍ଜୀ ଜଣାଇଛନ୍ତି। ବ୍ରାହ୍ମ ସମାଜର ମହାନ ଆଦର୍ଶ ଓ ମହନୀୟ ବାଣୀର ପ୍ରସାର ନିମନ୍ତେ ତତ୍କାଳୀନ ମୟୂରଭଂଜ ଷ୍ଟେଟର ପୁନ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ତଥା ଭଞ୍ଜ ରାଜବଂଶର ପୃଷ୍ଠପୋଷକତାରେ ବାରିପଦା ସହରର କେନ୍ଦ୍ର ସ୍ଥଳୀରେ ୧୯୨୫ ମସିହାରେ ଏହି ମନ୍ଦିର ସ୍ଥାପିତ ହୋଇଥିଲା। ଆୟୋଜକ କମିଟିର ଅଧକ୍ଷ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କ ପୌରହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କମିଟିର ସଦସ୍ୟ ଗଣ ଉପସ୍ଥିତ ରହି ନିଜନିଜର ସୁଚିନ୍ତିତ ମତ ରଖିଥିଲେ ।

ଏହି ଭବ୍ୟ ସମାରୋହରେ ବରେଣ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ବାରିପଦା ବିଧାୟକ ପ୍ରକାଶ ସୋରେନ ତଥା ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଯୋଗ ଦେବେ ବୋଲି ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମାରୋହରେ ବିଭିନ୍ନ ରାଜ୍ୟର ବ୍ରାହ୍ମ ସମାଜର ପ୍ରତିନିଧି ମାନଙ୍କ ସମେତ ପ୍ରତିଷ୍ଠିତ ଆଚାର୍ଯ୍ୟମାନେ ଯୋଗଦେବେ। ଏଥିସହିତ ଶିମିଳିପାଳ ଜୈବ, ପରିବେଶ ସଂରକ୍ଷଣ ତଥା ବ୍ରାହ୍ମ ସମାଜର ଆଦର୍ଶ, ସର୍ବ ଧର୍ମ ସମନ୍ୱୟ ଓ ସମାଜ ଉପରେ ଏହାର ପ୍ରଭାବ ସମ୍ପର୍କରେ ଦୁଇଦିନର ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ପୌରପାଳିକା ସୌଜନ୍ୟରେ ଶତାୟୁ ମନ୍ଦିରର ରୂପାନ୍ତରିତ କାର୍ଯ୍ୟ ମଧ ଚୂଡାନ୍ତ ପର୍ଯ୍ୟାୟରେ ପହଁଚିଛି ବୋଲି ମିଡ଼ିଆ କମିଟିର ମୂଖ୍ୟ ସଂଯୋଗକ ସୋମନାଥ ସିଂହ ଜଣାଇଛନ୍ତି।

## ମକର ସଂକ୍ରାନ୍ତିରୁ ଓଳାଶୁଣୀ ଗୁମ୍ଫାଯାତ୍ରା

# ରାଜ୍ୟସ୍ତରୀୟ ମହୋତ୍ସବ ପାଳନ ନେଇ ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତି ବୈଠକ





ବାଲିଚନ୍ଦ୍ରପୁର, (ସବ୍ୟୁ) : ଆଗାମୀ ଜାନୁଆରୀ ୧୪ ତାରିଖ ପବିତ୍ର ମକରସଂକ୍ରାନ୍ତି ଠାରୁ ଆରମ୍ଭ ହେଉଛି ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫାଯାତ୍ରା । ମାଘକୃଷ୍ଣ ଷଟତିଳା ଏକାଦଶୀ ତିଥିରେ ଏବଂ ଏହି ପୀଠର ବ୍ରହ୍ମଲୀନ ସନ'ସାଧକ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ତିଥିରେ ଆରମ୍ଭ ହେଉଥିବା ମେଳାରେ ପ୍ରତିବର୍ଷ ଭଳି ଚଳିତବର୍ଷ ଅନୁଷ୍ଠିତ ହେବ ରାଜ୍ୟ ସ୍ତରୀୟ ଓଳାଶୁଣୀ ଗୁମ୍ଫା ମହୋତ୍ସବର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ । ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ' ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ରବିବାର ଦିନ ମାଓଳାଶୁଣୀଙ୍କ ବିଜେସ୍ଥଳୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା ପ୍ରସ୍ତୁତି ବୈଠକ । ଉନ୍ନୟନ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ ।

ପ୍ରାରମ୍ଭରେ ମାଙ୍କୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ପ୍ରଥମ ନିମନ୍ତ୍ରଣ ପତ୍ର ଟ୍ରଷ୍ଟ ପକ୍ଷରୁ ପୂଜକ ହୃଷିକେଶ ପଣ୍ଡା ଅର୍ପଣ କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ ଚଳିତବର୍ଷର ମହୋତ୍ସବ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ସୂଚନା ପ୍ରଦାନ କରିଥିଲେ । ମହୋତ୍ସବରେ ମା ଓଳାଶୁଣୀଙ୍କ ପୀଠରୁ ଆଜ୍ଞାମାଳ ଯାତ୍ରା, ସାଧୁସନ' ମାନଙ୍କୁ ସମ୍ବର୍ଦ୍ଧନା, ମହୋତ୍ସବର ଉଦଘାଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ଏଥିରେ ଉପଦେଷ୍ଟା ତଥା ଢ଼େରାବିଶ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ, ଟ୍ରଷ୍ଟର ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ରନାଥ ସାମଲ, ଉଦୟଗିରି ବୁଦ୍ଧ ମହୋତ୍ସବ ସମିତିର ଯୁଗ୍ମ ଆବାହକ ଶୈଳେନ୍ଦ୍ର ନାରାୟଣ ରାୟ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ପୂର୍ବତନ ସରପଂଚ ଫନୀନ୍ଦ୍ର ନାଥ ପଣ୍ଡା, ଟ୍ରଷ୍ଟର ସଦସ୍ୟ ଶ୍ରୀକାନ୍ତ କୁମାର ସାମଲ, ପ୍ରାଧାପକ ଡ଼ଃ. ଯତିନ୍ଦ୍ର କୁମାର ରାଉତ, ଆଚାର୍ଯ୍ୟ ଜ୍ଞାନେନ୍ଦ୍ର ତ୍ରିପାଠୀ, ସାମ୍ବାଦିକ ଉକିଳ କେଶରୀ ସାମଲ, ଅନନ୍ତ ସିଂହ, ଶିକ୍ଷାବିତ୍ ରାଜେନ୍ଦ୍ର ପ୍ରସାଦ ସାମଲ, ଯୁବ ଶିଳ୍ପୋଦ୍ୟୋଗୀ ମନୋରଞ୍ଜନ ମହାନ୍ତି, ଶିକ୍ଷାବିତ୍ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ବିଗତବର୍ଷ ଭଳି ଚଳିତ ବର୍ଷ ମଧ ବଡ଼ଚଣା ବିଧାୟକ ଅମର କୁମାର ନାୟକ ମହୋତ୍ସବ ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ରହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଗୋବର୍ଦ୍ଧନ ମହାପାତ୍ର, ବିଭୁତି ଭୂଷଣ ରାଉତ, ଜ୍ଞାନରଞ୍ଜନ ପ୍ରଧାନ, ପ୍ରତିମ୍ ଜେନା ଓ ମଦନ ଶାନ୍ତି ପ୍ରମୁଖ ଯୋଗଦେଇ ମତ ରଖିଥିଲେ । କୋଷାଧ୍ୟକ୍ଷ ସ୍ନେହାଶିଷ ସାମଲ ଧନ୍ୟବାଦ ଦେଇଥିଲେ ।

## ୨ଦିନିଆ ଜିଲ୍ଲାସ୍ତରୀୟ ଖେଳକୁଦ୍ ପ୍ରତିଯୋଗିତା




ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମ ପଡିଆରେ ଜିଲ୍ଲାସ୍ତରୀୟ ଖେଳକୁଦ୍ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଏହି ଖେଳକୁଦ୍ ପ୍ରତିଯୋଗିତାକୁ ଉଦଘାଟନ କରିବା ସହ କ୍ରୀଡା ଶାରୀରିକ ତଥା ମାନସିକ ବିକାଶରେ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ କୁମାର ବେହେରା, ବୋକ୍ସିଙ୍ଗ ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି, ଏଥଲେଟିକ ସମ୍ପାଦକ ଅମ୍ବିକା ରାଉତ, ଫୁଟବଲ ସମ୍ପାଦକ ଅମର କୁମାର ସେଠୀ, କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ତଥା ବରିଷ୍ଠ କ୍ରୀଡ଼ାବିତ୍ ମଣ୍ଟୁ ଦା, ଭାନୁପ୍ରତାପ ଭଞ୍ଜଦେଓ ଓ ମନୋରଞ୍ଜନ ଜୀଉ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨ଶହ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାବେଳେ ୩୦ଜଣ କ୍ରୀଡା ପ୍ରଶିକ୍ଷକ ଖେଳ ପରିଚାଳନା କରିଥିଲେ। ୧୪, ୧୬, ୧୮, ୨୦, ୨୩ ବର୍ଷରୁ କମ ବାଳକ ବାଳିକା ତଥା ପୁରୁଷ ଓ ମହିଳା ବିଭାଗରେ ଦୌଡ଼, ଲମ୍ବଡିଆଁ, ଡିସ୍କସ, ସଟପୁଟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରାଇରଙ୍ଗପୁର ଓ କରଞ୍ଜିଆ ସବ ଡିଭିଜନରୁ ପୂର୍ବତନ ଜାତୀୟ କ୍ରୀଡ଼ାବିତ ଦିଗେଶ୍ୱର ମହାନ୍ତ ଓ ତ୍ରିଲୋଚନ ମହାନ୍ତ ଖେଳାଳି ମାନଙ୍କ ସହ ଯୋଗଦେଇ ଥିଲେ ।

# ଦହିପାଳର ବର୍ଷୀୟାନ ରାଜନେତା ଓ ଶିକ୍ଷାବିତ୍ ବ୍ରହ୍ମାନନ୍ଦ ଜେନାଙ୍କ ପରଲୋକ



ନାଉଗାଁ, (ସବ୍ୟ) : ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣା ପଞ୍ଚାୟତର ଦହିପାଳ ଗ୍ରାମର ବର୍ଷୀୟାନ ରାଜନେତା ତଥା ପ୍ରତିଷ୍ଠିତ ଶିକ୍ଷାବିତ୍ ବ୍ରହ୍ମାନନ୍ଦ ଜେନାଙ୍କ ବିୟୋଗ ସମାଚାର ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଜେନା ତିରୁଣା ଗ୍ରାମପଞ୍ଚାୟତର ଏକାଧିକ ଥର ସରପଞ୍ଚ ଏବଂ ସମିତି ସଭ୍ୟ ଭାବେ ନିର୍ବାଚିତ ହେବା ସହିତ ନାଉଗାଁ ବ୍ଲକର ଘରେ ଘରେ ପରିଚିତ ଥିଲେ। ଏଥିସହିତ ସେ ନନ୍ଦିକେଶ୍ୱର ଉଚ୍ଚ ବିଦ୍ୟାଳୟ, ଦହିପାଳକୁ ପ୍ରତିଷ୍ଠା କରିଥିଲେ। ଲୋକସେବା ଓ ଶିକ୍ଷାକ୍ଷେତ୍ରରେ ସାରା ଜୀବନ ଧରି ତାଙ୍କର ଅମୂଲ୍ୟ ଅବଦାନ ସାଧାରଣ ଲୋକଙ୍କ ମନେ ସଦା ସ୍ମରଣୀୟ ରହିବ। ସରଳ, ସ୍ନେହଶୀଳ ଓ ନୀତିନିଷ୍ଠ ବ୍ୟକ୍ତିତ୍ୱ ଭାବେ ସେ ଅଞ୍ଚଳବାସୀଙ୍କ ମଧ୍ୟରେ ଏକ ଆଦର୍ଶ ଚରିତ୍ର ଥିଲେ। ତାଙ୍କ ବିୟୋଗ ଖବର ପାଇବା ପରେ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବତନ ବିଧାନସଭା ସଚିବ ଦାଶରଥୀ ଶତପଥୀ, ବିଜୟ ବେହେରା, ବିଚିତ୍ରା ନନ୍ଦ ଲେଙ୍କା, ଧ୍ରୁଣାସନ ନାୟକ, ନିରଞ୍ଜନ ବେହୁରା, ପ୍ରସନ୍ନଜିତ ସାହୁ, ସୁଜିତ ପ୍ରଧାନ, ସୁନିଲ କୁମାର ମାଟିଆ, ବିନୋଦ ବେହୁରା, ସରୋଜ କୁମାର ଲେଙ୍କା, ତ୍ରିଲୋଚନ ପାତ୍ର, ନିରଞ୍ଜନ ମହାନ୍ତି, ପଦ୍ମଚରଣ ସାସମଲ, ସାମ୍ବାଦିକ ମହାଦେବ ନାୟକ, ଦିଲ୍ଲୀପ କୁମାର ଜେନା, ଉମେଶ ସ୍ୱାଇଁ, ବୈରାଗୀ ଦାସ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହିତ ତାଙ୍କ ବିୟୋଗରେ ବିଭିନ୍ନ ରାଜନୈତିକ, ସାମାଜିକ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ଏହି ଦୁଃଖଦ ମୁହୂର୍ତ୍ତରେ ତାଙ୍କ ପବିତ୍ର ଆତ୍ମାର ଶାନ୍ତି କାମନା କରାଯାଇଥିବାବେଳେ ଶୋକସନ୍ତପ୍ତ ପରିବାର ନିକଟରେ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଉପସ୍ଥିତ ହୋଇ ଗଭୀର ସମବେଦନା ଜଣାଇଛନ୍ତି। ଶେଷରେ ସ୍ୱର୍ଗତ ଜେନାଙ୍କ ମଶାଣୀର ଏକ ଶୋଭାଯାତ୍ରାରେ ନାଉଗାଁ ବ୍ଲକ ପରିକ୍ରମା କରି ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ବଡ଼ପୁଅ ପ୍ରାତିରଞ୍ଜନ ଜେନା ମୁଖାଗ୍ନି ଦେଇଥିଲେ।

# ୧୫୧ ଲିଟର ମଦ ଜବତ: ୫ ଗିରଫ




କେନ୍ଦ୍ରାପଡ଼ା, (ସବ୍ୟ) : କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ରାଜକନିକା ଓ ମହାକାଳପଡ଼ା ଥାନ ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମହାକାଳପଡ଼ା ଗ୍ରାମର ବାର କିଶୋର ମଲିକଙ୍କ ଠାରୁ ୩୨ ଲିଟର ଦେଶୀ ମଦ ଓ ଅନ୍ତର୍ଯ୍ୟାମୀ ଦାସଙ୍କ ଠାରୁ ୪୧ ଲିଟର ଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ, ଶିଆପଡ଼ା ଗ୍ରାମର ଶରତ ମଲିକଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, କାଣ୍ଡିଆଗଛୁଟ ଗ୍ରାମର ପ୍ରତାପ ମଲିକଙ୍କ ଠାରୁ ୨୧ ଲିଟର ଦେଶୀ ମଦ ଓ ରାମାକାନ୍ତ ମଲିକ ଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି। ଏମାନଙ୍କ ପାଖରୁ ସମୁଦାୟ ୧୫୧ ଲିଟର ଦେଶୀ ଓ ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, କଳ୍ପନା ରାଉତ, ସହକାରୀ ଉପ ନିରୀକ୍ଷକ ଜଗନ୍ନାଥ ବେଶେରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଲିକ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ବାଇକ ପଛକୁ ବାଇକ ଧକ୍କା: ୩ ଆହତ

ପାଣିକୋଇଲି, (ସବ୍ୟ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର କାଜିପାଟଣା ଗ୍ରାମ ନିକଟରେ ବାଇକ ପଛକୁ ବାଇକ ଧକ୍କା ଦେବାରୁ ୨ ମହିଳାଙ୍କ ସମେତ ୩ଜଣ ଆହତ ହୋଇଥିବା ପ୍ରକାଶଯେ ପାଣିକୋଇଲି ଛକରୁ ଏକ ବାଇକ ଯୋଗେ ଯାଜପୁରରୋଡ଼ରୁ ୩ ଜଣ ବିରଜା ଦର୍ଶନ କରିବାକୁ ଯାଉଥିଲେ। କାଜିପାଟଣା ଗ୍ରାମ ନିକଟରେ ପଛରୁ ଏକଯାଆ ପ୍ରିମିୟର ବାଇକରେ ଏକ ଯୁବକ ଆସି ଧକ୍କା ଦେଇଥିଲା ଫଳରେ ଉଭୟ ବାଇକ ତଳେ ଛିଟିକି ପଡ଼ିଥିଲେ। ପରେ ଧକ୍କା ଦେଇଥିବା ଆରୋହୀ ଉଠି ଗାଡି ନେଇ ପଳାଇଯାଇଥିଲା। ଘଟଣାସ୍ଥଳେ ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଂଚି ଆହତ ପ୍ରିୟଦର୍ଶିନ ନାୟକଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ବାଇକରେ ଥିବା ସୁଭଦ୍ରା ନାୟକ ଓ ଅର୍ଜ୍ଜୁନ ନାୟକ ଆହତ ହୋଇଥିଲା ବେଳେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

# ପ୍ରସିଦ୍ଧ ଗଜଉଦ୍ଧାରଣ ପୂଜା ଆରମ୍ଭ

ଧର୍ମଶାଳା, (ସବ୍ୟ) : ଧର୍ମଶାଳା ବ୍ଲକ ଜାରକା ଠାରେ ପବିତ୍ର ଧନୁସଂକ୍ରାନ୍ତି ଅବସରରେ ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ପୂଜା ଆଜି ଠାରୁ ଆରମ୍ଭ ହୋଇଛି। ପୂଜା ମଣ୍ଡପରେ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତୀ ସାଙ୍ଗକୁ ବିଭିନ୍ନ ପୌରାଣିକ ମୂର୍ତ୍ତୀ ପ୍ରତିଷ୍ଠା କରାଯାଇ ଆଜି ଠାରୁ ପୂଜା କରାଯାଉଛି। ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଆୟୋଜିତ ଏହି ପୂଜାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋର ପଣ୍ଡା ଓ ପ୍ରଫୁଲ୍ଲ କୁମାର ରାଉତ କର୍ତ୍ତା ଭାବେ ଯୋଗଦେଇ ପୂଜା କାର୍ଯ୍ୟ କରିଛନ୍ତି। ଆଜି ସକାଳୁ ନଦୀରୁ ଜଳ ଅଣାଯାଇ ମଣ୍ଡପରେ କଳସ ପ୍ରତିଷ୍ଠା କରାଯିବା ସହ ରିତିନିତି ଅନୁଯାୟୀ ପୂଜା ଆରମ୍ଭ ହୋଇଛି। ଏହି ପୂଜା ଅବସରରେ ଆସନ୍ତା ୨୫ ତାରିଖରେ ଧର୍ମଶାଳା ମହୋତ୍ସବର ଶୁଭ ଉଦଘାଟନ କରାଯିବ। ପୂଜାର ପ୍ରଥମ ସନ୍ଧ୍ୟାରେ ମଣ୍ଡପ ନିକଟରେ ଚଟଣ ଓ ତୋରାପୁରୀ ଗ୍ରାମର ସଂକୀର୍ତ୍ତନମଣ୍ଡଳୀଙ୍କ ଦ୍ୱାରା କୀର୍ତ୍ତନ ପରିବେଷଣ କରାଯିବ। ସେହିପରି ୨୪ ତାରିଖ ପର୍ଯ୍ୟନ୍ତ ମଣ୍ଡପ ନିକଟରେ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପୂଜା ଅବସରରେ ମଣ୍ଡପ ସମ୍ମୁଖରେ ସୁଉଚ୍ଚ ତୋରଣ କରାଯାଇଥିବା ବେଳେ ରଙ୍ଗିନ ଆଲୋକମାଳାରେ ଜାରକା ବଜାରକୁ ସଜାଇ ଦିଆଯାଇଛି। ତିନିଦିନ ବ୍ୟାପି ଅନୁଷ୍ଠିତ ହେବାକୁଥିବା ଏହି ପୂଜା ଆସନ୍ତା ୧୮ ତାରିଖ ବୁଧବାର ପୂର୍ଣ୍ଣାହୁତି କରାଯାଇ ବିସର୍ଜନ କରାଯିବ ବୋଲି କମିଟି ସଭାପତି ରବିନାରାୟଣ ସାହୁ ଓ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ସୂଚନା ଦେଇଛନ୍ତି।

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମାନିଲେନି ବାଲିମାଫିଆ, ଭାଙ୍ଗିଲା ରାସ୍ତା, ହାଇୱା ଜବତ

ପାଣିକୋଇଲି, (ସବ୍ୟ) : ଦିନକୁ ଦିନ ବାଲି ମାଫିଆଙ୍କ କବଜାରେ କୋରେଇ ଅଂଚଳ ରହିଛି। ଧରାକୁ ସରା ମଣି ବାଲି ମାଫିଆ ସେମାନଙ୍କ ବେପାର ବିସ୍ତାର କରିବାରେ ଲାଗିଛନ୍ତି। ବାଲି ମାଫିଆଙ୍କ ଯୋଗୁ ପ୍ରତି ଗାଁରେ ଲୋକମାନେ ଦରି ତିନି ଭାଗରେ ବିଭକ୍ତ ହେବାରେ ଲାଗିଥିବା ବେଳେ ଯୁବଶକ୍ତି ପଥଭ୍ରଷ୍ଟ ହେଉଛନ୍ତି। ସମସ୍ତଙ୍କୁ ଅର୍ଥ ନିଶା ଗାରିଛି। ସୋମବାର ରାତ୍ରିରେ କୋରେଇ ଡାକ୍ତରଖାନା ପାଖରେ ବେଆଇନ ବାଲି ଗାଡି ଚାଲାଣକୁ ସାଧାରଣ ଲୋକେ ବିରୋଧ କରିଥିଲେ। ଯେଉଁ ଗାଡିରେ କାଗଜପତ୍ର ନାହିଁ ଉକ୍ତ ଗାଡିକୁ ରାସ୍ତାରେ ଯାତାୟତକୁ ବାରଣ କରିଥିଲେ। ଏହାର ସୁଯୋଗରେ ବାଲି ମାଫିଆ ମାନେ ଜିଲ୍ଲାପାଳ ବାରଣ କରିଥିବା ବୈତରଣୀରୋଡ ସଠିପୁର ରାସ୍ତାରେ ୨ଶହରୁ ଉର୍ଦ୍ଧ ଗାଡିକୁ ଛାଡି ଦେଇଥିଲେ। ଫଳରେ ନୂତନକରି ପ୍ରଶସ୍ତି କରଣ ବା ଦୋହରୀକରଣ କାର୍ଯ୍ୟ ଚାଲୁଥିବା ଉକ୍ତ ରାସ୍ତା ଗୋଟିଏ ରାତ୍ରିରେ ଫାଙ୍ଗିରୁଙ୍ଗି ଟୁରମାର ହୋଇଥିଲା ହେଲେ ପୁଲିସ ଏହାକୁ ବିରୋଧ କରିବା ପରିବର୍ତ୍ତେ ବାଲିମାଫିଆଙ୍କ ପକ୍ଷରେ ଜିଲ୍ଲାପାଳ ନିର୍ଦ୍ଦେଶକୁ ବେଖାତିରି କରି ଗାଡି ପାର କରାଇଥିଲା ଯାହାକୁ ନେଇ ଠିକା ସଂସ୍ଥା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଆଜି ମଙ୍ଗଳବାର ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ନିଜେ ଉକ୍ତ ରାସ୍ତା ପରିଦର୍ଶନରେ ଆସିଥିଲେ। ପରିଦର୍ଶନ ସମୟରେ ଏକ ବାଲି ହାଇୱା ବରଉନ୍ନାଶି ସଠିପୁର ରାସ୍ତାର ରାଣିଗୋଡା ନିକଟରେ ଧରି ପୁଲିସ ଜିମା ଦେଇଥିଲେ। ପରିବହନ ଅଧିକାରୀ ଡି ନାୟକ, ରାଜସ୍ୱ ନିରୀକ୍ଷକ କାଟେ ପୂର୍ତ୍ତି, ସବଇନ୍ସପେକ୍ଟର ସୁମିତ କୁକୁର ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ। ଉକ୍ତ ରାସ୍ତାରେ ଗୋଟିଏ ବି ଭାରୀଯାନ ଗାଡି ଯେମିତି ଚଳାଚଳ ନକରେ ସେଥିପ୍ରତି ପୁଲିସ ଧ୍ୟାନ ଦେବାକୁ ତାଗିଦ କରିଥିଲେ।

# ଧର୍ମପ୍ରାଣ ସେବକଙ୍କ ପରଲୋକ

କୁଆଖିଆ, (ସବ୍ୟ) : ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହପୁର ପଂଚାୟତ ବ୍ରହ୍ମେଶ୍ୱରପାଡ଼ ଗ୍ରାମର ଧର୍ମପ୍ରାଣ ସେବକ କେଶବ ଦାସ ୭୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ ସେବକ ଥିଲେ। ତାଙ୍କ ପରଲୋକରେ ଶରତ, ସୁରେଶ, ବିଦ୍ୟାଧର, ପ୍ରକାଶ ଦାସ, ଲୁଲୁକି, ଗୀତାଞ୍ଜଳି, ଲିପିକା, ଶାରତୀ, ସୁମତି, କୁଳମଣି, ପ୍ରଭାତୀ, ସମୀର, ଦିପକ, ଆଲୋକ, ବିପ୍ଳବ, ସାଇ, କାହ୍ନୁ, ହିମାଂଶୁ, ଓମ, ପିଙ୍କି, ସୋନାଲି, ହିମାନି, ସାଇଲଗ୍ନା, ଜ୍ୟୋତି ଓ ଗ୍ରାମବାସୀ ପ୍ରମୁଖ ଶୋକ ପ୍ରକଟ କରିଛନ୍ତି।

# ଦିନରେ ମାଟି ପକାଉଛି ପିଏସ୍‌କେ, ରାତିରେ ବିକୁଛି କବାଡିଆ

କେନ୍ଦ୍ରାପଡା, (ସବ୍ୟ) : ଚଣ୍ଡୀଖୋଲ-ପାରାଦ୍ୱୀପ ଜାତୀୟରାଜପଥ ସଂପ୍ରସାରଣ ଚାଲୁଥିବା ବେଳେ ଠିକା ନେଇଥିବା ପିଏସକେ କମ୍ପାନୀ ରାସ୍ତାକୁ ଚଉଡା କରିବା ପାଇଁ ବିଭିନ୍ନ ସ୍ଥାନରେ ମାଟି ପକାଇ ଥାଏ। ସ୍ଥାନୀୟ ଲକ୍ଷ୍ମୀନାରାୟଣପୁର ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ କବାଡିଆ ଦୋକାନୀ ରାତିରେ ମାଟି ଉଠାଇ ଟୋକାରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଡେରାବିଶ ତହସିଲଦାର ଘଟଣା ସ୍ଥଳରେ ପହଁଚି କବାଡିଆକୁ ମାଟି ନ ଉଠାଇବା ପାଇଁ ତାଗିଦ କରିଛଂି। ତେବେ ପିଏସକେ କମ୍ପାନୀର ପ୍ରାୟ ୨୦୦ ଟ୍ରପରୁ ଉର୍ଦ୍ଧ୍ୱ ମାଟି ଉଠାଇ ବିକ୍ରି କରିଥିବାରୁ ତାଙ୍କର ଲକ୍ଷ ଲକ୍ଷ ଟଙ୍କାର କ୍ଷତି ହୋଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

# ଅନ୍ତଃ କଲେଜ କ୍ରିକେଟ: ମା'ତାରିଣୀ କଲେଜ ଓ କେନ୍ଦ୍ରାପଡ଼ା କଲେଜ ବିଜୟୀ

ବ୍ୟାସନଗର, (ଜିପ୍ର): ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାୟୋଜିତ ଆନ୍ତଃ କଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଖେଳକୁ ଅଧ୍ୟକ୍ଷ ଶରତ କୁମାର ମଲ୍ଲିକ ଉଦଘାଟନ କରିଥିଲେ। ପ୍ରଥମ ମ୍ୟାଚ ବନ୍ତଲା କଲେଜ ଅନୁଗୁଳ ଓ ମା'ତାରିଣୀ କଲେଜ ପାଣିକୋଇଲି ମଧ୍ୟରେ ହୋଇଥିଲା। ଟସରେ ବିଜୟୀ ହୋଇ ବନ୍ତଳା କଲେଜ ପ୍ରଥମେ ଫିଲଡିଂ କରିବାକୁ ନିଷ୍ପତି ନେଇଥିଲେ। ନିର୍ଦ୍ଧାରିତ ୧୫ ଓଭରରେ ପାଣିକୋଇଲି ଗୋଟିଏ ୱିକେଟରେ



୨୧୪ ରନ କରିଥିଲେ। ଦଳ ତରଫରୁ ସୋହେଲ ଖାଁ ୧୧୫ ଓ ଅଭିଷେକ କୁମାର ୫୫ ରନ କରିଥିଲେ। ଜବାବରେ ବନ୍ତଳା କଲେଜ ସମସ୍ତ ଉଇକେଟ ହରାଇ ୫୬ ରନ କରିଥିଲେ। ମା'ତାରିଣୀ କଲେଜର ସୋହେଲ ଖାଁଙ୍କୁ ତେଜ ହୋଷ୍ଟା ତରଫରୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ଦିଆଯାଇଥିଲା। ଦ୍ୱିତୀୟ ମ୍ୟାଚ କେନ୍ଦ୍ରାପଡ଼ା କଲେଜ ଓ ଧର୍ମଶାଳା କଲେଜ ମଧ୍ୟରେ ହୋଇଥିଲା। ଟସରେ ବିଜୟୀ ହୋଇ ଧର୍ମଶାଳା ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲେ। ନିର୍ଦ୍ଧାରିତ ୧୫ ଓଭରରେ ୮୮ ରନରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ କେନ୍ଦ୍ରାପଡ଼ା ମାତ୍ର ୯ ଓଭରରେ ୧ ଓ୍ୱିକେଟ ବିନିମୟରେ ୮୯ ରନ କରି ବିଜୟୀ ହୋଇଥିଲେ। କେନ୍ଦ୍ରାପଡ଼ାର କରଣ କୁମାର ଜେନାଙ୍କୁ ତେଜ ହୋଷ୍ଟା ତରଫରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳକୁ ପବିତ୍ର ମଲ୍ଲିକ, ଶୁଭମ ବିଶ୍ୱାଳ, ଅନିକେତ ଧୀର, ଶୁଭମ ସିଂ ଓ ନିରଞ୍ଜନ ପୃଷ୍ଟି ପରିଚାଳନା କରିଥିଲେ। କ୍ରୀଡ଼ା ସଂଯୋଜକ ଉପସଭାପତି ଡ଼ ଜୀବନ ବନ୍ଧୁ ଦାସ, ଶଶିକାନ୍ତ ଲେଙ୍କା, ପ୍ରଦୋଷ ରଞ୍ଜନ ରାୟ, ରାଧିକା ରଞ୍ଜନ କାନୁନଗୋ, ବିଦ୍ୟାଧର ରାଉତ, ମାଧବ ଦେଉରି, ଅଜୟ ମହାକୁଡ଼, ଅଜୟ ଦାସ, ଫକିର ପତି, ଚିରଶ୍ମିତା ମିଶ୍ର, କ୍ରିଷ୍ଣା ବିତ ରାଉତ, ହରପ୍ରିୟା ନାୟକ, ଭାଗ୍ୟଲକ୍ଷ୍ମୀ ଦାସ, ସୁବାସିନୀ ମିଶ୍ର, ଅତସୀ କୁସୁମ ନାୟକ, ସାଲଖୁ ମାରାଣ୍ଡି, ଶରତ ଜେନା, ମାନସ ପତି, ସୁଚିରଞ୍ଜନ ରାଉତ, କନ୍ନୁଚରୁ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ୨୧ ରେ କିମ୍ସ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟଶିବିର

ସାଲେପୁର, (ସବ୍ୟ) : ଗ୍ରାମାଞ୍ଚଳ ଜନସାଧାରଣଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷରେ ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ଡାକ୍ତର ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମରେ କିମ୍ସ ପକ୍ଷରୁ ସାଲେପୁର ବ୍ଲକ ଗୋପିନାଥପୁର ପଂଚାୟତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଆସନ୍ତା ୨୧ତାରିଖ (ରବିବାର) ଦିନ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ଏହି ଶିବିରରେ ରୋଗୀମାନଙ୍କୁ ମାଗଣାରେ ଡାକ୍ତରୀ ପରାମର୍ଶ, ଔଷଧ ପ୍ରଦାନ ଓ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା କରାଯିବ। ଏହି ସ୍ୱାସ୍ଥ୍ୟ ଶିବିରରେ ମେଡ଼ିସିନ, ଶିଶୁରୋଗ, ଚର୍ମ ରୋଗ, ଶଲ୍ୟ ଚିକିତ୍ସା, ସ୍ତ୍ରୀ ଓ ପ୍ରସୂତି ଚିକିତ୍ସା, କର୍ଣ୍ଣ -ନାସା -ଗଳା, ଚକ୍ଷୁ ରୋଗ, ମାନସିକ ରୋଗ, ନ୍ୟୁରୋଲୋଜି, ହୃଦରୋଗ ଓ ଗ୍ୟାଷ୍ଟ୍ରୋ ଏଣ୍ଡ୍ରୋଲୋଜି ଭଳି ୨୦ରୁ ଅଧିକ ବିଭାଗର ସୁନାମଧନ୍ୟ ୫୦ରୁ ଉର୍ଦ୍ଧ୍ୱ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯିବ। ଏହି ମେଗା ସ୍ୱାସ୍ଥ୍ୟ ଶିବିରର ସୁଯୋଗ ନେବାକୁ କିମ୍ସ ପକ୍ଷରୁ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ଼ ହରିଶ ଚୌଧୁରୀ, ଉପ ଅଧ୍ୟକ୍ଷ, କିମ୍ସ ହସ୍ପିଟାଲ, ଦେବାଶିଷ ମହାନ୍ତି, ଡେପୁଟି ଡିରେକ୍ଟର, ମାର୍କେଟିଂ, କିମ୍ସ ସୂଚନା ଦେଇଥିବା ବେଳେ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବୀରବର ସାହୁ, ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଗୋପୀନାଥପୁର, ,ଦମୟନ୍ତୀ ମହାନ୍ତି, ସରପଞ୍ଚ, ଗୋପୀନାଥପୁର ଗ୍ରାମ ପଞ୍ଚାୟତ,ସୁଧାଂଶୁ ବାଳା ଜେନା, ସରପଞ୍ଚ, ସତ୍ୟଭାମାପୁର ଗ୍ରାମ ପଞ୍ଚାୟତ ଏବଂ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଲୋକ ପ୍ରତିନିଧି, ଗ୍ରାମବାସି ଉପସ୍ଥିତ ରହିଥିଲେ।

# ୨୮ କିଲୋ ଗଞ୍ଜେଇ ଜବତ, ୩ ଗିରଫ



ଜଗତସିଂହପୁର, (ସବ୍ୟ): ବିରିଡି ପୋଲିସ ପକ୍ଷରୁ ଚଢ଼ାଉ କରି ବସନ୍ତପୁର ଛକ ନିକଟରୁ ଏକ ମାରୁତି ସ୍ୱିଫଟ ସହ ୨୮ କିଲୋ ୪୮୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏକ ସ୍ୱିଫଟ କାରରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ବିରିଡି ଥାନା ଅଧିକାରୀ ସୁଜାତା ବେହେରାଙ୍କ ନେତୃତ୍ୱରେ ଏକ ଟିମ ୫୫ ନମ୍ବର ଜାତୀୟ ରାଜପଥ ବସନ୍ତପୁର ଛକ ନିକଟରେ ଜଗି ରହିଥିଲେ। ଓଡ଼ି୦୨ବିଡି୮୪୫ ଗାଡି ବସନ୍ତପୁର ଛକ ନିକଟରେ ପହଁଚିବା ପରେ ପୋଲିସ ଉକ୍ତ ଗାଡିକୁ ମାଡି ବସିଥିଲା। ଗାଡିକୁ ଚେକ କରିବା ପରେ ସେଥିରୁ ଗଞ୍ଜେଇ ବସ୍ତା ମିଳିଥିଲା। ସେହି ଗାଡିରେ ରହିଥିବା ୩ଜଣ ଯୁବକଙ୍କୁ ପୋଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ମାନେ ସମସ୍ତେ କନ୍ଧମାଳ ଜିଲାର ବୋଲି ଜଣା ଯାଉଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଅମନ କୁମାର ଦିଗଲ(୨୯), ରାକେଶ ଦିଗଲ(୨୭) ଓ ଗଣାଧିପତି ମଲ୍ଲିକ(୩୫)। ଏମାନେ କନ୍ଧମାଳରୁ ଗଞ୍ଜେଇ ଆଣି ଏମାନେ ଜଗତସିଂହପୁର ଜିଲାର ବିଭିନ୍ନ ଚୋରା ବେପାରୀଙ୍କୁ ବିକ୍ରି କରିଥାନ୍ତେ। ଜବତ ଗଞ୍ଜେଇର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଆଜି ବିରିଡି ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ଏସଡିପିଓ ଅଜିଙ୍କ୍ୟ ମାଣେ ସୂଚନା ଦେଇଥିଲେ। ପୋଲିସ ସେମାନଙ୍କ ଠାରୁ ୪ଟି ମୋବାଇଲ ଜବତ କରିଥିବା ବେଳେ ସେମାନେ କାହାକୁ ଓ କେଉଁଠି ଏତେ ପରିମାଣର ଗଞ୍ଜେଇ ବିକ୍ରି କରିଥାନ୍ତେ ତାକୁ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଯେଉଁମାନେ ଏଥିରେ ଜଡିତ ରହିଛନ୍ତି ସେମାନଙ୍କ ବିରୋଧରେ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ସ୍କୁଲ ଛାତ୍ରଛାତ୍ରୀଙ୍କୁ ବ୍ୟାଗ ବଣ୍ଟନ

ବାଲିଚନ୍ଦ୍ରପୁର, (ସବ୍ୟ) : ବଡ଼ଚଣା ବ୍ଲକ ଅଣକା ଗ୍ରାମ ପଞ୍ଚାୟତସ୍ଥିତ ରାହାଳ ଉପ୍ରା ବିଦ୍ୟାଳୟ ଓ ସରକାରୀ ଉନ୍ନିତ ପ୍ରାଥ ରାହାଳ ଉପ୍ରା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ବ୍ୟାଗ ବଣ୍ଟନ କରାଯାଇଥିଲା। ପ୍ରତିଶ୍ରୁତି ସଂଗ୍ରହକାରୀ ସଂସ୍ଥା ତରଫରୁ ଏହି ବ୍ୟାଗ ବଣ୍ଟନ କରାଯାଉଥିବା ବେଳେ ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହଶିକ୍ଷକଙ୍କ ଉପସ୍ଥିତିରେ ଏହି ବ୍ୟାଗ ବଣ୍ଟନ କରାଯାଇଥିଲା। ରାହାଳ, ଅଣକା ଓ କୃଷ୍ଣପ୍ରସାଦସନସ୍ଥିତ ସ୍ଥାନୀୟ ପ୍ରତିଶ୍ରୁତି ସଂଗ୍ରହକାରୀ ସଂସ୍ଥାର ଆବାହକ ମଳୟ ରଞ୍ଜନ ସାମଲ, ଗୌତମ ସାମଲ, ସୌମ୍ୟ ରଞ୍ଜନ ସାମଲ, ଯୁବ ସମାଜସେବୀ ତଥା ଭାରତୀୟ ଜନତା ଯୁବ ମୋର୍ଚ୍ଚାର ଯାଜପୁର ଜିଲ୍ଲା ଉପସଭାପତି ଉପସ୍ଥିତ ରହି ଏହି ବଣ୍ଟନ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ସ୍ଥାନୀୟ ଗ୍ରାମବାସୀ ପ୍ରତିଶ୍ରୁତି ସଂଗ୍ରହକାରୀ ସଂସ୍ଥା ଓ ଆବାହକ ମାନଙ୍କୁ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିଲେ।

# ନାବାଳିକାକୁ ଅସଦାଚରଣ: ବୃଦ୍ଧ କୋର୍ଟଚାଲାଣ

ବ୍ୟାସନଗର, (ଜିପ୍ର): ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ପହଙ୍ଗା ଗ୍ରାମର ଜନୈକା ନାବାଳିକାକୁ ଜଣେ ବୃଦ୍ଧ ଅସଦାଚରଣ କରିବା ଅଭିଯୋଗରେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା ସୂତ୍ରରୁ ମିଳିଥିବା ଖବର ମତେ ଗତକାଲି ପହଙ୍ଗା ଗ୍ରାମର ଅଚ୍ୟୁତ ସାହୁ(୮୯) ଗ୍ରାମର ଜନୈକା ୧୦ବର୍ଷର ନାବାଳିକାକୁ ଅସଦାଚରଣ କରିଥିଲା। ଏନେଇ ନାବାଳିକାର ବାପା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା। ଆଜି ଥାନା ମାମଲା ନଂ ୭୩୩/୨୫ରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

# ଜିଲ୍ଲା ଉପକନିଷ୍ଠ ଖୋ-ଖୋ ଦଳ ଚୟନ ୧୯ରେ

ବ୍ୟାସନଗର, (ଜିପ୍ର): ଯାଜପୁରଜିଲ୍ଲା ଆଥ୍‌ଲେଟିକ ଆସୋସିଏସନ ଆନୁକୂଲ୍ୟରେ ଆସନ୍ତାକାଲି-୧୯.୧୨.୨୦୨୫ରିଖ ଶୁକ୍ରବାର ସକାଳ ୮ ଘଟିକା ସମୟରେ ଡଣ୍ଡରା ସ୍ଥିତ ପ୍ରୟାସ ସ୍କୁଲଖେଳ ପଡ଼ିଆ ଠାରେ ଯାଜପୁର ଜିଲ୍ଲାର ଉପ କନିଷ୍ଠ ଖୋ-ଖୋ ଦଳ (ଉଭୟ ବାଳକ ଏବଂ ବାଳିକା) ଚୟନ ଶିବିର ଅନୁଷ୍ଠିତ ହେବ। ଉକ୍ତ ଖେଳରୁ ଖେଳାଳୀ ଚୟନ କରାଯାଇ ଏକ କୋଚିଂ କ୍ୟାମ୍ପ ଅନୁଷ୍ଠିତ ହେବ। ଯାଜପୁର ଜିଲ୍ଲା ଖୋ-ଖୋ ଦଳ ଆସନ୍ତା ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଏଣୁ ଇଚ୍ଛୁକ ଖେଳାଳୀ ଯେଉଁ ମାନେ ତା-୦୪.୦୨.୨୦୨୬ରିଖ ସୁଦ୍ଧା ଉଚ୍ଚତା, ବୟସଏବଂ ଓଜନ କ୍ରମିକଭାବେ ୧୯୫ ରୁ କମ୍‌ହୋଇଥିବେ ସେମାନେ ଅଂଶଗ୍ରହଣ କରିପାରିବେ। ଅଧିକ ବିବରଣୀ ପାଇଁ ଖୋ-ଖୋ ସମ୍ପାଦକ ଅନାଦୀ ଚରଣ ସାହୁଙ୍କ ସାଙ୍ଗେ ଯୋଗା ଯୋଗ କରିବାକୁ ସାଧାରଣ ସମ୍ପାଦକ ସମ୍ବିତ୍ ମହାନ୍ତି ଅନୁରୋଧ କରିଛନ୍ତି।

# ମଙ୍ଗଳାଛକ ନିକଟରେ ଅଣ୍ଡରବାଇପାସ ନିର୍ମାଣ ଦାବିରେ ରାସ୍ତାରୋକ

ମହାକାଳପଡ଼ା, (ସବ୍ୟ) : କେନ୍ଦ୍ରାପଡ଼ା ଜିଲ୍ଲା ଜାତୀୟ ରାଜପଥ ୫୩(କ) ମଙ୍ଗଳାଛକ ନିକଟରେ ଅଣ୍ଡର ବାଇପାସ ନେଇ ମଙ୍ଗଳବାର ମହାକାଳପଡ଼ା ବ୍ଲକର କଣ୍ଡ ବଉଳ ଓ ମାର୍ଶାଘାଇ ବ୍ଲକର ଗର୍ଜ୍ଜଙ୍ଗା ତିନି ପଂଚାୟତ ର ଲୋକେ ରାସ୍ତାରୋକରେ ସାମିଲ ହୋଇଥିଲେ। ପ୍ରାୟ ସକାଳ ୮ଟା ରୁ ଅପରାହ୍ନ ୧ଘଟିକା ପର୍ଯ୍ୟନ୍ତ ଆନ୍ଦୋଳନକାରୀ ଅଖଣ୍ଡ ବନ୍ଦ କରିଦେଇଥିଲେ। ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଡା ଆନ୍ଦୋଳନସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ବି ଆନ୍ଦୋଳକାରୀ ମାନେ ଜିଦରେ ଅଟଳ ରହିଥିଲେ। ଏନଏଚ, ଚଣ୍ଡିଖୋଲ ଏପିଡି ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ମଙ୍ଗଳାଛକ ନିକଟରେ ଅଣ୍ଡର ବାଇପାସ ନିର୍ମାଣପାଇଁ ପୂର୍ଣ୍ଣ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ହଟିଥିଲା। ଆନ୍ଦୋଳନକାରୀ ମାନେ ସ୍ଥାନ ଛାଡିବା ପରେ ପୋଲିସ କୁ ରାସ୍ତା ଯାମ ହଟାଇବା ପାଇଁ ନାକେଦମ ହେବାକୁ ପଡ଼ିଥିଲା। ପ୍ରକାଶ ଥାଉକି ୩ଗୋଟି ପଞ୍ଚାୟତର ଲୋକେ ଏହି ରାସ୍ତା ଉପରେ ନିର୍ଭର କରଥାନ୍ତି। ଯାହା କି ରାତି ଅଧିଆ ମେଡ଼ିକାଲ, ସ୍କୁଲ, କଲେଜ ବ୍ଲକ ଇତ୍ୟାଦି ଯିବା ଆସିବା ପାଇଁ ଏହି ରାସ୍ତା ଉପରେ ନିର୍ଭରକରିଥାନ୍ତି। ଏ ନେଇ ସ୍ଥାନୀୟ ଲୋକେ ଚଳିତ ମାସ ପହିଲାରେ ଏନଏଚ ପିଡି



ଚଣ୍ଡିଖୋଲଙ୍କୁ ଓ ଜିଲ୍ଲାପାଳ କେନ୍ଦ୍ରାପଡ଼ାଙ୍କୁ ସପ୍ତାହ ତଳେ ଲିଖିତ ଅଭିଯୋଗ କରିଥିଲେ। ପରେ ସଂସଦ କେନ୍ଦ୍ରାପଡ଼ା, ବିଧାୟକ ମହାକାଳପଡ଼ାଙ୍କୁ ଲିଖିତ ଅବଗତ କରାଇଥିଲେ କିନ୍ତୁ ଅଭିଯୋଗର କୌଣସି ସୁଫଳ ନ ମିଳିବା ଏବଂ କାର୍ଯ୍ୟନିର୍ବାହୀ ଏଜେନ୍ସି ସମ୍ପୃକ୍ତ ସ୍ଥଳରେ ପ୍ରକଳ୍ପ କାର୍ଯ୍ୟ ତୋରାନ୍ୱିତ କରିବା ପରେ ଲୋକେ ତେଳିଚନ୍ତି। ଏବେଲେ ଅଞ୍ଚଳବାସୀ ପ୍ରଶାସନଙ୍କୁ ଅବଗତ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆନ୍ଦୋଳନକାରି ଭାବେ ବିକ୍ରମାଦିତ୍ୟ ସାହୁ,ନାରାୟଣ ବେହେରା, ବିକ୍ରମ କେଶରୀ ନାୟକ,ରାଜେନ୍ଦ୍ର କୁମାର ସାହୁ,ପ୍ରଶାନ୍ତ ମହାନ୍ତି, ନିହାର ରଞ୍ଜନ ଦାସ, ତୁଷାର କୁମାର ସାମନ୍ତରାୟ ସମେତ ଅନ୍ୟାନ ପ୍ରବୀଙ୍କ ସମେତ ଶତାଧିକ ଲୋକେ ଉପସ୍ଥିତ ଥିଲେ।

# ଶ୍ରୀମଦ୍ ଭଗବତ ଗୀତା ପାରାୟଣ ଯଜ୍ଞ

ବାଲିଚନ୍ଦ୍ରପୁର, ୧୬/୧୨ (): ବଡ଼ଚଣା ବ୍ଲକ ବାଲିପଡ଼ିଆ ପଂଚାୟତସ୍ଥିତ ବାଲିପଡ଼ିଆ ଗ୍ରାମର ଗ୍ରାମଦେବତୀ ମା'ବୁଡ଼ୀଯାଗୁଳାଇ ମନ୍ଦିର ପରିସରରେ ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ଶ୍ରୀମଦ୍ ଭଗବତ ଗୀତା ପାରାୟଣ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପ୍ରଭାକର ଉଦଗାତା, ବାର କିଶୋର ଦାସ, ତପନ କୁମାର ପାତ୍ରୀ, ସୁନିଲ କୁମାର ନନ୍ଦ ଓ ସହ କର୍ମୀଙ୍କୁ ନେଇ ଯଥା ରୀତିନୀତି ଅନୁଯାୟୀ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ପ୍ରକାଶ କୁମାର ଦାଶ ସପନିଙ୍କ କର୍ତ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ବାଲିପଡ଼ିଆ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ଗୀତା ଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଯଜ୍ଞ କାର୍ଯ୍ୟରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ବିଭୁକୃପା ଲାଭ ସହ ପ୍ରସାଦ ସେବନ କରିଥିଲେ। ମା'ବୁଡ଼ୀଯାଗୁଳାଇ କମିଟି ଓ ଜଗନ୍ନାଥ କମିଟିର ସମସ୍ତ କାର୍ଯ୍ୟ କର୍ତ୍ତା ଏଥିରେ ସହଯୋଗ ପ୍ରଦାନ କରିଥିଲେ।

# ଶିକ୍ଷକଙ୍କ ଅକାଳ ବିୟୋଗ

ଧର୍ମଶାଳା, (ସବ୍ୟ) : ଧର୍ମଶାଳା ବ୍ଲକ ଶିକ୍ଷା ମଣ୍ଡଳ ଅଧୀନରେ ଥିବା ବାଲିଗରା ଉପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷକ ଶାନ୍ତନୁ କୁମାର ମଲିକ (୫୬)ଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଅକାଳ ବିୟୋଗ ହୋଇଯାଇଛି। ତାଙ୍କ ମୃତ ଶରୀରକୁ ଘରକୁ ଆଣାଯିବା ବେଳେ ଜାରକା ଶାନ୍ତିବନରେ ସେଆଡ଼ିସି ସେଙ୍କ ସମସ୍ତଙ୍କନେଙ୍କ ନେତୃତ୍ୱ ଧର୍ମଶାଳା ଶିକ୍ଷକ ସଂଘ ପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସ୍ୱର୍ଗତ ମଲିକ ଶିକ୍ଷା ଶେଷ କରି ପ୍ରଥମେ ଧର୍ମଶାଳା ପ୍ରାଇମେରୀ ସ୍କୁଲରେ ଶିକ୍ଷକତା କରିବାପରେ ନିକଟସ୍ଥ ତେରାକୋଳି ପ୍ରାଥମିକ ବିଦ୍ୟାଳୟ ଓ ପରେ ଏହି ପଂଚାୟତର ବାଲିଗରା ପ୍ରାଇମେରୀ ସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟ ରତ କରିଥିଲେ। ଦୀର୍ଘ ଦିନହେବ ସେ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ମଧ୍ୟ ଶିକ୍ଷା ଦାନ କରିଥାଉଥିଲେ।

# ଜିଲ୍ଲାପାଳଙ୍କ ଚାଷ ଜମି ପରିଦର୍ଶନ ଓ ସମୀକ୍ଷା

କେନ୍ଦ୍ରାପଡା, (ସବ୍ୟ) : କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ଚାଷ ଜମି ପରିଦର୍ଶନ କରି ଚାଷୀ ମାନଙ୍କ ସହ ଅସୁବିଧା ସଂପର୍କରେ ଆଲୋଚନା କରିଛଂି। ଜିଲ୍ଲାପାଳ ଶ୍ରୀ ଆୟାର ମଙ୍ଗଳବାର ଡେରାବିଶ ଅଂଚଳରେ ଦେଶପୁର ଗ୍ରାମ ପରିଦର୍ଶନ କରି ସେଠାରେ ହେଉଥିବା ପିପିଳିବା ଚାଷ ସହିତ ସୋରିଷ ଚାଷ, ଗହମ ଚାଷ ଏବଂ ଧାନକଟା ପରିଦର୍ଶନ କରିଥିଲେ। ଏଥି ସହିତ ଆଳୁଚାଷ କରିଥିବା ଚାଷୀ ମାନଙ୍କ ସହିତ ଆଲୋଚନା କରି ଜମାଧର ନିକଟରେ ଦରକାର କମିଟି ପରିସର ରେ ନୂତନ ଭାବେ ଉଦଘାଟନ ହୋଇଥିବା ଶୀତଳ ଭଣ୍ଡାରରେ ଆଳୁ ରଖିବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ଚାଷୀ ମାନଙ୍କର ବିଭିନ୍ନ ସମସ୍ୟାକୁ ସମାଧାନ କରିବା ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମେଶ ଚନ୍ଦ୍ର ମଲ୍ଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ବ୍ଲକ କୃଷି ଅଧିକାରୀ ବନଲତା ବେହେରାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ବଡମ୍ବା ବିଦ୍ୟୁତ ଉପଭୋକ୍ତା ମହାସଂଘ ବୈଠକ

# ଅତିରିକ୍ତ ସୁରକ୍ଷା ଜମା ଡିମାଣ୍ଡ, ସ୍ମାର୍ଟ ମିଟରକୁ ନେଇ ବିବାଦ



ବଡମ୍ବା, (ସବ୍ୟୁ): ଟାଟା ପାୱାର ପକ୍ଷରୁ ଗ୍ରାହକ ଙ୍କୁ ସିକ୍ୟୁରିଟି ମନି ଜମା ଟଙ୍କା ଦେବା ନୋଟିସ ଆସିଛି ।ଏହାକୁ ନେଇ ବଡମ୍ବା ରେ ତୀବ୍ର ବିଦ୍ୟୁତ ଉପଭୋକ୍ତା ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଉପଭୋକ୍ତଙ୍କୁ ସ୍ମାର୍ଟ ମିଟର ଲଗାଇବା ପାଇଁ ବାଧ୍ୟ କରାଯାଉଛି । ଯାହାକୁ ନେଇ ବଡମ୍ବା ବଡମ୍ବା ବିଦ୍ୟୁତ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୁଷ୍ଟ ଦେଖା ଦେଇଛି । ବିଦ୍ୟୁତ ଉପଭୋକ୍ତାଙ୍କ ସମସ୍ୟାକୁ ନେଇ ନୂତନ କରି ଗଠନ ହୋଇଥିବା ବଡମ୍ବା ବିଦ୍ୟୁତ ଉପଭୋକ୍ତା ମହାସଂଘର ପ୍ରଥମ ବୈଠକ ହାଟ ସ୍ଥିତ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠାନର ସଭାପତି ସାମ୍ବାଦିକ ଚିନ୍ମାମ୍ବା ମହାନ୍ତି ଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି ।

ବୈଠକରେ ବିଦ୍ୟୁତ ଉପଭୋକ୍ତାମାନଙ୍କ ସମସ୍ୟା ନେଇ ଆଲୋଚନା କରାଯାଇଥିଲା । ବିଦ୍ୟୁତ ବିତରଣ କମ୍ପାନୀର ଶୋଷଣ କରିବା ବିରୁଦ୍ଧରେ ଜନ ସାଧାରଣ ଙ୍କ ସହଯୋଗରେ ଆନ୍ଦୋଳନ କୁ ଉଲ୍ଲାଇବ ବଡମ୍ବା ବିଦ୍ୟୁତ ଉପଭୋକ୍ତା ମହାସଂଘ । ଏହାକୁ ନେଇ ଆସନ୍ତା ସୋମବାର ବାର ୨୨ତାରିଖ ଦିନ ଏକ ବିରାଟ ଶୋଭାଯାତ୍ରା କରାଯାଇ ଶକ୍ତି ମନ୍ତ୍ରିଙ୍କ ଉଦ୍ଦେଶ୍ୟ ରେ ସ୍ଥାନୀୟ ତହସିଲଦାରଙ୍କୁ ଏକ ଦାବିପତ୍ର ଦେବା ସହିତ ବଡମ୍ବା ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରାଯାଇ ଏକ ଦାବିପତ୍ର ପତ୍ର ପ୍ରଦାନ କରାଯିବ ବୋଲି ବୈଠକ ରେ ନିଷ୍ପତି ହୋଇଛି ।

ବୈଠକରେ ମହାସଂଘ ରେ ଉପ ସଭାପତି ଶିବ ନାରାୟଣ ମିଶ୍ର, ପଞ୍ଚାନନ ମଲ୍ଲିକ, ସାଧାରଣ ସମ୍ପାଦକ ନିଗମାନନ୍ଦ ନାୟକ, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ମହାରଣା, ଉପଦେଷ୍ଟା ବିବେକାନନ୍ଦ ମଲ୍ଲିକ, ସନ୍ତୋଷ କୁମାର ଦେବତା, ସଂଯୋଜକ ଅକ୍ଷୟ କୁମାର କରଣ, ବରିଷ୍ଠ ସଦସ୍ୟ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ସହଦେ ମଲ୍ଲିକ, ଗଦାଧର ମଲ୍ଲିକ, ସନ୍ତୋଷ କୁମାର ପରିଡା, ମୃତ୍ୟୁଞ୍ଜୟ ମହାନ୍ତି,ଗୋପାଳ ଖିଲାର, ସାମ୍ବାଦିକ ବିଜୟ କୁମାର ରାଉତ, ସୁଧାଂଶୁ ରଞ୍ଜନ ଶତପଥି ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ସାମିଲ ହୋଇ ଥିଲେ । ଶେଷରେ ଉପଦେଷ୍ଟା ମନୋଜ ପଟ୍ଟନାୟକ ଧନ୍ୟବାଦ ଅର୍ପଣ ଦେଇଥିଲେ ।

# ମା' ମଙ୍ଗଳାଙ୍କ ମନ୍ଦିରରେ ପହିଲି ଭୋଗ ନୀତି



କାକଟପୁର ,(ସବ୍ୟୁ): କାକଟପୁର ଅଧିଷ୍ଠାତ୍ରୀ ମା ମଙ୍ଗଳାଙ୍କ ପୀଠରେ ପହିଲି ଭୋଗ ନୀତି ଆରମ୍ଭ ହୋଇଛି । ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଏକ ମାସ ଧରି ମା ଙ୍କ ନିକଟରେ ଏହି ପହିଲି ଭୋଗ ନୀତି ହେବ। ବ୍ରାହ୍ମ ମୁହୂର୍ତ୍ତରୁ ମା ଙ୍କର ମଙ୍ଗଳ ଆଳତି ଉଲାଗି ସ୍ନାନ ମାର୍ଜନା, ବସ୍ତ୍ର ଲାଗି, ଚନ୍ଦନ ଲାଗି ଅଳଙ୍କାର ଲାଗି, ସୂର୍ଯ୍ୟ ପୂଜା, ବଲ୍ଲଭ ଅବକାଶ ପ୍ରାତଃ ସମୟରେ ସକାଳ ପହିଲି ଭୋଗ ନୀତି ବହୁ ଆଡ଼ମ୍ବରରେ ସମାପନ ହୋଇଥିଲା ସକାଳ ପହିଲି ଭୋଗ ନୀତି ରେ ଖେଚୁଡ଼ି, ଡାଲି, ତରକାରୀ, କ୍ଷୀରି, ଭଜା, ସାଗ,ଆଦି ବିଭିନ୍ନ ବ୍ୟଞ୍ଜନ ରେ ମା ଙ୍କୁ ଅର୍ପଣ କରାଯାଇଥିଲା ।ସଂଧ୍ୟାରେ ପାରମ୍ପରିକ ନୀତି ଅନୁସାରେ ସୁଆର ନିଯୋଗଙ୍କ ଦ୍ଵାରା ମାଙ୍କୁ ମୁଆଁ ଭୋଗ ଅର୍ପଣ କରାଯାଇଥିଲା । ଶ୍ରଦ୍ଧାଳୁମାନେ ମା ଙ୍କୁ ଦର୍ଶନ କରିବା ସହିତ ପ୍ରସାଦ ସେବନ କରିଥିଲେ ।

# ଶିକ୍ଷୟିତ୍ରୀଙ୍କୁ ଜାତିଆଣ ଆକ୍ଷେପ ଅଭିଯୋଗ

ବାଲିପାଟଣା ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକ ଅନ୍ତର୍ଗତ ଭାକରସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହ ଶିକ୍ଷୟତ୍ରୀ ଲିଲା ଦାସଙ୍କୁ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ,ପରିଚାଳନା କମିଟି ସଦସ୍ୟ ଓ ଆଲୁମ୍ନି ସଭାପତି ଗାଳି ଗୁଲଜ କରିବା ସହିତ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ କରି ସେ ମଙ୍ଗଳବାର ଦିନ ବାଲିପାଟଣା ଥାନାରେ ଏତଲା ଦେଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମଙ୍ଗଳବାର ପୂର୍ବାହ୍ନ ୯ଟା ୪୦ରେ ଅଭିଯୋଗକାରୀ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ପହଞ୍ଚିବା ପୂର୍ବରୁ ଅନ୍ୟ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଶ୍ରେଣୀରେ ରହି ଉଦ୍ଦେଶ୍ୟ ମୂଳକ ଭାବରେ ବିଦ୍ୟାଳୟ ଫାଟକରେ ଚାବି ପକାଇ ଦେଇ ପ୍ରଧାନ ଶିକ୍ଷୟତ୍ରୀ ନିଜ ପାଖରେ ଚାବି ରଖିଥିଲେ । ଯେତେ ଡାକିଲେ ମଧ୍ୟ ଶୁଣି ନଥିଲେ । ଏହି ସମୟରେ ପରିଚାଳନା ସମିତି ସଭାପତି ସତ୍ୟବ୍ରତ ସାହୁ,ଉପ ସଭାପତି ଗୀତାଞ୍ଜଳି ସାହୁ, ସଭ୍ୟା ସେବ ମୁଖୀ ଓ ପୁରାତନ ଛାତ୍ର ସଂଘର ସଭାପତି ସୁଦର୍ଶନ ସାହୁ ପହଞ୍ଚି ତାଙ୍କୁ ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷା ରେ ଗାଳି ଦେଇଥିବା ସେ ଏତଲାରେ ଲେଖିଛନ୍ତି । ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପରେ ସେ ସହ ଶିକ୍ଷାଧିକାରୀଙ୍କୁ ସେଠାକୁ ପଠାଇଥିଲେ । ହେଲେ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଯିବାପାଇଁ ଫାଟକ ଖୋଲି ନଥିଲେ ।ବହୁ ସମୟ ପରେ ନିଜେ ପ୍ରଧାନ ଶିକ୍ଷୟତ୍ରୀ ଆସି ତାଲା ଖୋଲି ଥିଲେ । ସାଥୀ ଶିକ୍ଷୟତ୍ରୀମାନେ ଗ୍ରାମବାସୀଙ୍କ ସହିତ କୌଣସି ଆଲୋଚନା କରିବା ଅଥବା ତାଙ୍କ ସହକର୍ମୀ ଲୀଳା ଦାସଙ୍କ ପ୍ରତି କୌଣସି ଦରଦ ଦେଖାଇ ନଥିବା ଘଟଣାରୁ ଜଣାପଡିଛି । ପିଲାଙ୍କ କଳିରୁ ଏହି ଦଣ୍ଡ ଶିକ୍ଷୟତ୍ରୀଙ୍କୁ ଦିଆଯାଉଛି ବୋଲି ସେମାନେ କହୁଥିବା ବେଳେ ନିର୍ଦ୍ଦିଷ୍ଟ ଭାବରେ ଏ ସମ୍ପର୍କରେ କେହି ଅଭିଯୋଗ କରି ନଥିବା ଜଣା ପଡ଼ିଛି । ଶିକ୍ଷୟତ୍ରୀ ଲୀଳା ଦାସ ବାରମ୍ବାର ଏପରି ନିର୍ଯାତନା ଦିଆ ଯାଉଥିବା ଅଭିଯୋଗ କରିଛନ୍ତି ।ଏହା ପୂର୍ବରୁ ଗତ ୩୦ ତାରିଖ ରେ ମଧ୍ୟ ଥାନାରେ ସେ ଏତଲା ଦେଇଥିଲେ । କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା କହି ତୁରନ୍ତ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି ।

# ଅରିଲୋ - ଦକ୍ଷିଣ ଲିଙ୍କ ଡ୍ରେନ ସଫେଇ ଦାବି

ଫୁଲନଖରା ,(ସବ୍ୟୁ) : କଟକ ଗଣ୍ଡରପୁର ଅଧୀନ ସଇଁଦା ମହୁରା, ଜରପଡା - ତେଲଜୋରି ଓ ଅରିଲୋ ଲିଙ୍କ ଡ୍ରେନ ମଧ୍ୟ ଏହି ବିଭାଗ ଅଧୀନରେ ଅନ୍ତର୍ଭୁକ୍ତ । ଟେଣ୍ଡର କରାଯାଇ ଦୁଇଟି ବଡ଼ ଡ୍ରେନ ସଫେଇ କରାଯାଉଥିବାବେଳେ ଏହାର ଶାଖା ଅରିଲୋ - ଦକ୍ଷିଣ ଉଷୁମା ଲିଙ୍କଡ୍ରେନ ବାଦ ପଡିଛି । ଏହା ଦୀର୍ଘ ୧୫ ବର୍ଷ ତଳେ ସଫେଇ ବିଭାଗ ଅଧୀନରେ ଏହି ଛୋଟ ନାଳୀଟିକୁ ସଫା କରାଯାଇଥିଲା । ଖରିଫଋତୁରେ ଲଗାଣ ବର୍ଷା ଯୋଗୁଁ ଅରଡିଆପଦା - ଅରିଲୋ ମୁଣ୍ଡଳି ଗହୀରର ଜଳ ନିଷ୍କାସନ ହୋଇପାରୁନାହିଁ । ଏହି ଲିଙ୍କ ଡ୍ରେନଟିଅରିଲୋ - ଦକ୍ଷିଣ ଉଷୁମା ଦେଇ ପାଣ୍ଡାଗାଡ଼ିଆ ନିକଟରେ ପଡ଼ିଅଛି । ଏହା ଅନ୍ୟୁନ ୧ କିଲୋ ମିଟର ବ୍ୟାପ୍ତ ହେବ । ତୁରନ୍ତ ଏହିନାଳିଟିକୁ ସଫେଇ କରିବା ନିମନ୍ତେ ଅଞ୍ଚଳବାସି ଦାବି କରିଛନ୍ତି । ଲଗାଣ ବର୍ଷା ହେବା ଦାରା ଶହ ଶହ ଏକର ଧାନ ଜମି ପାଣିରେ ବୁଡ଼ିରହୁଛି ।

# ଭଗବତୀ ଉଚ୍ଚ ବିଦ୍ୟାଳୟ ୨୦୦୬ ବ୍ୟାଚ୍ ବନ୍ଧୁମିଳନ



ବଳଙ୍ଗା, (ସବ୍ୟୁ): ଭଗବତୀ ଉଚ୍ଚ ବିଦ୍ୟାଳୟ ରୁପଦେଇପୁର ୨୦୦୬ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି ।ଭଗବତୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଦିନ ସ୍ଥାୟୀ ସଭାପତି ବିଜୟ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲଶ ଏହିକାର୍ଯ୍ୟକ୍ରମ । ତାପରେ ସମ୍ପାଦକ ହରେକୃଷ୍ଣ ଦିକ୍ଷୀତ ବାର୍ଷିକ ବିବରଣୀ ପାଠ କରିଥିଲେ ।

ପରିବେଶ ସୁରକ୍ଷା ନିମନ୍ତେ ପ୍ରତିବର୍ଷ କିଛି ବୃକ୍ଷ ରୋପଣ କରିବା । ଭ୍ରାମ୍ୟମାଣ ଗ୍ରାମର ସଫେଇ ଓ କିଛି ଗରିବ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସାହାଯ୍ୟ କରିବା ସହିତ ପାଠ୍ୟ ଉପକରଣ ଯୋଗାଇଦେବା ପାଇଁ ଶପଥ ନେଇଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଲିଟୁ ଜେନା, ମାନସ କୁମାର ସାହୁ, ଉମାକାନ୍ତ ସ୍ୱାଇଁ, ଦାମଦୋର ପାତ୍ର, ମିତାଲି ମହାନ୍ତି, ଯୋଗମାୟା ପାତ୍ର, ପ୍ରତିମା ସାହୁ, କବିତା ପଣ୍ଡା ପ୍ରଭୃତି ୧୦୦ରୁ ଉର୍ଦ୍ଧବନ୍ଧୁ ଏକତ୍ରିତ ହୋଇଥିଲେ ।

# ସାନ୍ଦିପନୀ ଶିଶୁବିକାଶ କେନ୍ଦ୍ରର ବିଜ୍ଞାନ ମେଳା

କାକଟପୁର, (ସବ୍ୟୁ) : କାକଟପୁର ବ୍ଲକ ଅଧିନସ୍ଥ କଣ୍ଟାପଡା ଗ୍ରାମପଞ୍ଚାୟତ ଗମ୍ଭାରୀପଦା ଗ୍ରାମରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାନ୍ଦିପନି ଶିଶୁ ବିକାଶ କେନ୍ଦ୍ରର ୨ୟ ବାର୍ଷିକ ବିଜ୍ଞାନ ମେଳା ରବିବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।

କାକଟପୁର ପ୍ରାଣୀଚିକିତ୍ସା କେନ୍ଦ୍ରର ପ୍ରାଣୀ ଚିକିତ୍ସକ ରଶ୍ମିତା ସାହୁ , ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ( ବିଶ୍ୱାଳ ) ବିଜ୍ଞାନ ମେଳାକୁ ଉଦଘାଟନ କରିଥିବା ବେଳେ କାକଟପୁର ସରକାରୀ ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟତ୍ରୀ (ୱାସିମ ଅକ୍ତର, ତେଲିକୁଦୟୁପି ସ୍କୁଲର ବିଜ୍ଞାନ ଶିକ୍ଷକ ସମିସ ଅକ୍ତର , କଣ୍ଟାପଡା ପଞ୍ଚାୟତ ହାଇସ୍କୁଲର ବିଜ୍ଞାନ ଶିକ୍ଷୟତ୍ରୀ ପୁଷ୍ପ ବାଳା ତ୍ରୀପାଠୀ , ଶିକ୍ଷକ ବାବାଜୀ ଚରଣ ସ୍ୱାଇଁ ସମାଜସେବୀ ବାବାଜୀ ମହାନ୍ତି ବିଚାରକ ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସାନ୍ଦିପନି ଶିଶୁ ବିକାଶ କେନ୍ଦ୍ରର ପ୍ରତିଷ୍ଠାତା (ବାନାମ୍ବର) ସାହୁ , ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବେଣୁଧର ସାହୁ , ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିହାରୀ ନାୟକ, ମନୋରଞ୍ଜନ ଆଚାର୍ଯ୍ୟଙ୍କ ସମେତ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ବିଜ୍ଞାନ ମେଳାରେ ମୋଟ ୨୪୪ ଟି ପ୍ରକଳ୍ପ ସ୍ଥାନ ପାଇଥିଲା ।

# ୫ ହାଇୱା ଜବତ

ପାଣିକୋଇଲ, (ସବ୍ୟୁ) : କୋରେଇ ଥାନା ଅନ୍ତର୍ଗତ ବୈରଣୀ ନଦୀରୁ ବେଆଇନ ଓ ବେଧଡକ ଭାବେ ବାଲି ଚୋରା ଚାଲାଣ ହେଉଛି। ଜିଲ୍ଲାପାଳଙ୍କ ତଦାରଖ ପରେ ପୁଲିସର ନିଦ ଭାଂଗିଛି। ବୈତରଣୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ କୋରେଇ ପୁଲିସ ୫ଟି ବାଲି ହାଇୱାକୁ ଅଟକାଇ ଯାଂଚ କରିଥିଲା। ଯାଂଚ ସମୟରେ ସେମାନେ ବାଲିର କୌଣସି କାଗଜପତ୍ର ଦେଖାଇ ନପାରିବାରୁ ଗାଡିକୁ ଅଟକାଇ ରଖିଥିଲା। ଉକ୍ତ ଗାଡି ଗୁଡିକ ହେଲା ଓଡି୦୧ଏଏ ୩୨୯୯, ଓଡି ୨୨ଏଡି ୨୧୩୫, ଓଡି୩୪ୱାଇ ୨୧୩୫, ଓଡି ୨୨ଏସି ୧୭୪୭, ଓଡି୨୨ୟୁ ୭୧୧୪)। ବେଆଇନ ଭାବେ ମଥୁରାପୁର ବ୍ରିଜ କଡରୁ ଏହି ବାଲି ଉଠୁଥିଲା। ଯାହା ଫଳରେ ମଥୁରାପୁର ବ୍ରିଜ ପ୍ରତି ବିପଦ ରହିଛି।

# ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତା

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସରସତୀ ଶିଶୁ ବିଦ୍ୟାମନ୍ଦିର, ଆର୍ଯ୍ୟ ବିହାର, ତ୍ରିଂଶତମ ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତାର ଉଦଘାଟନ ଉତ୍ସବ କ୍ଷେତ୍ରବାସୀ ଡିଏଭି କ୍ରୀଡା ପ୍ରାଙ୍ଗଣରେ ଉତ୍ସାହ ଅନୁଷ୍ଠିତ ହୋଇଯାଇଛି ।

ଏହି କ୍ରୀଡା ଉତ୍ସବକୁ ମୁଖ୍ୟ ଅତିଥି ନିରାକାରପୁର ଥାନା ଆଇଆଇସି ବିଶଜିତ ରାଉତରାୟ ଉ'ାଟନ କରି ଥିଲେ । ବିଦ୍ୟାଳୟର ସଂପାଦକ ଓ ପ୍ରଧାନ ଆଚାର୍ଯ୍ୟା ଅତିଥିଙ୍କୁ ସ୍ୱାଗତ କରିଥିଲେ । ସାମଗ୍ରିକ ବିକାଶରେ କ୍ରୀଡାର ଗୁରୁତ୍ୱ ଉପରେ ସଂପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଆଲୋକପାତ କରିଥିଲେ । ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ତାଙ୍କ ବକ୍ତବ୍ୟରେ କହିଥିଲେ କ୍ରୀଡା ଯେ କେବଳ ଶାରୀରିକ ବିକାଶ କରେ ତା ନୁହେଁ ଏହା ଶିଶୁର ବୌଦ୍ଧିକ ବିକାଶରେ ମଧ୍ୟ ସହାୟକ ହୋଇଥାଏ ବୋଲି କହିଥିଲେ ।

ନିହାର ଗୁରୁଜୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଏହି କ୍ରୀଡା ପ୍ରତିଯୋଗିତାରେ ଚାରୋଟି ବିଭାଗର ୪୮ଟି ଇଭେଣ୍ଟରେ ବିଦ୍ୟାମନ୍ଦିରର ମୋଟ ୧୦୫୦ ଜଣ ଛାତ୍ରଛାତ୍ରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଛନ୍ତି । ଯାହାକି ଆସନ୍ତା ଦୁଇଦିନ ଧରି ଚାଲିବ ।

# ବଢୁଛି ବେଆଇନ ବାଲି ଉଠାଣ

ଫୁଲନଖରା, (ସବ୍ୟୁ): କଟକ ଜିଲ୍ଲାର କଟକ ସଦର ଥାନା ଅଧୀନ ଅଞ୍ଚଳର ନଦୀଗୁଡ଼ିକ ଆଜି ଗୁରୁତର ସଙ୍କଟର ସମ୍ମୁଖୀନ । ଦିନକୁ ଦିନ ଅବୈଧ ବାଲି ଚୋରିବଢ଼ିଚାଲିଛି,ରାତିର ଅନ୍ଧକାରରେ ହେଉ କି ଦିନ ଦ୍ୱିପହରରେନଦୀ ତଳୁ ବେଆଇନ ଭାବେ ବାଲି ଉଠାଣ ଏବେ ସାଧାରଣ ଘଟଣାହୋଇପଡ଼ିଛି । ନୂଆଗଡ଼, କାଚରା ମାଳ, ଖଲର୍ଦା ଆଦି ଅଞ୍ଚଳରେ ଦିନକୁ ଦିନ ବାଲି ମାଫିଆ ସକ୍ରିୟ ହୋଇ ଉଠିଥିବାଦେଖିବାକୁ ମିଳୁଛି । ଟ୍ରାକଫର ଯୋଗେ ଦୈନିକ ଶହ ଶହ ବାଲି ଉଠାଇ ପୋଲିସ ପ୍ରଶାସନ ଓ ମାଇନିଂ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜିଦେବା ସହ ମୁଖ୍ୟମନ୍ତ୍ରୀ ବାଲି ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦେଇଥିବା ନିଷ୍ପତ୍ତିକୁ ପରିହାସକରିଛନ୍ତି । ବାରମାର ବାଲି ଚୋରି ହେବା ଦ୍ୱାରା ଏହାର ପ୍ରଭାବରେ ନଦୀ କୂଳ ଧସିବା, ଚାଷଜମି ନଷ୍ଟ ହେବା, ପାନୀୟ ଜଳସ୍ତରତଳକୁ ଯିବା ସହ ଜୀବଜନ୍ତୁ ଓ ମାଛ ସମ୍ପଦ ଧ୍ୱଂସ ହେଉଛି । ଏହି ବେଆଇନ ବାଲି ଚୋରି ପଛରେ ଥିବା ସଂଗଠିତ ମାଫିଆ ନେଟୱାର୍କ ସରକାରୀ ଆଇନକୁ ଖୋଲା ଚ୍ୟାଲେଞ୍ଜ ଦେଉଛି ।

# ବିଦ୍ୟାଳୟ ସମୂହ ନେଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ



ରଣପୁର, (ସବ୍ୟୁ) : ନୟାଗଡ ଜିଲ୍ଲା ରଣପୁରରେ ଆୟୋଜିତ ରାଜ୍ୟ ବିଦ୍ୟାଳୟ ସମୂହ ନେଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଏହି କ୍ରୀଡା ଉତ୍ସବର ମୁଖ୍ୟ ଅତିଥି ଭାବେ ଓଡିଶାର ବାଚସ୍ପତି ସୁରମା ପାଢ଼ୀ , ବିଶିଷ୍ଟ ଅତିଥି ଭାବେ ଓଏସଏସଏସଏ.ର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା ଓ ସମ୍ମାନିତ ଅତିଥି ଭାବେ ରଣପୁର ବିଜ୍ଞାପିତ ପରିଷଦର ଅଧକ୍ଷା ରଙ୍ଗୀନ ମହାନ୍ତି, ଅତିରିକ୍ତ ଜିଲ୍ଲା ଅଧିକାରିଣୀ ଗୀତାଞ୍ଜଳି ସାହୁ, ସନ୍ଧ୍ୟାରାଣୀ ରାଉତ ଓ ବନଲତା ବେହେରା, ନୟାଗଡ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅନିଲ କୁମାର ଦାଶ, ସଂଗଠନ ସମ୍ପାଦକ ତଥା ପି.ଏମ. ଶ୍ରୀ ବି.ସି. ହାଇସ୍କୁଲ ରଣପୁରର ପ୍ରଧାନ ଶିକ୍ଷକ ଡ଼. ଗିରିଜା ଶଙ୍କର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଙ୍ଗନାଥ ଦାଶ, ଅବସର ପ୍ରାପ୍ତ ଖେଳ ଶିକ୍ଷକ ତଥା ରାଜ୍ୟ ନିରୀକ୍ଷକ ତ୍ରିନାଥ ସାହୁ ଓ ସମାଜସେବୀ ପରେଶ ମିଶ୍ର ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।ସଭାର ସଭାପତିତ୍ୱ ନୟାଗଡ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେ କରିଥିଲେ । "ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ ପରେ କ୍ରୀଡା ପତାକା ଉତ୍ତୋଳନ କରାଯାଇ ପ୍ରତିଯୋଗିତାର ଔପଚାରିକ ଶୁଭାରମ୍ଭ ହୋଇଥିଲା ।ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ସଭାକୁ ଆନନ୍ଦମୟ କରିଥିଲା । ସଭାର ମଞ୍ଚ ପରିଚାଳନା ସତ୍ୟ ନାରାୟଣ ମହାପାତ୍ର କରିଥିଲେ ।ସମସ୍ତ କ୍ରୀଡା ଶିକ୍ଷକ, ସାଧନ କେନ୍ଦ୍ର ସଂଯୋଜକ ଓ ବିଭିନ୍ନ ଶିକ୍ଷକ ସଂଗଠନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଏହି କ୍ରୀଡା ପ୍ରତିଯୋଗିତା ତିନି ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

# ବିଧାୟକଙ୍କ ଚାୟ ପେ ଚର୍ଚ୍ଚା



ସାକ୍ଷୀଗୋପାଳ, (ସବ୍ୟୁ) : ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ମଙ୍ଗଳବାର ସକାଳ ସମୟରେ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଏକ ଚାୟ ପେ ଚର୍ଚ୍ଚା କରିଛନ୍ତି । ଚା ପାନ ସହିତ ବିଧାୟକ ଶ୍ରୀ ମିଶ୍ର ଉପସ୍ଥିତ ଦଳୀୟ କର୍ମକର୍ତ୍ତା ଓ ସତ୍ୟବାଦୀ ଜନସାଧାରଣଙ୍କ ଆଲୋଚନା କରିଥିଲେ । ସାକ୍ଷୀଗୋପାଳ ମନ୍ଦିର ପରିଦର୍ଶନ କରି ସାକ୍ଷୀଗୋପାଳ ମନ୍ଦିର ରୋଷଘର ନବୀକରଣ, ଝୁଲଣ ମଣ୍ଡପ ଉନ୍ନତିକରଣ,ମନ୍ଦିର ବେଢା ପରିସରରେ ଥିବା ବୃକ୍ଷ ମୂଳରେ ଚାନ୍ଦିନୀ ନିର୍ମାଣ କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ ।

ପେଣ୍ଠପଡା ସରପଞ୍ଚ ଚିନ୍ମୟ ରାଉତ, ଦେବଦତ୍ତ ସାମନ୍ତରାୟ,ଆମ୍ବ ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ, ତ୍ରିଲୋଚନ ରଥ, ଦୀପକ ଶତପଥୀ, ଉମେଶ ଚନ୍ଦ୍ର ପ୍ରଧାନ, ବିଷ୍ଣୁ ପାତ୍ର, ସୁକାନ୍ତ ଜେନା, ଜିତେନ ମହାପାତ୍ର, ସେବାୟତ ସଙ୍ଘ ସମ୍ପାଦକ ପ୍ରତାପ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବ୍ରହ୍ମ ଜଗନ୍ନାଥ ମିଶନ ପକ୍ଷରୁ ବନ୍ଧୁମିଳନ

କୁଜଙ୍ଗ , (ସବ୍ୟୁ): ବ୍ରହ୍ମ ଜଗନ୍ନାଥ ମିଶନ ପକ୍ଷରୁ ତାଳଦଣ୍ଡା ସ୍ଥିତ ଜ୍ୟୋତି ଜଗନ୍ନାଥ ପୀଠ ଠାରେ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ନିର୍ମାଣାଧୀନ ଜଗନ୍ନାଥ ମନ୍ଦିର ପରିସର ରେ କ୍ୟାପଟେନ ସଞ୍ଜୀବ କୁମାର ମୁଦୁଲିଙ୍କ ଆବାହକତ୍ୱରେ ବ୍ରହ୍ମ ଜଗନ୍ନାଥ ମିଶନ ର ଶତାଧିକ କର୍ମକର୍ତ୍ତା ଯୋଗ ଦେଇ ପ୍ରଭୁ ଜଗନ୍ନାଥଙ୍କ ମହିମା ଉପରେ ଆଲୋକପାତ କରିଥିଲେ । ପୂଜ୍ୟା ସରିତା ଦେବୀଙ୍କ ୨ୟ ବାର୍ଷିକ ସ୍ମରଣ ଉତ୍ସବ ରେ ତାଙ୍କର ପ୍ରଭୁ ଜଗନ୍ନାଥଙ୍କ ପ୍ରତି ଥିବା ଅବିସ୍ମରଣୀୟ ଆକର୍ଷଣ ଓ ବିଶ୍ୱାସ ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।


## ଓଡ଼ିଶା ସରକାର
## ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

No. 363/LA Dated : 05.08.25

**XXI-14 :** ଯେହେତୁ ଓଡିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଖଇରି ଭଣ୍ଡନ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ଯଶିପୁର (ଶୁଣ୍ଡିବିଲା), ଥାନା-ଯଶିପୁର ନଂ-୧୦୦, ତହସିଲ-ଯଶିପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୯.୯୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ୧୧(୧)ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ଉଦ୍ଦେଶ୍ୟ ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଖଇରି ଭଣ୍ଡନ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ –ଅଧୀକ୍ଷଣ ଯନ୍ତ୍ରୀ, ଦେଓ ମୁଖ୍ୟ ବନ୍ଧ ବିଭାଜନ, କରଞ୍ଜିଆ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଖଇରି ଭଣ୍ଡନ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ସ୍ୱତନ୍ତ୍ର ଭୂ-ଅର୍ଜନ ପୁନଃ ବସତି ଓ ଥଇଥାନ ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ ।
୬. ଜମିର ବିବରଣୀ ।

**ମୌଜା-ଯଶିପୁର, ଥାନା-ଯଶିପୁର, ଥାନା ନମ୍ବର-୧୦୦, ତହସିଲ-ଯଶିପୁର, ଜିଲ୍ଲା-ମୟୂରଭଞ୍ଜ**

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ଜମିର ପରିମାଣ (ଏକର) | ଅଧିକୃତ ଜମିର ପରିମାଣ (ଏକର) | ଖାତା ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୩୫ | ୧୦୭୨ | ଡାହି ଏକ | ୦.୭୫ | .୭୫ | ଆନନ୍ଦ ମହାନ୍ତ, ପି-ଦୁଃଖୁ ମହାନ୍ତ, ଜା-କୁଡୁମି, ବା-ଅଁଳାବଣି | |
| ୨ | ୫୧ | ୧୯୩୩ | ଡାହି ଏକ | ୦.୬୦ | ୦.୬୦ | ଉପେନ୍ଦ୍ର ମହାନ୍ତ, କିଟୁ ମହାନ୍ତ, ପି-ମନବୋଧ ମହାନ୍ତ, ମଲ୍ଲୀ ମହାନ୍ତ, ସ୍ୱା-ମନବୋଧ ମହାନ୍ତ ସବନା ମହାନ୍ତ ଜଗନ୍ନାଥ ମହାନ୍ତ, ମହାଦେବ ମହାନ୍ତ, ପି- କୁନୁଆ ମହାନ୍ତ, ଜା-କୁଡୁମି, ବା-ନିଜଗାଁ | |
| ୩ | ୩୪୪ | ୧୦୭୪<br>୧୦୭୫<br>୧୦୭୬ | ଡାହି ଏକ<br>ଡାହି ଏକ<br>ଡାହି ଏକ | ୨.୨୦<br>୦.୨୭<br>୦.୩୩ | ୧.୬୭<br>୦.୨୭<br>୦.୩୩ | ପାରାଉ ମାଝୀ, ପି-ସାଲଖୁ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| ୪ | ୪୬୬ | ୧୦୮୭<br>୧୦୭୮ | ଡାହି ଏକ<br>ଡାହି ଏକ | ୦.୭୫<br>୦.୩୩ | ୦.୩୩<br>୦.୩୩ | ମନ ମହାନ୍ତ, ସୁର ମହାନ୍ତ, ପି-କୁନୁଆ ମହାନ୍ତ, ଜା-କୁଡୁମି, ବା-ନିଜଗାଁ | |
| ୫ | ୫୦୮ | ୧୦୮୦<br>୧୦୮୧ | ଡାହି ଏକ<br>ଡାହି ଏକ | ୦.୨୪<br>୦.୪୬ | ୦.୨୪<br>୦.୪୬ | ରାଇହରି ମହାନ୍ତ, ପି- ପୁନୁଆ ମହାନ୍ତ, ଜା- କୁଡୁମି, ବା-ଅଁଳାବଣି | |
| ୬ | ୬୪୯/୨୪୨ | ୧୦୮୬ | ଡାହି ଏକ | ୧.୦୮ | ୧.୦୮ | ହୀରାବତୀ ମହାନ୍ତ, ସ୍ୱା-କୁଳମଣି ମହାନ୍ତ, ଜା-କୁଡୁମି, ବା- ନିଜଗାଁ | |
| ୭ | ୫୮୪ | ୧୯୩୪<br>୧୯୩୫<br>୧୯୩୪/୩୬୭୯ | ଡାହି ଏକ<br>ଡାହି ଏକ<br>ଡାହି ଏକ | ୦.୧୪<br>୦.୨୪<br>୦.୧୧ | ୦.୧୪<br>୦.୨୪<br>୦.୧୧ | ସୀତାରାମ ମାଝୀ, ମୋହନ ମାଝୀ, ପି-ହରି ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| ୮ | ୨୫୨ | ୧୦୭୩ | ଡାହି ଏକ | ୦.୪୪ | ୦.୪୪ | ଦୈତାରୀ ମହାନ୍ତ, କ୍ଷେତ୍ରମୋହନ ମହାନ୍ତ, ଲକ୍ଷ୍ମଣ ମହାନ୍ତ, କସ୍ତୁରୀ ମହାନ୍ତ, ପି-ମହେଶ୍ୱର ମହାନ୍ତ, ତନ ମହାନ୍ତ, ସ୍ୱା- ମହେଶ୍ୱର ମହାନ୍ତ, ଜା-କୁଡୁମି, ବା-ନିଜଗାଁ | |
| ୯ | ୬୦୫ | ୧୦୮୫ | ଡାହି ଏକ | ୧.୧୨ | ୦.୭୬ | ଶୁକୁ ମାଝୀ, ଇଶ୍ୱର ମାଝୀ, ପି-ବୁଧୁରାୟ ମାଝୀ, ଦଶରଥ ମାଝୀ, ମଙ୍ଗଳା ମାଝୀ, ପି-ଠୁମ୍ପୁ ମାଝୀ, ମଙ୍ଗଳା ମାଝୀ, ପି- ମରା ମାଝୀ, ଗିବୁ ମାଝୀ, ପି-ମଙ୍ଗଳା ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| ୧୦ | ୧୧୪ | ୧୦୭୩/୩୩୪୦ | ଡାହି ଦୁଇ | ୦.୫୦ | ୦.୫୦ | ଖଗେଶ୍ୱର ମହାନ୍ତ, ପି-ଅଭିରାମ ମହାନ୍ତ, ଜା-କୁଡୁମି, ବା- ନିଜଗାଁ | |
| ୧୧ | ୪୧୯ | ୧୦୭୩/୩୩୪୦ | ଡାହି ଦୁଇ | ୦.୨୭ | ୦.୨୭ | ଭଜନାନନ୍ଦ ପାତ୍ର, ପି-ପର୍ଶୁରାମ ପାତ୍ର, ଜା-ପାଣ, ବା- ଅଁଳାବଣି | |
| ୧୨ | ୫୮୧ | ୧୦.୮୭/୩୪୮୪<br>୧୦୭୩/୩୩୩୯ | ଡାହି ଦୁଇ<br>ଡାହି ଦୁଇ | ୦.୩୩<br>୦.୪୫ | ୦.୩୩<br>୦.୪୫ | ଶ୍ୟାମ ସୁନ୍ଦର ମହାନ୍ତ, ପି- ଅଭିରାମ ମହାନ୍ତ, ଜା-କୁଡୁମି, ବା-ନିଜଗାଁ | |
| ୧୩ | ୬୪୯/୩୨୨ | ୧୯୩୭ | ଘରବାରି | ୦.୫୫ | ୦.୫୫ | ଅରୁଣ କୁମାର ଗିରିଧର, ପି- କାଂଶିରାମ ଗିରିଧର, ଜା- କ୍ଷତ୍ରିୟ, ବା-ଯଶିପୁର | |
| ମୋଟ | | ୨୦ | | ୧୧.୨୬ | ୯.୯୫ | | |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ, ପୁନଃ ବସତି ଓ ଥଇଥାନ ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା/-
ଜିଲ୍ଲାପାଳ, ମୟୂରଭଞ୍ଜ

OIPR : 24435/14/0002/2526

### ଅର୍ଜ୍ଜୁନ–ବିଷାଦଯୋଗଃ

ଅର୍ଜ୍ଜୁନ ଉବାଚ

**ଯଦ୍ୟପ୍ୟେତେ ନ ପଶ୍ୟନ୍ତି ଲୋଭୋପହତଚେତସଃ ।**
**କୁଳକ୍ଷୟକୃତଂ ଦୋଷଂ ମିତ୍ରଦ୍ରୋହେ ଚ ପାତକମ୍ ।। ୩୮।।**

ଯଦ୍ୟପି ଏତେ ଲୋଭୋପହତଚେତସଃ (ଲୋଭେନ ଉପହତଂ ଭ୍ରଷ୍ଟଂ ଚେତଃ ବିବେକଃ ଯେଷାଂ ତେ ) (ସନ୍ତଃ) କୁଳକ୍ଷୟକୃତଂ ଦୋଷଂ ମିତ୍ରଦ୍ରୋହେ (ମିତ୍ରଜିଘାଂସାୟାଂ) ପାତକଂ ଚ ନ ପଶ୍ୟନ୍ତି ॥ ୩୮ ॥

**(ଶ୍ରୀମଦ୍ଭଗବଦ୍ ଗୀତା ୧/୩୮)**

# ସବୁ କ୍ଷେତ୍ରରେ ଦୁର୍ନୀତି ବ୍ୟାପୁଛି

ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଆମେମାନେ ଦୁର୍ନୀତିମୁକ୍ତ ଭାରତ ଗଢ଼ି ପାରିନାହୁଁ । ତାହାର କାରଣ ଦୁର୍ନୀତିର ଆଶ୍ରୟ ନେବାକୁ ଆମମାନଙ୍କର ମାନସିକତା । 'ଆପେ ବଞ୍ଚିଲେ ବାପର ନାମ' କଥାଟିର ଗୁରୁତ୍ୱ ଯାହା ଥାଉ ବା ନଥାଉ, ଆମେମାନେ ଯେ କେତେ ସ୍ୱାର୍ଥପର ଓ ଦୁର୍ନୀତିଗ୍ରସ୍ତ, ତାହାର ପ୍ରମାଣ ସ୍ୱାଧୀନତାର ଦୀର୍ଘ ସାତ ଦଶନ୍ଧି ପରେ ମଧ୍ୟ ଆମ ଦେଶବାସୀ ଅନୁଭବ କରି ପାରୁଛନ୍ତି । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନିଃସ୍ୱାର୍ଥପର ଜୀବନ ଯାପନ ପ୍ରଣାଳୀ ବା ତାଙ୍କ ସାହିତ୍ୟ ଆମକୁ ଆଉ ଆକୃଷ୍ଟ କରି ପାରୁନାହିଁ । ଏମିତି ଏକ ସମାଜରେ ଆମେମାନେ ବାସ କରୁଛୁଁ, ସେଠି ଖାଲି ନିଜ କଥା, ନିଜର ସମ୍ପତ୍ତି ଓ ନିଜର ମର୍ଯ୍ୟାଦା ଗୁରୁତ୍ୱ ଲାଭ କରୁଛି । ଏ ଜାତିର ଜନକ ମହାତ୍ମା ଗାନ୍ଧି ନିଜେ କ୍ଷମତାସୀନ ନ ହୋଇ ଏ ଦେଶ ପାଇଁ ଅନେକ କିଛି କରି ଯାଇଛନ୍ତି । ହୁଏ ତ ତାଙ୍କର ସବୁ କଥା ଠିକ୍ ବୋଲି କହି ହେବ ନାହିଁ । ମାତ୍ର ତାଙ୍କର ମାର୍ଗ ହିଁ ସର୍ବୋତ୍ତମ ମାର୍ଗ ବୋଲି ଏବେ କୁହାଯାଉଛି । ତାଙ୍କର ଅହିଂସା ନୀତି ହିଁ ଶ୍ରେଷ୍ଠ ନୀତି ବୋଲି ମଧ୍ୟ ସମଗ୍ର ବିଶ୍ୱରେ ବିଚାର କରାଯାଉଛି । ଆବଶ୍ୟକତା ନ ଥାଇ ମଧ୍ୟ କୌଣସି ଦ୍ରବ୍ୟ ଯଦି ଆଉ ଥରେ ଜଣେ ଜଣକ ଠାରୁ ଗ୍ରହଣ କରିଥାଏ, ତାହାକୁ ମଧ୍ୟ ଚୌର୍ଯ୍ୟ ବୃତ୍ତି ବୋଲି କୁହାଯାଇ ପାରେ ବୋଲି ଗାନ୍ଧିଜୀ କହୁଥିଲେ ।

ଓଡ଼ିଶାର ଜଣେ ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ ଓ ଚିନ୍ତାନାୟକ ଡକ୍ଟର ଭାବଗ୍ରାହୀ ମିଶ୍ର (ନାମ ପରିବର୍ତ୍ତନ କରି ଆଚାର୍ଯ୍ୟ ଭାବାନନ୍ଦ ନାମରେ ଏବେ ପରିଚିତ) ଏକଦା ଲେଖିଥିଲେ, ସ୍ୱାଧୀନତା ପୂର୍ବରୁ ଓଡ଼ିଶା କଂଗ୍ରେସ କମିଟିର ହିସାବପତ୍ର ଓ କାଗଜାତ ଠିକ୍ ନଥିବାରୁ ଗାନ୍ଧିଜୀ ବିରଳାଙ୍କୁ ଏକ ଚିଠିରେ ଲୋକ ପଠାଇ ସେ ସବୁକୁ ସଜାଡ଼ି ଦେବାକୁ ଅନୁରୋଧ କରିଥିଲେ । ଇନ୍ଦିରା ଗାନ୍ଧି ପ୍ରଧାନମନ୍ତ୍ରୀ ଥିଲାବେଳେ ତାଙ୍କୁ ଥରେ ସାମ୍ବାଦିକମାନେ ଦୁର୍ନୀତି ସମ୍ପର୍କରେ ପ୍ରଶ୍ନ କରିବାରୁ ସେ କହିଥିଲେ ଯେ ଏହା ଏକ ବିଶ୍ୱ ପରିସ୍ଥିତି (Global Phenomena) । ହରେକୃଷ୍ଣ ମହତାବ ଦୁର୍ନୀତିର ଅନ୍ୟ ନାମ ଦେଇଥିଲେ 'ଯୁଗ ନୀତି' (ଅବଶ୍ୟ ପରିହାସରେ) । ଦୁର୍ନୀତିର ଚେର ଖୁବ୍ ବ୍ୟାପିଛି, କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତବର୍ଷରେ, ଏପରିକି ବିଶ୍ୱରେ ।

ଅନ୍ତର୍ଜାତୀୟ ସ୍ୱଚ୍ଛତା ଅନୁଷ୍ଠାନର ଯେଉଁ ସୂଚନା ତାଲିକା ୨୦୨୫ ଆରମ୍ଭରୁ ଦକ୍ଷିଣ ସୁଦାନରେ ପ୍ରକାଶ ପାଇଛି ସେ ଅନୁଯାୟୀ ସୋମାଲିଆ ଓ ସିରିଆ ରାଷ୍ଟ୍ରଦ୍ୱୟ ସର୍ବାଧିକ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ଭାବେ ଉପର ପାହ୍ୟାରେ ରହିଛନ୍ତି । ପୁଣି ଦୁର୍ନୀତି ହେଉ ନଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ଡେନମାର୍କ, ଫିନ୍‌ଲ୍ୟାଣ୍ଡ, ନିଉଜିଲ୍ୟାଣ୍ଡ, ନରୱେ, ସୁଇଜରଲ୍ୟାଣ୍ଡ ଓ ସ୍ୱିଡେନ ରହିଥିବା କୁହାଯାଉଛି ।

ଭାରତକୁ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ରରେ ପରିଣତ ନ କରିବା ଲାଗି ଯଦିଓ ଏବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାହିଁଛନ୍ତି, ତଥାପି ଭାରତୀୟମାନଙ୍କ ମାନସିକତା ଏ ଯାଏଁ ବଦଳି ପାରିଲା ନାହିଁ । ଇଂରେଜମାନଙ୍କ ସମୟରୁ ଏ ଦୁର୍ନୀତିର ବ୍ୟାଧି ବିଭିନ୍ନ ରୂପରେ ଆମକୁ ଗ୍ରାସ କରିବା ସତ୍ତ୍ୱେ, ଆମମାନଙ୍କର ସ୍ୱଭାବ ଓ ଚରିତ୍ର ବଦଳି ନାହିଁ । ରାଜନୀତି ବା ଅମଲାତନ୍ତ୍ର କ୍ଷେତ୍ରରେ ହେଉ, ଦୁର୍ନୀତି ରୋକିବାକୁ ଲୋକପାଳ ବ୍ୟବସ୍ଥା କରାଯାଇ କେନ୍ଦ୍ର ବା ରାଜ୍ୟ ସରକାର ସେ ଦିଗରେ ବହୁ ଅର୍ଥ ବ୍ୟୟ କରୁଥିଲେ ମଧ୍ୟ ସେହି ସଂସ୍ଥାର କରାମତି ଜଣା ପଡ଼ିନାହିଁ । ସୂଚନା କମିଶନ ସଂସ୍ଥା ସେହିପରି ନିଷ୍କ୍ରିୟ ହୋଇ ରହିଛି । ଦୁର୍ନୀତି ନିବାରଣ ବିଭାଗ ହେଉ ବା କେନ୍ଦ୍ରୀୟ ଦୁର୍ନୀତି ନିବାରଣ ବିଭାଗ ହେଉ ବା ସି.ବି. ଆଇ ବିଭାଗ ହେଉ, କେତେ ଯେ ସକ୍ରିୟ, ତାହା ଭାରତର ସଚେତନ ନାଗରିକମାନେ ଜାଣିପାରିଛନ୍ତି । ସାଇବର ଠକଙ୍କ ମଧ୍ୟରୁ କେହି କେହି ଧରା ପଡୁଥିଲେ ମଧ୍ୟ ଅନେକ ଖସି ଯାଉଛନ୍ତି । ଆଇନ ଅଦାଲତ ବ୍ୟବସ୍ଥାରେ ସେମାନଙ୍କ ବିରୋଧରେ କିଛି ମଧ୍ୟ କରାଯାଇ ପାରୁନାହିଁ । ନୀରିହ ଲୋକେ ସବୁବେଳେ ଠକାମି ଓ ଭଣ୍ଡାମୀର ଶିକାର ହେଉଛନ୍ତି । ଏଥିପାଇଁ କଠୋରରୁ କଠୋରତମ ଦଣ୍ଡ ବିଧାନ କରାଯାଉ ।

### ଈଶ୍ୱରଙ୍କ ରୂପକଳ୍ପ

**ଈଶ୍ୱର ବାୟୁ ଭଳି ମୂଳତତ୍ତ୍ୱ, ବାୟୁକୁ ଖାଲି ଆଖିରେ ଦେଖି ହୁଏ ନାହିଁ । କିନ୍ତୁ ବାୟୁରେ ଯେଉଁ ଗନ୍ଧ ମିଶ୍ରଣ କରିବ, ସେ ସେହି ଗନ୍ଧ ବାହକ ହୋଇ ସେହି ଗନ୍ଧରେ ଅନୁଭୂତ ହୁଏ, ଠିକ୍ ସେହିଭଳି ଈଶ୍ୱରଙ୍କୁ ଯେଉଁ ରୂପରେ କଳ୍ପନା କରିବ, ସେହି ରୂପରେ ସେ ପ୍ରତୀୟମାନ ହେବେ ।**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଓଡ଼ିଶାରେ ଜଙ୍ଗଲ ଅଞ୍ଚଳ କ'ଣ ସତରେ ବଢ଼ିଛି ?



ଡ. ନିରଞ୍ଜନ ସାହୁ

ଓଡ଼ିଶାରେ ଜଙ୍ଗଲ ଅଞ୍ଚଳ ବଢ଼ିଛି ନା କମିଛି ଏମିତି ପ୍ରଶ୍ନ କଲେ ପ୍ରଶ୍ନ ସରି ନ ଥିବ । ଉତ୍ତର ଆସିବ ଯେ ଜଙ୍ଗଲ ଦିନକୁ ଦିନ କମୁଥିବା ଏକ ସାଧାରଣ କଥା । ନିଜ ଉତ୍ତରକୁ ପ୍ରାମାଣିକ ସ୍ତରକୁ ନେବାପାଇଁ ଯାଇ ଉତ୍ତରଦାତା କହିପାରନ୍ତି, ଦେଖୁନାହାନ୍ତି ମଣିଷ ସଂଖ୍ୟା ବୃଦ୍ଧି ପାଇବାର ଅର୍ଥ ଅନ୍ୟ ସବୁ କ୍ଷୟ ହେଉଛି । ହାତୀମାନେ ଜନବସତି ଭିତରକୁ ପଶିଆସୁଛନ୍ତି ଏଇଥିପାଇଁ ଯେ ସେମାନଙ୍କ ଘର ଆଉ ନିରୁପଦ୍ରୁତ ହୋଇ ନାହିଁ । ଆଗ ଅପେକ୍ଷା ମଣିଷ ଓ ବନ୍ୟପ୍ରାଣୀଙ୍କ ଭିତରେ ଯେଉଁ ଅଧିକ ଲଢ଼େଇ ହେଉଛି ତାହା ପ୍ରମାଣ କରିବା ପାଇଁ ଯଥେଷ୍ଟ ଯେ ଜଙ୍ଗଲ ଜମି ଦିନକୁ ଦିନ ଛିଡ଼ିଛିଡ଼ି ଯାଉଛି ।

କିନ୍ତୁ ଏଇ କଥାଟି ଯଦି ବନ ବିଭାଗର କୌଣସି ଅଧିକାରୀଙ୍କୁ ପଚାରିବେ ସେ ତାଙ୍କର ପରିସଂଖ୍ୟାନ ଆଧାରରେ କହିବେ ଯେ ଗତ କିଛି ବର୍ଷ ଭିତରେ ଓଡ଼ିଶାରେ ଜଙ୍ଗଲ ପରିସୀମା ବୃଦ୍ଧି ପାଇଛି। ଆପଣଙ୍କ ଭିତରେ ସନ୍ଦେହ ଉପୁଜିବ, ନିଜ ବିଭାଗର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିବା ପାଇଁ ବନ ବିଭାଗ ବାବୁ କିଛି ପରିବର୍ଦ୍ଧିତ ପରିସଂଖ୍ୟାନର ବ୍ୟାଖ୍ୟା ଶୁଣାଉ ନାହାନ୍ତି ତ ? ତଥ୍ୟ ଜାଣିବାର ଅଧିକାର ଆସିବା ପରେ ସରକାରୀ ବାବୁମାନେ ଆଗପରି ବେଫିକର ହୋଇ ପାରୁନାହାନ୍ତି କାଳେ ସେଇ ତଥ୍ୟ ଆଧାରରେ କିଏ କେଉଁ କୋର୍ଟକଚେରୀର ଦରୱାଜାକୁ ଖଟଖଟ କରିବ ଅବା !

ଆମ ରାଜ୍ୟର ମୋଟ୍ କ୍ଷେତ୍ରଫଳର ଶତକଡ଼ା ପ୍ରାୟ ଚାଳିଶ ଭାଗ ଅଞ୍ଚଳ ଜଙ୍ଗଲ ଭାବରେ ସରକାରୀ ରେକର୍ଡ଼ ରହିଛି । ଅବଶ୍ୟ କାଗଜପତ୍ରରେ ଯେଉଁ ଅଞ୍ଚଳରେ ଜଙ୍ଗଲ ରହିଛି ବୋଲି କୁହାଯାଉଛି ସେସବୁଠି ଯେ ଜଙ୍ଗଲ ରହିଛି ତାହା ଯେମିତି ସତ ନୁହେଁ, ସେଇମିତି ରେକର୍ଡ ବାହାରେ ସରକାରୀ ରାଜସ୍ୱ ବିଭାଗ ଜମିରେ ଏବଂ କିଛି ବ୍ୟକ୍ତିଗତ ମାଲିକାନାରେ ଥିବା ଜମିରେ ବି ଜଙ୍ଗଲ ଗଢ଼ିଉଠିଥିବା କଥା ମଧ୍ୟ ସତ । କେବଳ ଜଙ୍ଗଲ ଅଞ୍ଚଳ ନୁହେଁ ବିଭିନ୍ନ ଜାଗାରେ ଥିବା ଗଛଦ୍ୱାରା ଆଚ୍ଛାଦିତ ଅଞ୍ଚଳ ମଧ୍ୟ ଆକାଶରୁ ଜଙ୍ଗଲର ଭ୍ରମ ସୃଷ୍ଟିକରେ– ତେଣୁ ଆକାଶ ମାର୍ଗରୁ ବୈଜ୍ଞାନିକ ପଦ୍ଧତିରେ ଆକଳନ କରାଯାଇଥିବା ଏହି ଜଙ୍ଗଲ ସମ ଜମିର ପରିମାଣ ଓଡ଼ିଶାର ଆୟତନର ୩୭ ଦଶମିକ ୬୩ ପ୍ରତିଶତ ବା ଅଠାବନ ହଜାର ପାଞ୍ଚଶହ ଶତାନବେ ବର୍ଗ କିଲୋମିଟର । ବନବିଭାଗ ପ୍ରଦତ୍ତ ତଥ୍ୟ ଅନୁସାରେ ଓଡ଼ିଶାର ଜଙ୍ଗଲ ଗତ କୋଡ଼ିଏ ବର୍ଷ ଭିତରେ ପ୍ରାୟ ସାଢ଼େ ଚାରିହଜାର ବର୍ଗକିଲୋମିଟର ବୃଦ୍ଧି ପାଇଛି । ଏପରିକି ଗତ ଦଶ ବର୍ଷ ଭିତରେ (୨୦୧୩ରୁ ୨୦୨୩) ମଧ୍ୟରେ ଜଙ୍ଗଲ ହାରାହାରି ୧୮୮୯ ବର୍ଗକିଲୋମିଟର ବୃଦ୍ଧି ପାଇଛି ବୋଲି ବିଭାଗୀୟ ତଥ୍ୟ ସୂଚନା ଦିଏ । ଏହି ଅଭିବୃଦ୍ଧିର କାରଣ ଭାବରେ ବନ ବିଭାଗ ଜଣାଇଛନ୍ତି ଯେ ସେମାନଙ୍କ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କର ଅସାଧାରଣ କର୍ତ୍ତବ୍ୟ ପରାୟଣତା ଓ ଦାୟିତ୍ୱବୋଧ ଫଳରେ ଏହା ସମ୍ଭବ ହୋଇଛି– ତା'ଛଡ଼ା ବହୁ ଅର୍ଥ ବ୍ୟୟରେ ପ୍ରଭୂତ ଅଞ୍ଚଳ ବନୀକରଣ କରାଯାଇଛି ଏବଂ ବିଭାଗର କର୍ମତତ୍ପରତା ଯୋଗୁ ବନ ସଂରକ୍ଷଣ



ସମିତି ଜରିଆରେ ସାଧାରଣ ଲୋକଙ୍କୁ ଏଥିରେ ସାମିଲ କରାଯିବା ଫଳରେ ଏହା ସମ୍ଭବ ହୋଇପାରିଛି ।

ସାଧାରଣ ଲୋକେ ସରକାରୀ ନଥିରେ ଥିବା ତଥ୍ୟକୁ ଯେପରି ସନ୍ଦେହରେ ଦେଖନ୍ତି – ଯେ କ୍ଷେତ୍ରରେ ତା'ର କିଛି ପରିବର୍ତ୍ତନ ଲକ୍ଷ୍ୟ କରା ଯାଉନାହିଁ। ନିକଟରେ ଜଣେ ଡିଏଫଓଙ୍କ ଘରେ ଭିଜିଲାନ୍ସ ବିଭାଗର ଚଢ଼ଉବେଳେ ତାଙ୍କଠାରୁ ଯେଉଁ ସମ୍ପତ୍ତି ବାହାରିଛି ତାହା ଯେକୌଣସି ଲୋକର ମୁଣ୍ଡରୁ ପଗଡ଼ି ଖସେଇଦେବା ଭଳି । ଶ୍ରୀଯୁକ୍ତ ନାୟକ ମହୋଦୟଙ୍କ ନିକଟରୁ ଜବତ ହୋଇଥିବା କାଗଜାତରୁ ଭିଜିଲାନ୍ସ ବିଭାଗ ଜଣେଇଛନ୍ତି ଯେ ସେ ମହୋଦୟ ୧୧୫ ଗୋଟି ପ୍ଲଟ୍ କ୍ରୟ କରିଛନ୍ତି । ଅବଶ୍ୟ ଧରାହେଲା ପରେ କେହି କାହାରି ହୋଇନଥାନ୍ତି। ସେ ବିଭାଗର ପ୍ରତିନିଧିତ୍ୱ କରନ୍ତି ବୋଲି କେବେ ବି ବନବିଭାଗ ସମ୍ମତ ହେବେ ନାହିଁ । ଅବଶ୍ୟ ନ୍ୟାୟାଳୟ ଦ୍ୱାରା ମାମଲାର ବିଚାର ନ ସରିବା ଯାଏ ନାୟକ ମହୋଦୟଙ୍କ ବିରୋଧରେ ଯେଉଁ ଅଭିଯୋଗ କରାଯାଇଛି ତାକୁ ସତ ବୋଲି ଧରାଯାଇପାରିବ ନାହିଁ । ମାତ୍ର ଏକଥା ବି ସତ ଯେ ନିଆଁ ନଥିଲେ କ'ଣ ଧୂଆଁ ଥାଏ ?

ବନୀକରଣ ଫଳରେ ବନାଞ୍ଚଳ ପରିସୀମା ବୃଦ୍ଧି ହୋଇଛି ଏହା ଅନସ୍ୱୀକାର୍ଯ୍ୟ । ଆଗରୁ ଜଙ୍ଗଲ ନଷ୍ଟର ବିଭିନ୍ନ କାରଣ ଭିତରୁ ପ୍ରମୁଖ କାରଣ ଥିଲା ଲୋକମାନେ ଜାଳେଣୀ ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳ ଥିଲେ– କେବଳ ଗାଁଗହଳି ନୁହେଁ ଏପରି ନୂଆକରି ଗଢ଼ିଉଠିଥିବା ସହରାଞ୍ଚଳରେ ମଧ୍ୟ ଲୋକମାନେ କାଠରେ ରୋଷେଇ କାର୍ଯ୍ୟ କରୁଥିଲେ । ଏହା ଥିଲା ଜଙ୍ଗଲ କ୍ଷୟର ସବୁଠୁ ମୂଳ କାରଣ। ଗତ କିଛିବର୍ଷ ଭିତରେ ଲୋକମାନେ ରୋଷେଇର ଇନ୍ଧନ ଭାବରେ ଗ୍ୟାସ୍ ବ୍ୟବହାର କରୁଛନ୍ତି । ଯିଏ ଥରେ ଗ୍ୟାସ୍‌ରେ ରୋଷେଇ କଲା ସେ ଜାଣିଲା ଯେ ଏଥିରେ ଧୂଆଁର ସମ୍ଭାବନା ନାହିଁ– ଏହି ପାତ୍ରରେ କଳା ଲାଗିବା ମଧ୍ୟ ସମ୍ଭବ ନୁହେଁ । ଅତଏବ ଗ୍ୟାସ୍‌ର ବ୍ୟବହାର ବହୁ ପରିମାଣରେ ଜଙ୍ଗଲ କ୍ଷୟକୁ ରୋକିବାରେ ସମର୍ଥ ହୋଇଛି, ଯଦିଓ ବନ ବିଭାଗ ଜଙ୍ଗଲ ବୃଦ୍ଧିର କାରଣ ଭାବରେ ତାହାକୁ ଉଲ୍ଲେଖ କରିନାହାନ୍ତି ।


ଆଗରୁ ଗ୍ରାମାଞ୍ଚଳରେ ଗୋ–ସମ୍ପଦ ଥିଲା ଭରପୁର – ସେମାନେ ଚାଷ କାର୍ଯ୍ୟରେବ୍ୟବହୃତ ହେଉଥିଲେ ଏବଂ କୃଷି ଯନ୍ତ୍ରପାତି ବ୍ୟବହାର ବଢ଼ିବା ଫଳରେ ଗାଁଗହଳିରେ ଦ୍ରୁତ ଭାବରେ ଗୋମହିଷାଦି ପଶୁଙ୍କର ସଂଖ୍ୟା ହ୍ରାସ ପାଇଛି । ସେମାନେ ଆଗରୁ ଛୋଟ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ଆଦି ଅଞ୍ଚଳରେ ବହୁ ଗଛକୁ ଛୋଟବେଳୁ ଖାଇ ଦେଉଥିଲେ ଏବଂ ସେମାନଙ୍କ ଚଲାବୁଲାରେ ବହୁ ଗଛ ନଷ୍ଟ ହୋଇ ଯାଉଥିଲା । ଏବେ ଗୋଧନ ସଂଖ୍ୟା ବିଶେଷ ଭାବରେ କମିଯିବା ଫଳରେ ଜଙ୍ଗଲ ଯେପରି ଦ୍ରୁତ କ୍ଷୟ ହେଉଥିଲା, ସେଇ ପରିସ୍ଥିତିର ପରିବର୍ତ୍ତନ ଘଟିଛି । ଅବଶ୍ୟ ଏବେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଫଳରେ ପ୍ରଚୁର ମାଂସର ଆବଶ୍ୟକତା ପଡୁଛି ଆଉ ସେଥିପାଇଁ ବହୁସଂଖ୍ୟକ ଛେଳି ଚାଷ କରାଯାଉଛି – ଛାଗମାନେ ଗଛ କୁଆଁ ମାରିବା ପୂର୍ବରୁ ତାକୁ ମୂଳରୁ ଟୁଙ୍କି ଦିଅନ୍ତି – ତେଣୁ ସେମାନଙ୍କ ଦ୍ୱାରା କିଛି ଜଙ୍ଗଲ ଯେ କ୍ଷୟ ହେଉ ନ ଥିବ, ତାହା କୁହାଯାଇ ପାରିବ ନାହିଁ । ମାତ୍ର, ସେ ସମ୍ପର୍କିତ ପ୍ରମାଣଯୋଗ୍ୟ ତଥ୍ୟ ଉପସ୍ଥାପନା କରିବା ମଧ୍ୟ ଏକ ମୁସ୍କିଲ ବ୍ୟାପାର ।

ଏକଥା ସତ ଯେ ଜଙ୍ଗଲ ସଂରକ୍ଷଣ କେବଳ ବନ ବିଭାଗ ଦ୍ୱାରା କରାଯିବା ସମ୍ଭବ ନୁହେଁ । ଯଦି ପ୍ରତ୍ୟେକ ଜନ ସାଧାରଣଙ୍କ ସହଯୋଗିତା ମିଳିବ ତା'ହେଲେ ଜଙ୍ଗଲ କ୍ଷୟକୁ ରୋକାଯାଇ ପାରିବ ଏବଂ ସଂରକ୍ଷଣ କାର୍ଯ୍ୟ ସମତୁଲ ଭାବରେ ଚାଲିପାରିବ । କିନ୍ତୁ ବନ ବିଭାଗର ବହୁ ଅଧିକାରୀ ଅଛନ୍ତି ଏଇ କଥାକୁ ସେମାନେ ବାହାରେ କ୍ୱଚିତ ସ୍ୱୀକାର କରନ୍ତି । ସେ କଥା ଯାହାହେଉ ଜନ ଭାଗିଦାରୀ ସୃଷ୍ଟି କରିବା ପାଇଁ ସରକାରଙ୍କ ତରଫରୁ ବନ ସଂରକ୍ଷଣ ସମିତି ଜରିଆରେ ଜଙ୍ଗଲ ସଂରକ୍ଷଣ କରିବା ପାଇଁ ନିର୍ଦ୍ଦେଶ ରହିଛି । ଏହା ପ୍ରକୃତ କାମକରିବା ପରିବର୍ତ୍ତେ କେବଳ ସଭାସମିତି କରିବାରେ ନିଜକୁ ସୀମିତ କରିଛି । ଏହି ନୀତିକୁ ଯୁଗ୍ମଜଙ୍ଗଲ ପରିଚାଳନା (Joint forest Management) ବୋଲି କୁହାଯାଏ । ନୟାଗଡ଼ ପରି ଜିଲ୍ଲାରେ ଲୋକମାନେ ନିଜେ ଗାଁ ପାଖ ଜଙ୍ଗଲ ଜଗନ୍ତି ଓ ସେଇ ଜିଲ୍ଲାରେ ଜଙ୍ଗଲ ରକ୍ଷାକର୍ମୀ (ସାଧାରଣ ଲୋକ)ମାନଙ୍କ ତରଫରୁ ସେଠାରେ ଯେଉଁ ପ୍ରକାରେ ଜଙ୍ଗଲ ପରିଚାଳନା କରାଯାଏ ତାହାକୁ (Community Forest Management) କୁହାଯାଏ । ଏଥିରେ ଗାଁ ଲୋକେ ଅଧିକ ସୁବିଧା ଚାହୁଁଥିବାରୁ ବନବିଭାଗର କର୍ମଚାରୀମାନେ ସବୁବେଳେ ସେଇ ଠେଙ୍ଗାପାଳିଆ କର୍ମୀମାନଙ୍କ ବିରୋଧରେ ।

ଏଇ ସବୁକୁ ବିଚାରକୁ ନେଲେ ଜଙ୍ଗଲ ଅଞ୍ଚଳ ବୃଦ୍ଧି ପାଇଥିବା ଅସମ୍ଭବ ନୁହେଁ ମାତ୍ର କେବଳ ବନବିଭାଗର କର୍ମକୁଶଳତା ଦ୍ୱାରା ଏହା ସମ୍ଭବ ହୋଇଛି ବୋଲି କହିବା ସେତେଟା ଗ୍ରହଣଯୋଗ୍ୟ ବୋଲି ମନେ ହେଉନାହିଁ। କବି ସୀତାକାନ୍ତ ମହାପାତ୍ରଙ୍କର ଏକ କାଳଜୟୀ କବିତା ରହିଛି ଯା'ର ନାଁ 'ଭିକାରୀ ପିଲାର ମୃତ୍ୟୁ' – ଏଥିରେ ରାସ୍ତାକଡ଼ରେ ଅନାହାର ପ୍ରପୀଡ଼ିତ ଭିକାରୀ ପିଲାଟିର ମୃତ୍ୟୁରେ ଶୋକ କରି କବି ଯାହା କହୁଛନ୍ତି ତାହା ବେଶ୍ ପ୍ରଣୀଧାନ ଯୋଗ୍ୟ । କବିଙ୍କ ଉକ୍ତିଟି ମୃତ ବାଳକ ପ୍ରତି ଏକ ମାର୍ମିକ ସମ୍ବେଦନା– ସେ କହୁଛନ୍ତି– ତୁ କାହିଁକି ରାସ୍ତା କଡ଼ରେ ମଲୁରେ କୁନି ପିଲା ?– ଏବେ ତୋର ପେଟ କଟା ହେବ – ସରକାରୀ ଦଳର ଡାକ୍ତରମାନେ ତୋ'ର ନାଡ଼ି ଅନ୍ତବୁଜୁଳି କାଟି ପରୀକ୍ଷା କରି ପ୍ରମାଣ କରିଦେବେ ଯେ ତୁ ଅନ୍ନ ବିହୁନେ ମରିନାହୁଁ । ସତକୁ ଲୁଚେଇବା ପାଇଁ ସରକାରୀ ପ୍ରୟାସକୁ କବି ଭର୍ତ୍ସନା କରିଛନ୍ତି, ବନ ବିଭାଗର ପରିସଂଖ୍ୟାନ ଭିତରୁ ସେଇମିତ ଗନ୍ଧ ବାରି ହୋଇପଡୁଛି।

**ମୋ–୯୪୩୮୪୮୨୯୧୧**
**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ ଓ ଜଣେ ସୁଲେଖକ, ମତାମତ ବ୍ୟକ୍ତିଗତ)**

# ସହରାଞ୍ଚଳ ଭବିଷ୍ୟତର ପୁନଃପରିକଳ୍ପନା (୨)



ପ୍ରଭାକର ସାହୁ

ସହର ଆଧୁନିନିକୀକରଣ ଯୋଜନାର ମୁଖ୍ୟ ସ୍ତମ୍ଭମାନଙ୍କ ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣଟି ହେଉଛି ଯୁବ–କୈନ୍ଦ୍ରିକ ଆଭିମୁଖ୍ୟ । ଆଧୁନିକ ପାଠ୍ୟକ୍ରମ ସହିତ ଦକ୍ଷତା ବିକାଶ କେନ୍ଦ୍ର, ନିଯୁକ୍ତିମୁଖୀ ଶିକ୍ଷ ସହଭାଗୀତା, ଷ୍ଟାର୍ଟଅପ୍ ଇନକ୍ୟୁବେସନ ସେଣ୍ଟର, ଡିଜିଟାଲ୍ ଉଦ୍ଭାବନ ଓ ସୃଜନଶୀଳ ଅର୍ଥନୀତି ଅଞ୍ଚଳ, ସବୁଜ କର୍ମସଂସ୍ଥାନ ସୁଯୋଗ, ମୁକ୍ତ ଶ୍ରମିକ ଅର୍ଥନୀତି ଏବଂ ସେବା ଆଧାରିତ ସହରଗୁଡ଼ିକ ଯୁବକମାନଙ୍କ ପାଇଁ ଏବେ ଏକ ସଶକ୍ତ ଲଞ୍ଚପ୍ୟାଡ୍ ଭାବେ କାମ କରୁଛି ।

ଜଳବାୟୁ ପ୍ରସ୍ତୁତିରେ ଓଡ଼ିଶାର ନେତୃତ୍ୱ ଜାତୀୟ ଓ ଆନ୍ତର୍ଜାତୀୟ ମଞ୍ଚରେ ସ୍ୱୀକୃତ । 'ସମୃଦ୍ଧ ସହର' ଏହି ପ୍ରତିବଦ୍ଧତାକୁ ଆହୁରି ଗଭୀର କରିଛି, ସବୁଜ ଗତିଶୀଳତା ପ୍ରଣାଳୀ, ସହରାଞ୍ଚଳ ଜଙ୍ଗଲ ଓ ମାଇକ୍ରୋ–କ୍ଲାଇମେଟ୍‌ର ସ୍ଥିରତା, ବିପର୍ଯ୍ୟୟ–ନମନୀୟ ଯୋଜନା, ଉନ୍ନତ ବର୍ଜ୍ୟବସ୍ତୁ ପରିଚାଳନା, ଦକ୍ଷ ଭିତ୍ତିଭୂମି, ଜଳବାୟୁ–ପ୍ରତିକ୍ରିୟାଶୀଳ ମାନଦଣ୍ଡ, ଲକ୍ଷ୍ୟ, ସୁରକ୍ଷିତ, ସ୍ଥାୟୀ ଏବଂ ପିଢ଼ି ପିଢ଼ି ପାଇଁ ଜୀବନପୂର୍ତ୍ତି ସହର ।

ବୋଧହୁଏ ଓଡ଼ିଶାର ସହରାଞ୍ଚଳ ଦୃଷ୍ଟିକୋଣର ସବୁଠାରୁ ରଣନୀତିକ ଉପାଦାନ ହେଉଛି ବିଚ୍ଛିନ୍ନ ସହର–ନିର୍ଦ୍ଦିଷ୍ଟ ହସ୍ତକ୍ଷେପ ପରିବର୍ତ୍ତେ ସମଗ୍ର ସହରାଞ୍ଚଳ ଅର୍ଥନୈତିକ ଅଞ୍ଚଳ ସୃଷ୍ଟି କରିବା ।

ବି.ସି.ପି.ପି.ଇ.ଆର୍: ଏକ ନୂତନ ମେଗା ଅଞ୍ଚଳ ଭୁବନେଶ୍ୱର–କଟକ–ପୁରୀ–ପାରାଦୀପ ଅର୍ଥନୈତିକ ଅଞ୍ଚଳକୁ ଏକ ଶକ୍ତିଶାଳୀ ଅଭିବୃଦ୍ଧି କରିଡୋର ଭାବରେ ବିକଶିତ କରାଯାଉଛି । ଏହି ମେଗା–ଅଞ୍ଚଳ ନିମ୍ନଲିଖିତ ଶକ୍ତିଗୁଡ଼ିକୁ ସମନ୍ୱିତ କରିବ: ଯଥା– ଭୁବନେଶ୍ୱରର ବୈଷୟିକ କେନ୍ଦ୍ର ଓ ନବସୃଜନ କେନ୍ଦ୍ର, କଟକର ପ୍ରଶାସନିକ ଓ ବାଣିଜ୍ୟିକ କ୍ଷମତା, ପୁରୀର ପର୍ଯ୍ୟଟନ, ଐତିହ୍ୟ ଓ ଆତିଥ୍ୟ, ପାରାଦୀପର ବନ୍ଦର, ଲଜିଷ୍ଟିକ୍ସ ଏବଂ ଶିଳ୍ପ ଇକୋସିଷ୍ଟମ୍, ଏହି ଏକତ୍ୱମୂଳକ ପଦକ୍ଷେପ କେବଳ ଅଞ୍ଚଳୀୟ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ, ବରଂ ଓଡ଼ିଶାକୁ ପୂର୍ବ ଭାରତର ଅର୍ଥନୈତିକ ଶକ୍ତିକେନ୍ଦ୍ର ଭାବରେ ଆଗକୁ ଆଣିପାରିବ ।

ଏହି ସମନ୍ୱିତ ଅଞ୍ଚଳ ପୂର୍ବ ଭାରତର ଅନ୍ୟତମ ଶକ୍ତିଶାଳୀ ଅର୍ଥନୈତିକ ଇଞ୍ଜିନ୍ ହେବାର ଅପାର ସମ୍ଭାବନା ରଖେ । ସନ୍ତୁଳିତ ଆଞ୍ଚଳିକ ବିକାଶକୁ ସୁନିଶ୍ଚିତ କରିବା ପାଇଁ ତିନୋଟି ଟ୍ରାଇ–ସିଟି କ୍ଲଷ୍ଟରକୁ ସୁଦୃଢ଼ କରାଯାଉଛି: ଯଥା–

ବ୍ରହ୍ମପୁର–ଗୋପାଳପୁର–ଛତ୍ରପୁର ଆଇଟି ଏବଂ ଶିକ୍ଷା, ବନ୍ଦର, ପର୍ଯ୍ୟଟନ ଏବଂ ସାମୁଦ୍ରିକ ଅର୍ଥନୀତି, ବାଣିଜ୍ୟ ଏବଂ ପରିବହନ ସଂଯୋଗ, ସମ୍ବଲପୁର–ଝାରସୁଗୁଡା–ବରଗଡ ଶିଳ୍ପ ଓ ଲଜିଷ୍ଟିକ୍ ମେରୁଦଣ୍ଡ, ଦ୍ରୁତ ବିକାଶ ଏବଂ ବିମାନ ଚଳାଚଳ, ଆଞ୍ଚଳିକ କୃଷିଭିତ୍ତିକ ବାଣିଜ୍ୟ ।

**ଆଗାମୀ ଦଶନ୍ଧିଗୁଡ଼ିକରେ ରାଜ୍ୟର ଶକ୍ତି ଅଧିକରୁ ଅଧିକ ଏହାର ସହର–ଶକ୍ତି ଉପରେ ନିର୍ଭର କରିବ । ଓଡ଼ିଶା ଏହା ପାଇଁ ଶୀଘ୍ର ପ୍ରସ୍ତୁତି, ସାହସିକ ପଦକ୍ଷେପ ଏବଂ ଉଦ୍ଦେଶ୍ୟମୂଳକ ଯୋଜନାରେ ନିବେଶ କରିବାକୁ ନିଷ୍ପତ୍ତି ନେଇଛି । 'ସମୃଦ୍ଧି ସହର' କେବଳ ଏକ ସହରାଞ୍ଚଳ ଯୋଜନା ନୁହେଁ– ଏହା ସମ୍ଭାବନାର ଏକ ଦୃଷ୍ଟିକୋଣ ।**

ଜୟପୁର–ସୁନାବେଡା–କୋରାପୁଟ ପ୍ରତିରକ୍ଷା ଏବଂ ଏରୋସ୍ପେସ୍ ଉତ୍ପାଦନ ସମ୍ଭାବନା, ପର୍ଯ୍ୟଟନ ଏବଂ ଆଦିବାସୀ ଐତିହ୍ୟ, ଶିକ୍ଷା ଏବଂ ଦକ୍ଷତା ଇକୋସିଷ୍ଟମ୍, ଏହି କ୍ଲଷ୍ଟରଗୁଡ଼ିକ ବିକାଶକୁ ବଣ୍ଟନ କରି, ସମଗ୍ର ରାଜ୍ୟରେ ଏକାଧିକ ଆକର୍ଷଣର କେନ୍ଦ୍ର ସୃଷ୍ଟି କରୁଛି ।

ପ୍ରତ୍ୟେକ ଆଧୁନିକ ସହର ପାଇଁ ଡିଜିଟାଲ୍ ଇଣ୍ଟେଲିଜେନ୍ସ ଅତ୍ୟାବଶ୍ୟକ । ରିଅଲ୍–ଟାଇମ୍ ସେବା ବିତରଣ ମଞ୍ଚ, ଡିଜିଟାଲ୍ ଅଭିଯୋଗ ସମାଧାନ, ସ୍ୱୟଂଚାଳିତ ବିଲ୍ଡିଂ–ପ୍ଲାନ ଅନୁମୋଦନ, ଅନଲାଇନ୍ ବାଣିଜ୍ୟ ଲାଇସେନ୍ସ ଏବଂ ୟୁଟିଲିଟି ଦେୟ, ଡାଟା–ଆଧାରିତ ନିଷ୍ପତ୍ତି ନେବା, ଜିଆଇଏସ୍–ଆଧାରିତ ଯୋଜନା ଓ ତଦାରଖ ଏହି ସମସ୍ତକୁ 'ସମୃଦ୍ଧ ସହର' ଦ୍ୱାରା ତ୍ୱରାନ୍ୱିତ କରାଯାଏ । ଡିଜିଟାଲ୍ ଗଭର୍ଣ୍ଣାନ୍ସ ସ୍ୱଚ୍ଛତା ଏବଂ ଲୋକବିଶ୍ୱାସକୁ ବଢାଇଥାଏ ଯାହା ଦକ୍ଷ, ପ୍ରଭାବଶାଳୀ ସହର ପରିଚାଳନାର ମୂଳଭିତ୍ତି ।

ଆଗାମୀ ୩୦ ବର୍ଷ ପାଇଁ 'ସମୃଦ୍ଧ ସହର' କାହିଁକି ଗୁରୁତ୍ୱପୂର୍ଣ୍ଣ?

ସହରାଞ୍ଚଳ ପରିବର୍ତ୍ତନ କେବଳ ସ୍ୱଳ୍ପକାଳୀନ ପ୍ରକଳ୍ପ ନୁହେଁ ତାହା ପିଢ଼ି ପିଢ଼ି ଧରି ସମାଜକୁ ଆକାର ଦିଏ । 'ସମୃଦ୍ଧ ସହର' ଓଡ଼ିଶାକୁ ଆଗାମୀ ଦୀର୍ଘ ଯାତ୍ରା ପାଇଁ ବହୁମୁଖୀ ଭାବରେ ପ୍ରସ୍ତୁତ କରୁଛି । ଏହା ଅଞ୍ଚଳ ଆଧାରିତ ଅଭିବୃଦ୍ଧିକୁ ସନ୍ତୁଳିତ କରେ, ଜନସଂଖ୍ୟା ସ୍ଥାନାନ୍ତରଣର ଚାପକୁ କମାଇ ରାଜ୍ୟବ୍ୟାପୀ ଅର୍ଥନୈତିକ ସୁଯୋଗ ଖୋଲିଥାଏ । ଏହା ଜଳବାୟୁ–ନମନୀୟ ସହର ଗଢ଼େ, ଘୂର୍ଣ୍ଣିବଳୟ ପ୍ରବଣ ରାଜ୍ୟ ଭାବରେ ଓଡ଼ିଶା ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ । ଏହା ଅର୍ଥନୈତିକ ଚଟାଣ ସୃଷ୍ଟି କରେ ଯାହା ଶିଳ୍ପ, ନିବେଶ ଓ ପ୍ରତିଭାକୁ ଆକର୍ଷିତ କରେ । ଏହା ଜୀବନଧାରଣକୁ ସୁଧାରେ–ସହରଗୁଡ଼ିକୁ ପରିବାର, ବୃତ୍ତିଜୀବୀ ଏବଂ ବ୍ୟବସାୟ ପାଇଁ ଅଧିକ ଆକର୍ଷଣୀୟ କରେ । ଏହା ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ସହିତ ସମନ୍ୱୟ ରଖି ଓଡ଼ିଶାର ପରିଚୟ ଓ ସଂସ୍କୃତିକୁ ସୁଦୃଢ଼ କରେ । ଏହା ଦକ୍ଷ, ସ୍ୱଚ୍ଛ ଏବଂ ଉତ୍ତରଦାୟୀ ଶାସନ ବ୍ୟବସ୍ଥାକୁ ସ୍ଥାପନା କରେ । ଏହା ଯୁବ ସମ୍ଭାବନାକୁ ପ୍ରୋତ୍ସାହିତ କରେ , ଏକ ଅଧିକ କୁଶଳୀ, ଅଭିନବ ଏବଂ ଉଚ୍ଚାକାଂକ୍ଷୀ ପିଢ଼ିକୁ ସକ୍ଷମ କରେ । ସଂକ୍ଷେପରେ, 'ସମୃଦ୍ଧ ସହର'ର ଦୃଷ୍ଟିକୋଣ ଆଗାମୀ ନିର୍ବାଚନ ଚକ୍ର ପାଇଁ ନୁହେଁ, ଏହା ଆଗାମୀ ଯୁଗ ପାଇଁ ଓଡ଼ିଶାକୁ ପ୍ରସ୍ତୁତ କରିବ ।

ସହରାଞ୍ଚଳ ଯାତ୍ରା କେବେ ବି ଆହ୍ୱାନମୁକ୍ତ ନୁହେଁ । ଓଡ଼ିଶାଙ୍କ ପାଇଁ ମଧ୍ୟ ଆଗରେ ରହିଛି, ସହର ଅଞ୍ଚଳରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି, ଭିତ୍ତିଭୂମି ଉପରେ ବଢୁଥିବା ଚାପ, ଜଳବାୟୁର ଅନିଶ୍ଚିତତା, ଗୁଣାତ୍ମକ ସେବା ପାଇଁ ଉତ୍ସୁକ ଚାହିଦା, ଗୋଷ୍ଠୀ ଅଂଶଗ୍ରହଣକୁ ଅବିଚ୍ଛିନ୍ନ ରଖିବା ଏବଂ ବୃହତ ସହରାଞ୍ଚଳ ପ୍ରକଳ୍ପ ପାଇଁ ଅର୍ଥ ଯୋଗାଣ । ତଥାପି, ଓଡ଼ିଶାର ସବୁଠୁ ବଡ଼ ଶକ୍ତି ହେଉଛି ଦୃଢ଼ ସଂସ୍ଥାଗତ ଭିତ୍ତିଭୂମି, ବିପର୍ଯ୍ୟୟ ପ୍ରସ୍ତୁତିରେ ପ୍ରଶଂସନୀୟ ଖ୍ୟାତି, ଦ୍ରୁତ ବୃଦ୍ଧିଶୀଳ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍, ସାମାଜିକ ଭାବେ ସମନ୍ୱିତ ଏବଂ ସହଯୋଗୀ ଗୋଷ୍ଠୀ, ବ୍ୟବସାୟ କରିବାର ସହଜତାରେ ନିରନ୍ତର ଉନ୍ନତି ଏବଂ ଦୀର୍ଘକାଳୀନ ଯୋଜନାରେ ପ୍ରତିଶ୍ରୁତିବଦ୍ଧ ନେତୃତ୍ୱ । ଏହି ସମସ୍ତ କାରଣଗୁଡିକ ଓଡ଼ିଶାକୁ ନିରନ୍ତର ପରିବର୍ତ୍ତନ ଏବଂ ଭବିଷ୍ୟତମୁଖୀ ବୃଦ୍ଧି ପାଇଁ ଅନୁକୂଳ ସ୍ଥିତିରେ ରଖିଛି ।

ଆଜି ଆମେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତରେ ଅଛୁ, ଓଡ଼ିଶାର ସହରଗୁଡ଼ିକ ଏକ ଐତିହାସିକ ପରିବର୍ତ୍ତନର ଦ୍ୱାରଦେଶରେ ଅଛନ୍ତି । 'ସମୃଦ୍ଧ ସହର' ମାଧ୍ୟମରେ ରାଜ୍ୟ କେବଳ ସହରାଞ୍ଚଳ ଭିତ୍ତିଭୂମିକୁ ଉନ୍ନତ କରୁନାହିଁ, ଏହା ଆଶା, ବିଶ୍ୱାସ ଏବଂ ଆକାଂକ୍ଷାର ନୂତନ ଦିଗ ଖୋଲି ଦେଉଛି । ଏହି ପ୍ରୟାସ ଏପରି ସହର ଗଢ଼ି ତୋଳୁଛି, ଯେଉଁଠାରେ: ଯୁବକମାନେ ସ୍ୱପ୍ନ ଦେଖିବାର ଆତ୍ମବିଶ୍ୱାସ ପାଇବେ, ମହିଳାମାନେ ସ୍ୱାଧୀନତା ସହିତ ନେତୃତ୍ୱ ନେଇପାରିବେ, ବୟସ୍କମାନେ ନିରାପଦ ଏବଂ ସମ୍ମାନିତ ଅନୁଭବ କରିପାରିବେ, ଶ୍ରମିକମାନେ ତାଙ୍କର ପରିଶ୍ରମର ଯଥେଷ୍ଟ ସମ୍ମାନ ପାଇବେ, ଉଦ୍ୟୋଗୀମାନେ ସୁଯୋଗର ନୂତନ ଦ୍ୱାର ଖୋଜିବେ, ପର୍ଯ୍ୟଟକମାନେ ସୌନ୍ଦର୍ଯ୍ୟ ଏବଂ ଅନୁଭବର ସମୃଦ୍ଧି ପାଇବେ ଏବଂ ଗୋଷ୍ଠୀମାନେ ନିଜର ପରିଚୟ, ଗର୍ବ ଓ ସଂଯୋଗକୁ ଖୋଜିବେ । ସହରାଞ୍ଚଳ ବିକାଶ ଶେଷରେ ଲୋକମାନଙ୍କ ବିଷୟରେ ସେମାନଙ୍କ ଜୀବନ, ସେମାନଙ୍କର ଆକାଂକ୍ଷା ଏବଂ ସେମାନଙ୍କର କଲ୍ୟାଣ । ଓଡ଼ିଶାର ଆଭିମୁଖ୍ୟ ଏହି ସତ୍ୟକୁ ଅସାଧାରଣ ସ୍ପଷ୍ଟତା ସହିତ ସ୍ୱୀକାର କରିଛି ।

ଆଗାମୀ ଦଶନ୍ଧିଗୁଡ଼ିକରେ ରାଜ୍ୟର ଶକ୍ତି ଅଧିକରୁ ଅଧିକ ଏହାର ସହର–ଶକ୍ତି ଉପରେ ନିର୍ଭର କରିବ । ଓଡ଼ିଶା ଏହା ପାଇଁ ଶୀଘ୍ର ପ୍ରସ୍ତୁତି, ସାହସିକ ପଦକ୍ଷେପ ଏବଂ ଉଦ୍ଦେଶ୍ୟମୂଳକ ଯୋଜନାରେ ନିବେଶ କରିବାକୁ ନିଷ୍ପତ୍ତି ନେଇଛି । 'ସମୃଦ୍ଧି ସହର' କେବଳ ଏକ ସହରାଞ୍ଚଳ ଯୋଜନା ନୁହେଁ–ଏହା ସମ୍ଭାବନାର ଏକ ଦୃଷ୍ଟିକୋଣ । ଏକ ସହର ଯାହା ସ୍ମାର୍ଟ କିନ୍ତୁ ମାନବୀୟ, କ୍ଷମତାସମ୍ପନ୍ନ କିନ୍ତୁ ଅନ୍ତର୍ଭୁକ୍ତ, ଆଧୁନିକ କିନ୍ତୁ ନମନୀୟ ଓ ଉଚ୍ଚାଭିଳାଷୀ । ସ୍ପଷ୍ଟ ନିର୍ଦ୍ଦେଶ, ଉତ୍ସର୍ଗୀକୃତ ନେତୃତ୍ୱ ଏବଂ ଲୋକ–ପ୍ରଥମ ଦର୍ଶନ ସହିତ ଓଡ଼ିଶା ଭାରତର ଅଗ୍ରଗାମୀ ସହରାଞ୍ଚଳ ରାଜ୍ୟମାନଙ୍କ ମଧ୍ୟରେ ଉଭା ହେବାକୁ ପ୍ରସ୍ତୁତ । ଯେ ଦୃଢ଼ ବିଶ୍ୱାସ ସହିତ ଏହି ପରିକଳ୍ପନା ତିଆରି କରାଯାଇଛି, ଯଦି ସେହିପରି ଭାବେ ଏହାକୁ କାର୍ଯ୍ୟକାରୀ କରାଯାଇଥାଏ, ତେବେ 'ସମୃଦ୍ଧି ସହର' କେବଳ ଓଡ଼ିଶାର ସହରମାନଙ୍କୁ ନୁହେଁ, ଓଡ଼ିଶାର ସମଗ୍ର ଭବିଷ୍ୟତକୁ ପରିବର୍ତ୍ତନ କରିଦେବ ।

ମୋ– ୯୪୩୯୬୫୪୨୨୨

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗାନ୍ଧିଙ୍କ...

ଆଣିଥିବା ବିଲ୍ ପୂର୍ବରୁ ପ୍ରଚଳିତ ଆଇନକୁ ଦୁର୍ବଳ କରିବ ଓ ଏହାକୁ ପ୍ରତ୍ୟାହାର କରାଯାଉ ବୋଲି ସେ ଦାବି କରିଥିଲେ। ତାହାର ଭୟ, ମହାତ୍ମାଙ୍କ ଶିକ୍ଷା ଓ ପୂର୍ବାଗ୍ରହ ଆଧାରରେ କୌଣସି ଆଇନ ପ୍ରଣୟନ କରାଯାଇପାରିବ ନାହିଁ ବୋଲି ସେ ଉଲ୍ଲେଖ କରିଥିଲେ। ପ୍ରିୟଙ୍କାଙ୍କ ସହ ଟିଏମ୍‌ସି ସାଂସଦ ଡେରେକ୍ ଓ ବିରେନ୍ ବିଲ୍‌କୁ ସମାଲୋଚନା କରିଥିଲେ। ବିଲ୍ ସମ୍ପର୍କରେ ବିଦେଶରେ ଥିବା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏକ୍ସ ସୋସିଆଲ ମିଡ଼ିଆରେ ତାଙ୍କ ଆପତ୍ତି ଦର୍ଶାଇଛନ୍ତି। ସେ କହିଛନ୍ତି ଯେ ମହାତ୍ମା ଗାନ୍ଧିଙ୍କ ଆଦର୍ଶକୁ ଏହା ସିଧାସଳଖ ଅପମାନ। ମହାତ୍ମା ଗାନ୍ଧିଙ୍କର ଶେଷ ଶବ୍ଦ ଥିଲା ହେ ରାମ। ମନରେଗାରୁ କାହିଁକି ମହାତ୍ମା ଗାନ୍ଧିଙ୍କ ନାମ ହଟାଯାଉଛି। ମହାତ୍ମା ଗାନ୍ଧିଙ୍କର ପ୍ରଭୁ ରାମଙ୍କ ଉପରେ ବିଶ୍ୱାସ ଥିବା ନେଇ କ'ଣ ସନ୍ଦେହ କରାଯାଉଛି କି। ତାଙ୍କର ଭଜନ ଅନେକ ବିଶ୍ୱାସ ସୃଷ୍ଟି କରିଥାଏ। ତେବେ ବିଲ୍‌ରେ ଥିବା ବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆର୍ଥିକ ଅନୁପାତ ୬୦:୪୦ ରହିବ। ବର୍ତ୍ତମାନ ଏମ୍‌ଜି ନରେଗା ବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଂଶ ୯୦% ଥିବାବେଳେ ରାଜ୍ୟଗୁଡ଼ିକ ୧୦% ଦେଉଛନ୍ତି। ନୂଆ ବିଲ୍‌ରେ କାର୍ଯ୍ୟ ଦିବସକୁ ୧୦୦ ରୁ ୧୨୫କୁ ବୃଦ୍ଧି କରାଯାଇଛି। ହେଲେ କୃଷି କାର୍ଯ୍ୟ ସମୟରେ ୬୦ ଦିନ କାର୍ଯ୍ୟ ନ ଯୋଗାଇବା ପାଇଁ ଉଲ୍ଲେଖ ରହିଛି। ଯାହାକୁ ନେଇ ଏନ୍‌ଡିଏର ସହଯୋଗୀ ଟିଡିପି ଆପତ୍ତି ଉଠାଇଛି। ଯେଉଁ ଆଧାରରେ ଆର୍ଥିକ ଅନୁଦାନ ଦିଆଯାଉଛି ତାହା ଚିନ୍ତାଜନକ ବୋଲି ସେମାନେ ଉଲ୍ଲେଖ କରିଛନ୍ତି। ଟିଡିପି ପକ୍ଷରୁ ଏହି ବିଲ୍‌କୁ ସଂସଦୀୟ ଷ୍ଟାଣ୍ଡିଂ କମିଟିକୁ ପୁନର୍ବାର ପରୀକ୍ଷା ନିରୀକ୍ଷା ପାଇଁ ପଠାଇବା ପାଇଁ ଦାବି ହୋଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ବିଜେପି ପକ୍ଷରୁ ବିଲ୍ ସପକ୍ଷରେ ମତ ଦିଆଯାଇଛି। ସେମାନେ କହିଛନ୍ତି ଯେ ଭିବି-ଜି-ରାମ୍-ଜି ବିଲ୍ ନିଯୁକ୍ତିର ଗ୍ୟାରେଣ୍ଟି ଦେଉଛି। ଏହାକୁ ଉନ୍ନତ କରାଯାଇଛି। ୧୦୦ ଦିନର କାର୍ଯ୍ୟ ଦିବସ ବଦଳରେ ୧୨୫ ଦିନ କରାଯାଇଛି। ପୂର୍ବ ଆଇନରେ ଡ୍ରାଫ୍ଟରେ ତ୍ରୁଟି ରହିଥିଲା ମାତ୍ର ଏଥିରେ ନାହିଁ। ସିପିଆଇଏମ୍‌ର ସାଂସଦ ଜନ୍ ବ୍ରିଟାସ୍ କହିଛନ୍ତି ଯେ କେନ୍ଦ୍ର ସରକାର ଏବେ ବିରୋଧୀ ଶାସିତ ରାଜ୍ୟଗୁଡ଼ିକୁ ଆର୍ଥିକ ଅନୁଦାନ କମାଇ ଦେବାପାଇଁ ଯୋଜନା କରିଛନ୍ତି।

## ପ.ବଙ୍ଗରେ...

ଭୋଟରମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି। ଯଦି ଆପଣଙ୍କ ନାମ କଟିଛି ତେବେ ଆପଣଙ୍କ ରୋଷେଇ ଘରେ ରହିଛି ତାହାକୁ ବ୍ୟବହାର କରନ୍ତୁ ବୋଲି ମଧ୍ୟ ଆହ୍ୱାନ ଦେଇଥିଲେ। ଅନ୍ୟ ପକ୍ଷରେ ବିଜେପି କହିଛି ଯେ ମମତା ବାନାର୍ଜୀ ବେଆଇନ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେଇ ନିଜର ଭୋଟ୍ ବ୍ୟାଙ୍କ ବଞ୍ଚାଇବାକୁ ଚାହୁଁଛନ୍ତି। କ୍ଷମତା ଚାଲିଯିବା ଭୟରେ ସେ ଏଭଳି ଅଭିଯୋଗ ଆଣୁଛନ୍ତି। ବିଜେପି ଓ ତୃଣମୂଳ ମଧ୍ୟରେ ମାତ୍ର ୨୨ ଲକ୍ଷ ଭୋଟର ଅନ୍ତର ଅଛି ବୋଲି ସେ କହିଥିଲେ।

## ମୁକ୍ତ...

ଅନ୍ତର୍ଜାତୀୟ ସ୍ତରରେ ଏକ ଆର୍ଥିକ କରିଡର ସୃଷ୍ଟି କରାଯାଇପାରିବ।

ଏହି ଫୋରମକୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଭାରତ ଓ ଜୋର୍ଡାନ ମଧ୍ୟରେ ଏକ ଗତିଶୀଳ ସହଭାଗିତା ରହିଛି, ଯାହାକି ଏକ ଦୃଢ ସଦ୍‌ଭାବନାର ବନ୍ଧନର ଭିତ୍ତି ଉପରେ ଆଧାରିତ। ସେ ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କ ନେତୃତ୍ୱକୁ ପ୍ରଶଂସା କରି କହିଥିଲେ, ତାଙ୍କ ନେତୃତ୍ୱରେ ଜୋର୍ଡାନ ବିଭିନ୍ନ ବଜାର ତଥା ଅଞ୍ଚଳଗୁଡ଼ିକୁ ସଂଯୋଗ କରୁଥିବା ଏକ ସେତୁ ପାଲଟିଛି, ଯାହା ବାଣିଜ୍ୟ ଏବଂ ପ୍ରଗତିକୁ ପ୍ରୋତ୍ସାହିତ କରୁଛି। ପ୍ରଧାନମନ୍ତ୍ରୀ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଜୋର୍ଡାନ ସହିତ ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ଦୁଇଗୁଣ କରି ୫ ବିଲିୟନ ଆମେରିକୀୟ ଡଲାର କରିବାକୁ ପ୍ରସ୍ତାବ ଦେଇଥିଲେ। ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଓ ଏହା ଶୀଘ୍ର ବୃହତ୍ତମ ଅର୍ଥନୀତି ହେବା ଆଡ଼କୁ ଅଗ୍ରସର ହେଉଛି ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ ଯେ, ଜୋର୍ଡାନ ଏବଂ ସାରା ବିଶ୍ୱରେ ଏହାର ଅଂଶୀଦାରମାନଙ୍କ ପାଇଁ ଭାରତ ବିପୁଳ ବ୍ୟବସାୟିକ ସୁଯୋଗ ପ୍ରଦାନ କରେ। ସେ ଜୋର୍ଡାନ କମ୍ପାନୀଗୁଡ଼ିକୁ ଭାରତ ସହିତ ଅଂଶୀଦାର ହେବାକୁ ଏବଂ ଏହାର ୧୪୦ କୋଟି ବିଶାଳ ଗ୍ରାହକ ଥିବା ବଜାର, ଦୃଢ଼ ଉତ୍ପାଦନ ଭିତ୍ତି ଏବଂ ସ୍ଥାୟୀ, ସ୍ୱଚ୍ଛ ତଥା ପୂର୍ବାନୁମାନଯୋଗ୍ୟ ନୀତି ବାତାବରଣର ସୁଯୋଗ ନେବାକୁ ଆମନ୍ତ୍ରଣ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଦୁଇ ଦେଶ ବିଶ୍ୱ ପାଇଁ ନିର୍ଭରଯୋଗ୍ୟ ଯୋଗାଣ ଶୃଙ୍ଖଳ ଅଂଶୀଦାର ହେବା ପାଇଁ ହାତ ମିଳାଇପାରିବେ। ଭାରତୀୟ ଅର୍ଥନୀତିର ୮ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ହାର କଥା ଉଲ୍ଲେଖ କରି ସେ କହିଥିଲେ ଯେ ଏହା ହେଉଛି ଉତ୍ପାଦକତା-ଭିତ୍ତିକ ଶାସନ ଏବଂ ନବସୃଜନ-ଚାଳିତ ନୀତିର ଫଳାଫଳ।

ପ୍ରଧାନମନ୍ତ୍ରୀ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି, ଆଇଟି, ଫିନଟେକ୍, ସ୍ୱାସ୍ଥ୍ୟ-ପ୍ରଯୁକ୍ତିବିଦ୍ୟା ଏବଂ କୃଷି-ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ-ଜୋର୍ଡାନ ବାଣିଜ୍ୟ ସହଯୋଗର ସୁଯୋଗ ଉପରେ ମଧ୍ୟ ଆଲୋକପାତ କରିଥିଲେ ଏବଂ ଏହି କ୍ଷେତ୍ରରେ ହାତ ମିଳାଇବାକୁ ଉଭୟ ଦେଶର ଷ୍ଟାର୍ଟଅପ୍‌ଗୁଡ଼ିକୁ ଆମନ୍ତ୍ରଣ କରିଥିଲେ। ସେ କହିଥିଲେ ଯେ, ଔଷଧ ଏବଂ ଚିକିତ୍ସା ଉପକରଣ କ୍ଷେତ୍ରରେ ଭାରତର ଶକ୍ତି ଏବଂ ଜୋର୍ଡାନର ସୁବିଧାଜନକ ଭୌଗୋଳିକ ସ୍ଥିତି ପରସ୍ପରର ପରିପୂରକ ହୋଇପାରିବ ଏବଂ ଏହି କ୍ଷେତ୍ରଗୁଡ଼ିକରେ ପଶ୍ଚିମ ଏସିଆ ଏବଂ ଆଫ୍ରିକା ପାଇଁ ଜୋର୍ଡାନକୁ ଏକ ନିର୍ଭରଯୋଗ୍ୟ କେନ୍ଦ୍ର କରିପାରିବ। ସେ କୃଷି, କୋଲ୍ଡଚେନ, ଫୁଡପାର୍କ, ସାର, ଭିତ୍ତିଭୂମି, ଅଟୋମୋବାଇଲ, ସବୁଜ ଯାନବାହାନ ଏବଂ ଐତିହ୍ୟ ତଥା ସାଂସ୍କୃତିକ ପର୍ଯ୍ୟଟନ କ୍ଷେତ୍ରରେ ଉଭୟ ପକ୍ଷ ପାଇଁ ବ୍ୟବସାୟ ସୁଯୋଗ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ଭାରତର ସବୁଜ ପଦକ୍ଷେପ ବିଷୟରେ କହି ପ୍ରଧାନମନ୍ତ୍ରୀ ନବୀକରଣଯୋଗ୍ୟ ଶକ୍ତି, ସବୁଜ ଆର୍ଥିକ ସହାୟତା, ଡିସାଲିନେସନ୍ ଏବଂ ଜଳ ରିସାଇକ୍ଲିଂ କ୍ଷେତ୍ରରେ ଭାରତ-ଜୋର୍ଡାନ ବାଣିଜ୍ୟ ସହଯୋଗକୁ ଅଧିକ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ।

ଏହି ଫୋରମରେ ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଔଷଧ ଏବଂ ଔଷଧ ଉତ୍ପାଦନ, ସାର, କୃଷି, ନବୀକରଣୀୟ ଶକ୍ତି, ବୟନଶିଳ୍ପ, ଲଜିଷ୍ଟିକ୍ସ, ଅଟୋମୋବାଇଲ୍, ଶକ୍ତି, ପ୍ରତିରକ୍ଷା ଏବଂ ଉତ୍ପାଦନ କ୍ଷେତ୍ରର ବ୍ୟବସାୟିକ ପ୍ରମୁଖମାନେ ଯୋଗ ଦେଇଥିଲେ। ଏହି ପ୍ରତିନିଧି ଦଳରେ ଏଫଆଇସିସି ଏବଂ ଜୋର୍ଡାନ ଚାମ୍ବର ଅଫ୍ କମର୍ସର ପ୍ରତିନିଧିମାନେ ମଧ୍ୟ ସାମିଲ ଥିଲେ । ଏହି ଅବସରରେ ବାଣିଜ୍ୟ ଏବଂ ଆର୍ଥିକ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଏଫଆଇସିସି ଏବଂ ଜୋର୍ଡାନ ଚାମ୍ବର ଅଫ୍ କମର୍ସ ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା।

## ସୋନିଆ...

ଅଭିଯୋଗର ନକଲ ଏବେ ସୋନିଆ ଗାନ୍ଧିଙ୍କ ସହ ଅନ୍ୟ ଅଭିଯୁକ୍ତଙ୍କୁ ଦିଆଯିବନାହିଁ। ସମ୍ପୃକ୍ତ ତଥ୍ୟଗୁଡ଼ିକୁ ରେକର୍ଡରେ ପଡ଼ିଥିଲେ ପରେ ଇଡିର ଚାର୍ଜସିଟ୍ ଉପରେ ଆଦେଶ ଦେଇଥିଲେ। କୋର୍ଟ ଇଡିର ତଦନ୍ତ ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ ସିବିଆଇ ଏ ପର୍ଯ୍ୟନ୍ତ କୌଣସି ପ୍ରେଡିକେଟ୍ ଅଫେନ୍ସ ରେକର୍ଡ କରିନାହିଁ। ତଥାପି ଇଡିର ତଦନ୍ତ ଜାରି ରହିଛି। ଯେତେବେଳେ ମୂଳ ଅପରାଧ ହିଁ ରେକର୍ଡ ହୋଇନାହିଁ ସେଥିରେ ଆର୍ଥିକ ଲେଣଦେଣ କାରବାର କିପରି ଆଗକୁ ବଢ଼ିବ। ଏକ ଘରୋଇ ଅଭିଯୋଗ ଆଧାରରେ ଏହା କରାଯାଇଛି। ଦିଲ୍ଲୀ ପୋଲିସର ଆର୍ଥିକ ଅପରାଧ ଶାଖା ଏ ସଂକ୍ରାନ୍ତରେ ଏକ ଏତଲା ଦାଏର କରିଛି। ମାତ୍ର ଏହା ସେଭଳି ସଠିକ୍ ନୁହେଁ ଓ ଇଡିର ଯୁକ୍ତି ସହ ଖାପ ଖାଉନାହିଁ।

## ଓଡ଼ିଶା...

ପୂରଣ କରୁଛନ୍ତି। ଏଥିସହିତ ରାଜ୍ୟରେ ଅଣ ପାରମ୍ପରିକ ଉଦ୍ୟୋଗକୁ ମଧ୍ୟ ବିକାଶ କରିବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ବର୍ତ୍ତମାନ ପୁଞ୍ଜି ନିବେଶ ପାଇଁ ଦେଶର ସବୁଠାରୁ ଉତ୍କୃଷ୍ଟ ରାଜ୍ୟ ମଧ୍ୟରୁ ଗୋଟିଏ। ଆମର ଶିଳ୍ପ ଇକୋସିଷ୍ଟମ ଦେଶର ସର୍ବୋତ୍ତମ ପରିବେଶ ମଧ୍ୟରେ ଅନ୍ୟତମ। ଅନ୍ୟାନ୍ୟ ଶିଳ୍ପ ସହିତ ଔଷଧ ଉତ୍ପାଦନରେ ମଧ୍ୟ ଓଡିଶାକୁ ଏକ ପ୍ରମୁଖ କେନ୍ଦ୍ର କରିବା ଆମର ଲକ୍ଷ୍ୟ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଧାତୁ, ଖଣିଜ ଏବଂ ରାସାୟନିକ କ୍ଷେତ୍ର ଗୁଡିକ ହେଉଛି ଆମ ଓଡିଶାରେ ଶିଳ୍ପର ବ୍ୟାକବୋନ୍। କିନ୍ତୁ ରାଜ୍ୟର ସମ୍ବଳକୁ ଲୋକାଭିମୁଖୀ କରିବା ପାଇଁ, ଆମକୁ ଆହୁରି ଆଗକୁ ଯିବାକୁ ପଡିବ। ତେଣୁ ଆମେ ଭିତ୍ତିଭୂମି, ନବସୃଜନ ଶକ୍ତି ଓ ଜ୍ଞାନଭିତ୍ତିକ ଅର୍ଥନୀତି ଉପରେ ଅଧିକ ଗୁରୁତ୍ୱ ଦେଇଛୁ। ଗତ ଦେଢ ବର୍ଷ ଭିତରେ ରାଜ୍ୟରେ ଶିଳ୍ପର ବ୍ୟାପକ ବିବିଧକରଣ ହୋଇଛି। ଓଡିଶାରେ କେମିକାଲ୍‌ସ, ପେଟ୍ରୋକେମିକାଲ୍‌ସ, ଗ୍ରୀନ ଏନର୍ଜି, ଫିନଟେକ୍, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ବୟନଶିଳ୍ପ, ପର୍ଯ୍ୟଟନ ଆଦି କ୍ଷେତ୍ରରେ ନିବେଶ ଆସିଛି। ଆଜି ଠାରୁ ଫାର୍ମା କ୍ଷେତ୍ରରେ ମଧ୍ୟ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ଶିଳ୍ପ, ସମଗ୍ର ବିଶ୍ୱର ଶିଳ୍ପ ସହିତ ଯୋଡି ହେଉ, ଏବଂ ସମଗ୍ର ବିଶ୍ୱର ଶିଳ୍ପ କ୍ଷେତ୍ରରେ ଓଡ଼ିଶା ନିଜର ପରିଚୟ ସୃଷ୍ଟି କରିବା ଆମର ଲକ୍ଷ୍ୟ।

ଫାର୍ମା କ୍ଷେତ୍ର ଉପରେ ଆଲୋକପାତ କରି ସେ କହିଲେ ଯେ ଗତ ଦେଢ଼ ବର୍ଷ ମଧ୍ୟରେ, ଆମେ ରାଜ୍ୟର ଶିଳ୍ପ ନୀତି ଏବଂ ଫାର୍ମା ନୀତିରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିଛୁ। ଆମର ଫାର୍ମା ନୀତି ଦେଶର ସର୍ବୋତ୍ତମ ନୀତି ମଧ୍ୟରୁ ଗୋଟିଏ। ନୂଆ ଫାର୍ମା ନୀତିରେ ଗବେଷଣା, ପୁଞ୍ଜି ନିବେଶ, ଭିତ୍ତିଭୂମି ନିର୍ମାଣ, ନିଯୁକ୍ତି ଇତ୍ୟାଦି ଫାର୍ମା କ୍ଷେତ୍ରର ପ୍ରତ୍ୟେକ ଅଂଶକୁ ପ୍ରୋତ୍ସାହନ ଦିଆଯାଇଛି ବୋଲି ସେ କହିଥିଲେ।

ଆଗାମୀ କିଛି ବର୍ଷ ମଧ୍ୟରେ ଓଡ଼ିଶାର ଫାର୍ମା କ୍ଷେତ୍ର ନୂତନ ଶିଖର ଛୁଇଁବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିବା ସହିତ ଗୁଣବତ୍ତା ଏବଂ ମୂଲ୍ୟ ଦୃଷ୍ଟିରୁ, ଓଡ଼ିଶାର ଫାର୍ମା ଉତ୍ପାଦ ବିଶ୍ୱରେ ସବୁଠାରୁ ଆକର୍ଷଣୀୟ ହେବ, ଏବଂ ମେଡ-ଟେକ୍ ଉତ୍ପାଦନରେ ମଧ୍ୟ ଏହା ଓଡ଼ିଶାର ସୁନାମ ହେବ ବୋଲି ସେ କହିଥିଲେ।

ସେ ଆହୁରି କହିଥିଲେ ଯେ ଫାର୍ମା ଶିଳ୍ପ ଯାହା ଆବଶ୍ୟକ କରେ, ରାଜ୍ୟ ତାହା ସମସ୍ତ ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଓଡ଼ିଶାର ପରିବେଶ ସମ୍ପୂର୍ଣ୍ଣ ଶିଳ୍ପ ଅନୁକୂଳ। ଯାହା ଶିଳ୍ପ ପାଇଁ ଆବଶ୍ୟକ, ସବୁକିଛି ଓଡ଼ିଶାରେ ଅଛି। ଓଡ଼ିଶାରେ ଦେଶର ସର୍ବାଧିକ ଖଣିଜ ପଦାର୍ଥ, ତିନୋଟି ପ୍ରମୁଖ ବନ୍ଦର, ଦୁଇଟି ବାଣିଜ୍ୟିକ ବିମାନବନ୍ଦର, ୫୭୫ କିଲୋମିଟର ପରିବ୍ୟାପ୍ତ ଉପକୂଳ, ଉନ୍ନତ ରେଳ ଏବଂ ସଡ଼କ ନେଟୱାର୍କ, ଅତିରିକ୍ତ ବିଦ୍ୟୁତ୍, ପର୍ଯ୍ୟାପ୍ତ ଜଳର ଉପଲବ୍ଧତା ସହ ତାଲିମପ୍ରାପ୍ତ ମାନବଶକ୍ତି ମଧ୍ୟ ଅଛି। ଏଣୁ ଓଡ଼ିଶା ପୂର୍ବ ଭାରତର ମାନ୍ୟୁଫାକ୍ଚରିଙ୍ଗ ହବ୍ ହେବାପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ।

କାର୍ଯ୍ୟକ୍ରମରେ ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ ଯେ ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫ ଆମ ରାଜ୍ୟର ବିକାଶ-କେନ୍ଦ୍ରିତ ଶିଳ୍ପାୟନ ରଣନୀତିକୁ ପ୍ରତିଫଳିତ କରୁଛି। ପ୍ରଗତିଶୀଳ ନୀତି, ସମର୍ପିତ ଶିଳ୍ପ ପାର୍କ, ଦକ୍ଷ ମାନବ ସମ୍ବଳ ସହିତ ଓଡ଼ିଶା ବର୍ତ୍ତମାନ ଔଷଧ ଏବଂ ଚିକିତ୍ସା ଉପକରଣ ନିର୍ମାତାଙ୍କ ପାଇଁ ଏକ ପ୍ରକୃଷ୍ଟ ପରିବେଶ ସୃଷ୍ଟି କରିବ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ ଅଶ୍ୱତୀ ଏସ୍ ଧନ୍ୟବାଦ ଦେଇଥିଲେ।

## ଅସୁରକ୍ଷିତ...

ବିଭୂପ୍ରସାଦ ମିଶ୍ର ଓ କାଳାନ୍ଦି ପାତ୍ରଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀମାନେ ଫେରାର ଅଛନ୍ତି। ତାଙ୍କୁ ପୋଲିସ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବାବେଳେ ନାବାଳିକା ଓ ତାଙ୍କ ପୁରୁଷବନ୍ଧୁଙ୍କ ବୟାନ ଅଦାଲତରେ ରେକର୍ଡ ହୋଇଛି। ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର ମଙ୍ଗଳବାର ଧଉଳି ଥାନା ଓ ଘଟଣାସ୍ଥଳକୁ ଯାଇ ପରିଦର୍ଶନ କରିବା ସହ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ବୋଲି ମତ ରଖିଛନ୍ତି। ଅସମୟରେ ଯୁବତୀମାନେ ତାଙ୍କ ବନ୍ଧୁମାନଙ୍କ ସହ ନିକାଞ୍ଚନ ସ୍ଥାନକୁ ନ ଯିବାପାଇଁ ସେ ଅନୁରୋଧ କରିବା ସହ ପର୍ଯ୍ୟଟନସ୍ଥଳୀମାନଙ୍କରେ କଡାକଡି ପାଟ୍ରୋଲିଂ କରିବାକୁ କମିଶନରେଟ୍ ପୋଲିସକୁ ଅନୁରୋଧ କରିଛନ୍ତି।

ଧଉଳି ବୁଲିସାରିବା ପରେ ପୁରୁଷ ବନ୍ଧୁଙ୍କ ସହ ନାବାଳିକା ଛାତ୍ରୀ ଘରକୁ ଫେରୁଥିଲେ। ସନ୍ଧ୍ୟା ହୋଇଥିବାରୁ ଦୟାନଦୀ ନିକଟ ନିକଞ୍ଚନ ସ୍ଥାନରେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ଟଙ୍କା ନାହିଁ ବୋଲି ସେ ମନା କରିବାରୁ ତାଙ୍କ ଗାଡ଼ି ଚାବି ନେଇଯିବା ସହ ଦୁଇଜଣଙ୍କୁ ନଦୀ ପଠାକୁ ନେଇଯାଇଥିଲେ। ପୁରୁଷ ବନ୍ଧୁଙ୍କୁ ବାନ୍ଧି ତାଙ୍କ ସାମ୍ନାରେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ । ପୋଲିସରେ ଏତଲା ହେବାପରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ଧଉଳି ଥାନା ଇନ୍ସପେକ୍ଟରଙ୍କୁ ଡିସିପି ସେଠାରୁ ବଦଳାଇ ଅନ୍ୟଜଣଙ୍କୁ ଅବସ୍ଥାପିତ କରିଛନ୍ତି। ଯାହାବି ହେଉନା କାହିଁକି ବ୍ରହ୍ମପୁର, ଗୋପାଳପୁର ସି'ବିଚ୍ ଭଳି ଘଟଣା ଧଉଳିରେ ଘଟିଥିବାରୁ ସବୁ ମହଲରୁ ନିନ୍ଦା କରାଯାଉଛି। ରାଜଧାନୀର ପର୍ଯ୍ୟଟନସ୍ଥଳୀରେ ନାବାଳିକା ପର୍ଯ୍ୟଟକଙ୍କୁ ଗଣଦୁଷ୍କର୍ମ କରାଯିବା ଭଳି ବିରଳ ଘଟଣା କେବେ ନଜରକୁ ଆସିନଥିଲା। ଫାଷ୍ଟଟ୍ରାକ୍ କୋର୍ଟରେ ଦୃଷ୍ଟାନ୍ତମୂଳକ ଦଣ୍ଡ ଅଭିଯୁକ୍ତଙ୍କୁ ଦିଆଯିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

## ଖୋଲା...

ବୋନ୍ଦରଙ୍କ ସହ ଟୋକନ ସମସ୍ୟା ନେଇ ଆଲୋଚନା କରିଥିଲେ। ସରକାର ୨ୟ ପର୍ଯ୍ୟାୟରେ ୧୧ହଜାର ଚାଷୀଙ୍କୁ ଟୋକନ ପ୍ରଦାନ କରିଛନ୍ତି। ସରକାର ଖୁବ୍‌ଶୀଘ୍ର ଚାଷୀଙ୍କ ଧାନ କିଣିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏକକାଳୀନ ଟୋକନ ପ୍ରଦାନ କରିବାକୁ ଚାଷୀ ଜିଦ୍ ଧରି ବସିଥିବା ବେଳେ ଏ ସମ୍ପର୍କରେ ସେ ଆଉଥରେ ସରକାରଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ତେବେ ଟୋକନ ସିଷ୍ଟମ ବିଜେଡି ସମୟରେ ଆରମ୍ଭ ହୋଇଥିଲା। ଏଭଳିସ୍ଥଳେ ଏହି ପ୍ରସଙ୍ଗରେ ବିଜେଡି ସରକାରଙ୍କୁ ବଦ୍‌ନାମ ନକରୁ ବୋଲି ବିଧାୟକ ଶ୍ରୀମିଶ୍ର ଟାର୍ଗେଟ୍ କରି କହିଥିଲେ। ସୂଚନାଯୋଗ୍ୟ, ଆଜି ସୁଦ୍ଧା ୭୩ହଜାର୨୯୧ଟି ଟୋକନ ଜାରି ହୋଇଛି। ସର୍ଭେ ପରେ ୫୭ହଜାର୧୧୨ଟି ଟୋକନକୁ ସକ୍ରିୟ କରାଯାଇଛି। ସେଥିମଧ୍ୟରୁ ୧୬ହଜାର୮୯୩ଜଣ ଚାଷୀ ୭ଲକ୍ଷ୮୧ହଜାର୩୦୨କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି। ରାଜଧାନୀରୁ ଟୋକନ ପରିଚାଳନା ହେଉଥିବା ବେଳେ ଏପର୍ଯ୍ୟନ୍ତ ୭୦ପ୍ରତିଶତ ଚାଷୀଙ୍କ ପାଖରେ ଟୋକନ ପହଞ୍ଚିନାହିଁ କିଛି ଚାଷୀଙ୍କ ପାଖରେ ଆବଶ୍ୟକ ଟୋକନ ବଦଳରେ ଗୋଟିଏ କିମ୍ବା ଦୁଇଟି ପହଞ୍ଚିଛି। ଅନେକ ଚାଷୀଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳିନାହିଁ ଏଭଳିସ୍ଥଳେ ଆନ୍ଦୋଳନରତ ଚାଷୀମାନେ ସରକାର ବିରୋଧି ନାରା ଦେଇଥିଲେ। ଆସନ୍ତା ୧୯ ତାରିଖରେ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ପାଳନକୁ ବିଜେଡି ପୂର୍ଣ୍ଣମାତ୍ରାରେ ସମର୍ଥନ କରିବା ସହ ସାମିଲ ହେବ ବୋଲି ଜଣାପଡିଛି। ଏହି ଆନ୍ଦୋଳନରେ ଚାଷୀ ନେତା ଅଶୋକ ପ୍ରଧାନ, ବ୍ୟୋମକେଶ ଠାକୁର, ଦେବେନ୍ଦ୍ର ପ୍ରଧାନ, ହରିଶଙ୍କର ପୁରୋହିତ, ଉମେଶ ମିଶ୍ର, ବିପିନ ଭୋଇ, କାଶୀ ବିଶ୍ୱନାଥ, ଭୈରବ ପ୍ରଧାନ, ସଞ୍ଜିବ ବାରିକ, ରଞ୍ଜନ ନାୟକ, ସୁବ୍ରତ ପ୍ରଧାନ, ନନ୍ଦଲାଲ ତ୍ରିପାଠୀ, ସୁଶାନ୍ତ ପଣ୍ଡା, ଜଗଦାନନ୍ଦ ନାୟକ, ଅଶ୍ୱିନୀ ମହାପାତ୍ର ଓ ଅଶ୍ୱିନୀ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ଘଟଣା...

ପଟ୍ଟନାୟକ କହିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଅପରାଧୀ ଏବେ ଭୟଶୂନ୍ୟ ହୋଇଛନ୍ତି। ଆଇନଶୃଙ୍ଖଳା କେତେ ଆଉ ବିପର୍ଯ୍ୟସ୍ତ ହେଲେ ସରକାର ସଜାଗ ହେବେ। ଅପରାଧ ରୋକିବା ଦିଗରେ ସରକାରଙ୍କ ଅସମର୍ଥତା ସାଧାରଣ ଜନତାଙ୍କୁ ଭୟଭୀତ କରୁଛି। ମହିଳାଙ୍କ ପାଇଁ ରାଜଧାନୀରେ ସୁରକ୍ଷା ପରବେଶ ସୁନିଶ୍ଚିତ ନ କରିପାରିବା ଅପରାଗତା ଓ ସମ୍ବେଦନହୀନ ଆଚରଣକୁ ଦର୍ଶାଉଛି। ମହିଳାଙ୍କ ସୁରକ୍ଷା ସହ ଅପରାଧ ପ୍ରବଣତାକୁ ରୋକିବା ପାଇଁ ସରକାର କଠୋର ପଦକ୍ଷେପ ନିଅନ୍ତୁ। ଘଟଣା ଘଟିବା ପରେ ନୁହେଁ, ପୂର୍ବରୁ ଏହାକୁ ରୋକିବା ଦିଗରେ ସରକାର ତତ୍ପର ହୁଅନ୍ତୁ ବୋଲି ସେ କହିଛନ୍ତି।

## ଆଠ ମାସ ପାଇଲା ପରେ ବନ୍ଦ କରିଦେଲେ ଭତ୍ତା

# ବ୍ଲକ ଆଗରେ ଧାରଣା ଦେଲେ ୬ ସ୍ୱାମୀ ପରିତ୍ୟକ୍ତା



ବାଲେଶ୍ୱର,(ସବ୍ୟୁ): ଦୀର୍ଘ ଆଠ ମାସ ଧରି ଭତ୍ତା ପାଉଥିଲେ ସ୍ୱାମୀ ପରିତ୍ୟକ୍ତା ମହିଳାମାନେ । ହେଲେ କିଛି ମାସ ହେଲା ହିଡିଗାଁର ୬ ଜଣ ମହିଳାଙ୍କ ଭତ୍ତାକୁ ସଦର ବ୍ଲକ ବି ଡି ଓ ବନ୍ଦ କରିଦେଇଛନ୍ତି । ଭତ୍ତା ବନ୍ଦ ହୋଇଯିବାରୁ ଏହି ମହିଳାମାନେ ସରପଞ୍ଚ ପିତାମ୍ବର ଭୂୟାଁଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ନିକଟରେ ଭତ୍ତା ପିଛିଲା ମାସ ଠାରୁ ଦେବା ପାଇଁ ଦରଖାସ୍ତ ଦେଇ ଚାଲିଥିଲେ ମଧ୍ୟ ହେଲେ କେହି ବିଚାର କଲେନି । ତେଣୁ ଆଗୁଆ ନୋଟିସ ଦେଇ ସଦର ବ୍ଲକ ଆଗରେ ମଙ୍ଗଳବାର ଦିନ ଧାରଣା ଦେଇଥିଲେ । ଅପରାହ୍ନରେ ବିଡିଓଙ୍କୁ ଭେଟିବାରୁ ଅଧିକାରୀ କହିଥିଲେ କି କିଛି ଲୋକ ଅଭିଯୋଗ କରିବାରୁ ଭତ୍ତା ବନ୍ଦ କରାଯାଇଛି । ତେଣୁ ଉପଜିଲ୍ଲାପାଳଙ୍କୁ ୬ ଜଣ ପୃଥକ ଭାବେ ଲିଖିତ ଆବେଦନ କଲେ ପୁଣି ମିଳିଯିବ ଭତ୍ତା । ସ୍ଥାନୀୟ ନେତା ଅବନ୍ତୀ ବେରା ଓ ବିଜେପି ବରିଷ୍ଠ ନେତା ପର୍ଶୁରାମ ବେହେରା ପ୍ରମୁଖ ଏହି ମହିଳାମାନଙ୍କୁ ପୁଣି ଥରେ ଭତ୍ତା ଦେବାକୁ ବିଡ଼ିଓଙ୍କୁ ଅନୁରୋଧ କରିଥିଲେ । ତେବେ ସରପଞ୍ଚଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ ।

## କାର ଧକ୍କାରେ ଦୁଇ ବାଇକ ଆରୋହୀ ଗୁରୁତର

ଧାମନଗର, (ସବ୍ୟୁ): ଧାମନଗର-ଭଦ୍ରକ ମୁଖ୍ୟ ରାସ୍ତାର ଧାମନଗର ଛକ ନିକଟସ୍ଥ ମହୁରା ଛକ ଠାରେ ମଙ୍ଗଳବାର ଅପରାହ୍ନରେ ଏକ ସଡକ ଦୁର୍ଘଟଣାରେ ଦୁଇଜଣ ମୋଟରସାଇକେଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଧୁଷୁରୀ ଥାନା ଅଧିନ ବାହରିଲ ଗୁଲନଗର ଶାସନ ଗ୍ରାମର ଶେଷଦେ ମିଶ୍ର କ୍ୱଓ୦୨ଓ୪୭୩୦ ନମ୍ବର ଥିବା ଏକ ମାରୁତି ସୁଜୁକି କାରରେ ନିଜ ସ୍ତ୍ରୀ ସହିତ ଭୁବନେଶ୍ୱର ଯାଉଥିଲେ । ଧାମନଗର ଛକ ପୂର୍ବରୁ ମହୁରା ଛକ ନିକଟରେ ଏକ ଟାଟାଏସି ଗାଡି ବାମ ପଟ ରାସ୍ତା ଉପରେ ଛିଡା ହୋଇ ଥବାରୁ ଶେଷଦେ ମିଶ୍ର ଗାଡିଟିକୁ ଡାହାଣକୁ କାଟି ଯିବାକୁ ଚେଷ୍ଟା କରୁଥି ସମୟରେ ହଠାତ ଆଗ ପଟରୁ ଏକ ବାଇକ କାରକୁ ସମ୍ମୁଖରୁ ଧକ୍କା ଦେଇଥିଲା ।

## ୫ଗୋରୁ ଜୀବନ୍ତ ଦଗ୍ଧ

ଆଗରପଡ଼ା/ବନ୍ତ,(ସବ୍ୟୁ) :ଅଗ୍ନିକାଣ୍ଡ ଘଟି ୫ଗୋରୁ ଜୀବନ୍ତ ଦଗ୍ଧ ହୋଇଥିବାବେଳେ ଅନ୍ୟ ଏକ ବାଛୁରୀ ମୁମୂର୍ଷ ଅବସ୍ଥାରେ ଚିକିତ୍ସିତ ହେଉଥିବାର ଜଣାପଡ଼ିଛି । ବନ୍ତ ତହସିଲ ଅନ୍ତର୍ଗତ ବସନ୍ତିଆ ୧୦ନଂ ଓ୍ୱାର୍ଡର ଅର୍ଜୁନ ଚରଣ ଦାସଙ୍କ ଗୁହାଳ ଘରେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା । ଗୋରୁ ଗୁଡ଼ିକ ଚିକାର କରିବାରୁ ଘର ଲୋକ ଉଠିଦେଖିଲା ବେଳକୁ ନିଆଁ ଚାରିଆଡ଼େ ବ୍ୟାପୀ ଯାଇଥିଲା । ଗୋରୁଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରାଯାଇଥିଲା କିନ୍ତୁ ସେତେବେଳକୁ ୫ଟି ଗୋରୁ ମୃତ୍ୟୁବରଣ କରିଥିଲା ବେଳେ ଗୋଟିଏ ବାଛୁରୀକୁ ଉଦ୍ଧାର କରାଯାଇଥିଲା । ଖବରପାଇ ହାଟଡିହି ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ୍ତ କରିଥିଲା । ଅଗ୍ନିବିପନ୍ନଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାବେଳେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।


**ଘୋଷଣା**

ଲଳିତ ମାଧବ ଦତ୍ତଙ୍କ ସ୍ତ୍ରୀ, ଶ୍ରୀମତୀ ସସ୍ମିତା ହେନା, ଅଧିବାସୀ, ପ୍ଲଟ ନ A/E-168 HBC, VSS ନଗର, ପୋଲିସ ଷ୍ଟେସନ, ସହିଦ ନଗର, ଭୁବନେଶ୍ୱର-୭୫୧୦୧୦, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା, ଏତଦ୍ୱାରା ଜଣାଉଅଛି ଯେ, ଏଫିଡେଭିଟ CF-No-46, Dtd. 16/12/2025, the Original Regd sale Deed (ବିକ୍ରୟ କବଲା) No. 2753/13/11/2006, 1620/16/05/2012 & 3565/23/09/1998, ଆହୁରି ମଧ୍ୟ, ଓରିଜିନାଲ RoR ଖାତା ନ- 2441/1658, Plot No. 1021/8349, ମୌଜାର, ଶାମପୁରିଆ, ମୋର ଭେଣ୍ଡର, ଗିଏବି, ଭୁବନେଶ୍ୱରରୁ କେନ୍ଦ୍ରାପଡ଼ା 5/12/2025, ବସ ଦ୍ୱାରା ଯିବା ସମୟରେ ହଜାଇ ଦେଇଛନ୍ତି । ପୂର୍ବ ବିକ୍ରୟ କବଲା, ସମସ୍ତ ଚେଷ୍ଟା ସତ୍ତ୍ୱେ ଏପର୍ଯ୍ୟନ୍ତ ମିଳି ପାରିନାହିଁ । ଯଦି କେହି ସହୃଦୟ ବ୍ୟକ୍ତି ପାଇଥିବେ, ତେବେ ଦୟା ପୂର୍ବକ ନିମ୍ନ ଲିଖିତ ଫୋନ୍ ନମ୍ବର ସହିତ ଯୋଗାଯୋଗ କଲେ ଉପକୃତ ହେବି ।

Mob. NO. 8637245823

**AFFIDAVIT**

By virtue of an affidavit before Executive Magistrate, Tangi-Choudwar, I **Pratima Parida**, aged about 38 years, (D/o: Binod Bihari Sahani), W/o: Satyajit Parida, Paternal resident of Vill: Pagira, PO.: Bari, PS.: Bari Ramachandrapur, Dist.: Jajpur, at present residing At: Kapaleswar Nuasahi, PO.: Kapaleswar, PS.: Choudwar, Dist.: Cuttack, Odisha, have changed my name from Pratima Sahani to **Pratima Parida.** Pratima Parida, (D/o: Binod Bihari Sahani), W/o: Satyajit Parida and Pratima Sahani, D/o: Binod Bihari Sahani both are same and one person. Henceforth, I shall be known as **Pratima Parida** for all future purposes.

**LOST (Sale Deed)**

I, **Damiraju Padmakara Rao,** S/o Late Dharmaraju Damiraju, resident of Plot No.286/6, Basundhara Colony, Phase-II, Nandan vihar, Kalarang, PS. Infocity, Bhubaneswar-751024, declare that my Original Sale Deed Bearing No-3338, dated 01.06.2001 has been misplaced on transit house to bank on dt.17/09/2025. If found please contact at 9556137478.

**AFFIDAVIT**

BY Virtue of an affidavit sworn before The Executive Magistrate,Binjharpur On 9th.Oct.2025 I Laxmi Sethi, W/O - Kamalakanta Behera, Vill - Raghunathpur, P.O - Sayedpur, ,P.S. Binjharpur, Dist - Jajpur Declare that my Correct name is Laxmi Sethi and it was recorded in my Adhar bearing no.938201215234 . One Bank A/C bearing no - 40772951618 was opene. by me at SBI, Binjharpur Branch. My name was mentioned as Laxmipriya Behera, D/O - Purna Chandra Sethi. . I Laxmi Sethi and Laxmipriya Behera, W/ O Kamalakanta Behera and D/O -Purna Chandra. Of vill -Raghunathpur, P.O - Sayedpur, ,P.S. Binjharpur, Dist - Jajpur is one and same person .Henceforth I will Known as Laxmi Sethi for all purposes.

Sd /Laxmi Sethi

O-1798

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION, SAMBALPUR**
**2nd Corrigendum to Tender online-SBPR-12 of 2025-26**

The following changes have been made in respect of the Bid Identification No. Tender Online SBPR-12 of 2025-26 due to unavoidable reasons.

1. Date and time have been changed as given below.

**DATE & TIME**

| Sl. No. | Description | Schedule | Re-Schedule |
|---|---|---|---|
| 1. | Period & Time of availability of bid documents in the portal for bidding | 21.11.25 11.00AM to 05.12.2025 up to 5.00 PM | 10.12.2025 11.00 AM to 24.12.2025 up to 5.00 PM |
| 2. | Date & time of opening of bid (Technical) | At 11.00 AM of 06.12.25 | At 11.00 AM of 26.12.2025 (Technical) |
| 3. | Date & time of opening of bid (Financial) | Financial bid will be intimated later | Financial bid will be intimated later. |

All other terms and conditions of remain unchanged.

Sd/- Superintending Engineer
Rural Works Division, Sambalpur

OIPR : 25076/11/0046/2526

MM-395

**GOVERNMENT OF ODISHA**
**DEPARTMENT OF FOREST,**
**ENGIRONMENT & CLIMATE CHANGE**
**Bid Identification No. FE&CC-DFO (K.L) SBP-02/2025-26**
**OFFICE OF THE DIVISIONAL FOREST OFFICER**
**SAMBALPUR KENDULEAVES DIVISION, SAMBALPUR**
**DETAILED TENDER CALL NOTICE**

(Range Office-cum-Residence at Dhama (KL) Range under Sambalpur (K.L.) Division)

Name of the Work Tendered for : Construction of Range Office-cum-Residence at Dhama (KL) Range under Sambalpur (K.L.) Division.

Estimated Cost : Rs. 59,21,525/- (Excluding G.S.T.)

Date of sale & receipt of Tender : Start from 10.00 Hours of 16.12.2025 & Close on 30.12.2025 at 17.00 Hours.

Sd/- Divisional Forest Officer,
Sambalpur (K.L.) Division

OIPR : 08059/11/0005/2526

**OFFICE OF THE BARIPADA MUNICIPAL COUNCIL,**
**BARIPADA**

Phone:-06792-252703, Fax:-06792-252703, Email:-baripadam.hud@nic.in
Website- www.baripadamunicipality.in

O-1800 No. 2026 Date : 12.12.2025

**INVITATION FOR BIDS**
**(Through E-Procurement)**
**Tender Reference No.BPDM 12/2025-26**
**Tender Call Notice No. 2028 /dtd. 12.12.2025**
**Tender ID No.**

The Executive Officer, Baripada Municipality, Baripada invites percentage rate bids in double cover system through e-procurement in conformity with the detailed tender call notice to be eventually drawn up in Municipal Agreement form for execution of the works as detailed in the table below from eligible class of contractors registered with the state Government/contractors of equivalent grade/class registered with central Government/MES/ Railways and Municipal Contractors on production of definite proof from the appropriate authority. Only tenderers with sound financial background capable of investing required amount for advance procurement of all materials required for the work need apply.

1. Name of the works : As per DTCN
2. No of works put to tender : 5 No's individual civil construction works
3. Estimated cost : As per DTCN
4. Period of completion : As per DTCN
5. Date and time of availability of bid document in the portal : From 1.00 P.M. of Dt.16.12.2025 to 5.00 P.M of Dt.30.12.2025
6. Mode of deposit towards cost of Bid documents EMD : Online
7. Date and time of opening of technical bid : 11.00 A.M. and onwards of Dt. 31.12.2025
8. Name and address of the Officer Inviting Bid : Executive Officer, Baripada Municipality, Baripada.

Further details can be seen from the e-procurement portal **"https://tendersorissa.gov.in"**

Sd/- Executive Officer
Baripada Municipality

OIPR : 13078/11/0067/2526

**IN THE COURT OF THE CIVIL JUDGE (SENIOR DIVISION), HINDOL**
**C.S.No.229/2025**
**Bhajamani Nayak ......Plaintiff**
**-Versus-**
**Rajkishore Nayak and others....Defendants**

To

**DRAFT**

Bimbali Nayak, D/o Late Bhaskar Nayak, W/o Srikant Nath, of village-Balaramprasad,PO/P.S.Nalconager, Dist:Angul

Nirmali Nayak,D/o Late Bhaskar Nayak, W/o Rabi Nayak, of village-Jayagopalsahi,Church lane, Chandan Bazar,PO/P.S./Dist: Dhenkanal

Manjulata Nayak, W/o Late Debaraj Nayak,

Anil Nayak,S/o Late Debaraj Nayak

Raupali Nayak,D/o Late Debaraj Nayak, all are of village Buhalipal, PO/P.S.Rasol, Dist: Dhenkanal

Whereas the plaintiff above named has filed the above noted suit against the defendants for metes and bounds partition of suit land Mouza-Buhalipal, P.S.Rasol, Dist: Dhenkanal, Hal settlement Khata No.31, and 255,despite issuance of repeated summons you failed to appear before this Court. Hence you are directed to appear before this Court in person or through pleader on this the 17th January 2026 at about 10.30 Am/Pm positively failing which the case will be determined in your absence.

Given under my hand and seal of this Court this the 11th day of December 2025.

Civil Judge (S.D) Hindol

**ଇ-ନିଲାମ ଜରିଆରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରି**

ଏସଇଆର/ଏଚ୍‌କ୍ୟୁ- ଷ୍ଟୋର ଓ ସେଲ୍ (ଡିସ୍‌ପୋ)/୧/୨୦୨୫-ସେଲ/୪ ତାରିଖ : ୧୫.୧୨.୨୦୨୫
ଜାନୁଆରୀ, ଫେବୃଆରୀ, ମାର୍ଚ୍ଚ-୨୦୨୬ ମାସ ପାଇଁ
ଇ-ନିଲାମ କାର୍ଯ୍ୟକ୍ରମ
ନିଲାମ କାର୍ଯ୍ୟକ୍ରମ ୪ର୍ଥ କ୍ୱାର୍ଟର - ୨୦୨୫-୨୬

| ମାସ | ଡିଭିଜନ ଓ ଡିପୋ | | | | |
|---|---|---|---|---|---|
| | ଆଦ୍ରା ଡିଭିଜନ | ଖଡ଼ଗପୁର ଡିପୋ | ଚକ୍ରଧରପୁର ଡିଭିଜନ | ଖଡ଼ଗପୁର ଡିଭିଜନ | ରାଞ୍ଚି ଡିଭିଜନ |
| ଜାନୁଆରୀ ୨୦୨୬ | ୦୧.୦୧.୨୦୨୬ | ୦୬.୦୧.୨୦୨୬ | ୦୭.୦୧.୨୦୨୬ | ୦୧.୦୧.୨୦୨୬ | ୦୨.୦୧.୨୦୨୬ |
| | ୦୫.୦୧.୨୦୨୬ | ୧୩.୦୧.୨୦୨୬ | ୧୪.୦୧.୨୦୨୬ | ୦୮.୦୧.୨୦୨୬ | ୦୯.୦୧.୨୦୨୬ |
| | ୧୨.୦୧.୨୦୨୬ | ୨୦.୦୧.୨୦୨୬ | ୨୧.୦୧.୨୦୨୬ | ୧୫.୦୧.୨୦୨୬ | ୧୬.୦୧.୨୦୨୬ |
| | ୧୯.୦୧.୨୦୨୬ | ୨୭.୦୧.୨୦୨୬ | ୨୮.୦୧.୨୦୨୬ | ୨୨.୦୧.୨୦୨୬ | ୩୦.୦୧.୨୦୨୬ |
| | ୨୬.୦୧.୨୦୨୬ | ୩୦.୦୧.୨୦୨୬ | ୩୦.୦୧.୨୦୨୬ | ୨୯.୦୧.୨୦୨୬ | |
| ଫେବୃଆରୀ ୨୦୨୬ | ୦୨.୦୨.୨୦୨୬ | ୦୩.୦୨.୨୦୨୬ | ୦୪.୦୨.୨୦୨୬ | ୦୫.୦୨.୨୦୨୬ | ୦୬.୦୨.୨୦୨୬ |
| | ୦୯.୦୨.୨୦୨୬ | ୧୦.୦୨.୨୦୨୬ | ୧୧.୦୨.୨୦୨୬ | ୧୨.୦୨.୨୦୨୬ | ୧୩.୦୨.୨୦୨୬ |
| | ୧୬.୦୨.୨୦୨୬ | ୧୭.୦୨.୨୦୨୬ | ୧୮.୦୨.୨୦୨୬ | ୧୯.୦୨.୨୦୨୬ | ୨୦.୦୨.୨୦୨୬ |
| | ୨୩.୦୨.୨୦୨୬ | ୨୪.୦୨.୨୦୨୬ | ୨୩.୦୨.୨୦୨୬ | ୨୩.୦୨.୨୦୨୬ | ୨୫.୦୨.୨୦୨୬ |
| | ୨୬.୦୨.୨୦୨୬ | | ୨୫.୦୨.୨୦୨୬ | ୨୬.୦୨.୨୦୨୬ | ୨୭.୦୨.୨୦୨୬ |
| ମାର୍ଚ୍ଚ ୨୦୨୬ | ୦୨.୦୩.୨୦୨୬ | ୦୬.୦୩.୨୦୨୬ | ୦୨.୦୩.୨୦୨୬ | ୦୪.୦୩.୨୦୨୬ | ୦୬.୦୩.୨୦୨୬ |
| | ୦୯.୦୩.୨୦୨୬ | ୧୦.୦୩.୨୦୨୬ | ୧୧.୦୩.୨୦୨୬ | ୧୨.୦୩.୨୦୨୬ | ୧୩.୦୩.୨୦୨୬ |
| | ୧୬.୦୩.୨୦୨୬ | ୧୭.୦୩.୨୦୨୬ | ୧୮.୦୩.୨୦୨୬ | ୧୯.୦୩.୨୦୨୬ | ୨୦.୦୩.୨୦୨୬ |
| | ୨୩.୦୩.୨୦୨୬ | ୨୪.୦୩.୨୦୨୬ | ୨୩.୦୩.୨୦୨୬ | ୨୬.୦୨.୨୦୨୬ | ୨୭.୦୩.୨୦୨୬ |
| | ୩୦.୦୩.୨୦୨୬ | ୩୧.୦୩.୨୦୨୬ | ୨୫.୦୩.୨୦୨୬ | ୩୦.୦୩.୨୦୨୬ | |

ବି.ଦ୍ରୁ : ଇ-ନିଲାମ ସୂଚୀ ଓ କ୍ୟାଟଲଗ୍‌ର ବିବରଣୀ ପାଇଁ ଦୟାପୂର୍ବକ ୱେବସାଇଟ୍ : www.ireps.gov.in/e-Auction ଯାଆନ୍ତୁ ।

(PR-964) ପ୍ରିନ୍ସିପାଲ ଚିଫ୍ ମ୍ୟାଟେରିଆଲସ୍ ମ୍ୟାନେଜର/ଗାର୍ଡେନରିଚ୍

ଦକ୍ଷିଣ ପୂର୍ବ ରେଳପଥ
ଆମେ ହସି ହସି ସେବା ପ୍ରଦାନ କରୁଛୁ

A-1134

**GOVERNMENT OF ODISHA : Office of the Superintending Engineer**
**Kanupur Rehabilitation, Camps & Building Division,, At/PO- Basudevpur, Dist- Keonjhar, PIN-758047**
**e-PROCUREMENT NOTICE**

Bid Identification No. SE, KRC & BD-21/2025-26, Email- eekrcbdbasudevpur@gmail.com

| Sl. No. | Name of work | Approx. value of work. (Rs. in Lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Comple-tion | Class of Contra-ctor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of Poojak room, Puja Mandap i front of Community centre, Jagyan Mandap, 2 Nos Bathng ghat, boundary wall to temple and an approach to Puja mandap at Naradpur R&R colony for the DPs of Village Remenshapur (Ka)" | 43.61 | 43650.00 | 6,000.00 | 06 (Eight) Calendar months | "B" | Kanupur Reh. camps & Building Division, At/PO-Basudevpur, Dist- Keonjhar |
| 02 | "Construction of Shiva Temple, Pujak room with Boundary wall at Angulia R&R colony for the DPs of village Chamakpur." | 43.61 | 43650.00 | 6,000.00 | 06 (Eight) Calendar months | "B" | Kanupur Reh. camps & Building Division, At/PO- Basudevpur, Dist- Keonjhar |
| 03 | "Construction of Poojak room Cum Store with Electrification & Boundary wall with Approach Road to Shiva Temple at Kamualanali (Dhobakuchuda) for the DPs of village Dhobakuchuda of KIP." | 38.42 | 3850000 | 6,000.00 | 06 (Six) Calendar months | "B" & "C" | Kanupur Reh. camps & Building Division, At/PO- Basudevpur, Dist- Keonjhar |

| Procurement Officer | Bid Identification No. | Availability of tender online for biding | | Date & time of opening of tender | | Place of opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C. & B. Division, Basudevpur, Dist- Keonjhar. | SE, KRC & BD-21/2025-26 | 18.12.25 From 10.00 Hours | 29.12.25 Up to 17.00 Hours | 30.12.25 | 11.00 Hours. | O/o the Superintending Engineer Kanupur Reh. C. & B. Division, Basudevpur, Dist- Keonjhar |

Sd/- Superintending Engineer
Kanupur Reh. C & B Division, Basudevpur

OIPR : 46009/11/0009/2526



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଫୁଲନଖରା ,(ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ ଶଙ୍ଖତ୍ରାସ ବଜାରରେ ଦିବାଲୋକରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଆକ୍ରମଣକାରି ଚିକେନ କଟା ଚାପଡରେ ଆକ୍ରମଣ କରି ଲହୁଲୁହାଣ କରିଥିବା ଜଣାପଡିଛି । ସ୍ଥାନୀୟ ଲୋକ ଆହତ ଅବସ୍ଥାରେ ଯୁବକଙ୍କୁ ଉଦ୍ଧାର କରି ସ୍ଥାନୀୟ ପୋଲିସ ଜିମା ଦେଇଛନ୍ତି । ସଦର୍ ଥାନା ଅଧିକାରୀ ତୁଷାରକାନ୍ତ ସେଠୀ ଘଟଣା ସ୍ଥଳରେ ପହଞ୍ଚି ଆହତହୋଇଥିବା ଯୁବକଙ୍କୁ ହସ୍ପିଟାଲ ପଠାଇବା ସହ ପୁଙ୍ଖାନୁପୁଙ୍ଖ ତଦନ୍ତ କରିଛନ୍ତି । ପୂର୍ବ ଶତ୍ରୁତାକୁ ନେଇ ଏଭଳି ଅଘଟଣ ହୋଇଥିବାଅନୁମାନ କରାଯାଉଛି । ଆହତ ହୋଇଥିବା ଯୁବକ ଗୁରୁତର ଥିବା ବେଳେ ଆକ୍ରମଣକାରୀ ଫେରାର୍ ହୋଇଯାଇଛି । ଆକ୍ରମଣକାରିଶଙ୍ଖତ୍ରାସ ଅଞ୍ଚଳର ବାସୁଆ ମଲ୍ଲିକ ହୋଇଥିବା ବେଳେ ଆହତ ଯୁବକ ଜଣଙ୍କ କଟକ ଶଙ୍କରପୁର ଅଂଚଳର ଲକି ରାଉତ ବୋଲି ଜଣାପଡିଛି ।

### ଗୁଗୁଲର 'ଏଆଇ ଇମ୍ପାକ୍ଟ ସମ୍ମିଟ୍'

## ଏଆଇ ଆଗାମୀ ପିଢିର ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଗୁଗୁଲ୍ ଦ୍ୱାରା ଆୟୋଜିତ 'ଏଆଇ ଇମ୍ପାକ୍ଟ ସମ୍ମିଟ'ରେ ଯୋଗ ଦେଇ ଭାରତର କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷମତାକୁ ପ୍ରୋତ୍ସାହିତ କରିବା ସହ ଦେଶରେ ଏକ 'ଏଆଇ-ପ୍ରସ୍ତୁତ ପିଢ଼ି' ସୃଷ୍ଟି କରିବା ତଥା ଏଆଇ ମାଧ୍ୟମରେ ଆଗାମୀ ପିଢିର ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଦେଶରେ ୪ଟି ଏଆଇ ଉତ୍କର୍ଷ କେନ୍ଦ୍ର ସହିତ ଗୁଗୁଲ୍‌ର ସହଯୋଗ ଏବଂ ଏଥିପାଇଁ ୮ ମିଲିୟନ୍ ଆମେରିକୀୟ ଡଲାର୍ ବିନିଯୋଗକୁ ପ୍ରଶଂସା କରିଛନ୍ତି । ଏହା ବ୍ୟତୀତ, ଆଇଆଇଟି ବମ୍ବେ ଠାରେ 'ଇଣ୍ଡିକ୍ ଲାଙ୍ଗୁଏଜ୍ ଟେକ୍ନୋଲୋଜିଜ୍ ରିସର୍ଚ୍ଚ ହବ୍' ପ୍ରତିଷ୍ଠା ପାଇଁ ଗୁଗୁଲ୍ ଦ୍ୱାରା ପ୍ରଦତ୍ତ ୨ ମିଲିୟନ୍ ଆମେରିକୀୟ ଡଲାର୍‌ର ଯୋଗଦାନକୁ ମଧ୍ୟ ସେ ସ୍ୱୀକୃତି ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଇଣ୍ଡିଆ ଏଆଇ ମିଶନ୍' ସହିତ ଏହିପରି ରଣନୀତିକ ଶିକ୍ଷା ଭାଗିଦାରୀ



ଭାରତକୁ ଏକ ଆନ୍ତର୍ଜାତୀୟ ଏଆଇ ଶକ୍ତିକେନ୍ଦ୍ରରେ ପରିଣତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ । ସେ ଗୁଗୁଲ୍ ଭଳି ବୈଶ୍ୱିକ ସହଯୋଗୀମାନଙ୍କୁ କେବଳ ପାଣ୍ଠି ଯୋଗାଣ ବଦଳରେ, ଏଆଇ ଉତ୍କର୍ଷ କେନ୍ଦ୍ରଗୁଡ଼ିକ ସହିତ ଦୀର୍ଘମିଆଦୀ ସାଂସ୍ଥାନିକ ଭାଗିଦାରୀ ସ୍ଥାପନ କରିବାକୁ ଆହ୍ୱାନ କରିଛନ୍ତି । ଏହା ଦ୍ୱାରା ଭାରତ ବିଶ୍ୱସ୍ତରୀୟ ଏଆଇ ମୂଲ୍ୟ ସୃଷ୍ଟିର ଏକ କେନ୍ଦ୍ର ହୋଇପାରିବ ଏବଂ 'ବିକଶିତ ଭାରତ' ଲକ୍ଷ୍ୟ ହାସଲ ହୋଇପାରିବ । ପରେ, ଶ୍ରୀ ପ୍ରଧାନ ଗୁଗୁଲ୍ ଇଣ୍ଡିଆର କଣ୍ଟ୍ରି ମ୍ୟାନେଜର ତଥା ଉପ-ସଭାପତି ଶ୍ରୀମତୀ ପ୍ରୀତି ଲୋବାନା ଏବଂ ଗୁଗୁଲ୍ ନେତୃତ୍ୱ ଟିମ୍ ସହ ଏକ ଫଳପ୍ରଦ ବୈଠକ କରିଥିଲେ । ଏହି ଆଲୋଚନାରେ ଡିଜିଟାଲ୍ ବ୍ୟବଧାନକୁ ଦୂର କରିବା, ପ୍ରଯୁକ୍ତିର ଗଣତାନ୍ତ୍ରିକୀକରଣ, ଦେଶର ଦୂରଦୂରାନ୍ତ ଅଞ୍ଚଳରେ ଉନ୍ନତ ଶିକ୍ଷାକୁ ସୁଗମ କରିବା ପାଇଁ ପ୍ରଯୁକ୍ତିର ଉପଯୋଗ ଏବଂ ବଡ଼ ଭାଷା ମଡେଲ୍‌ଗୁଡ଼ିକୁ (ଏଲଏଲଏମ) 'ଭାରତୀୟ ଭାଷା' ଓ 'ଭାରତୀୟତା' ସହିତ ସମନ୍ୱିତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଶ୍ରୀ ପ୍ରଧାନଙ୍କ ଏହି ଉଦ୍ୟମଗୁଡ଼ିକ ପ୍ରଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଭାରତର ଆଗାମୀ ଯାତ୍ରା ପାଇଁ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି ।

## ଖୋର୍ଦ୍ଧା ମହୋତ୍ସବ -୨୦୨୫, ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟିତ



ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ବୟନ ଶିଳ୍ପ ର ଗନ୍ତାଘର। ୧୯୯୭ ଏବଂ ୧୯୯୮ ମସିହାରୁ ଉଦ୍ୟମ ହୋଇ ୨୦୦୦ମସିହାରୁ ଖୋର୍ଦ୍ଧା ମହୋତ୍ସବ ଘାତ ପ୍ରତିଘାତ ସତ୍ତ୍ୱେ ଆଜି ୨୫ ବର୍ଷ ପୂର୍ତ୍ତି ପାଳନରେ ଖୋର୍ଦ୍ଧା ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ସାମାଜିକ ମୂଲ୍ୟବୋଧ, ଅସ୍ମିତାର ନିଦର୍ଶନ ଯାହା ସମଗ୍ର ରାଷ୍ଟ୍ର ଓ ଅନ୍ତରାଷ୍ଟ୍ରରେ ପରିଚିତ ବୋଲି ମଙ୍ଗଳବାର ସନ୍ଧ୍ୟାରେ ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ତଥା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରି ମତବ୍ୟକ୍ତ କରିଛନ୍ତି। ମନ୍ତ୍ରୀ କହିଛନ୍ତି ଖୋର୍ଦ୍ଧା ମହୋତ୍ସବ ଜନଜୀବନର ବାସ୍ତବ ରୂପ, ସଂସ୍କୃତି, କୃଷୀମେଳା, ମୀନା ବଜାର, ପାଇକ ଆଖଡ଼ା, ପାଇକ ଯୁଦ୍ଧାସ୍ତ୍ର ପ୍ରଦର୍ଶନୀ ଯୁବପିଢୀମାନେ ଉଜ୍ଜୀବିତ ରଖି ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଅଭିମତରେ ଜାଗ୍ରତ ହେବାକୁ ଆହ୍ୱାନ ଦେଇଥିଲେ। ମହୋତ୍ସବ ଆୟୋଜନ କମିଟି ନିୟୁ ଥିଙ୍କିଙ୍ଗ ଫୋରମ୍‌ର ସଭାପତି ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜିତେନ୍ଦ୍ରିୟ ନାଥ ମିତ୍ର, ଜିଲ୍ଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂ, ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ସମାଜସେବୀ ନିକୁଞ୍ଜ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ବାସନ୍ତୀ ମହାପାତ୍ର ପ୍ରମୁଖ ଖୋର୍ଦ୍ଧା ଜିଲ୍ଲାର ଐତିହ୍ୟ ଓ ସଂସ୍କୃତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ପରିଚୟ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ପ୍ରଦାନ କରିଥିଲେ। ଅତି ଆନନ୍ଦ ଉଲ୍ଲାସ ମଧ୍ୟରେ ଆତସ ବାଜି କାର୍ଯ୍ୟକ୍ରମ ମଧ୍ୟରେ ଅତିଥିମାନଙ୍କୁ ଉପଢୌକନ ମହୋତ୍ସବ ସ୍ମୃତି ଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂଗୀତାଙ୍କ କଥକ ନୃତ୍ୟରେ ମଧୁରାଅଷ୍ଟକମ




ଭୁବନେଶ୍ୱର (ସବ୍ୟୁ): ଗୋପାଳପୁର ସମୁଦ୍ର ବେଳାଭୂମିରେ ୩୫ତମ ଦକ୍ଷିଣଏସିୟ ମୈତ୍ରୀ ଉତ୍ସବ ମହାସମାରୋହରେ ପ୍ରସିଦ୍ଧ କଥକ ନୃତ୍ୟଙ୍ଗନା ସଂଗୀତା ସାହୁଙ୍କ ମଧୁରାଅଷ୍ଟକମରେ ସାରା ଭାରତରୁ ୧୮ ଟି ରାଜ୍ୟର ଶତାଧିକ ବିଶିଷ୍ଟ ଅତିଥିଙ୍କ ସହ ଗୋପାଳପୁର ବାସି ମନ୍ତ୍ର ବିମୁଗ୍ଧ ହୋଇ ଉଠିଥିଲେ। ମୁଖ୍ୟ ଅତିଥି ବ୍ରହ୍ମପୁର ସାଂସଦ ଡ଼କ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଡ଼କ୍ଟର ଗୀତାଞ୍ଜଳି ଦାସ ସଭାପତି ଦୀପକ କୁମାର ମାଳବ୍ୟ କଥକ ନୃତ୍ୟଶିଳ୍ପୀ ସଂଗୀତା ସାହୁଙ୍କୁ ମାନପତ୍ର ଓ ପ୍ରତୀକାତ୍ମକ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## କୁଖ୍ୟାତ ଅପରାଧୀ ଟିଂକି ଖାଁ ଘର ଭାଙ୍ଗିଲା ପ୍ରଶାସନ

ପୁରୀ, (ସବ୍ୟୁ): ପୁରୀରେ ନିଶା ବେପାର କରୁଥିବା ଅପରାଧୀଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ନିଶା କାରବାର କରୁଥିବା ଅପରାଧୀଙ୍କୁ ଦମନ କରିବା ପାଇଁ ପୋଲିସ ପକ୍ଷରୁ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରା ଯାଇଛି। ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅପରେସନ ଚକ୍ର ଅଭିଯାନରେ ମଙ୍ଗଳବାର ସଦର ଥାନା ଅଧିନ ନୀଳଚକ୍ରନଗର ଏବଂ ହୁଲୁହୁଲିଆ ପୋଲ ନିକଟରେ ଥିବା ଜଣେ ହାର୍ଡ କୋର୍ ଅପରାଧୀ ତଥା ନିଶା ବେପାରୀ ଟିଂକି ଖାଁ ଘର ଉପରେ ବୁଲଡୋଜର ବୁଲିଛି। ଫଳରେ ସରକାରୀ ଜମି ଉପରେ ଉକ୍ତ ନିଶା ବେପାରୀଙ୍କ ନୀଳଚକ୍ରନଗରରେ ଥିବା ଦୁଇ ବଖରା ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ମାଟିରେ ଧୂଳି ସାତ ହୋଇଛି। ଏଥି ସହିତ ହୁଲୁହୁଲିଆ ପୋଲ ନିକଟରେ ଥିବା ଏକ ଗୋଟି ଘରକୁ ମାଜିଷ୍ଟ୍ରେଟ ଏବଂ ପୁଲିସ ଉପସ୍ଥିତିରେ ଭାଙ୍ଗି ଦିଆଯାଇଛି। ପୂର୍ବରୁ ନିଶା ବେପାର ଅଭିଯୋଗରେ ଘର ଭାଙ୍ଗିଥିବା ସୁକାନ୍ତି ପଣ୍ଡାଙ୍କ ଜ୍ୱାଇଁ ହେଉଛନ୍ତି ଟିଂକି ଖାଁ । ଜିଲାରେ ନିଶା ବେପାରୀଙ୍କ ସହ ନିଶା କାରବାର ହୁହୁ ହୋଇ ବଢ଼ି ଚାଲିଛି। ଫଳରେ ଜିଲାରେ ସଂଗଠିତ ହୋଇଥିବା ଅନେକ ହତ୍ୟା ଏବଂ ହତ୍ୟା ଉଦ୍ୟମ ଘଟଣାର ପ୍ରଚ୍ଛଦପଟ୍ଟରେ ନିଶା କାରବାର ହିଁ ମୁଖ୍ୟ ଭାବେ ରହିଛି । କିନ୍ତୁ ସେହି ହିସାବରେ ଚଢ଼ଉ ଏବଂ ଗିରଫଦାରୀ ବହୁତ ନଗଣ୍ୟ ରହିଛି। ହେଲେ ପୁରୀକୁ ନୂତନ ଜିଲା ଆରକ୍ଷୀ ଅଧିକ୍ଷକ ଭାବେ ପ୍ରତୀକ ସିଂ ଯୋଗ ଦେବା ପରେ ଅପରାଧ,ଅପରାଧି ଏବଂ ପୁରୀକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଅପରେସନ ଚକ୍ର ଆରମ୍ଭ କରିଥିଲେ। ବଛା ବଛା ଦକ୍ଷ ପୁଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ ଗଠନ ହୋଇଛି। ଏହି ଟିମ ପୁରୀ ସହର ଏବଂ ସମଗ୍ର ପୁରୀ ଜିଲାରେ କଡା ନଜର ରଖିଥିବା ବେଳେ ବିଶେଷ କରି ବ୍ରାଉନ ସୁଗର ବେପାରୀ ଏବଂ ବେଆଇନ ନିଶା କାରବାର ଉପରେ ଚଢ଼ାଉ କରି ନିଶା ବେପାରୀଙ୍କୁ ଗିରଫ କରିବାରେ ଲାଗିଛି। ଅପରେସନ ଚକ୍ର ଅନ୍ତର୍ଗତ ପୁରୀ ଜିଲାରେ ବ୍ରାଉନ ସୁଗାର କାରବାରକୁ ନେଇ ୪୧ ଜଣ ବେପାରୀଙ୍କୁ ଗିରଫ କରାଯାଇଛି। ସେଇଭଳି ୭୦୯ ଜଣ ବେଆଇନ ମଦ ବେପାରୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି।

## ସାମରିକ ଓ ଅର୍ଦ୍ଧ ସାମରିକ ୧୩ ଯୁବକ ଯୁବତୀ ଜଗା ଦର୍ଶନ କଲେ

ପୁରୀ, (ସବ୍ୟୁ): କଟକ ଜିଲ୍ଲା ଆଠଗଡ ନିର୍ବାଚନ ମଣ୍ଡଳୀ ରେ ଗଢି ଉଠିଥିବା ସଉରୀ ଚରଣ ପି ଆଣ୍ଡ ଟି ପକ୍ଷରୁ ଗତ କିଛି ମାସ ହେବ ଓଡିଶା ର ବିଭିନ୍ନ ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ନେଇ ନି଼୮ଶୁଳ୍କ ସାମରିକ ଓ ଅର୍ଦ୍ଧ ସାମରିକ ବାହିନୀର ବିଭିନ୍ନ ପଦରେ ନିଯୁକ୍ତି ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ ଦିଆଯାଉଛି, ଯାହାକି ଉକ୍ତ ଟ୍ରଷ୍ଟ ରେ ପ୍ରାୟ ୧ଶହ ରୁ ଉର୍ଦ୍ଧ ଯୁବକ ଯୁବତୀ ପ୍ରଶିକ୍ଷଣ ନେଉଛନ୍ତି, ଏଥି ମଧ୍ୟରୁ ୧୩ଜଣ ତାଲିମ ପ୍ରାପ୍ତ ଯୁବକ ଯୁବତୀ ଭାରତ ସେନା ବାହିନୀ ରେ ନିଯୁକ୍ତି ହେବା ପାଇଁ ପରିକ୍ଷା ରେ ଉନ୍ନତି ଲାଭକରିଛନ୍ତି,ସେଥିଧରୁ ୧୧ ଜଣ ଅଗ୍ନିବୀର ଓ ଜଣେ ଜୁନିୟର କମିଶନ୍ଡ ଅଫିସର୍ ଏବଂ ଜଣେ ଯୁବତୀ ସେନା ସୌନିକ ଭାବେ ପେକ୍ଷଲିସ ଭାବେ କ୍ଷୃତକାର୍ଯ୍ୟ ହେକ୍ଷଇଛନ୍ତି, ଯାହାକି ଏହାକୁ ନେଇ ଆଜି ଟ୍ରଷ୍ଟ ପକ୍ଷରୁ ୧୩ ଜଣ ଉତ୍ତିର୍ଣ୍ଣ ଯୁବକ ଯୁବତୀ ଙ୍କ ସହ ପ୍ରାୟ ୫୦ ଜଣ ଯୁବକ ଯୁବତୀ ଆଜି ମହାପ୍ରଭୁ ଜଗନ୍ନାଥ ଙ୍କ ଦର୍ଶନ କରି ଟ୍ରଷ୍ଟ ର ଶୁଭକାମନା କରିବା ସହ ସମସ୍ତ ଙ୍କର ମଙ୍ଗଳ କାମନା କରିଛନ୍ତି କ୍ଷ ଟ୍ରଷ୍ଟ ର ସଭାପତି ସଉରି ଚରଣ ପ୍ରଧାନ, ସହ-ସଂପାଦକ ପ୍ରଦୀପ କୁମାର ନାୟକ, ସକ୍ରିୟ ସଦସ୍ୟ କୈଳାଶ ଚନ୍ଦ୍ର ବେହେରା, ଧନଞ୍ଜୟ ମହାରଣା, ବିଷ୍ଣୁପ୍ରିୟା ନାୟକ,ତପନ କୁମାର ସାହୁ, ଶୁଭମ୍ ସାହୁ, ଶୁଭେନ୍ଦୁ ପରିଡା, ଗଣେଶ ପଣ୍ଡା, ପୂନ୍ୟସ୍ମୀତା ପାତ୍ର ପ୍ରମୁଖ ଟ୍ରଷ୍ଟ ର ସମସ୍ତ ସଦସ୍ୟ ଙ୍କ ସାହାଯ୍ୟ ଓ ସହ ଯେକ୍ଷଗରେ ଆଜି ମହାପ୍ରଭୁ ଙ୍କ ଦର୍ଶନ କରିଛନ୍ତି କ୍ଷ ଆଜିର ଦିନ ୧୬ ଡିସେମ୍ବର ରେ ୧୯୭୧ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧ ରେ ଭାରତ ବିଜୟ ଲାଭକରିଥିଲା ।

### ସ୍ତମ୍ଭ ଆଲେଖ୍ୟ ପ୍ରଦର୍ଶନୀରେ ବିଶିଷ୍ଟ ବକ୍ତାଙ୍କ ମତ

## ସ୍ତମ୍ଭକାରର ଲେଖାରେ ପ୍ରେମ ଓ ବିଦ୍ରୋହର ସମନ୍ୱୟ ନୂଆ ସମାଜକୁ ଜନ୍ମ ଦିଏ

ଭୁବନେଶ୍ୱର (ସବ୍ୟୁ): ଗଣମାଧ୍ୟମମାନଙ୍କରେ ବିଭିନ୍ନ ସ୍ତମ୍ଭକାରଙ୍କର ଆଲେଖ୍ୟରେ ଯେତେବେଳେ ପ୍ରେମ ଓ ବିପ୍ଳବର ସମନ୍ୱୟ ରହେ ସେତେବେଳେ ଯୁବ ସମାଜ ତାକୁ ଅନୁଶୀଳନ କରି ନୂତନ ସମାଜ ସୃଷ୍ଟି ପାଇଁ ଆଗଭର ହୁଏ ବୋଲି ମଙ୍ଗଳ ବାର ପୂର୍ବାହ୍ନରେ ଭୁବନେଶ୍ୱର ରେ ବିଦ୍ୟା ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ "ଓଡିଆ ଅସ୍ମିତାର ପରିଚୟ ଅ ରୁ କ୍ଷ" ଶୀର୍ଷକ "ସ୍ତମ୍ଭ ଆଲେଖ୍ୟ ପ୍ରଦର୍ଶନୀ ରେ ବିଶିଷ୍ଟ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି । ବିଶିଷ୍ଟ ସ୍ତମ୍ଭକାର ପ୍ରହ୍ଲାଦ ସିଂହ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲୋକ ସେବକ ମଣ୍ଡଳ ଉପ ସଭାପତି ଦୀପକ ମାଳବ୍ୟ, ଅଧ୍ୟାପକ ବିଶ୍ୱରଂଜନ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପ୍ରଗତିବାଦୀ କାର୍ଯ୍ୟକାରୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଫାଉଣ୍ଡେସନ୍ ଅଧ୍ୟକ୍ଷା ଡାକ୍ତର ସୁଦୀପ୍ତା ହୋତା ସ୍ୱାଗତ ଭାଷଣ ଦେଇଥିବା ବେଳେ, ସମ୍ପାଦିକା ସିମନ୍ତିନି ଜେନା ଓଡିଆ ଅସ୍ମିତା ଓ ସ୍ତମ୍ଭ ଆଲେଖ୍ୟ ସମ୍ପର୍କରେ ଓ ସଂଗଠକ ଦେବୀପ୍ରସାଦ ପୃଷ୍ଟି କାର୍ଯ୍ୟକ୍ରମ ର ଆଭିମୁଖ୍ୟ ବାବଦରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶ୍ରୀମତୀ ଇତିଶ୍ରୀ ନାୟକ ଓ ସ୍ତମ୍ଭକର ସୁଶ୍ରୀ ଗାର୍ଗୀ ଶତପଥି ଙ୍କୁ " ଲେଖନୀ ଧାରା" ସମ୍ମାନ ରେ ସମ୍ବର୍ଦ୍ଧିତ କରାଯାଇଥିଲା।

ନିଜ ଭାଷଣରେ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଂଜନ ପ୍ରେମ କରିଥିବା ମଣିଷ ହିଁ ପରିବର୍ତ୍ତନ ପାଇଁ ବିପ୍ଳବର ସୃଷ୍ଟି କରିପାରେ ବୋଲି କହିଥିଲେ। ଭଗବାନ ଶ୍ରୀକୃଷ୍ଣ କେବଳ ଗୋପୀ ନାରୀଙ୍କ ବଂଶୀଧାରୀ ପ୍ରେମିକ ନଥିଲେ, ସେ ହିଁ ଚକ୍ରଧର ମହାଭାରତ ର ଚକ୍ରୀ ବୋଲି କହିଥିଲେ। ଗ୍ରୀସ ରେ ଆଗାଥନ୍, ସକ୍ରେଟିସ, ପ୍ଲାଟୋ ଙ୍କ ସାନ୍ଧ୍ୟ ଆମି ଳ ନୀ ରେ ପ୍ରେମ ହିଁ ଏକମାତ୍ର ଶକ୍ତି ଯାହା ସମଗ୍ର ବିଶ୍ୱ କୁ ବିଜୟ କରିବାକୁ ସମର୍ଥ ବୋଲି ଘୋଷଣା ଉଲ୍ଲେଖ କରି ସ୍ତମ୍ଭକାରଙ୍କର ସୃଷ୍ଟି ସମାଜକୁ ଦିଗ୍ ଦର୍ଶନ ଦିଏ ବୋଲି କହିଥିଲେ। ପରିବେଶ ବିତ୍ ପ୍ରଫୁଲ୍ଲ ସାମନ୍ତରା ନୂଆ ପୀଢ଼ି ସ୍ତମ୍ଭ ଆଲେଖ୍ୟ ପଢୁ ଓ ତର୍ଜମା କରି ସାହସର ସହ ପ୍ରଶ୍ନ କରି ଶିଖୁ ବୋଲି କହିଥିଲେ। ଡିଜି ସୁଧାଂଶୁ ଷଡ଼ଙ୍ଗୀ ନିଜର ଅପମାନିତ ର ଆକ୍ରୋଶ ଓ ନିଷ୍ପ୍ରଭ ବୁଦ୍ଧିଜୀବୀ ଓ ଦିଗହରା ସମାଜ ଉଲ୍ଲେଖ କରି ସାଧନା ଗଭୀର ଅଧ୍ୟବସାୟ ବିନା ସଫଳ ଉଚ୍ଚକୋଟୀର ପାଠକ ଙ୍କୁ ଆକୃଷ୍ଟ କରିବା ଭଳି ସ୍ତମ୍ଭ ଲେଖିବା ସମ୍ଭବ ନୁହେଁ ବୋଲି ପ୍ରକାଶ କରିଥିଲେ।

ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ 'ସ୍ୱାଧିନତା ଆନ୍ଦୋଳନରେ ସ୍ମୃତି ଚାରଣ କରି ଉଦ୍ରେକ କାର୍ଯ୍ୟକ୍ରମ ସାରି ଫେରୁଥିବା ବେଳେ ମହାତ୍ମା ଗାନ୍ଧୀ ଆନ୍ଦୋଳନ ର ସଫଳତା ପାଇଁ ଆଗଧାଡିର ନେତ୍ରୀ ରମା ଦେବୀଙ୍କ ପ୍ରେମରେ ପଡିଯାଇଛନ୍ତି ବୋଲି ମଜାରେ କହିଥିଲେ ବୋଲି ପ୍ରକାଶ କରିଥିଲେ। ତେବେ ତାହା ଥିଲା ଦେଶ ପ୍ରେମ । ଯୁବକ ଯୁବତୀ ମାନେ ଆଲେଖ୍ୟ ଉପରେ ବିତର୍କ କରିବାକୁ ଆହ୍ୱାନ ଦେଇଥିଲେ। ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭିନ୍ନ ଦୈନିକ ଖବରକାଗଜ ର ସ୍ତମ୍ଭକାରଙ୍କ ଲେଖା ଏକାଠି ପ୍ରଦର୍ଶିତ ହେବ ଏକ ଅଭିନବ ପ୍ରୟାସ ବୋଲି କହିଥିଲେ। ସ୍ତମ୍ଭକାରମାନେ ଶାସକ ଙ୍କୁ ସତର୍କ କରାଇବା ସହ ଓ ନାଗରିକଙ୍କୁ ସମସ୍ୟା ଓ ଅଧିକାର ବାବଦରେ ସଚେତନ କରିବା ର ଗୁରୁଦାୟିତ୍ୱ ନେଇଥାନ୍ତି। ଯୁବକ ଯୁବତୀ ମାନେ ଆଲେଖ୍ୟ ପଢନ୍ତୁ ଚର୍ଚ୍ଚା କରନ୍ତୁ ବୋଲି ଆହ୍ୱାନ ଦେଉଥିଲେ। ପ୍ରାରମ୍ଭରେ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସମୁହ ଗାନ କରିଥଲେ। ଶତାଧିକ ଛାତ୍ରଛାତ୍ରୀ ପ୍ରଦର୍ଶନୀ ବୁଲି ଦେଖିଥିଲେ। ସଙ୍ଗୀତା ଦାସ ଧନ୍ୟବାଦ୍ ଦେଇଥିଲେ । ବନିତା ପଣ୍ଡା , ପ୍ରିୟମ୍ବଦା ନାୟକ , ରାଜେନ୍ଦ୍ର ସତପଥି ପରିଚାଳନା କରୁଥିଲେ।

## ହିଣ୍ଡାଲକୋ ଦ୍ୱାରା ପ୍ରାଣୀସମ୍ପଦ ଚିକିତ୍ସା ଶିବିର



ଭୁବନେଶ୍ୱର (ସବ୍ୟୁ): ହିଣ୍ଡାଲକୋ ହୀରାକୁଦ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ତରଫରୁ କାଲୁପଡା, ହୀରାକୁଦ ଠାରେ ପ୍ରାଣୀସମ୍ପଦ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଅଛି । ହିଣ୍ଡାଲକୋର "ପ୍ରକଳ୍ପ - ବସୁଧା" ଆନୁକୂଲ୍ୟରେ ସହଯୋଗୀ ସଂସ୍ଥା ବାଏଫ ଦ୍ୱାରା ଏକ ବିଶାଳ ପଶୁସମ୍ପଦ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି । ଏଥିରେ କାଲୁପଡା, ହୀରାକୁଦ, ମହମ୍ମଦପୁର, ଡେଙ୍ଗିମଚା, ନୂଆଯାମଡା ଇତ୍ୟାଦି ବିଭିନ୍ନ ସାହି ଓ ଗ୍ରାମାଞ୍ଚଳରୁ ବହୁ ପ୍ରାଣୀସମ୍ପଦ ଚାଷୀ ଏହି ଶିବିରରେ ନିଜର ପ୍ରାଣୀସମ୍ପଦ ଚିକିତ୍ସା କରିବା ସହ ଆବଶ୍ୟକ ଔଷଧ ନିଶୁଳ୍କରେ ଆବଣ୍ଟନ କରାଯାଇଥିଲା । ଏହି ଶିବିରରେ ସର୍ବମୋଟ ୧୦୮ଟି ଗୃହପାଳିତ ପ୍ରାଣୀ ମଧ୍ୟରୁ ୭୩ଟି ଗୋ ସମ୍ପଦ ଏବଂ ୩୫ଟି ଗୃହପାଳିତ ଛେଳିକୁ ଅଭିଜ୍ଞ ପ୍ରାଣୀସମ୍ପଦ ଡାକ୍ତର ତାରିଣୀ ରଞ୍ଜନ ପ୍ରଧାନ ଦ୍ୱାରା ଚିକିତ୍ସା କରାଯାଇଥିଲା । ଗାଈର ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ, ଡାକ୍ତରଙ୍କ ପରାମର୍ଶ କ୍ରମେ ମାଗଣାରେ ଔଷଧ ପ୍ରଦାନ କରା ଯାଇଥିଲା । ପ୍ରାଣୀସମ୍ପଦକୁ ଡାକ୍ତର ଖାନାକୁ ନେଇ ଚିକିତ୍ସା କରିବାରେ ଅସୁବିଧା ଥିବା ସମୟରେ, ଚିକିତ୍ସା ଶିବିର ମାଧ୍ୟମରେ ହିଣ୍ଡାଲକୋ ଦ୍ୱାରା ପ୍ରାଣୀସମ୍ପଦ ଚିକିତ୍ସା ପ୍ରୟାସକୁ ଗ୍ରାମବାସୀମାନେ ସାଧୁବାଦ ଜଣାଇଥିଲେ ।

### ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ପାଇଁ

## ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ

କଟକ, (ସବ୍ୟୁ):ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜାନୁଆରୀ ପହିଲାରୁ ୩୧ ତାରିଖ ଯାଏଁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ପାଇଁ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ନିଷ୍ପତ୍ତି ନେଇଛି । ଏହିକ୍ରମରେ ଆମ ରାଜ୍ୟରେ ଏହି କାର୍ଯ୍ୟକ୍ରମର ସଫଳତାର ସହ ଆୟୋଜନ ପାଇଁ ଏକ ପ୍ରାଥମିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିବହନ ଆୟୁକ୍ତ ଓ ବିଭାଗୀୟ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଏହି ମାସ ପାଳନ ନେଇ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ଦ୍ୱାରା ଆସିଥିବା ନିର୍ଦ୍ଦେଶାବଳୀକୁ ସଠିକ ସମନ୍ୱୟ ସହ କିଭଳି କାର୍ଯ୍ୟକାରୀ କରାଯିବ ସେ ସଂପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ସେହିଭଳି ସଡ଼କ ଦୁର୍ଘଟଣା ହ୍ରାସ ନେଇ ଅନ୍ୟ ପଦକ୍ଷେପ ସଂପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ବିଶେଷକରି, ଦୁର୍ଘଟଣା ସଂଖ୍ୟାରେ ଆଗୁଆ ଥିବା ସାତଟି ଜିଲ୍ଲାକୁ ବିଶେଷ ପ୍ରାଧାନ୍ୟ ଦେଇ ରଣନୀତି ଆଧାରରେ କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ହୋଇଛି । ସେହିଭଳି ସଡ଼କ ସୁରକ୍ଷାକୁ ସଶକ୍ତ କରିବାକୁ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ଫଳାଫଳ ଏବଂ ଏହି ଆଧାରରେ ନୂଆ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା ହୋଇଛି ।

ବିକଶିତ ଓଡ଼ିଶା ଗଠନ ଦିଗରେ ସଡ଼କ ସୁରକ୍ଷା ସରକାରଙ୍କ ପ୍ରାଧାନ୍ୟରେ ରହିଛି । ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ନିରନ୍ତର ପଦକ୍ଷେପ ଗ୍ରହଣ କରାଯାଉଛି । ଆଗକୁ ଏହି ପଦକ୍ଷେପକୁ ଆହୁରି ବ୍ୟାପକ କରାଯିବ । ବିଶେଷକରି, ଚିହ୍ନଟ ହୋଇଥିବା ଦୁର୍ଘଟଣାପ୍ରବଣ ପ୍ରବଣ ଅଞ୍ଚଳରେ ଥିବା ତ୍ରୁଟି ସୁଧାରିବାକୁ ସଡ଼କ ନିର୍ମାଣକାରୀ ସଂସ୍ଥାମାନଙ୍କ ସହଯୋଗରେ ପଦକ୍ଷେପ ନିଆଯିବ । ସେହିଭଳି ସଚେତନତା, ଏନଫୋର୍ସମେଣ୍ଟ ଓ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା ପ୍ରଦାନ ସରକାରଙ୍କ ପ୍ରାଧାନ୍ୟରେ ରହିଥିବା ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପାଢ଼ୀ କହିଛନ୍ତି । ସମସ୍ତ ବିଭାଗ, ପୋଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ସହଭାଗିତାରେ ସଡ଼କ ଦୁର୍ଘଟଣା ହ୍ରାସ ନିମନ୍ତେ ବାଣିଜ୍ୟ ଓ ପରିବହନ ବିଭାଗ ଆବଶ୍ୟକୀୟ ସମସ୍ତ କାର୍ଯ୍ୟକ୍ରମ ଗ୍ରହଣ କରୁଥିବା ସେ କହିଛନ୍ତି ।

## ଓଡ଼ିଶାରେ ୧୭୦୦ ସୌର ଲାଇଟ୍ ସ୍ଥାପନ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ କରି, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ସାରା ଓଡ଼ିଶାରେ ୧୭୦୦ ସୌର ଲାଇଟ୍ ସ୍ଥାପନ କରି ଏହାର ସମ୍ପ୍ରଦାୟ-କେନ୍ଦ୍ରିତ ଶକ୍ତି ସଂରକ୍ଷଣ ପ୍ରୟାସକୁ ବିସ୍ତାର କରିଛି, ଯେଉଁଥିରେ ଲାଞ୍ଜିଗଡ଼ରେ ୧୨୮୦ ଘରୋଇ ସୌର ଲାଇଟ୍ ଏବଂ ପ୍ରମୁଖ ଖଣି ଅଂଚଳରେ ୪୨୧ ସୌର ଷ୍ଟ୍ରିଟ୍ ଲାଇଟ୍ ଅନ୍ତର୍ଭୁକ୍ତ। ଦାୟିତ୍ୱପୂର୍ଣ୍ଣ ଶକ୍ତି ବ୍ୟବହାର ଏବଂ ସ୍ୱଚ୍ଛ-ଶକ୍ତି ପ୍ରବେଶକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ବ୍ୟାପକ ପ୍ରୟାସର ଅଂଶ ସ୍ୱରୂପ, କମ୍ପାନୀ ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ସମ୍ପ୍ରଦାୟଗୁଡ଼ିକରେ ସୁରକ୍ଷା, ସ୍ଥାୟୀତ୍ୱ ଏବଂ ଶକ୍ତି ବ୍ୟବହାର ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଛି। ଶକ୍ତି ସଂରକ୍ଷଣ ସପ୍ତାହ (୭-୧୩ ଡିସେମ୍ବର ୨୦୨୫) ର ଏକ ଅଂଶ ଭାବରେ, ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼, ଏହାର ଖଣି ଅଂଚଳ ଏବଂ ଝାରସୁଗୁଡ଼ାରେ ବୃହତ ପରିମାଣର ସୌର ଆଲୋକ ସ୍ଥାପନ ଏବଂ ସମ୍ପ୍ରଦାୟ ସହଭାଗିତା



ମାଧ୍ୟମରେ ତୃଣମୂଳ ସ୍ତରରେ ସ୍ୱଚ୍ଛ-ଶକ୍ତି ପ୍ରବେଶକୁ ସୁଦୃଢ଼ କରିଛି। ଏହି ପ୍ରୟାସଗୁଡ଼ିକ ଅନ୍ତର୍ଭୁକ୍ତ ବିକାଶ ଏବଂ କମ୍ କାର୍ବନ ଅଭିବୃଦ୍ଧି ପ୍ରତି ଏହାର ବ୍ୟାପକ ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି।

ଏହାର ସମ୍ପ୍ରଦାୟ ପଦକ୍ଷେପ ସହିତ, ବେଦାନ୍ତ ଆଲୁମିନିୟମ କାର୍ଯ୍ୟକ୍ଷମ ସ୍ତରରେ ଏହାର ସ୍ୱଚ୍ଛ-ଶକ୍ତି ପରିବର୍ତ୍ତନକୁ ଆଗକୁ ବଢାଇ ଚାଲିଛି। ଆର୍ଥିକ ବର୍ଷ ୨୫ରେ, ସଂଗଠନ ୧.୫୭ ବିଲିୟନ ୟୁନିଟ୍ ନବୀକରଣୀୟ ଶକ୍ତି ବ୍ୟବହାର କରିଛି, ୩୭୮ ନିୟୁତ ୟୁନିଟ୍ ଶକ୍ତି ସଂଚୟ ହାସଲ କରିଛି ଏବଂ ଆର୍ଥିକ ବର୍ଷ ୨୧ ଠାରୁ ଜିଏଚ୍‌ଜି-ନିର୍ଗମନ ତୀବ୍ରତାକୁ ୮.୯୬% ହ୍ରାସ କରିଛି। ଏହା ୨୦୩୦ ଡିକାର୍ବନାଇଜେସନ୍ ରୋଡମ୍ୟାପ୍‌ର ଅଂଶ ଭାବରେ ଦୀର୍ଘକାଳୀନ ବିଦ୍ୟୁତ୍ କ୍ରୟ ଚୁକ୍ତିନାମା ମାଧ୍ୟମରେ ୧୫୦୦ ମେଗାୱାଟ୍ ନବୀକରଣୀୟ ଶକ୍ତି ସୁରକ୍ଷିତ କରିବା ଦିଗରେ ମଧ୍ୟ ଅଗ୍ରଗତି କରୁଛି। ଏହି ପଦକ୍ଷେପଗୁଡ଼ିକ ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଆମ ପାଇଁ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ଷମତା ସହିତ ସମ୍ପ୍ରଦାୟ ବିଷୟରେ ମଧ୍ୟ ସମାନ। ଗ୍ରାମଗୁଡ଼ିକରେ ସୌର ସଂଯୋଗକୁ ବିସ୍ତାର କରି ଏବଂ ଆମର ପ୍ଲାଣ୍ଟ ଗୁଡ଼ିକରେ ଦକ୍ଷତାକୁ ସୁଦୃଢ଼ କରି, ଆମେ 'ସମ୍ପ୍ରଦାୟକୁ ପରିବର୍ତ୍ତନ କରିବା ସହିତ ଗ୍ରହକୁ ପରିବର୍ତ୍ତନ ତଥା କର୍ମକ୍ଷେତ୍ରକୁ ପରିବର୍ତ୍ତନ କରିବା' ଆମର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ଓଡ଼ିଶାର ବିକାଶକୁ ସମର୍ଥନ କରୁଛୁ। ବେଦାନ୍ତ ଆଲୁମିନିୟମ ଶକ୍ତି ବ୍ୟବହାର ହ୍ରାସ, ଜଳବାୟୁ ସଚେତନତା ଏବଂ ସ୍ଥାୟୀ ଜୀବନଶୈଳୀ ଉପରେ କେନ୍ଦ୍ରିତ କର୍ମଚାରୀ, ଛାତ୍ର ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ନେଇ ଅନେକ ପ୍ରସାର ଏବଂ ସମ୍ପୃକ୍ତି କାର୍ଯ୍ୟକଳାପ ପରିଚାଳନା କରିଥିଲା। ଏଥିରେ ଟାଉନସିପ୍ ମଧ୍ୟରେ ଏକ ସାଇକେଲ ରାଲି, ସ୍କୁଲଗୁଡ଼ିକରେ ସଚେତନତା ଅଧିବେଶନ, ଚିତ୍ରକଳା, କୁଇଜ୍ ଏବଂ ଶକ୍ତି ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଏକ୍ସଟେମ୍ପୋର ପ୍ରତିଯୋଗିତା ଅନ୍ତର୍ଭୁକ୍ତ ଥିଲା। ଏହି ସ୍ଥାନରେ 'ଶକ୍ତି ଟ୍ୟାଙ୍କ ବେଦାନ୍ତ' ମଧ୍ୟ ଆୟୋଜନ କରାଯାଇଥିଲା, ଯାହା ଶକ୍ତି ସଂଚୟକୁ ଆଗେଇ ନେବା ଏବଂ କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ନୂତନ ଚିନ୍ତାଧାରାଗୁଡ଼ିକୁ ଉତ୍ସାହିତ କରିଥିଲା।

## ଗୋଆ ନାଇଟ୍ କ୍ଲବ ଅଗ୍ନିକାଣ୍ଡ ମାମଲା

# ଗିରଫ ହେଲେ ଲୁଥ୍ରା ବ୍ରଦର୍ସ

ନୂଆଦିଲ୍ଲୀ : ଥାଇଲାଣ୍ଡରୁ ଦିଲ୍ଲୀ ଆସିଲେ ଲୁଥ୍ରା ବ୍ରଦର୍ସ। ଗୋଆର ଆରପୋରାରେ ଏକ ନାଇଟ୍ କ୍ଲବରେ ଭୟଙ୍କର ଅଗ୍ନିକାଣ୍ଡ ପରେ ଫେରାର୍ ଥିବା ୨ମାଲିକ ସୌରଭ ଏବଂ ଗୌରବ ଲୁଥ୍ରାଙ୍କୁ ଭାରତ ଫେରାଇ ଅଣାଯାଇଛି। ଦିଲ୍ଲୀରେ ସେମାନଙ୍କ ବିମାନ ଅବତରଣ କରିବା ମାତ୍ରେ ଗୋଆ ପୁଲିସ ବିମାନବନ୍ଦରରୁ ତୁରନ୍ତ ସେମାନଙ୍କୁ ଗିରଫ କରିଛି। ଅଗ୍ନିକାଣ୍ଡ ଘଟିବା ପରେ ତୁରନ୍ତ ୨ଭାଇ ଥାଇଲାଣ୍ଡ ଚାଲିଯାଇଥିଲେ। ଏହି ଅଗ୍ନିକାଣ୍ଡରେ ମୋଟ ୨୫ଜଣଙ୍କର ମୃତ୍ୟୁ ହୋଇଥିଲା।

ଲୁଥ୍ରା ଭାଇମାନଙ୍କୁ ଡିସେମ୍ବର ୧୬, ୨୦୨୬ରେ ଥାଇଲାଣ୍ଡରୁ ଦିଲ୍ଲୀ ଅଣାଯାଇଥିଲାଛ ସେମାନେ ଇଣ୍ଡିଗୋ ବିମାନ ୬ଇ-୧୦୬୪ରେ ଭାରତରେ ପହଞ୍ଚିଥିଲେ। ସେମାନଙ୍କ ଫେରିବା ପାଇଁ ବିମାନବନ୍ଦରରେ ସମ୍ପୂର୍ଣ୍ଣ ସୁରକ୍ଷା ଏବଂ ଆଇନଗତ ବ୍ୟବସ୍ଥା କରାଯାଇଥିଲା।

ଗିରଫ ପରେ ଏବେ ଦୁହିଁଙ୍କ ଡାକ୍ତରୀ ପରୀକ୍ଷା କରାଯିବ ଏବଂ ପଟିଆଲା ହାଉସ କୋର୍ଟରେ ହାଜର କରାଯିବ, ଯେଉଁଠାରେ ୨୪ ଘଣ୍ଟାର ଟ୍ରାଞ୍ଜିଟ୍ ରିମାଣ୍ଡ ଲୋଡାଯିବ ବୋଲି ଜଣାପଡ଼ିଛି।



ଡିସେମ୍ବର ୧୧ ତାରିଖରେ ଲୁଥ୍ରା ଭାଇମାନଙ୍କୁ ଥାଇଲାଣ୍ଡର ଫୁକେତରେ ଥିବା ହୋଟେଲ ଇଣ୍ଡିଗୋରେ ଅଟକ ରଖାଯାଇଥିଲା। ଡିସେମ୍ବର ୧୨ ତାରିଖରେ ସେମାନଙ୍କୁ ଫୁକେତରୁ ବ୍ୟାଙ୍କକୁ ପ୍ରତ୍ୟର୍ପଣ କରାଯାଇଥିଲା, ଯେଉଁଠାରେ ଆନୁଷ୍ଠାନିକ ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଡିସେମ୍ବର ୧୧ ତାରିଖରେ, ଗୋଆ ପୁଲିସର ଉଦ୍ୟମରେ ଲୁଥ୍ରା ଭାଇମାନଙ୍କ ପାସପୋର୍ଟକୁ ରଦ୍ଦ କରାଯାଇଥିଲା। ସେହିଦିନ, ରୋହିଣୀ କୋର୍ଟ ଦ୍ୱାରା ସେମାନଙ୍କର ଆଗୁଆ ଜାମିନ ଆବେଦନ ଖାରଜ କରାଯାଇଥିଲା ଏବଂ ସେମାନଙ୍କୁ କୌଣସି ଆଶ୍ୱସ୍ତି ମିଳିନଥିଲା। ଡିସେମ୍ବର ୬ତାରିଖ ମଧ୍ୟରାତ୍ରି ପରେ ଗୋଆର ଆରପୋରାରେ ଥିବା ବିଚ ବାଏ ରୋମିଓ ଲେନ୍ ନାଇଟ୍ କ୍ଲବରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଏହି ଘଟଣାରେ ୨୫ଜଣଙ୍କର ମୃତ୍ୟୁ ହୋଇଥିଲା। ସେବେଠାରୁ ଏହାର ମାଲିକ ସେରଭ ଓ ଗେରବ ଫେରାର ଥିଲେ।

## ପିଏମ ସୂର୍ଯ୍ୟ ଘର

# ୭.୭ ଲକ୍ଷରୁ ଅଧିକ ପରିବାରକୁ ଶୂନ୍ୟ ବିଦ୍ୟୁତ୍ ବିଲ୍ ପ୍ରଦାନ

ନୂଆଦିଲ୍ଲୀ : ଭାରତ ସରକାର ଫେବୃଆରୀ, ୨୦୨୪ରେ ପିଏମ୍ ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା (ପିଏମଏସଜି:ଏମବିୱାଇ) ଆରମ୍ଭ କରିଥିଲେ ।ଏହାର ଲକ୍ଷ୍ୟ ଥିଲା ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ୭୫,୦୨୧ କୋଟି ଟଙ୍କା ଖର୍ଚ୍ଚରେ ଆବାସିକ କ୍ଷେତ୍ରରେ ଏକ କୋଟି ଘରର ଛାତ ଉପରେ ସୌରଶକ୍ତି ବ୍ୟବସ୍ଥା (ଆରଟିଏସ୍) ସ୍ଥାପନ କରିବା । ୦୯ ଡ଼ିସେମ୍ବର ୨୦୨୫ ସୁଦ୍ଧା, ସାରା ଦେଶରେ ମୋଟ ୧୯,୪୫,୭୫୮ ଆରଟିଏସ୍ ସିଷ୍ଟମ ସ୍ଥାପନ କରାଯାଇଛି, ଯାହା ୨୪,୩୫,୧୯୬ ପରିବାରକୁ ଲାଭ ପହଞ୍ଚାଇଛି । ଓଡିଶାରେ ୨୩,୭୭୪ଟି ଆରଟିଏସ୍ ସ୍ଥାପିତ ହୋଇଥିବା ବେଳେ ୨୪, ୧୨୫ଟି ପରିବାର ଉପକୃତ ହୋଇଛନ୍ତି । ଏହି ରାଜ୍ୟରେ ୩,୯୪୯ ଉପଭୋକ୍ତାଙ୍କ ଉପରେ ବିଜୁଳି ବିଲ୍ ପାଇଁ ବ୍ୟୟ ଶୂନ୍ୟ ରହିଛି ।ଆରଟିଏସ୍ ସ୍ଥାପନ ପାଇଁ ଓଡିଶାରେ ୧୯,୭୬୩ ସିଏଫଏ ବଣ୍ଟନ କରାଯାଇଛି, ଯାହାର ମୂଲ୍ୟ ୧୫୧.୨୦ କୋଟି ଟଙ୍କା ରହିଛିଛ ୨୨,୩୨୪ଟି ଋଣ ଆବେଦନକୁ ମଧ୍ୟ ମଞ୍ଜୁର କରାଯାଇଛି ।

ଆରଟିଏସ୍ ସିଷ୍ଟମ ସ୍ଥାପନ ପରେ ଶୂନ୍ୟ ବିଦ୍ୟୁ ବିଲ୍ ପାଇଥିବା ହିତାଧିକାରୀଙ୍କ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଅନୁଯାୟୀ ବିବରଣୀ, ଆବାସିକ ଗ୍ରାହକଙ୍କୁ ଦିଆଯାଇଥିବା ରିହାତି ଏବଂ ଯୋଜନା ଅଧୀନରେ ମଞ୍ଜୁର ହୋଇଥିବା ବନ୍ଧକମୁକ୍ତ ଋଣ ସମ୍ପର୍କରେ ସଂଲଗ୍ନପତ୍ରରେ ଦିଆଯାଇଛି ।

ହିତାଧିକାରୀଙ୍କ ପାଇଁ ଆରଟିଏସ୍ ସିଷ୍ଟମର ଆର୍ଥିକ ଲାଭ ଏବଂ ସ୍ୱଳ୍ପ ବ୍ୟୟ ସାପେକ୍ଷତା ସୁନିଶ୍ଚିତ କରିବା ଲାଗି, କେନ୍ଦ୍ରୀୟ ଆର୍ଥିକ ସହାୟତା ସହିତ, ଆରଟିଏସ୍ ସିଷ୍ଟମ ସ୍ଥାପନ ପାଇଁ ୫.୭୫% (ରେପୋ ହାର ସହିତ ୦.୫୦ ବେସିସ୍ ପଏଣ୍ଟ) ସୁଧ ହାରରେ ବନ୍ଧକମୁକ୍ତ ଋଣ ଉପଲବ୍ଧ ।

ଏହା ସହିତ, ଗ୍ରାମୀଣ ପରିବାର କିମ୍ବା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ ପାଇଁ ପିଏମଏସଜି:ଏମବିୱାଇ ଗ୍ରହଣକୁ ପ୍ରୋତ୍ସାହିତ କରିବା ଲାଗି, ମନ୍ତ୍ରଣାଳୟ ଉପଯୋଗିତା ନେତୃତ୍ୱାଧୀନ ଏକତ୍ରୀକରଣ (ୟୁଏଲଏ)/ ଆରଇଏସସିଓ ମଡେଲ ଅଧୀନରେ ଆରଟିଏସ୍ ସିଷ୍ଟମ ସ୍ଥାପନ ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛି । ଏହି ସୂଚନା କେନ୍ଦ୍ର ନୂତନ ଏବଂ ନବୀକରଣ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯେସୋ ନାଏକ ଆଜି ରାଜ୍ୟସଭାରେ ଏକ ଲିଖିତ ଉତ୍ତରରେ ଦାଖଲ କରିଛନ୍ତି ।

## ଚାଷୀଙ୍କ କିଡନୀ ବାହାର କରିନେଲେ ସାହୁକାର

ନୂଆଦିଲ୍ଲୀ : ଚାଷ ପାଇଁ ଯେତିକି ଋଣ ଆଣିଥିଲେ, ତାହାଠାରୁ ଅଧିକ ସୁଧ ଲଗାଇ ଟଙ୍କା ଦେବାକୁ ଧମକ ଦେଲେ ସାହୁକାର । ଆଉ ସାହୁକାରର ଧମକ ପରେ ଚାଷୀଙ୍କୁ ଟଙ୍କା କିଡନୀ ବିକ୍ରି କରିବାକୁ ବାଧ କରାଯାଇଥିଲା । ମହାରାଷ୍ଟ୍ରର ଚନ୍ଦ୍ରପୁରରୁ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ରୋଶନ ସଦାଶିବ କୁଡେ ନାମକ ଜଣେ ଚାଷୀ ମହାଜନଙ୍କଠାରୁ ଋଣ ପରିଶୋଧ କରିବା ପାଇଁ ତାଙ୍କ କିଡନୀ ବିକ୍ରି କରିବାକୁ ବାଧ ହୋଇଥିଲେ।

ମିଳିଥିବା ସୂଚନା ମୁତାବକ ରୋଶନଙ୍କ ଚାରି ଏକର କୃଷି ଜମି ଥିଲା। ଚାଷରେ କ୍ଷତି ସହିବା ପରେ, ସେ ମହାଜନଙ୍କଠାରୁ ୧ ଲକ୍ଷ ଟଙ୍କା ଋଣ ନେଇ ଏକ ଦୁଗ୍ଧ ବ୍ୟବସାୟ ଆରମ୍ଭ କରିଥିଲେ। କିନ୍ତୁ, ଭାଗ୍ୟ ସାଥ ଦେଇନଥିଲା, ଏବଂ ବ୍ୟବସାୟ ଆରମ୍ଭ ହେବା ପରେ ଗାଈଗୁଡ଼ିକ ମରିଯାଇଥିଲେ। ତାଙ୍କ ଫସଲ ମଧ୍ୟ ନଷ୍ଟ ହେବା ପରେ ପରିସ୍ଥିତି ଆହୁରି ଖରାପ ହୋଇଥିଲା। ଆଉ ରୋଶନ ତାଙ୍କ ଋଣ ଟଙ୍କା ପରିଶୋଧ କରିପାରିନଥିଲେ ।

ଏହାପରେ ସାହୁକାର ରୋଶନଙ୍କଠାରୁ ୧ ଲକ୍ଷ ଟଙ୍କା ଉପରେ ପ୍ରତିଦିନ ୧୦,୦୦୦ ଟଙ୍କା ହାରରେ ସୁଧ ଆଦାୟ କରିବା ଆରମ୍ଭ କରିଥିଲେ। ରୋଶନ ଦୁଇ ଏକର ଜମି, ତାଙ୍କର ଟ୍ରାକ୍ଟର ଏବଂ ଘରକରଣା ସାମଗ୍ରୀ ବିକ୍ରି କରିଥିଲେ, କିନ୍ତୁ ୧ ଲକ୍ଷ ଟଙ୍କାର ମୂଳ ପରିମାଣରେ ୭୪ ଲକ୍ଷ ଟଙ୍କା ସୁଧ ଦେବାକୁ ସେ ସକ୍ଷମ ହୋଇପାରିନଥିଲେ ।

## ଅଧିକ ଆୟ କଲେ ମସ୍କ : ପଛରେ ପଡ଼ିଲେ ବିଶ୍ୱର ସବୁ ଧନୀ ବ୍ୟକ୍ତି

ନୂଆଦିଲ୍ଲୀ: ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ ମସ୍କ ଇତିହାସ ରଚିଛନ୍ତି। ସେ ବିଶ୍ୱର ପ୍ରଥମ ବ୍ୟକ୍ତି ହୋଇଛନ୍ତି ଯାହାଙ୍କ ମୋଟ ସମ୍ପତ୍ତି ୬୦୦ ବିଲିୟନ (ପ୍ରାୟ ୫୪ ଲକ୍ଷ କୋଟି ଟଙ୍କା) ଡଲାର ଅତିକ୍ରମ କରିଛି। ଗତ ୨୪ଘଣ୍ଟା ମଧ୍ୟରେ ତାଙ୍କର ସମ୍ପତ୍ତି ୧୬୭ ବିଲିୟନ ଡଲାର ବୃଦ୍ଧି ପାଇଛି। ମସ୍କଙ୍କ ସମ୍ପତ୍ତିରେ ଏହି ଆଶ୍ଚର୍ଯ୍ୟଜନକ ବୃଦ୍ଧି ତାଙ୍କ ରକେଟ ନିର୍ମାଣକାରୀ କମ୍ପାନି ସ୍ପେସଏକ୍ସର ବର୍ଦ୍ଧିତ ମୂଲ୍ୟ ଯୋଗୁଁ ହୋଇଥିବା ଜଣାଯାଇଛି। ଏହି କାରଣରୁ ସେ ବିଶ୍ୱର ଅନ୍ୟ ସମସ୍ତ କୋଟିପତିଙ୍କୁ ପଛରେ ପକାଇ



ଦେଇଛନ୍ତି। ମୁକେଶ ଅମ୍ବାନୀ ଏବଂ ଗୌତମ ଆଦାନୀଙ୍କ ମୋଟ ସମ୍ପତ୍ତିଠାରୁ ମସ୍କ କେବଳ ଚଳିତ ବର୍ଷରେ ଅଧିକ ଆୟ କରିଛନ୍ତି।

ବ୍ଲୁମବର୍ଗ ବିଲିୟନେୟର୍ସ ଇଣ୍ଡେକ୍ସ ଅନୁଯାୟୀ, ଏଲନ ମସ୍କଙ୍କ ସମ୍ପତ୍ତି ପ୍ରାୟ ୬୩୮ ବିଲିୟନ (ପ୍ରାୟ ୫୮ ଲକ୍ଷ କୋଟି ଟଙ୍କା) ଡଲାରରେ ପହଞ୍ଚିଛି। ଏହି ସମ୍ପତ୍ତି ସହିତ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ପାଲଟିଛନ୍ତି। ଆଜି ପର୍ଯ୍ୟନ୍ତ କାହାର ସମ୍ପତ୍ତି ଏତେ ବୃଦ୍ଧି ପାଇନଥିଲା। ତେଣୁ ଏବେ ମସ୍କ ୫୮ ଲକ୍ଷ କୋଟି ଟଙ୍କାର ମାଲିକ ହୋଇ ଇତିହାସ ରଚିଛନ୍ତି।

ଏଲନ୍ ମସ୍କଙ୍କ ଆୟର ମୁଖ୍ୟ ଉତ୍ସ ହେଉଛି ତାଙ୍କର କମ୍ପାନି ଟେସଲା, ସ୍ପେସ୍ଏକ୍ସ, ଏକ୍ସ, ଏକ୍ସଏଆଇ ଇତ୍ୟାଦି। ଟେସଲା ଏବଂ ସ୍ପେସ୍ଏକ୍ସରୁ ସେ ଅଧିକ ଟଙ୍କା ରୋଜଗାର କରନ୍ତି। ତାଙ୍କ ସମ୍ପତ୍ତି ବୃଦ୍ଧିରେ ଟେସଲା ଏବଂ ସ୍ପେସ୍ଏକ୍ସର ଯୋଗଦାନ ବେଶ୍ ଅଧିକ। ସେ ଟେସଲାର ପ୍ରାୟ ୧୩% ଏବଂ ସ୍ପେସ୍ଏକ୍ସର ୪୨% ମାଲିକ। ସ୍ପେସ୍ଏକ୍ସର ମୂଲ୍ୟରେ ସାମ୍ପ୍ରତିକ ବୃଦ୍ଧି ତାଙ୍କ ସମ୍ପତ୍ତି ବୃଦ୍ଧିର ମୁଖ୍ୟ କାରଣଛ ମସ୍କ ଟେସଲାରୁ ପାରମ୍ପରିକ ଦରମା ପାଆନ୍ତି ନାହିଁ। ତାଙ୍କର କ୍ଷତିପୂରଣ କମ୍ପାନିର ସେୟାର ଉପରେ ଆଧାରିତ। ଟେସଲାର ସେୟାର ବିକ୍ରି କରିବା ପରିବର୍ତ୍ତେ, ସେ ସେଗୁଡ଼ିକୁ ଋଣ ପାଇଁ ବନ୍ଧକ ରଖନ୍ତି, ଯାହା ତାଙ୍କୁ ତାଙ୍କର ସେୟାର ବଜାୟ ରଖିବାରେ ସାହାଯ୍ୟ କରେ।

## ଜରୁରୀ ଅବତରଣ ବେଳେ ଜଳିଗଲା ବିମାନ, ୭ମୃତ

ମେକ୍ସିକୋ ସିଟି : ମେକ୍ସିକୋର ମଧ୍ୟ ଭାଗରେ ଏକ ବଡ଼ ବିମାନ ଦୁର୍ଘଟଣା ଘଟିଛି। ଜରୁରୀକାଳୀନ ଅବତରଣ କରିବାକୁ ଚେଷ୍ଟା କରୁଥିବା ସମୟରେ ଏକ ଛୋଟ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଅତି କମରେ ୭ଜଣଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ସାମ୍ନାକୁ ଆସିଛି। ଘଟଣା ଘଟିବା ପରେ କର୍ତ୍ତୃପକ୍ଷ ତୁରନ୍ତ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ ବୋଲି କୁହାଯାଉଛି।

ଦୁର୍ଘଟଣାଟି ସାନ ମାତେଓ ଅତେନକୋରେ ଘଟିଛି, ଯାହା ଟୋଲୁକା ବିମାନବନ୍ଦରରୁ ପ୍ରାୟ ପାଞ୍ଚ କିଲୋମିଟର ଏବଂ ମେକ୍ସିକୋ ସିଟିରୁ ପ୍ରାୟ ୫୦ କିଲୋମିଟର ପଶ୍ଚିମରେ ଥିବା ଏକ ଶିଳ୍ପାଞ୍ଚଳ। ବିମାନଟି ଅକାପୁଲକୋରୁ ଉଡ଼ାଣ କରୁଥିଲା ବୋଲି ଜଣାପଡ଼ିଛି।

ବିମାନଟି ନିକଟସ୍ଥ ଏକ ଫୁଟବଲ୍ ପଡ଼ିଆରେ ଜରୁରୀକାଳୀନ ଅବତରଣ କରିବାକୁ ଚେଷ୍ଟା କରୁଥିଲା। ଅବତରଣ ସମୟରେ, ଏହା ନିକଟସ୍ଥ ଏକ ବାଣିଜ୍ୟିକ କୋଠାରେ ଲାଗିଥିବା ଲୁହା ଛାତ ସହିତ ଧକ୍କା ହୋଇଥିଲା। ଧକ୍କା ପରେ, ବିମାନରେ ନିଆଁ ଲାଗିଯିବା ସହ ଭିତରେ ବସିଥିବା ୭ଜଣଙ୍କର ମୃତ୍ୟୁ ହୋଇଥିଲା ।କୁହାଯାଉଛି ଯେ, ବିମାନରେ ମୋଟ ୮ଜଣ ଯାତ୍ରୀ ଏବଂ ଦୁଇ ଜଣ କ୍ରୁ ସଦସ୍ୟ ଥିଲେ। ତେବେ ଦୁର୍ଘଟଣାର କିଛି ଘଣ୍ଟା ପରେ ମାତ୍ର ସାତଟି ମୃତଦେହ ଉଦ୍ଧାର କରାଯାଇଛି। ଅନ୍ୟମାନଙ୍କୁ ଏବେ ଖୋଜିବା ଜାରି ରହିଛି।

## ମହିଳାଙ୍କ ହିଜାବ ଟାଣି ବିବାଦରେ ନୀତୀଶ

ପାଟନା : ମହିଳାଙ୍କ ହିଜାବ ଟାଣି ବିବାଦରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ପାଟନାର ଏକ କାର୍ଯ୍ୟକ୍ରମରେ ନୀତୀଶ କୁମାର ଜଣେ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ଦେବା ପରେ ଏଭଳି କରିଥିବା ଜଣାଯାଇଛି । ଏହାର ଏକ ଭିଡିଓ ଭାଇରାଲ ହେବା ପରେ ନୀତୀଶଙ୍କ କାମକୁ ନିନ୍ଦା କରିଛି କଂଗ୍ରେସ। ସୋସିଆଲ ମିଡିଆରେ ମଧ୍ୟ ନୀତୀଶଙ୍କ କାମକୁ ନାପସନ୍ଦ କରିଛନ୍ତି ଲୋକେ । ସୂଚନା ମୁତାବକ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏକ କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରୁଥିବା ବେଳେ ଏହି ଘଟଣା ଘଟିଥିଲା। ଏହି ଘଟଣାଟି ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ 'ସମ୍ବାଦ'ରେ ଘଟିଥିଲା, ଯେଉଁଠାରେ ୧୦୦୦ରୁ ଅଧିକ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯେତେବେଳେ ନୁସରତ ପରବୀନଙ୍କ ପାଳି ଆସିଲା, ସେ ମଞ୍ଚ ଉପରକୁ ଆସିଥିଲେ। ତାଙ୍କୁ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ନୀତୀଶଙ୍କୁ ଅଟକାଇବା ପାଇଁ ତାଙ୍କ ହାତକୁ ଟାଣି ଆଣିଥିବା ଭିଡିଓରେ ଦେଖାଯାଇଛି।



ହିଜାବ ପିନ୍ଧିଥିବାର ଦେଖି ନୀତୀଶ ଏହା କ'ଣ? ବୋଲି ପଚାରିଥିଲେ। ଏହା ପରେ ସେ ତାଙ୍କ ମୁହଁରୁ ହିଜାବକୁ ଟାଣି ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏଭଳି କରିବା ଦେଖି ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିରୋଧୀ ଦଳ ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଏହି କାର୍ଯ୍ୟ ଉପରେ କ୍ରୋଧ ପ୍ରକାଶ କରିଛନ୍ତି।

## ସାଉଦି ଆରବରେ ୩୪୦ ଜଣଙ୍କୁ ମିଳିଛି ମୃତ୍ୟୁଦଣ୍ଡ

ରିୟାଦ : ମୃତ୍ୟୁଦଣ୍ଡ ଦେବାରେ ରେକର୍ଡ କରିଛି ସାଉଦି ଆରବ । ଚଳିତ ବର୍ଷ ଏପର୍ଯ୍ୟନ୍ତ ମୋଟ ୩୪୦ ଜଣଙ୍କୁ ସାଉଦି ଆରବ ମୃତ୍ୟୁଦଣ୍ଡ ଦେଇସାରିଛି । ବର୍ଷ ଶେଷ ହେବାକୁ ଆହୁରି ୧୫ ଦିନ ବାକି ଥିବାବେଳେ ଏହି ସଂଖ୍ୟା ଆହୁରି ବଢିବାର ଆଶଙ୍କା ରହିଛି । ସୋମବାର ମକ୍କାରେ ହତ୍ୟା ପାଇଁ ତିନିଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ଏହି ତିନିଜଣଙ୍କୁ ମିଶାଇ ମୋଟ ସଂଖ୍ୟା ଗତ ବର୍ଷର ରେକର୍ଡ ୩୩୮କୁ ଅତିକ୍ରମ କରି ୩୪୦ରେ ପହଞ୍ଚିଥିଲା । କିନ୍ତୁ ମୃତ୍ୟୁଦଣ୍ଡରେ ସାଉଦି ବିଶ୍ୱର ନଂ୧ ଦେଶ ନୁହେଁ । ଆମନେଷ୍ଟି ଇଣ୍ଟରନ୍ୟାସନାଲର ତଥ୍ୟ ଅନୁସାରେ ଏ କ୍ଷେତ୍ରରେ ଚୀନ ସବୁଠାରୁ ଆଗୁଆ। ଚୀନରେ ପ୍ରତିବର୍ଷ ହଜାର ହଜାର ମୃତ୍ୟୁଦଣ୍ଡ ଦିଆଯାଏ, କିନ୍ତୁ ସେ ସଂପର୍କରେ କୌଣସି ସରକାରୀ ଘୋଷଣା କରାଯାଏ ନାହିଁ । ୨ୟ ସ୍ଥାନରେ ଇରାନ ରହିଛି । ଇରାନରେ ଗତ ବର୍ଷ ୯୭୨ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା ।

ଏହି ବର୍ଷ ହୋଇଥିବା ମୃତ୍ୟୁଦଣ୍ଡ ମଧ୍ୟରୁ ୨୩୨ଟି ନିଶାଦ୍ରବ୍ୟ ସମ୍ବନ୍ଧୀୟ ଅପରାଧ ପାଇଁ ହୋଇଛି। ମାନବାଧିକାର ସଂଗଠନଗୁଡ଼ିକ କହିଛନ୍ତି ଯେ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ, ମୃତ୍ୟୁଦଣ୍ଡ "ସର୍ବାଧିକ ଗମ୍ଭୀର ଅପରାଧ" ପର୍ଯ୍ୟନ୍ତ ସୀମିତ ରହିବା ଉଚିତ, ଯେପରିକି ଉଦ୍ଦେଶ୍ୟମୂଳକ ହତ୍ୟା, କିନ୍ତୁ ସାଉଦି ଆରବ ଏହି ସୀମା ଉଲ୍ଲଂଘନ କରିଚାଲିଛି। ଏହା ସହିତ, ଆତଙ୍କବାଦ ଅଭିଯୋଗରେ ଅନେକ ଲୋକଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି, ଯାହା ମଧ୍ୟରୁ ଅନେକ ଅଭିଯୋଗ ଅସ୍ପଷ୍ଟ ଏବଂ ଅତ୍ୟଧିକ ବ୍ୟାପକ ଆଇନ ଉପରେ ଆଧାରିତ ଥିଲା।

ମାନବାଧିକାର ଗୋଷ୍ଠୀଗୁଡ଼ିକ ପାଇଁ ସବୁଠାରୁ ଚିନ୍ତାଜନକ କଥା ହେଉଛି ଯେ ଗତ କିଛି ମାସ ମଧ୍ୟରେ, ଅପରାଧ ସମୟରେ ଦୁଇ ଜଣ ନାବାଳକଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି। ଏହା ଜାତିସଂଘ ଶିଶୁ ଅଧିକାର ସନନ୍ଦର ସିଧାସଳଖ ଉଲ୍ଲଂଘନ, ଯାହାର ସାଉଦି ଆରବ ଏକ ସ୍ୱାକ୍ଷରକାରୀ। ୨୦୨୦ ମସିହାରେ ଅନ୍ତର୍ଜାତୀୟ ଚାପ ପରେ, ସାଉଦି ସରକାର ଦାବି କରିଥିଲେ ଯେ ଏହା ନାବାଳକମାନଙ୍କୁ ମୃତ୍ୟୁଦଣ୍ଡ ଦେବ ନାହିଁ, କିନ୍ତୁ ଏପରି ମୃତ୍ୟୁଦଣ୍ଡ ଦିଆ ଚାଲିଛି। ୟୁକେ-ଭିତ୍ତିକ ମାନବାଧିକାର ସଂଗଠନ ଆଲକ୍ଷ୍ଟ କହିଛି ଯେ ଏପରି ଅତି କମରେ ଆଉ ପାଞ୍ଚ ଜଣ କଏଦୀ ଅଛନ୍ତି ଯେଉଁମାନେ ଛୋଟ ଅପରାଧ କରିବା ସତ୍ତ୍ୱେ ଯେକୌଣସି ସମୟରେ ମୃତ୍ୟୁଦଣ୍ଡ ପାଇପାରିବେ।

## ୯୩ ବର୍ଷର ରେକର୍ଡ ଭାଙ୍ଗିଲେ ସାଇ ଯାଦବ

ଡେରାଡୁନ୍ : ଡେରାଡୁ ଡେରାଡୁନର ଇଣ୍ଡିଆନ୍ ମିଲିଟାରି ଏକାଡେମି (ଆଇଏମ୍ଏ)ରୁ ପାସ୍ ଆଉଟ୍ ହୋଇଥିବା ପ୍ରଥମ ମହିଳା ଅଧିକାରୀ ଭାବେ ଇତିହାସ ରଚିଛନ୍ତି ୨୩ ବର୍ଷୀୟା ସାଇ ଯାଦବ। ତାଙ୍କର କମିସନିଂ ୯୩ ବର୍ଷର ପ୍ରତୀକ୍ଷାର ସମାପ୍ତିକୁ ଚିହ୍ନିତ କରେ। ୧୯୩୨ ମସିହାରେ ଏକାଡେମି ପ୍ରତିଷ୍ଠା ହେବା ପରଠାରୁ ୬୭,୦୦୦ରୁ ଅଧିକ ଅଫିସର କ୍ୟାଡେଟ୍ ଉତ୍ତୀର୍ଣ୍ଣ ହୋଇଛନ୍ତି, କିନ୍ତୁ ସେମାନଙ୍କ ମଧ୍ୟରୁ କେହି ମହିଳା ନୁହନ୍ତି। ସାଇଙ୍କ ସଫଳତା ବର୍ତ୍ତମାନ ସେହି କାହାଣୀକୁ ବଦଳାଇ ଦେଇଛି। ସାଇଙ୍କ କମିସନିଂ ମଧ୍ୟ ତାଙ୍କ ପରିବାରରେ ଏକ ଦୀର୍ଘ ଦିନର ସାମରିକ ପରମ୍ପରାକୁ ବିସ୍ତାର କରେ। ତାଙ୍କ ଜେଜେବାପାଙ୍କ ବାପା (ପ୍ରପିତାମହ) ବ୍ରିଟିସ ସେନାରେ କାର୍ଯ୍ୟ କରିଥିଲେ, ତାଙ୍କ ଜେଜେବାପା ଭାରତୀୟ ସେନାରେ ନିଯୁକ୍ତି ପାଇଥିଲେ ଏବଂ ତାଙ୍କ ପିତା ସନ୍ଦୀପ ଯାଦବ ଆଜି ମଧ୍ୟ ସେନାରେ କାର୍ଯ୍ୟ କରୁଛନ୍ତି। ସେନା ଚାକିରିରେ ପ୍ରବେଶ କରିଥିବା ସାଇ ଯାଦବ ପରିବାରର ଚତୁର୍ଥ ପିଢ଼ି ଯିଏକିୟୁନିଫର୍ମ ପିନ୍ଧିଛନ୍ତି। ସାଇଙ୍କୁ ଟେରିଟୋରିଆଲ ଆର୍ମିରେ ଲେଫଟନାଣ୍ଟ ଭାବରେ ନିଯୁକ୍ତ କରାଯାଇଛି, ସେ ଆଇଏମ୍ଏର ପ୍ରଥମ ମହିଳା ଅଧିକାରୀ ଭାବରେ ଏହି ଫୋର୍ସରେ ଯୋଗ ଦେଇଛନ୍ତି। ବର୍ତ୍ତମାନ, ଆଠ ଜଣ ମହିଳା ଅଫିସର କ୍ୟାଡେଟ୍ ଭାରତୀୟ ସେନାରେ ପ୍ରଶିକ୍ଷଣ ନେଉଛନ୍ତି, ଯାହା ଜାତୀୟ ପ୍ରତିରକ୍ଷା ଏକାଡେମିର ୨୦୨୨ ଇନଟେକ୍ ମାଧ୍ୟମରେ ମନୋନୀତ ପ୍ରଥମ ବ୍ୟାଚ୍ ଗଠନ କରିଛି। ସାଇ ଭାରତୀୟ ମିଲିଟାରି ଏକାଡେମିରେ ଛଅ ମାସର କଠୋର ତାଲିମ ନେଇଥିଲେ। ନିୟମିତ ପାଠ୍ୟକ୍ରମ ସହିତ ସମସ୍ତ ମାନକ ଓ ଆବଶ୍ୟକତା ପୂରଣ କରିଥିଲେ। ସାଇଙ୍କ ପାଇଁ



ଶିକ୍ଷା ବେଲଗାମରୁ ଆରମ୍ଭ ହୋଇଥିଲା ଏବଂ ପିତାଙ୍କ ସେନା ପୋଷ୍ଟିଂ ଅନୁସାରେ ଏକାଧିକ ରାଜ୍ୟରେ ଜାରି ରହିଥିଲା। ସ୍ନାତକୋତ୍ତର ପରେ ଏକ ଜାତୀୟ ସ୍ତରର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଯାହା ତାଙ୍କ ପାଇଁ ସର୍ଭିସ୍ ସିଲେକ୍ସନ ବୋର୍ଡର ଦ୍ୱାର ଖୋଲିଥିଲା। ସେଠାରେ ଉତ୍ତମ ପ୍ରଦର୍ଶନ ପାଇଁ ସେ ଆଇଏମ୍ଏରେ ସ୍ଥାନ ପାଇବାରେ ସକ୍ଷମ ହୋଇଥିଲେ।

## ୟୁପି ବିଧାନସଭା ନିର୍ବାଚନ : ଏସପି ଓ କଂଗ୍ରେସ କରିବେ ଆସନ ଭାଗବଣ୍ଟା

ନୂଆଦିଲ୍ଲୀ : ୨୦୨୭ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଅଖିଳେଶ ଯାଦବ ଇଣ୍ଡିଆ ମେଣ୍ଟ ମଧ୍ୟରେ ଭାରତୀୟ ଜାତୀୟ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ମଧ୍ୟରେ ଆସନ ବଣ୍ଟନ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି | ଅଖିଳେଶ କହିଛନ୍ତି, "ଏବେ ଆମେ ଜିତିବା ଶିଖିଛୁ, ଏବଂ ଆମେ ଜିତିବୁ।" କନୌଜ ସାଂସଦ ଆହୁରି କହିଛନ୍ତି ଯେ ଅନ୍ୟ ଦଳଗୁଡ଼ିକ ପରସ୍ପରକୁ ସମର୍ଥନ କରିବା ପାଇଁ ଠିଆ ହେଲେ ହିଁ ମେଣ୍ଟ ଗଠନ ହୁଏ। ଯଦି ସମସ୍ତେ ସମାନ ହେବେ ତେବେ କାହିଁକି ମେଣ୍ଟ ହେବ? ପୂର୍ବତନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ କହିଛନ୍ତି, "ଏଥର ଆମେ ଏକ ଉପାୟ ଖୋଜିବୁ ଏବଂ ମେଣ୍ଟକୁ ମଜବୁତ କରିବାକୁ ଚେଷ୍ଟା କରିବୁ। ପ୍ରଶ୍ନ ଆସନ ବିଷୟରେ ନୁହେଁ, ବରଂ ଜିତିବା ବିଷୟରେ ଆଲୋଚନା ହେବ।" ସେ କହିଛନ୍ତି, "ଯଦି କେହି ଗୋଟିଏ ବି ଆସନ ଜିତିପାରିବେ, ତେବେ ସେମାନଙ୍କୁ ପ୍ରାର୍ଥୀ କରାଯିବ। ଆମେ ଏହା ୨୦୨୪ ଲୋକସଭା ନିର୍ବାଚନରେ ଦେଖିଥିଲୁ। ଫଳାଫଳ ହେଲା ଯେ ବିଜେପି ଦ୍ୱିତୀୟ ସ୍ଥାନରେ ଆସି ଅଯୋଧ୍ୟାରେ ନିର୍ବାଚନ ହାରିଗଲା।"ଏକ ସାକ୍ଷାତକାରରେ, ଅଖିଳେଶ କହିଛନ୍ତି ଯେ ଆମର ନୂତନ ବର୍ଷ କେବଳ ସେତେବେଳେ ପାଳନ କରାଯିବ ଯେତେବେଳେ ଉତ୍ତର ପ୍ରଦେଶରେ ସମାଜବାଦୀ ପାର୍ଟି ସରକାର ହେବ, ଏବଂ ଆମର ସମସ୍ତ ଉତ୍ସବ ସେତେବେଳେ ହିଁ ହେବ। ଯଦି କେହି ଉତ୍ତର ପ୍ରଦେଶରେ ସାମ୍ପ୍ରଦାୟିକ ଭାଷା ବ୍ୟବହାର କରନ୍ତି, ତେବେ ଉତ୍ତର ପ୍ରଦେଶ ଏହାକୁ ଗ୍ରହଣ କରିବ ନାହିଁ, ଏବଂ ଅଯୋଧ୍ୟାର ଲୋକମାନେ ମଧ୍ୟ ଏହି ବାର୍ତ୍ତା ପଠାଇଛନ୍ତି।

## ଭାରତର ମୁକାବିଲା ପାଇଁ ଚୀନର ସ୍ୱତନ୍ତ୍ର ଟ୍ୟାଙ୍କ ବିକଶିତ

ବେଜିଂ : ଚୀନ୍ ଏହାର ପୁରୁଣା ଟାଇପ୍ ୯୯ ଟ୍ୟାଙ୍କର ଏକ ଅପଗ୍ରେଡେଡ୍ ଏବଂ ଆଧୁନିକ ସଂସ୍କରଣ ଟାଇପ୍ ୯୯-ବି ବିକଶିତ କରିଛି। ଏହା ବିଶେଷ ଭାବରେ ଅଧିକ-ଉଚ୍ଚତା ଯୁଦ୍ଧ ଏବଂ ଅତ୍ୟଧିକ ଥଣ୍ଡା ପାଗ ପାଇଁ ଡିଜାଇନ୍ କରାଯାଇଛି। କୁହାଯାଉଛି ଯେ ଭାରତକୁ ଲକ୍ଷ୍ୟ ରଖି ଏହାକୁ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ କରାଯାଇଛି ।

ଦକ୍ଷିଣ ଚୀନ୍ ମର୍ଣ୍ଣିଂ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏହି ଟ୍ୟାଙ୍କକୁ ଭାରତ ସହିତ ହିମାଳୟ ସୀମାରେ ନିୟୋଜିତ କରାଯାଇପାରିବ। ଟାଇପ୍ ୯୯-ବି ହେଉଛି ଚୀନର ପୁରୁଣା ଟାଇପ୍ ୯୯ ଟ୍ୟାଙ୍କ୍ ର ଏକ ନୂତନ ସଂସ୍କରଣ। ଏହାକୁ ପ୍ରଥମେ ସେପ୍ଟେମ୍ବର ୨୦୨୫ରେ ବେଜିଂରେ ବିଜୟ ଦିବସ ପରେଡରେ ପ୍ରଦର୍ଶିତ କରାଯାଇଥିଲା। ଟାଇପ୍ ୯୯-ବି ବିଭିନ୍ନ ଭୂଖଣ୍ଡରେ ପରୀକ୍ଷଣ କରାଯାଇଥିଲା, ଯାହା ଏହାର ଚାଳନା କ୍ଷମତା, ଇଲେକ୍ଟ୍ରୋନିକ୍ ସିଷ୍ଟମ୍ ଏବଂ ଲାଇଭ୍-ଫାୟାର ଅଭ୍ୟାସ ପ୍ରଦର୍ଶନ କରିଥିଲା। ଟ୍ୟାଙ୍କ୍ ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ହେଉଛି ଏହାର ଆଧୁନିକ କମାଣ୍ଡ, ନିୟନ୍ତ୍ରଣ ଏବଂ ଯୋଗାଯୋଗ କ୍ଷମତା। ଏହାର ଅଗ୍ନିଶକ୍ତି ଏବଂ ସୂଚନା-ଭିତ୍ତିକ ସିଷ୍ଟମ୍ ପୂର୍ବ ଅପେକ୍ଷା ଅଧିକ ଉନ୍ନତ। ଏହି ଟ୍ୟାଙ୍କ୍ କଷ୍ଟକର ଏବଂ ବିପଜ୍ଜନକ ପରିସ୍ଥିତିରେ ଲଢ଼ିପାରେ। ଚୀନ୍ ଦାବି କରୁଛି ଯେ ଟାଇପ୍ ୯୯-ବି ଦ୍ରୁତ ଏବଂ ଦୀର୍ଘ ଦୂରଗାମୀ ଯୁଦ୍ଧ ପାଇଁ ସକ୍ଷମ ଏବଂ ବିଶେଷ ଭାବରେ ତିବ୍ବତ ମାଳଭୂମି ଏବଂ ଭାରତ-ଚୀନ୍ ସୀମା ପାଇଁ ଡିଜାଇନ୍ କରାଯାଇଛି।

## ମିଳିତ ଘୋଷଣାନାମା

# ଦୀର୍ଘକାଳୀନ ସମ୍ପର୍କକୁ ଜୋର୍ଡାନର ପ୍ରଶଂସା

ନୂଆଦିଲ୍ଲୀ : ଜର୍ଡାନ ହାସେମାଇଟ୍‌ର ରାଜା ଅବଦୁଲ୍ଲା ଦ୍ୱିତୀୟ ଇବନ୍ ଅଲ୍ ହୁସେନଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୋର୍ଡାନ ହାସେମାଇଟ୍ ରାଜ୍ୟ ଗସ୍ତ କରିଥିଲେ ।ନେତାମାନେ ସ୍ୱୀକାର କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ହେଉଛି, ଯେତେବେଳେ ଦୁଇ ଦେଶ ଦ୍ୱିପାକ୍ଷିକ କୂଟନୈତିକ ସମ୍ପର୍କ ସ୍ଥାପନର ୭୫ତମ ବାର୍ଷିକୀ ପାଳନ କରୁଛନ୍ତି । ନେତାମାନେ ସେମାନଙ୍କ ଦେଶ ମଧ୍ୟରେ ଦୀର୍ଘକାଳୀନ ସମ୍ପର୍କକୁ ପ୍ରଶଂସା କରିଥିଲେ ଯାହା ପାରସ୍ପରିକ ବିଶ୍ୱାସ, ଉଷ୍ମତା ଏବଂ ସଦ୍ଭାବନା ଦ୍ୱାରା ବର୍ଣ୍ଣିତ । ସେମାନେ ରାଜନୈତିକ, ଅର୍ଥନୈତିକ, ପ୍ରତିରକ୍ଷା, ସୁରକ୍ଷା, ସଂସ୍କୃତି ଏବଂ ଶିକ୍ଷା ସମେତ ବିଭିନ୍ନ ସହଯୋଗ କ୍ଷେତ୍ରରେ ବ୍ୟାପିଥିବା ବହୁମୁଖୀ ଭାରତ-ଜର୍ଡାନ ସମ୍ପର୍କକୁ ସକାରାତ୍ମକ ଭାବରେ ମୂଲ୍ୟାଙ୍କନ କରିଥିଲେ ।ନେତାମାନେ ଦ୍ୱିପାକ୍ଷିକ ସ୍ତରରେ ଏବଂ ବହୁପକ୍ଷୀୟ ମଞ୍ଚରେ ଉଭୟ ପକ୍ଷ ମଧ୍ୟରେ ଉତ୍କୃଷ୍ଟ ସହଯୋଗକୁ ପ୍ରଶଂସା କରିଥିଲେ ।ସେମାନେ ନ୍ୟୁୟର୍କ (ସେପ୍ଟେମ୍ବର ୨୦୧୯), ରିୟାଦ (ଅକ୍ଟୋବର ୨୦୧୯), ଦୁବାଇ (ଡିସେମ୍ବର ୨୦୨୩) ଏବଂ ଇଟାଲୀ (ଜୁନ୍ ୨୦୨୪) ରେ ସେମାନଙ୍କର ପୂର୍ବ ବୈଠକକୁ ଉଷ୍ମତାର ସହ ମନେ ପକାଇଲେ ।ନେତାମାନେ ୧୫ ଡିସେମ୍ବର ୨୦୨୫ ରେ ଅମ୍ମାନରେ ଦ୍ୱିପାକ୍ଷିକ ଏବଂ ବିସ୍ତାରିତ ଆଲୋଚନା କରିଥିଲେ, ଯେଉଁଠାରେ ସେମାନେ ଭାରତ ଏବଂ ଜୋର୍ଡାନ ମଧ୍ୟରେ ସମ୍ପର୍କ ଉପରେ ଆଲୋଚନା କରିଥିଲେ । ସେମାନେ ପାରସ୍ପରିକ ସ୍ୱାର୍ଥ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି କରିବାକୁ ଏବଂ ସେମାନଙ୍କର ବିକାଶ ଆକାଂକ୍ଷାକୁ ହାସଲ କରିବାରେ ବିଶ୍ୱସ୍ତ ଅଂଶୀଦାର ଭାବରେ ଏକାଠି ଠିଆ ହେବାକୁ ମଧ୍ୟ ସହମତ ହୋଇଥିଲେ ।ନେତାମାନେ ଦୁଇ ଦେଶ ମଧ୍ୟରେ ନିୟମିତ ରାଜନୈତିକ ଆଲୋଚନା ଏବଂ ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀର ବୈଠକକୁ ସନ୍ତୋଷର ସହିତ ଉଲ୍ଲେଖ କରିଥିଲେ । ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ସେମାନେ ପ୍ରତିଷ୍ଠିତ ତନ୍ତ୍ରଗୁଡ଼ିକୁ ପୂର୍ଣ୍ଣ ବ୍ୟବହାର କରିବାକୁ ମଧ୍ୟ ସହମତ ହୋଇଥିଲେ । ଏହି ପରିପ୍ରେକ୍ଷୀରେ, ନେତାମାନେ ୨୯ ଏପ୍ରିଲ ୨୦୨୫ ରେ ଅମ୍ମାନରେ ଅନୁଷ୍ଠିତ ଦୁଇ ବୈଦେଶିକ ମନ୍ତ୍ରଣାଳୟ ମଧ୍ୟରେ ଚତୁର୍ଥ ପର୍ଯ୍ୟାୟ ରାଜନୈତିକ ପରାମର୍ଶର ଫଳାଫଳକୁ ପ୍ରଶଂସା କରିଥିଲେ । ପଞ୍ଚମ ପର୍ଯ୍ୟାୟ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ ।

# ସିଡନି ଆକ୍ରମଣକାରୀର ଭାରତ ଲିଙ୍କ !

: ଅଷ୍ଟ୍ରେଲିଆର ସିଡନିସ୍ଥିତ ବଣ୍ଡି ବେଳାଭୂମିରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ସାରା ବିଶ୍ୱ ସ୍ତବ୍ଧ ହୋଇଯାଇଛି । ଡିସେମ୍ବର ୧୪ରେ ହୋଇଥିବା ଏହି ଆକ୍ରମଣରେ ୧୬ ଜଣ ଲୋକ ମୃତ୍ୟୁବରଣ କରିଥିଲେ । ଦୁଇ ବାପ-ପୁଅ ଯୋଡ଼ି ଏହି ଆକ୍ରମଣ ଘଟାଇଥିଲେ । ଏବେ ସେମାନଙ୍କର ଏକ ଭାରତ କନେକ୍ସନ ସାମନାକୁ ଆସିଛି ।

ପୁଲିସ ଗୁଳିରେ ମୃତ ଆତଙ୍କବାଦୀ ସାଜିଦ ଆକ୍ରାମ ମୂଳତଃ ହାଇଦ୍ରାବାଦର ବୋଲି ଜଣାପଡ଼ିଛି । ଏ ନେଇ ତେଲେଙ୍ଗାନାର ଡିଜିପି ସ୍ପଷ୍ଟ କରିଛନ୍ତି । ଡିଜିପି କହିଛନ୍ତି



ଯେ ସାଜିଦ ଆକ୍ରମ ମୂଳତଃ ହାଇଦ୍ରାବାଦର କିନ୍ତୁ ୨୭ ବର୍ଷ ପୂର୍ବରୁ (୧୯୯୮ ମସିହାରେ) ସେ ଭାରତ ଛାଡିଥିଲା। ଡିଜିପି କହିଛନ୍ତି ଯେ ସାଜିଦ ହାଇଦ୍ରାବାଦରୁ ବି.କମ୍ ଡିଗ୍ରୀ ହାସଲ କରିଥିଲା ଏବଂ ପ୍ରାୟ ୨୭ ବର୍ଷ ପୂର୍ବରୁ ଚାକିରି ଖୋଜିବା ପାଇଁ ଅଷ୍ଟ୍ରେଲିଆ ଚାଲିଯାଇଥିଲାଛ ପରେ ସେ ଅଷ୍ଟ୍ରେଲିଆରେ ସ୍ଥାୟୀ ଭାବରେ ରହିବା ପୂର୍ବରୁ ୟୁରୋପୀୟ ବଂଶୋଦ୍ଭବ ମହିଳା ଭେନେରା ଗ୍ରୋସୋଙ୍କୁ ବିବାହ କରିଥିଲା। ସାଜିଦ ଏବଂ ଭେନେରାଙ୍କ ଦୁଇଟି ସନ୍ତାନ ଅଛନ୍ତି: ଗୋଟିଏ ପୁଅ ଏବଂ ଗୋଟିଏ ଝିଅ। ପୁଅ, ନାଭିଦ ଆକ୍ରମ, ସିଡନୀ ଆକ୍ରମଣରେ ଆକ୍ରମଣକାରୀ।

ଡିଜିପି ଆହୁରି ମଧ୍ୟ କହିଛନ୍ତି ଯେ ସାଜିଦ ପାଖରେ ଏବେ ବି ଭାରତୀୟ ପାସପୋର୍ଟ ରହିଛି । କିନ୍ତୁ ତାହାର ପୁଅ ଓ ଝିଅ ଅଷ୍ଟ୍ରେଲିଆରେ ଜନ୍ମ ହୋଇଥିବାରୁ ସେମାନେ ସେଠାକାର ନାଗରିକ ।

# ଆଇପିଏଲର ସବୁଠୁ ଦାମି କାମେରନ ଗ୍ରୀନ

ଆବୁଧାବୀ, ୧୬।୧୨(ଏଜେନ୍ସି) : ଆଇପିଏଲ୍ ୨୦୨୬ ସଂସ୍କରଣ ପାଇଁ ମିନି ଖେଳାଳି ନିଲାମ ହୋଇଛି । ଅଂଶଗ୍ରହଣକାରୀ ଦଳଗୁଡିକ ଅର୍ଥ ଲଗାଇ ଟିମକୁ ପୂରଣ କରିବାରେ ଲାଗିଛନ୍ତି । ଏଥର ଜଣେ ବିଦେଶୀ ଖେଳାଳିଙ୍କ ପାଇଁ ଆଇପିଏଲର ସବୁ ରେକର୍ଡ ଟପି ଯାଇଛି । କାମେରନ୍ ଗ୍ରୀନ ଆଇପିଏଲ୍ ଇତିହାସର ସବୁଠୁ ମହଙ୍ଗା ବିଦେଶୀ ଖେଳାଳି ହୋଇଛନ୍ତି । କୋଲକାତା ନାଇଟ୍ ରାଇଡର୍ସ ତାଙ୍କୁ ୨୫.୨୦ କୋଟି ଟଙ୍କାରେ କିଣିଛି । ମୁମ୍ବାଇ ଓ କେକେଆର୍ ମଧ୍ୟରେ ଗ୍ରୀନଙ୍କୁ ନେବା ପାଇଁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା । ପ୍ରଥମେ ମୁମ୍ବାଇ ତାଙ୍କୁ ନେବା ପାଇଁ ନିଲାମରେ ଆଗରେ ଥିଲା । ଏହା ପରେ ରାଜସ୍ଥାନ ରୟାଲ୍ସ ମଧ୍ୟ ଉଦ୍ୟମ କରିଥିଲା । ମାତ୍ର କାମେରନଙ୍କ ଦାମ୍ ବଢିଯିବାରୁ କେବଳ ଦୁଇଟି ଫ୍ରାଞ୍ଚାଇଜ୍ କୋଲକାତା ଓ ମୁମ୍ବାଇ ମଧ୍ୟରେ ଲଢେଇ ଦେଖିବାକୁ ମିଳିଥିଲା । ଶେଷରେ କୋଲକାତା କାମେରନ୍ ଗ୍ରୀନଙ୍କୁ ୨୫.୨୦ କୋଟି ଟଙ୍କାରେ କିଣିବାକୁ ସମର୍ଥ ହୋଇଛି । ୨୦୨୪ରେ କୋଲକାତା ମିଚେଲ ଷ୍ଟାର୍କଙ୍କୁ ୨୪.୭୫ କୋଟି ଟଙ୍କାରେ କିଣିଥିଲା ।







## ବିକ୍ରୀ ହେଲନି ପୃଥ୍ୱୀ ଶ

ଖୁବ୍ କମ୍ ଦିନରେ କ୍ରିକେଟର ସବୁ ଫର୍ମାଟରେ ଚହଳ ସୃଷ୍ଟି କରି ଚର୍ଚ୍ଚାକୁ ଆସିଥିବା ପୃଥ୍ୱୀ ସ ଙ୍କୁ ଏଥର ଆଇପିଏଲ୍ ମିନି ଅକ୍ସନରେ କୌଣସି ଫ୍ରାଞ୍ଚାଇଜ ନେବା ପାଇଁ ଆଗ୍ରହ ଦେଖାଇନାହାଁନ୍ତି । ଯାହା ଲାଗୁଛି ଏହି ସଂସ୍କରଣଠୁ ପୃଥ୍ୱୀ ସ ଙ୍କ ଆଇପିଏଲ୍ କ୍ୟାରିୟରେ ପୂର୍ଣ୍ଣଚ୍ଛେଦ ପଡିଗଲା । କେବଳ ପୃଥ୍ୱୀ ନୁହଁନ୍ତି ସର୍ଫରାଜ ଖାନ୍ ଦେବନ୍ କନୱେଙ୍କ ଭଳି ଖେଳାଳିଙ୍କୁ ମଧ୍ୟ କିଣିବା ପାଇଁ କୌଣସି ଫ୍ରାଞ୍ଚାଇଜ୍ ଆଗ୍ରହ ଦେଖାଇନାହାଁନ୍ତି ।

## ରାଜସ୍ଥାନର ମୁଖ୍ୟ ସ୍ପିନର ରବି ବିଷ୍ଣୋଇ

ରାଜସ୍ଥାନ ରୟାଲ୍ସର ଲିଡ୍ସ ସ୍ପିନର ବନିଛନ୍ତି ଭାରତର ରବି ବିଷ୍ଣୋଇ । ମିନି ଅପସନରେ ରାଜସ୍ଥାନ ରୟାଲ୍ସ ଏହି ଲେଗ୍ ସ୍ପିନରଙ୍କୁ ୭.୨୦ କୋଟି ଟଙ୍କାରେ କିଣିଛି । ଏହି ନିଲାମ ପୂର୍ବରୁ ରାଜସ୍ଥାନ ମୁଖ୍ୟ ସ୍ପିନର ମହେଶ ଥେକ୍ସାନାଙ୍କୁ ରିଲିଜ୍ କରିଥିଲା । ୨ କୋଟି କ୍ଲବରେ ଥିବା ବିଷ୍ଣୋଇଙ୍କୁ ନେବା ପାଇଁ ଚେନ୍ନାଇ ସୁପର କିଂସ ମଧ୍ୟ ଆଗ୍ରହ ଦେଖାଇଥିଲା । ଦାମ୍ ୬ କୋଟିରେ ପହଞ୍ଚିବା ପରେ ଚେନ୍ନାଇ ଓହରି ଯାଇଥିଲା । ଏହା ପରେ ସନରାଇଜର୍ସ ୭ କୋଟି ଯାଏ ବିଡ୍ ଲଗାଇଥିଲା । କିନ୍ତୁ ରାଜସ୍ଥାନ ୭.୨ କୋଟି ଟଙ୍କାରେ ବିଷ୍ଣୋଇଙ୍କୁ କିଣିବା ପାଇଁ ସଫଳ ହୋଇଛି । ପୂର୍ବରୁ ବିଷ୍ଣୋଇ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ପାଇଁ ଖେଳୁଥିଲେ ।

## ନିଲାମ ତାଲିକାରେ ଦୁଇ ଓଡିଆ

ଆଇପିଏଲ୍ ମିନି ନିଲାମରେ ଦୁଇ ଜଣ ଓଡିଆ କ୍ରିକେଟର ସାମିଲ ହୋଇଛନ୍ତି । ବିସିସିଆଇ ଏହି ଦୁଇ ଓଡିଆଙ୍କ ନା ଯୋଡିଛି । ଏମାନେ ହେଲେ ରାଜେଶ ମହାନ୍ତି ଓ ସ୍ୱସ୍ତିକ ସାମଲ । ଉଭୟଙ୍କ ବେଶ୍ ପ୍ରାଇସ୍ ୩୦ ଲକ୍ଷ ଟଙ୍କା ରହିଛି । ପ୍ରଥମ ପର୍ଯ୍ୟାୟ ନିଲାମରେ ଏମାନଙ୍କୁ କୌଣସି ଫ୍ରାଞ୍ଚାଇଜ୍ କିଣିନାହାଁନ୍ତି । ଏହି ମିନି ନିଲାମ ୧୦ ଟି ଯାକ ଫ୍ରାଞ୍ଚାଇଜ୍ ପାଇଁ ଖାଲି ପଡିଥିବା ମୋଟ ୭୭ ଟି ସ୍ଥାନ ଲାଗି ୩୫୦ ଜଣ ଖେଳାଳିଙ୍କୁ ଚୂଡାନ୍ତ ତାଲିକାରେ ରଖାଯାଇଥିଲା । ଏଥିରେ ୨୪୪ ଜଣ ଭାରତୀୟ ଓ ୧୧୫ ଜଣ ବିଦେଶ ଖେଳାଳି ଅଛନ୍ତି । ୩୫୯ ଜଣ ଖେଳାଳିଙ୍କୁ ନେଇ ୪୨ ଟି ସେଟ୍ ପ୍ରସ୍ତୁତ କରାଯାଇଥିଲା । ସମସ୍ତ ଫ୍ରାଞ୍ଚାଇଜ୍ ମୋଟ ୭୭ ଜଣ ଖେଳାଳିଙ୍କୁ କିଣିପାରିବେ । ଏଥିରେ ୩୧ ଜଣ ବିଦେଶୀ ଖେଳାଳିଙ୍କ ପାଇଁ ସ୍ଥାନ ରହିଛି ।

## ବଦଳିଲା ଆୟର, ପଥିରାନାଙ୍କ ଠିକଣା

ମଧ୍ୟପ୍ରଦେଶ ଅଲରାଉଣ୍ଡର ଭେଙ୍କଟେସ ଆୟରଙ୍କ ଆଇପିଏଲ୍ ୨୦୨୬ ଠିକଣା ବଦଳିଯାଇଛି । ୨୦୨୬ ଆଇପଏଲରେ ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଖେଳିବେ । ୨୦୨୬ ଆଇପଏଲ ପୂର୍ବରୁ ମଙ୍ଗଳବାର ଅନୁଷ୍ଠିତ ମିନି ନିଲାମରେ ଭେଙ୍କଟେସ ଆୟରଙ୍କୁ ଡିଫେଣ୍ଡିଂ ଚାମ୍ପିଅନ ବେଙ୍ଗାଲୁରୁ ୭ କୋଟି ଟଙ୍କାରେ କିଣିଛି । ଗତ ସଂସ୍କରଣରେ ଆୟରଙ୍କୁ କୋଲକାତା ୨୩.୭୫ କୋଟି ଟଙ୍କାରେ କିଣିଥିଲା । କିନ୍ତୁ ସେ ଆଶା ଅନୁସାରେ ପ୍ରଦର୍ଶନ କରିନଥିଲେ । ପୂର୍ବ ବର୍ଷ ତୁଳନାରେ ଆୟର ୭୦ ଶତକଡା କମ୍‌ରେ ଦାମରେ ଆରସିବିକୁ ଯାଇଛନ୍ତି । ଆୟରଙ୍କ ଭଳି ଶ୍ରୀଲଙ୍କାର ଦ୍ରୁତ ବୋଲର ମାଥିସା ପଥିରାନାଙ୍କ ଠିକଣା ମଧ୍ୟ ବଦଳିଛି । ଚେନ୍ନାଇ ସୁପରକିଂସରୁ କ୍ୟାରିୟର ଆରମ୍ଭ କରିଥିବା ପଥିରାନାଙ୍କୁ କୋଲକାତା ଏଥର ୧୮ କୋଟି ଟଙ୍କାରେ କିଣିଛି । ସେ ନିଲାମରେ ୨ କୋଟି ଅକ୍ସନ ସ୍ଲାବରେ ଥିଲେ । ତାଙ୍କୁ ନେବା ପାଇଁ ରାଜସ୍ଥାନ ଓ ଲକ୍ଷ୍ନୌ ଆଗ୍ରହ ଦେଖାଇଥିଲେ ।

## କାର୍ତ୍ତିକ ହେଲେ କୋଟିପତି

ଖେଳାଳି ନିଲାମରେ ରାଜସ୍ଥାନର ଯୁବ କ୍ରିକେଟର କାର୍ତ୍ତିକ ଶର୍ମାଙ୍କ ଭାଗ୍ୟ ବଦଳି ଯାଇଛି । ଯୁବ ୱିକେଟ୍ କିପର ବ୍ୟାଟର କାର୍ତ୍ତିକଙ୍କୁ ଚେନ୍ନାଇ ସୁପରକିଂସ ୧୪.୨୦ କୋଟି ଟଙ୍କାରେ କିଣିଛି । କାର୍ତ୍ତିକଙ୍କ ମୂଳ ଦାମ ୩୦ ଲକ୍ଷ ଟଙ୍କା ଥିଲା । କୋଲକାତା ନାଇଟ୍ ରାଇଡର୍ସ, ସନରାଇଜର୍ସ ହାଇଦ୍ରାବାଦ, ମୁମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ତାଙ୍କୁ ନେବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଶେଷରେ ଚେନ୍ନାଇ ଏହି ଯୁବ କ୍ରିକେଟରଙ୍କୁ ଦଳରେ ନେଇଥିଲା । ମିନି ନିଲାମରେ ଚେନ୍ନାଇ ସମ୍ଭବତଃ ନୂଆ ରବିନ୍ଦ୍ର ଜାଡେଜାଙ୍କୁ ପାଇଛି । ବାମହାତି ଅଲରାଉଣ୍ଡର ରବିନ୍ଦ୍ର ଜାଡେଜାଙ୍କୁ ଚେନ୍ନାଇ ଟ୍ରେଡ ଜରିଆରେ ରାଜସ୍ଥାନକୁ ପଠାଇଦେଇଥିଲା । ପ୍ରତି ବଦଳରେ ସଞ୍ଜୁ ସାମସନଙ୍କୁ ଆଣିଥିଲା ଚେନ୍ନାଇ ଦଳ । ଏବେ ତାଙ୍କ ଭଳି ଜଣେ ବାମହାତି ବ୍ୟାଟର ଓ ସ୍ପିନ ବୋଲରଙ୍କୁ ରେକର୍ଡ ଦାମ୍ ଦେଇ କିଣିଛି ଚେନ୍ନାଇ । ଉତ୍ତର ପ୍ରଦେଶ ପାଇଁ ଘରୋଇ କ୍ରିକେଟ୍ ଖେଳୁଥିବା ପ୍ରଶାନ୍ତ ବୀର ଓ ରାଜସ୍ଥାନ ବ୍ୟାଟର କାର୍ତ୍ତିକ ଶର୍ମାଙ୍କ ଉପରେ ଟଙ୍କା ବର୍ଷା କରିଛି ଚେନ୍ନାଇ । ଉଭୟଙ୍କୁ ୧୪.୨୦ କୋଟି ଟଙ୍କା ଲେଖାଏଁ ଦେଇ ଚେନ୍ନାଇ କିଣିଛି । ଏହି ଦୁଇ ଖେଳାଳିଙ୍କ ଉପରେ ଚେନ୍ନାଇ ୨୮.୪୦ କୋଟି ଟଙ୍କା ଖର୍ଚ୍ଚ କରିଛି । ଉଭୟ ଆଇପିଏଲ୍ ଇହିହାସରେ ନୂଆ ରେକର୍ଡ କରିଛନ୍ତି । ପ୍ରଶାନ୍ତ ଓ କାର୍ତ୍ତିକ ସବୁଠାରୁ ଦାମି ଅନ କ୍ୟାଡ ଖେଳାଳି ବନିଛନ୍ତି । ଅନ କ୍ୟାର୍ଡର ଅର୍ଥ ଭାରତ ପାଇଁ ଖେଳିନଥିବା ଖେଳାଳି । ଘରୋଇ କ୍ରିକେଟରେ ଦମଦାର ପ୍ରଦର୍ଶନ ଯୋଗୁଁ ଚେନ୍ନାଇ ଉଭୟଙ୍କୁ ଆଇପିଏଲ୍ ସୁଯୋଗ ଦେଇଛି । ପ୍ରଶାନ୍ତ ଓ କାର୍ତ୍ତିକଙ୍କୁ ନେବା ପାଇଁ ଅଧିକାଂଶ ଫ୍ରାନଞ୍ଚାଇଜ୍ ଚେଷ୍ଟା କରିଥିଲେ । ଶେଷରେ ବିଡ ଯୁଦ୍ଧରେ ଚେନ୍ନାଇ ବାଜି ମାରିଛି । ଘରୋଇ କ୍ରିକେଟ୍‌ରେ ଏବେ ବ୍ୟସ୍ତ ଅଛନ୍ତି ପ୍ରଶାନ୍ତ । ବାମହାତି ସ୍ପିନ୍ ବୋଲିଂ ସହ ବାମହାତି ବ୍ୟାଟର ଭାବେ ସେ ବେଶ୍ ଜଣାଶୁଣା । ଏବେ ସେ ଉତ୍ତରପ୍ରଦେଶ ପାଇଁ ସୟଦ ମୁସ୍ତାଦ ଅଲି ଟ୍ରଫି ଖେଳୁଛନ୍ତି । ଉତ୍ତର ପ୍ରଦେଶ ପାଇଁ ସେ ୨୩ ବର୍ଷରୁ କମ୍ ଟୁର୍ଣ୍ଣାମେଣ୍ଟ ମଧ୍ୟ ଖେଳିଛନ୍ତି । ବିଗତ ୭ ଦିନ ମଧ୍ୟରେ ପ୍ରଶାନ ୟୁପି ପାଇଁ ୬ ଟି ମ୍ୟାଚ୍ ଖେଳି ୧୧୨ ରନ୍ ସହ ୯ ୱିକେଟ୍ ନେଇଛନ୍ତି ।




କାର୍ତ୍ତିକ ଶର୍ମା ହେଉଛନ୍ତି ମଧ୍ୟମକ୍ରମ ୱିକେଟ୍ କିପର ବ୍ୟାଟର । ତାଙ୍କୁ ଚେନ୍ନାଇ ୧୪.୨୦ କୋଟି ଟଙ୍କାରେ କିଣିଛି । ୧୯ ବର୍ଷୀୟ କାର୍ତ୍ତିକ ଏ ଯାଏ ୧୨ ଟି ଟି-୨୦ ମ୍ୟାଚ୍ ଖେଳି ୩୩୪ ରନ୍ କରିଛନ୍ତି । ଆଇପିଏଲ୍ ଇତିହାସରେ ସବୁଠୁ ଦାମି ଅନକ୍ୟାପଡ ଖେଳାଳି ହେବାରେ ମାନ୍ୟତା ପାଇଛନ୍ତି କାର୍ତ୍ତିକ ଓ ପ୍ରଶାନ୍ତ । ଉଭୟଙ୍କ ପୂର୍ବରୁ ଆଭେସ୍ ଖାନ୍‌ଙ୍କ ନାଁରେ ଦାମି ଖେଳାଳି ହେବାରେ ରେକର୍ଡ ଥିଲା । ୨୦୨୨ ରେ ତାଙ୍କୁ ଲକ୍ଷ୍ନୌ ୧୦ କୋଟି ଟଙ୍କାରେ କିଣିଥିଲା । ୨୦୨୧ କ୍ରୀଷ୍ଣାପା ଗୌତମଙ୍କୁ ଚେନ୍ନାଇ ୯.୨୫ କୋଟି, ୨୦୨୨ ପଞ୍ଜାବ କିଂସ ସାହାରୁଖ ଖାନଙ୍କୁ ୯ କୋଟି, ୨୦୨୨ ରେ ରାହୁଲ ତେୱାତିଆଙ୍କୁ ଗୁଜରାଟ ୯ କୋଟି, ୨୦୧୮ରେ କ୍ରୁନାଲ ପାଣ୍ଡ୍ୟାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ୮.୮୦ କୋଟି, ୨୦୧୯ ବରୁଣ ଚକ୍ରବର୍ତ୍ତୀଙ୍କୁ ପଞ୍ଜାବ କିଂସ ୮.୪୦ କୋଟି ଟଙ୍କାରେ କିଣିଥିଲା । ୱିକେଟ୍ କିପର ବ୍ୟାଟର ମୁକୁଲ ଚୌଧୁରୀଙ୍କୁ ୨.୬୦ କୋଟି ଓ ଆକିଭ ଦାରଙ୍କୁ ଦିଲ୍ଲୀ ୮.୪ କୋଟି ଟଙ୍କାରେ କିଣିଛି । ଦ୍ରୁତ ବୋଲର ଅଶୋକ ଶର୍ମାଙ୍କୁ ଗୁଜୁରାଟ ୯୦ ଲକ୍ଷ, କାର୍ତ୍ତିକ ତ୍ୟାଗିଙ୍କୁ କୋଲକାତା ୩୦ ଲକ୍ଷ ଓ ବାମହାତି ଦ୍ରୁତ ବୋଲର ନମନ ତିୱାରିଙ୍କୁ ଦିଲ୍ଲୀ ୧ କୋଟି ଟଙ୍କାରେ କିଣିଛି ।

## ଜାତୀୟ ଜୁନିୟର ଭଲିବଲ ଚାମ୍ପିଅନସିପ୍

### ଓଡ଼ିଶା ଦଳର ବିଜୟ ଅଭିଯାନ





ଭୁବନେଶ୍ୱର,୧୬।୧୨(ସବ୍ୟୁ): ରାଜସ୍ଥାନର ଝୁନଝୁନରେ ୪୯ତମ ଜାତୀୟ ଜୁନିୟର ଭଲିବଲ ଚାମ୍ପିଅନସିପ୍ ଆରମ୍ଭ ହୋଇଛି । ପ୍ରତିଯୋଗିତାର ପ୍ରଥମ ଦିନ ଓଡ଼ିଶା ବାଳକ ଓ ବାଳିକା ଦଳ ଜମାଣିଆ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି । ବାଳିକା ଦଳ ପ୍ରଥମ ମ୍ୟାଚରେ ଲଦାଖକୁ ୩-୦ ସେଟରେ (୨୫-୧୩,୨୫-୬ ଓ ୨୫-୩) ପରାସ୍ତ କରି ଆଗକୁ ବଢ଼ିଛି । ସେହିଭଳି ବାଳକ ଦଳ ଦାଦ୍ରା ନଗର ହାବଲୀକୁ ୨୫-୧୮ ,୨୫-୧୫ ଓ ୨୫-୧୪ (୩-୦) ସେଟରେ ପରାଜିତ କରି ଅଭିଯାନ ଆରମ୍ଭ କରିଛି । ଓଡ଼ିଶା ଭଲିବଲ ଆସୋସିଏସନର ସଭାପତି ଡ. ଅଚ୍ୟୁତ ସାମନ୍ତ (କିଟ, କିସ୍, କିମ୍ସ ପ୍ରତିଷ୍ଠାତା) ଉଭୟ ଦଳର ସମସ୍ତ ପ୍ରତିଯୋଗୀ ତଥା ଅଫିସିଆଲ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ପପୁ ସ୍ମାରକୀ ଫୁଟବଲ ଆଠମଲ୍ଲିକ, ପରଗଳପୁର ବିଜୟୀ

ଆଠମଲ୍ଲିକ,୧୬।୧୨(ସବ୍ୟୁ) : ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତ ଲିପିଲୋଇ ଖେଳ ପଡ଼ିଆରେ ପପୁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୋଲଡେନ କ୍ଲବ ଲିପିଲୋଇ ଆନୁକୂଲ୍ୟରେ ଉଦଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚ ଆଠମଲ୍ଲିକ ଓ ଭେଜି ଗୋରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେବାରେ ସକ୍ଷମ ହୋଇ ପାରି ନଥିଲେ । ଯାହା ଫଳରେ ରେଫରୀଙ୍କ ନିଷ୍ପତି ଅନୁଯାଇ ଟାଇବ୍ରେକର ସହାୟତା ନିଆ ଯାଇଥିଲା । ଟାଇବ୍ରେକରେ ଆଠମଲ୍ଲିକ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ନଅଗାଁ ଓ ପରଗଳପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟାଇବ୍ରେକରରେ ପରଗଳ ପୁର ବିଜୟୀ ହୋଇଥିଲା । ଏହି ମ୍ୟାଚରେ ମୁଖ୍ୟ ରେଫରୀ ଭାବରେ ସାଗର ବେହେରା ଖେଳ ପରିଚାଳନା କରିଥିବା ବେଳେ ଲାଇନ୍ସ ମ୍ୟାନ ଭାବେ ପପୁନ ବେହେରା ଓ ଅମିତ ନାଏକ ଖେଳକୁ ପରିଚାଳନା କରିଥିଲେ । ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଫୁଲ୍ଲ କୁମାର ସାହୁ । ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମେସୁଆ, ସଂମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ଏନ ଏ ସି ସାତ ନମ୍ବର ୱାର୍ଡ କାଉନସିଲର ନୂତନକୁମାର ବେହେରା, ଆଠମଲ୍ଲିକ ନଗର ମଣ୍ଡଳ ସଭାପତି ଶୈଳବାଳା ଅମାନ୍ତ, ଯୁବ ନେତା ପ୍ରକାଶ ସେଠୀ, ଯୋଗେନ୍ଦ୍ର ନାଏକ, ବେଲାର ସେନ ନାଏକ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଗୋଲଡେନ କ୍ଲବର ପ୍ରଫୁଲ୍ଲ ସାହୁ, କୃପାସିନ୍ଧୁ ପାତ୍ର, ସଂଗ୍ରାମ ଅମାନ୍ତ, ମଧୁ ସୁଦନ ବୁଡାଇକ, ତପନ ଦେହୁରୀ, ଅନିଲ ନାଏକ, ସୁମନ ପାତ୍ରଙ୍କ ସମେତ ଗୋଲଡେନ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

### ସଙ୍କୁଳ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦଯାପିତ

## ଭାଗନେଲେ ୨୩୨ ଛାତ୍ରଛାତ୍ରୀ : ୧୫୫ ଜଣ ପୁରସ୍କୃତ

ଚଣ୍ଡିଖୋଲ,୧୬/୧୨ (ସବ୍ୟୁ) : ଯାଜପୁର ଜିଲ୍ଲାର ଧାନମଣ୍ଡଳ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଙ୍କୁଳ ସ୍ତରୀୟ ବାର୍ଷିକ କ୍ରିଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାରେ ବାଲିଚନ୍ଦ୍ରପୁର ସଂକୁଳ ଅଧିନ ୧୧ଟି ବିଦ୍ୟାଳୟର ୨୩୨ ଜଣ ଛାତ୍ରଛାତ୍ରୀ ଭାଗନେଇଥିଲେ । ପ୍ରତିଯୋଗୀଙ୍କ ମଧ୍ୟରେ ପାରମ୍ପରିକ କ୍ରିଡା ପ୍ରତିଯୋଗିତା ହୋଇଥିଲା ବେଳେ ସେଥିରୁ ବିଭିନ୍ନ ପ୍ରତିଯୋଗିତାରେ ୧୫୫ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇ ପୁରସ୍କୃତ ହୋଇଥିଲେ । ଏହି କ୍ରିଡା ପ୍ରତିଯୋଗିତାକୁ ସରପଞ୍ଚ ନବଦୀପ ନାୟକ ଉଦଘାଟନ କରିଥିଲେ । ପରିଚାଳନା କମିଟି ସଭାପତି ରବିନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ଦର୍ପଣ ଅତିରିକ୍ତ ତହସିଲର ବିରଜାପ୍ରସାଦ ରାୟ,ପୋଲିସ ଅଧିକାରୀ ସାନ୍ତନୁ ମିଶ୍ର,ସୁବ୍ରତ ପ୍ରଧାନ,ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା,ପ୍ରେସକ୍ଲବ ଚଣ୍ଡିଖୋଲ ସମ୍ପାଦକ ହେମଶ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଜେନା ଉତ୍ସବ ସଂଯୋଜନା କରିଥିବା ବେଳେ ପରିଚାଳନା କମିଟି ସମ୍ପାଦକ ସୌମ୍ୟପ୍ରକାଶ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଉତ୍ସବରେ ସଂକୁଳ ସଂଯୋଜକ କୁଳମଣି ପ୍ରଧାନ ଓ ସଂକୁଳ ପ୍ରମୁଖ ସଂଗ୍ରାମ କିଶୋର ପରିଡାଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ୧୧ଟି ଯାକ ବିଦ୍ୟାଳୟର ଗୁରୁଜୀ ଓ ଗୁରୁମା ମାନେ ଯୋଗଦେଇଥିଲେ ।



## ଜାତୀୟ ପୁରୁଷ ହ୍ୟାଣ୍ଡବଲ

### ଓଡ଼ିଶାର ବିପୁଳ ବିଜୟ

ଭୁବନେଶ୍ୱର, ୧୬।୧୨(ସବ୍ୟୁ) : ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲା ଚୀନସୁରା ଠାରେ ଚାଲୁଥିବା ୫୪ ତମ ଜାତୀୟ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଓଡିଶା ତାର ପ୍ରଥମ ମ୍ୟାଚରେ ଅତି ଚମତ୍କାର ଖେଳ ପ୍ରଦର୍ଶନ କରିଛି । ଏହି ମ୍ୟାଚରେ ଓଡିଶା ଦଳ ହିମାଞ୍ଚଳ ପ୍ରଦେଶକୁ ୨୮-୨୦ ଗୋଲରେ ପରାସ୍ତ କରିଛି । ଓଡିଶା ତାର ପରବର୍ତ୍ତୀ ମ୍ୟାଚରେ ଝାଡ଼ଖଣ୍ଡ ଓ ଛତିଶଗଡକୁ ଭେଟିବ । ଓଡିଶା ଦଳର ଏହି ସଫଳତା ପାଇଁ ରାଜ୍ୟ ହ୍ୟାଣ୍ଡବଲ ସଂଘର ସମ୍ପାଦକ ଇଂ ମାନସ କୁମାର ସ୍ୱାଇଁ ଦଳକୁ ଶୁଭକାମନା ଜଣାଇଛନ୍ତି ।



## ମହାବୀର କପ୍: ଯାଜପୁର ଇଲେଭେନ ଷ୍ଟାର ଚାମ୍ପିଅନ

ନୀଳଗିରି,୧୬/୧୨(ସବ୍ୟୁ) : ମହାବୀର କ୍ରିକେଟ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ମହାବୀର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୨୦୨୫ ର ଫାଇନାଲ ମ୍ୟାଚ ବାଲେଶ୍ୱର ୟୁ ଏଣ୍ଡ ମି ଏବଂ ଇଲେଭେନ୍ ଷ୍ଟାର ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ୍ ଜିତି ଯାଜପୁର ଇଲେଭେନ୍ ଷ୍ଟାର ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା । ରାହୁଲ ଗୁପ୍ତାଙ୍କ ଧୂଆଁଧାର ୫୭ ରନ ଫଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ୱିକେଟ୍ ହରାଇ୧୮୨ରନ୍ ସଂଗ୍ରହ କରିଥିଲା । ଦ୍ୱିତୀୟ ଇନିଂସରେୟୁ ଏଣ୍ଡ ମି ୮ ୱିକେଟ ହରାଇ ୧୭୫ରନ କରିବାକୁ ସକ୍ଷମ ହୋଇପାରିଥିଲା । ଫଳରେ ଯାଜପୁର ଇଲେଭେନ୍ ଷ୍ଟାର ୭ରନରେ ମ୍ୟାଚଟିକୁ ଜିତିନେଇ ଚଳିତବର୍ଷର ଚମ୍ପିୟନ ଆଖ୍ୟା ଅର୍ଜନକରିଛି । ମ୍ୟାଚଟି ଏତେ ସଂଘର୍ଷପୂର୍ଣ୍ଣ ହୋଇଥିଲା ଯେ ପ୍ରତ୍ୟେକ ବଲରେ ପ୍ରତ୍ୟେକ ରନପାଇଁ ଦର୍ଶକ ମାନଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଯାଇଥିଲା । ପ୍ରାୟ ୫ ହଜାରରୁ ଛହଜାର ଦର୍ଶକ ମ୍ୟାଚକୁ ଉପଭୋଗ କରିଥିଲେ । ଇଲେଭେନ ଷ୍ଟାରର ଚନ୍ଦନ ନାୟକ ୨୧ବଲରୁ ୨୬ ରନ ଏବଂ ଗୁରୁତ୍ୱପୂର୍ଣ୍ଣ ୨ ୱିକେଟ୍ ନେଇ ମେନ୍ ଅଫ୍ ଦି ମ୍ୟାଚ୍ ଟାଇଟଲ ହାସଲ କରିଥିବା ବେଳେୟୁ ଏଣ୍ଡ ମି ଦଳର ସବ୍ୟସାଚୀ ଆଚାର୍ଯ୍ୟ ଆଜିର ଧୂଆଁଧାର ୮୨ରନ ସହିତ ସମସ୍ତ ମ୍ୟାଚର ଉଲ୍ଲେଖନୀୟ ପ୍ରଦର୍ଶନପାଇଁ କ୍ଲବ୍ ତରଫରୁ ମ୍ୟାନ ଅଫ୍ ଦି ସିରିଜ୍ ଘୋଷଣା କରାଯାଇଛି । ଅନୁରୂପଭାବେ ଯାଜପୁର ଇଲେଭେନ୍ ଷ୍ଟାରର କମଲ କିଶନଙ୍କୁ ବେଷ୍ଟ ଫିଲ୍ଡର ଭାବରେ ପୁରସ୍କୃତ କରାଯାଇଥିଲା । ଆଜି ପ୍ରାୟ ୫ହଜାର ଲୋକଙ୍କପାଇଁ କ୍ଲବର ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ତରଫରୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା । ଆଜିର ଏହି ଉଦଯାପନୀ ଉତ୍ସବରେ ସମ୍ମାନିତଅତିଥି ଭାବରେ ମାନ୍ୟବର ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସଙ୍କ ସହିତ ଏନଏସି ଚେୟାରମେନ ମହେନ୍ଦ୍ରନାଥ ବେହେରା, ମଣିପୁରର କ୍ରିକେଟକୋଚ ତଥା ବିସିସିଆଇ ମାନ୍ୟତାପ୍ରାପ୍ତ ପୂର୍ଣ୍ଣେନ୍ଦୁ ଜେନା ଯୋଗଦାନ କରିଥିଲେ । ମିସ୍ ସିମ୍ରନ୍ ଧାରାବିବରଣୀ ଦେଇଥିବା ବେଳେ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟର ରଞ୍ଜନ ମହାନ୍ତି ଏବଂ ପ୍ରତାପ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ । କ୍ଲବ୍‌ର ସଭାପତି ସବ୍ୟସାଚୀ ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳ, ନିଲୁ ବିଶ୍ୱାଳ ,ମାନସ ପଢ଼ି , ଚନ୍ଦନ ରାୟ,କୁମାର ରାୟ ,ବିରଜା ବେହେରା, ଅଜିତ ନାୟକ ,ଶିବ ନାରାୟଣ ମହାପାତ୍ର, ବେଣୁ ମହାପାତ୍ର, ମୁନା ପଣ୍ଡା,ଭାସ୍କର ବିଶ୍ୱାଳ, ସନ୍ତୋଷ ସମୁଦ୍ର,ପ୍ରତାପ ମହାନ୍ତି,କଟି ପାତ୍ର ,ବ୍ରଜ କିଶୋର ପାଣି, ଜଟିଆ ସିଂ,ଚଗୁଲୁ ଜେନା, ପ୍ରତାପ ସେଠୀ, ଉଦୟ ଜେଯାତି ମହାନ୍ତି, ଦିବ୍ୟ ମହାପାତ୍ର, ନିଗମ ରଞ୍ଜନ ରାଉତ, ଖଗେନ୍ଦ୍ର ବେହେରା, ରବି ଗୋଚ୍ଛାୟତ, ବୁଦ୍ଧଦେବ ସରକାର, ବୁବୁଲି ସରକାର,ମଣ୍ଟୁ ବେହେରା, ଆଶୁତୋଷ ନାୟକ, ଉକିଳ ରାଉତ, ଭବାନୀ ବେହେରା, ବ୍ରଜ, ଶେଖ୍ ତାଉର, ପତାକା ପାତ୍ର, ପ୍ରବୀଣ ନାୟକ, ବୈରାଗୀ ବେହେରା, ଅବିନାଶ ନନ୍ଦ, ଗୋପୀ ନନ୍ଦ, ଦେବାଶିଷ ଜେନା, ରମାକାନ୍ତ ପ୍ରଧାନ, ଜଗନ୍ ରାଉତ, ଭରତ ଦାସ, ମୁନା ବିଶ୍ୱାଳ, ବିନୟ ପରିଡ଼ା ଏବଂ ଚିନ୍ମୟ ଶରଣ ରାଉତ ପ୍ରମୁଖ ବହୁ ସଦସ୍ୟ ସହଯୋଗ କରିଥିଲେ ।



## ଜାନକୀପାଢ଼ୀ ମେମୋରିଆଲ ଫୁଟବଲ ; କେରଙ୍ଗ ଦଳ ୪-୩ରେ ବିଜୟୀ



ବୋଲଗଡ଼, ୧୬।୧୨(ସବ୍ୟୁ) : ବୋଲଗଡ଼ ମହୋତ୍ସବ ପରିପ୍ରେକ୍ଷିରେ ଏହାର ପ୍ରାରମ୍ଭିକ ଉତ୍ସବ ଭାବେ ପୂର୍ବ ବର୍ଷ ପରି ଚଳିତବର୍ଷ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବାମନଉଚ୍ଚବିଦ୍ୟାଳୟ ସ୍ୱମିନିଷ୍ଠାତିୟମଠାରେ ଗତ ୪ଦିନ ଧରି ଚାଲୁଛି । ମଙ୍ଗଳବାର ଦିନ ୪ର୍ଥ ଲିଗ୍ ମ୍ୟାଚରେ ଅହମଦିଆ ଫୁଟବଲ କ୍ଲବ କେରଙ୍ଗ ଓ ଆୟୋଜକ ଫ୍ରେଣ୍ଡସ କ୍ଲବ ବୋଲଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେବାରେ ସକ୍ଷମ ନ ହେବାରୁ ଟାଇ ବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ କେ ରଙ୍ଗ ଦଳ ୪-୩ ଗୋଲରେ ବୋଲଗଡ଼ ଦଳକୁ ହରାଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି । ଖେଳ ପରିଚାଳନା କରିଥିଲେ ନିର୍ଜା ଅଲ୍ଲି ବେଗ୍, ଲକ୍ଷ୍ମୀଧର ବୈଧୁରୀ, ଭଞ୍ଜ କିଶୋର ଯତି ଆଜିର ଖେଳକୁ ମୁଖ୍ୟଅତିଥି ରୂପେ ବ୍ଲକ ସହାୟକ ନିର୍ବାହୀ ଯନ୍ତ୍ରୀ ଅମୁଲ୍ୟ କୁମାର ବାହିନିପତି, ଅନ୍ୟତମ ଅତିଥି ଭାବେ ଏ ଅଞ୍ଚଳର ଯୁବସମାଜସେବୀ ବାସୁଦେବ ସାହୁ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହୀତ କରିଥିଲେ । ଆସନ୍ତାକାଲି ପ୍ରଥମ ସେମିଫାଇନାଲରେ ଖୋର୍ଦ୍ଧା ପାଇକ ତିଗିରିଆଦଳ ଓ ନୟାଗଡ଼ ବାଇଗୁଣିଆ ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ଼ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେମେଣ୍ଟ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି